# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୩୦/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, December 30/ 2018 | (ଛୁଟିଦିନ ସହ) | ★★★★

୪୫ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ପ୍ରିୟଙ୍କାଙ୍କ ମିଟ୍ ରେକର୍ଡ

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍ର ୨୦ ବର୍ଷରୁ କମ୍ ବାଳିକା ୧୦କିଲୋମିଟର ଚାଲିରେ ମିଟ୍ ରେକର୍ଡ କରିଛନ୍ତି ପ୍ରିୟଙ୍କା ମହାଲିକ। ୧୯

୦୨

## ଏଲ୍‌ଜିବିଟିଙ୍କ ଅଧିକାରକୁ ସମର୍ଥନ କରନ୍ତି ସୋନମ୍

ଏଲ୍‌ଜିବିଟିଙ୍କ ଅଧିକାରର ଜଣେ ଦୃଢ଼ ସମର୍ଥକ ବୋଲି ବଲିଉଡ୍ ଅଭିନେତ୍ରୀ ସୋନମ କପୁର ଆହୁଜା ପ୍ରକାଶ କରିଛନ୍ତି।



## ଶ୍ରୀମନ୍ଦିରରେ ନାବାଳିକାଙ୍କୁ ଅସଦାଚରଣ

ପୁରୀ ଅଫିସ,୨୯।୧୨

ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ନୀତିକାନ୍ତିରେ ଚରମ ବିଶୃଙ୍ଖଳାକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ଶନିବାର ପୁଣି ଘଟିଛି ଏକ ଲଜ୍ଜାଜନକ ଘଟଣା। ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିବା ଜଣେ ନାବାଳିକାଙ୍କୁ ହୋଇଛି ଅସଦାଚରଣ। ଭିଡ଼ର ସୁଯୋଗ ନେଇ ଜଣେ ପୋଲିସ କର୍ମଚାରୀ ମହାପ୍ରଭୁଙ୍କ ସମ୍ମୁଖରେ କରିଛନ୍ତି ☞ପୃଷ୍ଠା-୪

**CBSE Exam Mate** ପୃଷ୍ଠା -୧୫


NATIONAL EGG CO-ORDINATION COMMITTEE | 29.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 73 | 123 | 133 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


# କଲେଜ ଶିକ୍ଷକଙ୍କୁ ନୂଆବର୍ଷ ଭେଟି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

### କ୍ୟାବିନେଟ୍ ନିଷ୍ପତ୍ତି

- ସରକାରୀ, ଅନୁଦାନପ୍ରାପ୍ତ କଲେଜ ଶିକ୍ଷକଙ୍କୁ ନୂଆ ୟୁଜିସି ଦରମା
- ୨୦୧୬ ଜାନୁୟାରୀରୁ ପିଛିଲା ଭାବେ ଲାଗୁ ହେବ
- କାଳିଆ ପାଇଁ ୧୨୦୦ କୋଟି ଟଙ୍କା
- କ୍ଷୁଦ୍ର, ନାମମାତ୍ର ଚାଷୀଙ୍କ ପାଇଁ ବର୍ଷକୁ ଖର୍ଚ୍ଚ ହେବ ୧୦୦ କୋଟି

ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ, ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)୩ଟି ସରକାରୀ ମେଡିକାଲ କଲେଜର ଅଧ୍ୟାପକ, ପ୍ରଫେସର, ଆସୋସିଏଟ୍ ପ୍ରଫେସରମାନଙ୍କ ପାଇଁ ରାଜ୍ୟ ସରକାର ନବ ବର୍ଷର ଉପହାର ଦେଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ୨୦୧୬ ଜାନୁୟାରୀ ପହିଲାରୁ ପିଛିଲା ଭାବେ ସଂଶୋଧିତ ହାରରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ(ୟୁଜିସି)ଙ୍କ ସୁପାରିସ କ୍ରମେ ସଂଶୋଧିତ ହାରରେ ଦରମା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏଥିରେ ୫୨୦୩ ଜଣ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୧୩୬ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ସପ୍ତମ ବେତନ କମିଶନ ହାରରେ ରାଜ୍ୟ ସରକାର ଆସନ୍ତା ମାସ ବେତନରେ ୪୦ ପ୍ରତିଶତ ଓ ପରେ ୬୦ ପ୍ରତିଶତ ହିସାବରେ ପ୍ରଦାନ କରିବେ ବୋଲି ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୨ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।

ରାଜ୍ୟ ସରକାର ଆକସ୍ମିକ ଖର୍ଚ୍ଚ ଭରଣା ପାଇଁ ଓଡ଼ିଶା ଆକସ୍ମିକ ପାଣ୍ଠି( କଣ୍ଟିଜେନ୍ସି ଫଣ୍ଡ)କୁ ବୃଦ୍ଧି କରିଛନ୍ତି। ଓଡ଼ିଶା ଆକସ୍ମିକ ପାଣ୍ଠି (ସଂଶୋଧନ) ଆଇନ-୨୦୦୮ ଦ୍ୱାରା କଣ୍ଟିଜେନ୍ସି ଫଣ୍ଡକୁ ୧୫୦ରୁ ୪୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହି ରାଶିକୁ ୧୬୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ୨୦୧୮ ଡିସେମ୍ବର ୨୧ ତାରିଖରେ କୃଷି ଓ କୃଷକଙ୍କ ବିକାଶ ପାଇଁ ୧୦ ହଜାର କୋଟି ଟଙ୍କାର କାଳିଆ ଯୋଜନା ଘୋଷଣା କରିଥିଲେ। ସେହି ଖର୍ଚ୍ଚ ଭରଣା ପାଇଁ ସରକାର ଆକସ୍ମିକ ପାଣ୍ଠି ରାଶିକୁ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଏଥିପାଇଁ ଖୁବ୍‌ଶୀଘ୍ର ଅଧ୍ୟାଦେଶ ଆଣିବେ। ଅର୍ଥ ବିଭାଗ ଦେଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି।

ଅନ୍ୟ ପକ୍ଷରେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଏକାଠି କରିବେ ସରକାର। ସେମାନଙ୍କୁ ନେଇ ଗୋଷ୍ଠୀ ଗଠନ କରାଯିବ। ଓଡ଼ିଶା କୃଷକ ଉତ୍ପାଦକ ଗୋଷ୍ଠୀ ଯୋଜନା ମାଧ୍ୟମରେ ସେମାନଙ୍କୁ କୃଷି ଓ ଆନୁଷଙ୍ଗିକ ବିଭାଗରେ କୃଷକ ଗୋଷ୍ଠୀ ଭାବେ ପଞ୍ଜୀକୃତ କରାଯିବ। ସେମାନଙ୍କୁ ଆର୍ଥିକ, ବୈଷୟିକ ସହାୟତା ସହ ବଜାର ସୁବିଧା, ଉତ୍ପାଦିତ ଦ୍ରବ୍ୟର ବିକ୍ରି ଓ ଅନ୍ୟାନ୍ୟ କ୍ଷେତ୍ରରେ ସହାୟତା କରାଯିବ। ଏଥିପାଇଁ ବାର୍ଷିକ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଚାଷୀମାନଙ୍କର ଆୟ ଓ ଆର୍ଥିକ ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

■ ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି

# ସୋନିଆ, ରାହୁଲଙ୍କ ନାଁ ନେଲେ ମିଶେଲ

ନୂଆଦିଲ୍ଲୀ,୨୯।୧୨(ପି.ଟି.)



ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମଧ୍ୟସ୍ଥ ଖ୍ରୀଷ୍ଟିୟାନ ମିଶେଲ ଜେରାବେଳେ ପରୋକ୍ଷରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନାଁ ନେଇଛନ୍ତି। ତାଙ୍କୁ ଜେରା କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଏ ସମ୍ପର୍କରେ ଦିଲ୍ଲୀସ୍ଥିତ ଏକ କୋର୍ଟଙ୍କୁ ଜଣାଇଛି। 'ଇଟାଲୀୟ ମହିଳାଙ୍କ ପୁଅ' କିପରି ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ସେ ସମ୍ପର୍କରେ ମିଶେଲଙ୍କୁ ଜଣାଇଥିଲେ ବୋଲି ସେ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ପ୍ରକାଶ କରିଛନ୍ତି।

ମିଶେଲଙ୍କୁ ଚଳିତ ମାସ ୫ ତାରିଖରେ ସଂଯୁକ୍ତ ଆରବ ଏମିରେଟ୍ସ ଭାରତକୁ ପ୍ରତ୍ୟର୍ପଣ କରିଥିଲା। ତାଙ୍କୁ ସିବିଆଇ ଗିରଫ କରି ରିମାଣ୍ଡରେ ନେଇ ଜେରା କରିଥିଲା। ଏହା ପରେ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଇଡି ତାଙ୍କୁ ୭ ଦିନ ହାଜତକୁ ନେଇ ଜେରା କରିବା ପରେ ଶନିବାର ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରିଥିଲା। ମିଶେଲ ଏବଂ ଅନ୍ୟମାନେ 'ଆର୍' ନାମକ ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପରସ୍ପର ମଧ୍ୟରେ କଥା ହେଉଥିଲେ, ଯିଏ ଉକ୍ତ ଦୁର୍ନୀତି ମାମଲାର ମୁଖ୍ୟ ଖଳନାୟକ। ତେବେ ଏହି 'ଆର୍' ପ୍ରକୃତରେ କିଏ ତାହା ଜାଣିବା ପାଇଁ ଅନୁଧ୍ୟାନ କରାଯାଉଛି ବୋଲି କୋର୍ଟଙ୍କୁ ଇଡି କହିଛି।

ମିଶେଲ ତାଙ୍କ ଓକିଲଙ୍କୁ ଭେଟି କରମର୍ଦ୍ଦନ କରିବା ସମୟରେ ଖଣ୍ଡେ କାଗଜ ଧରାଇ ଦେଇଥିଲେ। ଉକ୍ତ କାଗଜକୁ ଯାଞ୍ଚ କରାଯିବାରୁ ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ବିକାଶର ଚାବିକାଠି

### ଆଜିର ମନ୍ତବ୍ୟ

"କଂଗ୍ରେସ ରଣଛାଡ଼ ପ୍ରତିଶ୍ରୁତି ଦେଇ କୃଷକଙ୍କୁ ଲଲିପପ୍ ଧରାଇଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧୬୭.୨ ନିୟୁତ ବୃଦ୍ଧି ଘଟି ୩୯୩.୨୮୭ ବିଲିୟନ ଡଲାର ଛୁଇଁଛି।
– ଆର୍‌ବିଆଇ




ଧରିତ୍ରୀ
DHARITRI
ରବିବାର, ୩୦ ଡିସେମ୍ବର, ୨୦୧୮



“କେନ୍ଦ୍ର ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ଯୋଗୁ ଅଧାରୁ ପାଠପଢ଼ା ଛାଡୁଥିବା ମୁସଲମାନ ବାଳିକା ହାର ୭୦%ରୁ ୩୫%କୁ ହ୍ରାସ ପାଇଛି।
-ମୁଖ୍‌ତାର ଆବ୍ବାସ ନକ୍‌ଭି,
ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ୪ ଆତଙ୍କବାଦୀ ନିପାତ

**ଶ୍ରୀନଗର,୨୯।୧୨ (ପି.ଟି.):** ଦକ୍ଷିଣ କଶ୍ମୀରର ପୁଲଓ୍ୱାମାଠାରେ ଶନିବାର ସୁରକ୍ଷା ବଳଙ୍କ ସହ ଗୁଳି ବିନିମୟରେ ଜଣେ ପାକିସ୍ତାନୀ ସମେତ ୪ ଜୈଶ-ଇ-ମହମ୍ମଦ ସଙ୍ଗଠନର ସଦସ୍ୟ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମୁଜାମିଲ ଅହମ୍ମଦ ଦର, ଓ୍ୱାସିମ୍ ଆକ୍ରମ ଓ୍ୱାନି, ମୁଜାମିଲ ନାଜିର ଭଟ୍ଟ ପୁଲଓ୍ୱାମା ଅଞ୍ଚଳର ବୋଲି ଛାନ୍‌ଭିନରୁ ସ୍ପଷ୍ଟ ହୋଇଛି। ଏମାନେ ଜାମ୍ମୁ କଶ୍ମୀର ପୋଲିସର ମୋଷ୍ଟ-ଓ୍ୱାଣ୍ଟେଡ୍ ଲିଷ୍ଟଭୁକ୍ତ ଥିଲେ। ପୁଲଓ୍ୱାମାର ହାଞ୍ଜନ ଇଲାକାରେ କେତେକ ଆତଙ୍କବାଦୀ ଛପି ରହିଥିବା ନେଇ ସକାଳେ ସର୍ଚ୍ଚ ଅପରେଶନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା। ଆତଙ୍କବାଦୀମାନେ ସୁରକ୍ଷା ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏନ୍‌କାଉଣ୍ଟରସ୍ଥଳରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଅନ୍ୟପକ୍ଷେ ଭାରତୀୟ ସେନା ଓ ସ୍ଥାନୀୟ ପୋଲିସର ମିଳିତ ଅପରେଶନ ଯୋଗୁ ଜମ୍ମୁର କଠୁଆ ଜିଲାରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ପଣ୍ଡ ହୋଇଛି। ଘଟଣାସ୍ଥଳରୁ ୨ ଏକେ ୪୭ ରାଇଫଲ, ହ୍ୟାଣ୍ଡ ଗ୍ରେନେଡ୍, ୪ ମାଗାଜିନ୍ସ ଓ ୨୫୬ ରାଉଣ୍ଡ ଗୁଳିଗୋଳା ଜବତ କରାଯାଇଛି।

### ୨୯୦୦ ପର୍ଯ୍ୟଟକ ଉଦ୍ଧାର

**ଗ୍ୟାଙ୍ଗଟକ୍,୨୯।୧୨ (ପି.ଟି.):** ପୂର୍ବ ସିକିମ୍‌ର ଭାରତ-ଚାଇନା ସୀମାରେ ଭୀଷଣ ତୁଷାରପାତ ଯୋଗୁ ଫସି ରହିଥିବା ୨୯୦୦ ପର୍ଯ୍ୟଟକଙ୍କୁ ଭାରତୀୟ ସେନା ଶନିବାର ସୁରକ୍ଷିତ ଉଦ୍ଧାର କରିଛି। ଶୁକ୍ରବାର ସନ୍ଧ୍ୟାରେ ପର୍ଯ୍ୟଟକମାନେ ନାଥୁଲା ପାସ୍ ଏବଂ ସୋମ୍‌ଗୋ (ଚାଙ୍ଗୁ) ହ୍ରଦ ପରିଭ୍ରମଣରେ ଯାଇ ଫେରୁଥିବାବେଳେ ତୁଷାରପାତ ହୋଇଥିଲା। ଏଥିରେ ଜବାହରଲାଲ୍ ନେହେରୁ ରାସ୍ତା ବନ୍ଦ ହୋଇଯାଇଥିଲା। ପାଖାପାଖି ୩ ଶହରୁ ୪ ଶହ ଗାଡ଼ି ଅଟକି ରହିଥିଲା। ଭାରତୀୟ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ଏକ କ୍ୟାମ୍ପ୍‌କୁ ଅଣାଯାଇ ସେଠାରେ ଖାଦ୍ୟ ଏବଂ ଔଷଧ ଦିଆଯାଇଥିଲା। ପରେ ସେମାନଙ୍କୁ ଗ୍ୟାଙ୍ଗଟକ୍ ଅଣାଯାଇଛି। ପୂର୍ବ ସିକିମି ଜିଲାପାଳ କପିଲ ମୀନା ଏହି ସୂଚନା ଦେଇଛନ୍ତି।

### ଫିଲିପାଇନ୍ସରେ ଭୂକମ୍ପ

**ମାନିଲା,୨୯।୧୨:** ଫିଲିପାଇନ୍ସରେ ଶନିବାର ୬.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ପରେ ସୁନାମି ସତର୍କ ସୂଚନା ଜାରି ହୋଇଥିଲେ ହେଁ ପରେ ତାହାକୁ ପ୍ରତ୍ୟାହାର କରିନିଆଯାଇଛି। ଡାଭାଓ ସହରର ଦକ୍ଷିଣପୂର୍ବରେ ୫୯ କିଲୋମିଟର ଗଭୀରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଅଗ୍ନି ଉଦ୍‌ଗିରଣରୁ ଇଣ୍ଡୋନେସିଆରେ ସୁନାମି ଆସି ୪୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ।

### ଦୁର୍ଘଟଣାରେ ୭ ମୃତ

**ଅମ୍ବାଲା,୨୯।୧୨ (ପି.ଟି.):** ଘନ କୁହୁଡି ଯୋଗୁ ଅମ୍ବାଲା-ଚଣ୍ଡିଗଡ଼ ଜାତୀୟ ରାଜପଥରେ ଶନିବାର ଏକ ଦୁର୍ଘଟଣାରେ ୭ଜଣଙ୍କ ଜୀବନ ଯାଇଛି। ଚଣ୍ଡିଗଡ଼ରୁ ଆସୁଥିବା ୨ କାର୍‌କୁ ଏକ ଗାଡ଼ି ଧକ୍କା ଦେଇଛି। ଏହି ମର୍ମନ୍ତୁଦ ଘଟଣାରେ ୪ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ଚଣ୍ଡିଗଡ଼ ଅଞ୍ଚଳର ବୋଲି ଚିହ୍ନଟ କରାଯାଇଛି। ହରିୟାଣାର ଝାଜର ଜିଲାଠାରେ ସୋମବାର ଘନ କୁହୁଡ଼ି ଯୋଗୁ ସଡ଼କ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ହୋଇଥିଲା।

### [ଇତିହାସର ଆଇନାରେ]
### ଡିସେମ୍ବର ୩୦ର ପ୍ରମୁଖ ଘଟଣା

୨୦୦୯ ଡିସେମ୍ବର ୩୦ରେ ଆଫଗାନିସ୍ତାନର ସିଆଇଏ ମୁଖ୍ୟ କାର୍ଯ୍ୟାଳୟରେ ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୯ଜଣ ମୃତ୍ୟୁବରଣ କରିଥିଲେ। ସିଆଇଏ (ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି) ହେଉଛି ଆମେରିକାର ଏକ ବେସାମରିକ ବୈଦେଶିକ ଗୋଇନ୍ଦା ସଂସ୍ଥା।

୧୯୬୫ ଡିସେମ୍ବର ୩୦ରେ ଫର୍ଡିନାଣ୍ଡ ମାର୍କୋସ ହେଲେ ଫିଲିପାଇନ୍ସ ରାଷ୍ଟ୍ରପତି। ଫିଲିପାଇନ୍ସର ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରର ମୁଖ୍ୟ ଏବଂ ସରକାରଙ୍କ ମୁଖ୍ୟ। ଫିଲିପାଇନ୍ସ ସରକାରଙ୍କ କାର୍ଯ୍ୟକାରିଣୀ ଶାଖାର ସେ ନେତୃତ୍ୱ ନିଅନ୍ତି।

# ଇଜିପ୍ଟରେ ୪୦ ଆତଙ୍କବାଦୀ ନିହତ

**କାଏରୋ,୨୯।୧୨**



ଗିଜା ପିରାମିଡ଼ ନିକଟରେ ଶୁକ୍ରବାର ଆତଙ୍କବାଦୀ ଖଞ୍ଜିଥିବା ବୋମା ବିସ୍ଫୋରଣରେ ଏକ ବସ୍ କ୍ଷତିଗ୍ରସ୍ତ ହେବା ସହ ୩ ଜଣ ଭିଏତ୍‌ନାମ ପର୍ଯ୍ୟଟକ ଓ ତାଙ୍କର ଜଣେ ଗାଇଡ ପ୍ରାଣ ହରାଇଥିଲେ। ଶନିବାର ଇଜିପ୍ଟ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୦ ଜଣ ଆତଙ୍କବାଦୀଙ୍କୁ ହତ୍ୟାକରିଛି। ଗାଜା ଗଭର୍ନୋରେଟ୍ ନିକଟରେ ଚଢ଼ାଉ ବେଳେ ୩୦ ଆତଙ୍କବାଦୀ ନିହତ ହୋଇଥିବାବେଳେ ଉତ୍ତର ସିନାଇଠାରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଅନ୍ୟ ୧୦ ଆତଙ୍କବାଦୀ ନିପାତ ହୋଇଛନ୍ତି।

ଗୋଟିଏ ଆତଙ୍କବାଦୀ ଗୋଷ୍ଠୀ ଦେଶର ବିଭିନ୍ନ ସରକାରୀ ପ୍ରତିଷ୍ଠାନ,ଆର୍ଥିକ ସଂସ୍ଥା, ପର୍ଯ୍ୟଟନ ସ୍ଥଳ, ଚର୍ଚ୍ଚ, ସେନା ଶିବିର, ପୋଲିସ କ୍ୟାମ୍ପ ଉପରେ ସିରିଜ ଆକ୍ରମଣ ଲାଗି ପ୍ରସ୍ତୁତି ଚଳାଇଥିବା ଜାତୀୟ ସୁରକ୍ଷା ବାହିନୀ ସୂଚନା ପାଇବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚଢ଼ାଉ ବେଳେ ପୋଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି।

**ବିସ୍ଫୋରଣ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ**

ଶୁକ୍ରବାର ସନ୍ଧ୍ୟାରେ ଏକ ରାସ୍ତାପାର୍ଶ୍ୱ ବୋମା ବିସ୍ଫୋରଣ ହେବାରୁ ଛୁଟି ମନାଇବାକୁ ଆସିଥିବା ଭିଏତ୍‌ନାମର ୩ ପର୍ଯ୍ୟଟକ ଏବଂ ସେମାନଙ୍କ ଇଜିପ୍ଟ ଗାଇଡ଼ଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ଭିଏତନାମର ଅନ୍ୟ ୧୧ ଜଣ ପର୍ଯ୍ୟଟକ ଏବଂ ଇଜିପ୍ଟ ବସ୍ ଡ୍ରାଇଭର ଆହତ ହୋଇଥିଲେ। ଅଲ-ହରାମ୍ ଜିଲାର ମାରିୟୁଟିୟା ଷ୍ଟ୍ରିଟ ପାର୍ଶ୍ୱରେ ଏହି ବୋମା ଖଞ୍ଜାଯାଇଥିଲା। ବିସ୍ଫୋରଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଗତ କିଛିବର୍ଷ ହେଲା ଆତଙ୍କବାଦୀ ଆକ୍ରମଣ ଏବଂ ଘରୋଇ ଅସ୍ଥିରତା ଯୋଗୁ ଇଜିପ୍ଟର ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହୋଇଛି। ଇସ୍‌ଲାମିକ ସଂଗଠନ ସହ ସଂପୃକ୍ତ ଜିହାଦୀମାନେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣ ଲାଗି ନିଜକୁ ଦାୟୀ କରିଥାନ୍ତି।

ଇଜିପ୍ଟର ବିଶ୍ୱପ୍ରସିଦ୍ଧ ଗାଜା ପିରାମିଡ଼ ନିକଟରେ ଆତଙ୍କବାଦୀଙ୍କ ବିସ୍ଫୋରଣ ଘଟଣାକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ପର୍ଯ୍ୟଟକଙ୍କ ବସ୍ ଉପରେ ଆକ୍ରମଣ ଆତଙ୍କବାଦୀଙ୍କ ଭୀରୁତାର କାର୍ଯ୍ୟ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଇଜିପ୍ଟ ସରକାର ଏବଂ ଏହାର ଜନସାଧାରଣଙ୍କ ସହ ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଗାନ୍ଧୀ ପରିବାରକୁ ଅଡୁଆରେ ପକାଇଲେ ମଧ୍ୟସ୍ଥ



ସୋନିଆ ଗାନ୍ଧୀ



ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

**ଜୋର ଧରିଲା ରାଜନୀତି**
- ମିଶେଲଙ୍କ ଉପରେ ଚାପ ପକାଇବାରେ ସରକାର କେନ୍ଦ୍ରୀୟ ସଂସ୍ଥାକୁ ଅସ୍ତ୍ର କରିଛନ୍ତି: କଂଗ୍ରେସ
- ଅଗୁଷ୍ଟା ମାମଲାରେ ମିଶେଲଙ୍କ ବୟାନରୁ କଂଗ୍ରେସର ସମ୍ପୃକ୍ତି ସ୍ପଷ୍ଟ ହୋଇଛି: ଭାଜପା

ଅଗୁଷ୍ଟା ହେଲିକପ୍ଟର ଦୁର୍ନୀତି ମାମଲାରେ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ପରୋକ୍ଷରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନାଁ ନେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଭାଜପା ନେତୃତ୍ୱାଧୀନ ସରକାର ଏକ ନିର୍ଦ୍ଦିଷ୍ଟ ପରିବାରକୁ ଉକ୍ତ ମାମଲାରେ ସମ୍ପୃକ୍ତ କରିବା ଲାଗି ମିଶେଲଙ୍କ ଉପରେ ଚାପ ପକାଇବାରେ କେନ୍ଦ୍ରୀୟ ସଂସ୍ଥାକୁ ବ୍ୟବହାର କରିଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଭାଜପା ପାଖରେ କୌଣସି ବାସ୍ତବ ପ୍ରସଙ୍ଗ ନ ଥିବାରୁ ସେ ହେଲିକପ୍ଟର କିଣା ଦୁର୍ନୀତିରେ ନିର୍ଦ୍ଦିଷ୍ଟ ପରିବାରକୁ ସମ୍ପୃକ୍ତ କରୁଛି ବୋଲି ବିରୋଧୀ ଦଳ ପ୍ରତିକ୍ରିୟାରେ କହିଛି। ମିଶେଲ ତାଙ୍କ ଓକିଲଙ୍କୁ ଏକ କାଗଜ ଧରାଇଥିଲେ। ଜେରା ବେଳେ ମିସେସ୍ ଗାନ୍ଧୀଙ୍କ ସମ୍ପର୍କିତ ପ୍ରଶ୍ନକୁ ସେ କିପରି ସମ୍ମୁଖୀନ ହେବେ ବୋଲି ଉକ୍ତ କାଗଜରେ ଲେଖିଥିବା ଇଡି କୋର୍ଟଙ୍କୁ ଜଣାଇ ଓକିଲଙ୍କ ସହ ମିଶେଲଙ୍କ ସାକ୍ଷାତ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଥିଲା।

ଏହି ମାମଲାରେ ଭାଜପା କ’ଣ କରୁଛି ତାହା ସମସ୍ତେ ଦେଖୁଛନ୍ତି। ଏକ ନିର୍ଦ୍ଦିଷ୍ଟ ପରିବାର ନାଁ ନେବା ଲାଗି ମିଶେଲଙ୍କ ଉପରେ କିପରି ଚାପ ପକାଯାଉଛି ତାହା ଏକ ଟେଲିଭିଜନ ଚ୍ୟାନେଲ ଦେଖାଉଥିବା କଂଗ୍ରେସ ମୁଖପାତ୍ର ଆର.ପି.ଏନ୍. ସିଂ କହିଛନ୍ତି। ମିଶେଲ ତୁଣ୍ଡରେ ସେମାନେ କ’ଣ କୁହାଇବେ ସେଥିପାଇଁ ଭାଜପାର ଲେଖାଳିମାନେ ଲାଗିପଡିଛନ୍ତି। ରାଫାଲ ଦୁର୍ନୀତିର ସମ୍ପୂର୍ଣ୍ଣ ପ୍ରମାଣ ଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସିଂ କହିଛନ୍ତି। ସବୁଠୁ ବଡ ଚୋରି କରିଥିବା ଲୋକକୁ ଛଡାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମଧ୍ୟସ୍ଥ ମିଶେଲ ‘ମିସେସ୍ ଗାନ୍ଧୀ’ ଏବଂ ‘ଇଟାଲୀ ମହିଳାଙ୍କ ପୁଅ’ ଉଲ୍ଲେଖ କରିଥିବାରୁ ହେଲିକପ୍ଟର କିଣା ଦୁର୍ନୀତିରେ ଗାନ୍ଧୀ ପରିବାର ସଂପୃକ୍ତି ସ୍ପଷ୍ଟ ହୋଇଯାଇଛି ବୋଲି ଶନିବାର ଭାଜପା କହିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ତଦନ୍ତ ପରେ ସତ୍ୟ ପଦାକୁ ଆସିଛି। ଉପା ସରକାର ବେଳେ ଭିଭିଆଇପି ହେଲିକପ୍ଟର କିଣା ଚୁକ୍ତି ହୋଇଥିଲା। ମିଶେଲଙ୍କ ବୟାନ ଗୋଟିଏ ପରିବାରକୁ ଇଙ୍ଗିତ କରୁଛି। କଂଗ୍ରେସ ଶାସନ କାଳରେ ଜାତୀୟ ନିରାପତ୍ତା ସହ ସାଲିସ୍ କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଧାନ ଗବେଷଣାରେ ମାଇଲଖୁଣ୍ଟ ହେବ

**ଆଇଆର୍‌ଆର୍‌ଆଇ ଲୋକାର୍ପିତ**



**ବାରାଣସୀ,୨୯।୧୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁପିର ବାରାଣସୀଠାରେ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା (ଆଇଆର୍‌ଆର୍‌ଆଇ)ର ଦକ୍ଷିଣ ଏସିଆ କ୍ଷେତ୍ରୀୟ କେନ୍ଦ୍ର କ୍ୟାମ୍ପସ୍‌କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି କେନ୍ଦ୍ର ଧାନ ଗବେଷଣା ଏବଂ ତାଲିମ ପ୍ରଦାନ ଦିଗରେ ଏକ ମାଇଲଖୁଣ୍ଟ ହେବ। ଆବଶ୍ୟକତାଠାରୁ କମ୍ ପରିମାଣ ପାଣିରେ ଅଧିକ ପୋଷଣଯୁକ୍ତ ବିଭିନ୍ନ କିସମର ଧାନ ଫଳାଇବା ଓ ଉତ୍ପାଦିତ ଧାନର ଗୁଣବତ୍ତା ବଜାୟ ରଖିବାରେ ଏହା ଫଳପ୍ରଦ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଇଆର୍‌ଆର୍‌ଆଇ ସହ ୧୯୬୦ରୁ ଭାରତ ଯୋଡ଼ି ହୋଇଛି। ମୋଦି ଫିଲିପାଇନ୍ସର ମାନିଲାସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟକୁ ଗସ୍ତବେଳେ ଧାନଚାଷ ଏବଂ ଏହାର ଅମଳ କ୍ଷମତା ସମ୍ପର୍କିତ ଅତ୍ୟାଧୁନିକ କୃଷିପ୍ରଣାଳୀ ଉପରେ ଆଲୋଚନା ହୋଇଥିଲା।

## ବାଂଲାଦେଶ ନିର୍ବାଚନ ଆଜି

**ଢାକା,୨୯।୧୨(ପି.ଟି.)**

ବାଂଲାଦେଶ ସାଧାରଣ ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ଶେଖ ହାସିନା ପୁଣି ଚତୁର୍ଥ ଥର ପାଇଁ କ୍ଷମତାକୁ ଆସିବା ଲାଗି ଉଦ୍ୟମ ଚଳାଇଛନ୍ତି। ଭୋଟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ଦାୟିତ୍ୱରେ ସୈନ୍ୟବାହିନୀ ସମେତ ଅର୍ଦ୍ଧସାମରିକ ବାହିନୀ ଏବଂ ପୋଲିସକୁ ନିୟୋଜିତ କରାଯାଇଛି। ୧୦.୪୧ କୋଟି ଭୋଟର ମତଦାନ କରିବାକୁ ଥିବାବେଳେ ଏଥିପାଇଁ ୬ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି। ଗୁଜବ ରୋକିବା ନିମନ୍ତେ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ୩ଜି ଓ ୪ଜି ଟେଲିଫୋନ ସେବା ବନ୍ଦ ରଖିବାକୁ ମୋବାଇଲ କମ୍ପାନୀଗୁଡିକୁ କୁହାଯାଇଛି।

## ଫୁରସତ

### ଗୁମ୍ଫା ଉଦ୍ଧାରକାରୀ ସମ୍ମାନିତ



**ଲଣ୍ଡନ:** ଚଳିତବର୍ଷ ଥାଇଲାଣ୍ଡର ଏକ ଗୁମ୍ଫା ମଧ୍ୟରେ ଫସି ରହିଥିବା ଫୁଟବଲ ଖେଳାଳିଙ୍କୁ ଉଦ୍ଧାର କରିଥିବା ବ୍ରିଟିଶର ୨ବୁଡାଳିଙ୍କୁ ରାଣୀ ଏଲିଜାବେଥ୍ ଦ୍ୱିତୀୟ ୨୦୧୯ ନୂତନ ବର୍ଷ ନିମନ୍ତେ ସମ୍ମାନିତ କରିଛନ୍ତି। ରିଚାର୍ଡ ଷ୍ଟାନ୍‌ଟନ୍ ଏବଂ ଜୋନାଥନ୍ ଭୋଲାନ୍‌ଥେନ୍ ନାମକ ଏହି ଦୁଇ ବୁଡାଳି ପ୍ରଥମ କରି ୧୨ ଫୁଟବଲ ଖେଳାଳି ଏବଂ ତାଙ୍କ କୋଚ୍‌ଙ୍କ ନିକଟରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ଏହି ଖେଳାଳିମାନେ ମଜାରେ ଏକ ଗୁମ୍ଫା ମଧ୍ୟରେ ପଶିଯାଇଥିଲେ। ପ୍ରବଳ ବର୍ଷା ହେବାରୁ ସେଠାରୁ ଆଉ ଫେରି ପାରି ନ ଥିଲେ। ଦୁଃସାହସୀ ଦୁଇ ଉଦ୍ଧାରକାରୀଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସାହସିକ ପୁରସ୍କାର ଜର୍ଜ ମେଡାଲ ପ୍ରଦାନ କରାଯାଇଛି। ୩ ଡାଇଭରଙ୍କୁ ‘ମେମ୍ବର ଅଫ୍ ଦି ମୋଷ୍ଟ ଏକ୍‌ସେଲେଣ୍ଟ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର’ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ କୁଇନ୍ସ ଗାଲେଣ୍ଟ୍ରି ମେଡାଲ ପ୍ରଦାନ କରାଯାଇଛି।

# ଜେଲ୍‌ରୁ ମୁକ୍ତ ଶାହରୁଖ୍‌ଙ୍କ ପ୍ରଶଂସକ



**ପେଶାଓ୍ୱର:** ବଲିଉଡ ଷ୍ଟାର ଶାହରୁଖ ଖାନ୍ ଏବଂ କାଜଲ୍‌ଙ୍କୁ ସାକ୍ଷାତ କରିବାକୁ ସୀମା ଅତିକ୍ରମ କରି ଆସିଥିବା ଜଣେ ପାକିସ୍ତାନୀ ନାଗରିକ ୨୨ ମାସ ପରେ ସ୍ୱଦେଶ ଫେରିଛନ୍ତି। ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ସିନିକ୍ ସ୍ୱାତ୍ ଜିଲା ଅନ୍ତର୍ଗତ ମିଙ୍ଗୋରା ଅଞ୍ଚଳର ବାସିନ୍ଦା ଅବ୍‌ଦୁଲ୍ଲାଙ୍କୁ ଭାରତୀୟ କର୍ତ୍ତୃପକ୍ଷ ୨୦୧୭ ମେ ୨୫ରେ ଗିରଫ କରିଥିଲେ। ଓ୍ୱାଘା ସୀମାନ୍ତରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିବା ବିଟିଂ ରିଟ୍ରିଟ୍ ଉତ୍ସବ ଦେଖିବାକୁ ଆସି ଅବ୍‌ଦୁଲ୍ଲା ଜିରୋ ଲାଇନ୍ ଅତିକ୍ରମ କରିଥିଲେ। ସୀମା ସୁରକ୍ଷା ବଳ ହାତରେ ଧରାପଡ଼ିବା ପରେ ସେ ଶାହରୁଖ୍ ଏବଂ କାଜଲକୁ ଦେଖାକରିବାକୁ ଚାହାନ୍ତି ବୋଲି ପ୍ରକାଶ କରିଥିଲେ। ବୁଧବାର ତାଙ୍କୁ ଅଟ୍ଟାରି-ଓ୍ୱାଘା ସୀମାନ୍ତରେ ସ୍ୱଦେଶକୁ ପ୍ରତ୍ୟର୍ପଣ କରାଯାଇଥିଲା। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସ ପକ୍ଷରୁ ତାଙ୍କୁ ଇମରଜେନ୍ସି ଟ୍ରାଭେଲ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ନିଜ ଗାଁରେ ପହଞ୍ଚିବା ପରେ ତାଙ୍କର ଆତ୍ମୀୟ, ପଡୋଶୀ, ବନ୍ଧୁ ଏବଂ ଶୁଭେଚ୍ଛୁମାନେ ଫୁଲମାଳ ପକାଇ ସ୍ୱାଗତ କରିଥିଲେ। ସେ ଶାହରୁଖ୍ ଏବଂ କାଜଲ୍‌ଙ୍କର ଜଣେ ଦୃଢ଼ ସମର୍ଥକ। ସେ ଦୁହିଁଙ୍କୁ ଦେଖା କରିବାକୁ ଜେଲ୍ କର୍ତ୍ତୃପକ୍ଷଙ୍କ ଜରିଆରେ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ତାଙ୍କୁ ଏହି ସୁଯୋଗ ମିଳି ନ ଥିଲା ବୋଲି ସେ ସ୍ୱାତ୍‌ରେ ସ୍ଥାନୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ବେଆଇନ ଭାବରେ ଭାରତରେ ପ୍ରବେଶ ନ କରିବାକୁ ସେ ପାକିସ୍ତାନୀ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୫ | ୮.୫ |
| ଚାନ୍ଦବାଲି | ୨୩.୮ | ୧୦.୦ |
| କଟକ | ୨୪.୫ | ୯.୪ |
| ପାରାଦ୍ୱୀପ | ୨୫.୫ | ୧୨.୦ |
| ଭୁବନେଶ୍ୱର | ୨୬.୦ | ୯.୫ |
| ଗୋପାଳପୁର | ୨୪.୭ | ୧୩.୫ |
| ପୁରୀ | ୨୫.୬ | ୧୩.୨ |
| ଅନୁଗୋଳ | ୨୩.୧ | ୬.୬ |
| ବାରିପଦା | ୨୩.୦ | ୮.୫ |
| ଝାରସୁଗୁଡ଼ା | ୨୪.୪ | ୭.୭ |
| କେନ୍ଦୁଝର | ୨୧.୯ | ୬.୯ |
| ସମ୍ବଲପୁର | ୨୫.୪ | ୮.୧ |
| ସୁନ୍ଦରଗଡ଼ | ୨୨.୦ | ୭.୦ |
| ହୀରାକୁଦ | ୨୪.୭ | ୯.୩ |
| ତାଳଚେର | ୨୭.୩ | ୯.୩ |
| ଭବାନୀପାଟଣା | ୨୪.୦ | ୯.୫ |
| ବଲାଙ୍ଗୀର | --- | ୮.୫ |
| କୋରାପୁଟ | ୨୩.୦ | ୮.୬ |
| ଫୁଲବାଣୀ | ୨୨.୫ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୮.୨ | ୧୩.୬ |
| ସୋନପୁର | ୨୫.୪ | ୭.୦ |
| ଦାରିଙ୍ଗିବାଡ଼ି | ୨୦.୫ | ୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଏଲ୍‌ଜିବିଟିଙ୍କୁ ସୋନମ୍‌ଙ୍କ ସମର୍ଥନ



**ମୁମ୍ବାଇ:** ଏଲ୍‌ଜିବିଟିଙ୍କ ଅଧିକାରର ସେ ଜଣେ ଦୃଢ଼ ସମର୍ଥକ ବୋଲି ବଲିଉଡ୍ ଅଭିନେତ୍ରୀ ସୋନମ କପୁର୍ ଆହୁଜା ପ୍ରକାଶ କରିଛନ୍ତି। ସେ ଏକ ବିବୃତିରେ କହନ୍ତି, ଏଲ୍‌ଜିବିଟିକ୍ୟୁଆଇ(ଲେସ୍‌ବିୟାନ, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡର, କ୍ୱିୟର ଏବଂ ଇଣ୍ଟରସେକ୍ସ) ଅଧିକାରକୁ ସେ ସମର୍ଥନ କରନ୍ତି। ଏଥିପାଇଁ ସେ ସଂଗ୍ରାମ ଜାରି ରଖିବେ ଏବଂ ଦିନ ଆସିବ ସାରା ଦୁନିଆରୁ ଏହି ମାର୍କା ଉଠିଯିବ ବୋଲି ସେ ଆଶାପ୍ରକାଶ କରନ୍ତି। ସେ କହନ୍ତି, ଭାରତ ଏ କ୍ଷେତ୍ରରେ ପଦକ୍ଷେପ ନେଇଥିବାରୁ ସେ ଖୁସି ଏବଂ ଗର୍ବିତ। ଏହାଦ୍ୱାରା ଏହି ଗୋଷ୍ଠୀର ଲୋକେ ନିଜ ଇଚ୍ଛାନୁଯାୟୀ ଜୀବନସାଥୀ ବାଛିପାରିବେ। ବିଶ୍ୱରେ ପ୍ରତ୍ୟେକଙ୍କ ଜୀବନରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି। ‘କଫି ଉଇଥ୍ କରନ୍’ ଏପିସୋଡ୍‌ର ସିଜିନ୍ ୬ରେ ଉକ୍ତ ପ୍ରସଙ୍ଗ ଉପରେ ମତାମତ ଦେଇ ସୋନମ ଏହା କହିଥିଲେ। ସେ ତାଙ୍କ ଭଉଣୀ ରେହା ଏବଂ ଭାଇ ହର୍ଷବର୍ଦ୍ଧନଙ୍କ ସହିତ ଏକ ଚାଟ୍ ଶୋ’ରେ ଯୋଗ ଦେଇଥିଲେ। ଉକ୍ତ ଏପିସୋଡ ରବିବାର ଷ୍ଟାର ଓ୍ୱାର୍ଲଡରେ ପ୍ରସାରିତ ହେବ। ଅଭିନୟ କ୍ଷେତ୍ରରେ ସୋନମ୍ ତାଙ୍କ ଫିଲ୍ମ ‘ଏକ ଲଡ୍‌କୀ କୋ ଦେଖା ତୋ ଐଶା ଲଗା’ରେ ଜଣେ ହୋମୋସେକ୍ସୁଆଲ୍‌ର ଭୂମିକା ନେଇଛନ୍ତି। ଫକ୍ସ ଷ୍ଟାର ଷ୍ଟୁଡିଓ ଏବଂ ବିଧୁ ବିନୋଦ ଚୋପ୍ରାଙ୍କ ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମରେ ଅଭିନୟ କରିଛନ୍ତି ଅନିଲ କପୁର, ରାଜକୁମାର ରାଓ, ଜୁହି ଚାଓ୍ୱଲା, ଅଭିଷେକ ଦୁହାନ, ସୀମା ପାହୱା ଏବଂ ବ୍ରିଜେନ୍ଦ୍ର କାଲା। ଶେଲି ଚୋପ୍ରା ଧରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୧୯ ଫେବୃୟାରୀ ୧ରେ ରିଲିଜ ହେବାର ଅଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ DHARITRI
ରବିବାର, ୩୦ ଡିସେମ୍ବର, ୨୦୧୮






# ୬ ଡିଗ୍ରୀକୁ ଖସିଲା ପାରଦ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ପ୍ରବଳ ଶୀତରେ ଥରୁଛି ଓଡ଼ିଶା। ଗାଁ ଠୁ ସହର ସବୁଠି ଶୀତମାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କୋହଲା ପାଗ ସାଙ୍ଗକୁ ଉତ୍ତର ପୂର୍ବ ଦିଗରୁ ମାଡ଼ି ଆସୁଥିବା ଥଣ୍ଡା ପବନ ଦେହ ମୁଣ୍ଡ ଥରେଇ ଦେଉଛି। ଅପରାହ୍ନ ୪ ଟାରୁ ସକାଳ ୧୦ଟା ଯାଏ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ହାତଗୋଡ଼ କୋଲ ମାରି ଯାଉଛି। ବଣ ଜଙ୍ଗଲ ଭରା ଜିଲାଗୁଡ଼ିକରେ ଅବସ୍ଥା ଆହୁରି ସଙ୍ଗୀନ୍ । ଶୀତ ଲହରି ଯୋଗୁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ତଳକୁ ଚାଲିଯାଇଛି। ଏପରି କି ୧୨ଟି ସ୍ଥାନର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ଏବଂ ୧୬ଟି ସ୍ଥାନରେ ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଆହୁରି ଦୁଇ ତିନି ଦିନ ଏଭଳି ପ୍ରବଳ ଶୀତ ସାରା ରାଜ୍ୟକୁ କିଲ୍‌ବିଲ୍ କରିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ଡିସେମ୍ବର ୩୧ ଯାଏ ରାଜ୍ୟରେ ଶୀତ ଲହରି ଜାରି ରହିବ। ଏଥିଯୋଗୁ ଉତ୍ତର, ଉପକୂଳ ସମେତ ପଶ୍ଚିମ ଓଡ଼ିଶାରେ ଶୀତ ପ୍ରକୋପ ବଢ଼ିବ। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୭, ସୋନପୁର ୭, ବାଲେଶ୍ୱର ୮.୫, କଟକ ୯.୪, ଭୁବନେଶ୍ୱର ୯.୫, ଅନୁଗୋଳ ୬.୬, ବାରିପଦା ୮.୫, ଝାରସୁଗୁଡ଼ା ୭.୭, କେନ୍ଦୁଝର ୬.୯, ସମ୍ବଲପୁର ୮.୧, ସୁନ୍ଦରଗଡ଼ ୭, ହୀରାକୁଦ ୯.୩, ଭବାନୀପାଟଣା ୯.୫, ବଲାଙ୍ଗୀର ୮.୫ , କୋରାପୁଟ ୮.୬ ଏବଂ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଷ୍ଟାଫ ସିଲେକ୍ସନ ଜରିଆରେ ହେବ ଫରେଷ୍ଟଗାର୍ଡ, ଫରେଷ୍ଟର ନିଯୁକ୍ତି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)- ଫରେଷ୍ଟ ଗାର୍ଡ(ବନରକ୍ଷୀ) ଏବଂ ବନପାଳ(ଫରେଷ୍ଟର) ନିଯୁକ୍ତି ଆଉ ଡିଏଫଓ କରିବେ ନାହିଁ। ଉଭୟ ପଦବୀ ପାଇଁ ପ୍ରାର୍ଥୀମାନଙ୍କୁ ଏଣିକି ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପରୀକ୍ଷା ଦେବାକୁ ହେବ। ଏଥିପାଇଁ ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଓଡ଼ିଶା ସବ୍‌ଅର୍ଡିନେଟ ଫରେଷ୍ଟ ସର୍ଭିସ ନିୟମ-୧୯୯୮କୁ ଉଚ୍ଛେଦ କରାଯାଇ ଓଡ଼ିଶା ସର୍ବୋଡିନେଟ ଫରେଷ୍ଟ ସର୍ଭିସ ନିୟମ-୨୦୧୮ ପ୍ରଚଳନ କରାଯିବ। ଫରେଷ୍ଟର କିମ୍ବା ଫରେଷ୍ଟ ଗାର୍ଡ ପାଇଁ ପୋଲିସ କନଷ୍ଟେବଲ ନିଯୁକ୍ତି ଭଳି ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବ। ଓଏସ୍‌ଏସ୍‌ସିଙ୍କ ଅନୁମୋଦନ କ୍ରମେ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଜିଲାପାଳଙ୍କ ଅଧୀନରେ ଏକ ବୋର୍ଡ ଗଠନ କରାଯିବ। ସେହି ବୋର୍ଡରେ ଡିଏଫଓ, ଡିଡବ୍ଲ୍ୟୁଓ, ମେଡିକାଲ ଅଫିସର ସଦସ୍ୟ ରହିବେ ଏବଂ ଏସିଏଫ ମେମ୍ବର ସେକ୍ରେଟାରୀ ଭାବେ କାର୍ଯ୍ୟ ତୁଲାଇବେ।

### ଭାଜପାକୁ ଅସୁବିଧାରେ ପକାଇବ ପିଆଜ

# ବଜାରରେ ଖସୁଛି ଦର

**ହିଭାରଗାଁଓ/ମୁଜାହିଦପୁର,୨୯।୧୨**

ଅତୀତରେ ପିଆଜ ଦର ବୃଦ୍ଧି ନିର୍ବାଚନରେ ଶାସକ ଦଳ ପାଇଁ ପରାଜୟର କାରଣ ସାଜିଥିଲା। ଏବେ କିନ୍ତୁ ପିଆଜ ଦର ହ୍ରାସ ପାଇବା ଭାଜପା ପାଇଁ ଚିନ୍ତାର କାରଣ ହୋଇଛି। ମୂଲ୍ୟ ହ୍ରାସ ଯୋଗୁ ଗରିବ ଚାଷୀ କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ପିଆଜ ଚାଷୀ ଚେତାବନୀ ଦେଇଛନ୍ତି।

କିଛି ସପ୍ତାହ ହେଲା ବଜାରରେ ପିଆଜ ଓ ଆଳୁ ଦର ଅତ୍ୟଧିକ ହ୍ରାସ ପାଇଛି। ଫଳରେ ଉତ୍ପାଦନକାରୀ ରାଜ୍ୟଗୁଡିକର ଗ୍ରାମୀଣ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ମୋଦି ସରକାର ଆଗକୁ ଯାହା କରନ୍ତୁ ପଛେ ଭାଜପାକୁ ଭୋଟ ଦିଆଯିବ ନାହିଁ ବୋଲି ନାସିକର ପିଆଜ ଚାଷୀ ମଧୁକର ନାଗରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୯୯୮ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ବେଳେ ପିଆଜ ଦର ବୃଦ୍ଧି କେନ୍ଦ୍ରରେ ଭାଜପା ସରକାରଙ୍କ ପତନ ଘଟାଇଥିଲା। ୧୯୮୦ ସାଧାରଣ ନିର୍ବାଚନରେ ଆକାଶଛୁଆଁ ପିଆଜ ଦରକୁ ପ୍ରସଙ୍ଗ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମେଣ୍ଟ ସରକାରଙ୍କୁ



କ୍ଷମତାଚ୍ୟୁତ କରିବାରେ ସଫଳ ହୋଇଥିଲେ। କିଛି ଦିନ ହେଲା କ୍ଷତି ସହୁଥିବା ଚାଷୀମାନେ ରାଜପଥ ଅବରୋଧ କରି ରାସ୍ତା ଉପରେ ସେମାନଙ୍କ ଉତ୍ପାଦିତ ପିଆଜ ଫିଙ୍ଗୁଥିବା ଦେଖିବାକୁ ମିଳୁଛି। କାରଣ ପିଆଜ ଉତ୍ପାଦନରେ କିଲୋପିଛା ୮ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଦେଶର ଅନେକ ସ୍ଥାନରେ ଏହାର ଦର ଏବେ ୧ ଟଙ୍କାକୁ ଖସିଆସିଛି। ଦର କମିଥିଲେ ମଧ ମଧ୍ୟସ୍ଥଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଗ୍ରାହକମାନେ କମ୍ ଦାମରେ ପିଆଜ ପାଉନାହାନ୍ତି।




| | ସର୍ଭାଇଭାଲ୍ ଲାଭସବୁ 20 ରୁ 24 ପର୍ଯ୍ୟନ୍ତ ପ୍ରତି 5 ବର୍ଷ ପାଇଁ | ପରପକ୍ୱତା ଲାଭସବୁ 25 ବର୍ଷ ବୟସରେ |
|---|---|---|
| ବିକଳ୍ପ 1 | ସର୍ଭାଇଭାଲ୍ ଲାଭ ନାହିଁ | ବୀମାକୃତ 100% ରାଶି |
| ବିକଳ୍ପ 2 | ବୀମାକୃତ 5% ରାଶି | ବୀମାକୃତ 75% ରାଶି |
| ବିକଳ୍ପ 3 | ବୀମାକୃତ 10% ରାଶି | ବୀମାକୃତ 50% ରାଶି |
| ବିକଳ୍ପ 4 | ବୀମାକୃତ 15% ରାଶି | ବୀମାକୃତ 25% ରାଶି |



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ବିଟୁ
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ମଦ୍ୟପାନ କରି ଶ୍ରୀମନ୍ଦିରରେ ଡ୍ୟୁଟି ଆଇଆରବିଏନ୍ ହାବିଲଦାର ନିଲମ୍ବିତ

ପୁରୀ ଅଫିସ,୨୯।୧୨: ମଦ୍ୟପାନ କରି ଶ୍ରୀମନ୍ଦିରରେ ଡ୍ୟୁଟି କରିବା ଜଣେ ଆଇଆରବିଏନ୍ ହାବିଲଦାରଙ୍କ ପାଇଁ ମହଙ୍ଗା ପଡିଛି। ତାଙ୍କୁ ଶନିବାର ଚାକିରିରୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ହାବିଲଦାର ହେଲେ ସୁବର୍ଣ୍ଣ କିଷାନ। ଏ ସମ୍ପର୍କରେ ସୂଚନା ଦେଇ ପୁରୀ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି, ଆଇଆରବିଏନ୍ ହାବିଲଦାର ସୁବର୍ଣ୍ଣ ଶୁକ୍ରବାର ମଦ୍ୟପାନ କରି ଜୟବିଜୟ ଦ୍ୱାର ନିକଟରେ ବୁଲୁଥିବା ବେଳେ ଧରାପଡିଥିଲେ। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ବିଭାଗ ଏକ ଶୃଙ୍ଖଳିତ ଏବଂ ଦାୟିତ୍ୱସମ୍ପନ୍ନ ବିଭାଗ। ଏଠି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏହିଭଳି ଖରାପ ଆଚରଣ କରିବେ, ସେମାନଙ୍କ ବିରୋଧରେ ନିଶ୍ଚିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶ୍ରୀମନ୍ଦିରରେ ବିଶୃଙ୍ଖଳା ପ୍ରସଙ୍ଗ: ମୁହଁ ଖୋଲିଲେ ଗଜପତି

# ମହାପ୍ରଭୁଙ୍କୁ ଶୀର୍ଷ ସ୍ଥାନ ଦିଆଯାଉ

ପୁରୀ ଅଫିସ, ୨୯।୧୨

ଶ୍ରୀମନ୍ଦିରରେ ଶୁକ୍ରବାର ଘଟିଥିଲା ଚରମ ବିଶୃଙ୍ଖଳା। ମହାପ୍ରଭୁ ୧୪ ଘଣ୍ଟା ଭୋକ ଉପାସରେ ରହିଥିଲେ। ଦର୍ଶନ ନ ପାଇ ତିକ୍ତ ଅନୁଭୂତି ସାଉଣ୍ଟି ଫେରିଥିଲେ ହଜାର ହଜାର ଭକ୍ତ। ଶନିବାର ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ, ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କର। ୧୯୬୦ରୁ ରାଜ୍ୟ ସରକାର ଗଜପତିଙ୍କଠାରୁ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। ଗଜପତିଙ୍କ ସମୟରେ ସେବା, ରାଜକାର୍ଯ୍ୟ ଶୀର୍ଷରେ ଥିଲା। ଗଜପତିମାନେ ନିଜେ ମହାପ୍ରଭୁଙ୍କ ସେବାରେ ସମର୍ପିତ ଥିଲେ। ସେହି ପରମ୍ପରାକୁ ଏବେ ସ୍ମରଣ କରିବା ବାଞ୍ଛନୀୟ। ବର୍ତ୍ତମାନ ରାଜ୍ୟ ଯୋଜନାରେ ମହାପ୍ରଭୁଙ୍କ ସେବାକୁ ଶୀର୍ଷ ସ୍ଥାନ ଦେବାକୁ ହେବ।

ଅନ୍ୟପକ୍ଷରେ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି, ନୀତି ବିଭ୍ରାଟର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବାୟତମାନେ ଯେଉଁ ଦାବି ରଖିଛନ୍ତି ସେଥିମଧ୍ୟରୁ ୨ଟି ଦାବି ଏସ୍‌ପିଙ୍କ ବଦଳି ଏବଂ ଅକ୍ଟୋବର ୩ ପୁରୀ ହିଂସା ମାମଲା ପ୍ରତ୍ୟାହାର ଗ୍ରହଣୀୟ ନୁହେଁ। ଏଭଳି ବିଶୃଙ୍ଖଳା ଆଉ ନ କରିବା ପାଇଁ ସେବାୟତଙ୍କୁ ତାଗିଦ କରାଯାଇଛି। ମହାପ୍ରଭୁଙ୍କ ସେବା ସେବକ ହିଁ କରିବେ। ତେଣୁ ସେମାନେ ଯତ୍ନବାନ ହେବା ଉଚିତ । ଏମିତି ବିଭ୍ରାଟ ହେବ ବୋଲି ମୋ ପାଖରେ ଖବର ନ ଥିଲା। ଗୁରୁବାର ରାତି ଘଟଣା ପରେ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ର ମୋତେ ଟେଲିଫୋନ କରି ତାଙ୍କୁ ପୋଲିସ ମାଡ଼ ମାରିଥିବା ଜଣାଇଥିଲେ। ମୁଁ ଜିଲାପାଳ ଏବଂ ଏସ୍‌ପିଙ୍କ ସହ କଥା ହୋଇଥିଲି। ଜିଲାପାଳ ବି ଭିତରଚ୍ଛଙ୍କ ସହ କଥା ହୋଇଥିଲେ। କିଛି ଅସୁବିଧା ହେବ ନାହିଁ ବୋଲି କହିଥିଲେ। ହେଲେ ସକାଳେ ଖବର ପାଇଲି ଭିତରଚ୍ଛ ଆସିଛନ୍ତି କିନ୍ତୁ ସେବକମାନେ ନୀତି କରିବେ ନାହିଁ କି ଦ୍ୱାର ଫିଟାଇବେ ନାହିଁ ବୋଲି ଏକଜୁଟ୍ ହେଉଛନ୍ତି। ପରେ ସଙ୍ଗେ ସଙ୍ଗେ ଜିଲାପାଳଙ୍କୁ ଘଟଣାସ୍ଥଳକୁ ଯିବା ପାଇଁ କହିଥିଲି। ସେ ସେବାୟତଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ସେବାୟତମାନେ ଯେଉଁଭଳି ଭାବେ ବ୍ୟବହାର କରିଥିଲେ ସେ ବ୍ୟସ୍ତ ହୋଇ ଫେରି ଆସିଥିଲେ। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ପି ଏବଂ ଜିଲାପାଳ ଯାଇ ସେମାନଙ୍କ ସହ ଆଲୋଚନା କଲେ। ମୁଁ ପୁଣି ତାଗିଦ କରିବା ପରେ ସେମାନେ ଦ୍ୱାର ଫିଟାଇଥିଲେ।

### ■ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୭ତମ ବାର୍ଷିକ ଉତ୍ସବ

# ଲୟର୍ସ ଏକାଡେମୀ କାର୍ଯ୍ୟକ୍ଷମ ହେଉ: ଜଷ୍ଟିସ୍ ଦୀପକ ମିଶ୍ର



କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର, ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଆଇନଜୀବୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଲୟର୍ସ ଏକାଡେମୀକୁ ଏକ ମାସ ମଧ୍ୟରେ ଜମି ଯୋଗାଇଦେବା ସହିତ ୩ମାସ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଉ। ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ଏପରି ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ବିଜେବି କଲେଜ ପଡିଆରେ ଅନୁଷ୍ଠିତ ନିଖିଳ ଓଡିଶା ଆଇନଜୀବୀ ସଂଘର ୪୭ତମ ବାର୍ଷିକ ଉତ୍ସବରେ ଜଷ୍ଟିସ ଦୀପକ ମିଶ୍ର ଯୋଗଦେଇ କହିଛନ୍ତି, ଜଗତୀକରଣ ପ୍ରକ୍ରିୟା ଫଳରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଆଇନ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି ତାହାକୁ ଦୃଷ୍ଟିରେ ରଖି ଆଇନଜୀବୀମାନଙ୍କୁ ନିରନ୍ତର ପ୍ରଶିକ୍ଷଣ ଦେବା ଆବଶ୍ୟକରହିଛି। ଲୟର୍ସଏକାଡେମୀର ପରିଚାଳନା ଦାୟିତ୍ୱ ଆଇନଜୀବୀମାନଙ୍କ ଉପରେ ନ୍ୟସ୍ତ କରାଯିବା ଉଚିତ ବୋଲି ଜଷ୍ଟିସ ମିଶ୍ର କହିଥିଲେ।

### ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନିରନ୍ତର ପ୍ରଶିକ୍ଷଣ ଜରୁରୀ

ସମ୍ମାନିତ ଅତିଥିଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଲେ, ରାଜ୍ୟ ସରକାର ରାଜ୍ୟର ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କୋର୍ଟଗୁଡିକର ଭିତ୍ତିଭୂମି ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନର ଅଟକଳ ସରିଛି। ଆଇନଜୀବୀମାନଙ୍କ ସ୍ୱାସ୍ଥ୍ୟବୀମା କରାଇବା ପ୍ରସଙ୍ଗରେ ସଂଘ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିଭଳି ସୁପ୍ରିମକୋର୍ଟ ବାର ଆସୋସିଏଶନ ସଭାପତି ରାକେଶ କୁମାର ଖାନ୍ନା ଯୋଗଦେଇ କହିଲେ, ଆଇନଜୀବୀମାନଙ୍କ ସାମାଜିକ ନିରାପତ୍ତା ପାଇଁ ଅବସରକାଳୀନ ପେନସନ ସ୍କିମ୍‌ର ବନ୍ଦୋବସ୍ତ କରାଯାଉ। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ଆଇନଜୀବୀ କଲ୍ୟାଣ ପାଣ୍ଠି ଆଇନରେ ପରିବର୍ତ୍ତନ ଆଣି କୋର୍ଟ ଫିସ୍‌ର ଦରବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ।

ପ୍ରଥମ ଅଧିବେଶନରେ ଏକବିଂଶ ଶତାବ୍ଦୀରେ ଆଇନ ଶିକ୍ଷାର ଆହ୍ୱାନ ସମ୍ପର୍କରେ ଆଲୋଚନାଚକ୍ରରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ଗୋପାଳଗୌଡ଼ା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟର ବାର ଆସୋସିଏଶନ ଏବଂ ବାର କାଉନ୍‌ସିଲ୍‌ର ଆଇନ କଲେଜଗୁଡିକରେ ଗୁଣାତ୍ମକ ଆଇନ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଜଷ୍ଟିସ ଗୋପାଳଗୌଡ଼ା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ 'ଲ ଏସିଆ'ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର, ଜିଡି ଗୋୟେଙ୍କା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶାନ୍ତା କୁମାର ଯୋଗଦେଇଥିଲେ। ଉତ୍ସବରେ ନିଖିଳ ଓଡିଶା ଆଇନଜୀବୀ ସଂଘ ସଭାପତି ଜ୍ଞାନରଞ୍ଜନ ମହାନ୍ତି ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ।

# ଦ୍ରୌପଦୀ ହେବେ ଦ୍ରୌପଦ

କଟକ ଅଫିସ, ୨୯।୧୨

ଯୁବତୀ ଦ୍ରୌପଦୀ କିଭଳି ଯୁବକ ଦ୍ରୌପଦ ହେବେ ସେ ନେଇ ତାଙ୍କ ମନରେ ଅସୁମାରି ଆଶା। ଝିଅରୁ କିଭଳି ପୁଅ ହେବେ ସେ ନେଇ ଆରମ୍ଭ କରାଯାଇଥିଲା ଅପରେଶନ। ପ୍ରଥମ ପର୍ଯ୍ୟାୟ ଅପରେଶନ ସଫଳ ହୋଇଛି। ନିଜର ଅଭିଳାଷ ପୂରଣ ହେବାକୁ ଯାଉଥିବାରୁ ସେ ବେଶ୍ ଆଶାବାଦୀ ଅଛନ୍ତି। ଦ୍ରୌପଦୀଙ୍କୁ ପୂର୍ଣ୍ଣମାତ୍ରାରେ ତାଙ୍କ ପରିବାର ଲୋକେ ସହାୟତା କରୁଛନ୍ତି।

ଦ୍ରୌପଦୀଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ। ବାପା ମା'ଙ୍କ ସହିତ ସେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ରୁହନ୍ତି। ୧୨ ବର୍ଷ ବୟସରେ ଦ୍ରୌପଦୀ ନାରୀତ୍ୱ ପ୍ରାପ୍ତ ହୋଇଥିଲେ। କିନ୍ତୁ ୧୪ ବର୍ଷ ବୟସ ବେଳକୁ ତାଙ୍କ ଭିତରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଇଥିଲା। ବୟସ ବଢିବା ସାଙ୍ଗକୁ ଦ୍ରୌପଦୀଙ୍କ ଭିତରେ ଝିଅଙ୍କ ପ୍ରତି ଆକର୍ଷଣ ବଢିଲା। ଏ କଥା ସେ ପରିବାର ଆଗରେ ପ୍ରକାଶ କରିବାରୁ ସେମାନେ ତାଙ୍କ ଉପରେ ବିରକ୍ତ ହୋଇଥିଲେ। ତେବେ ଯେଉଁ ଝିଅ ପ୍ରତି ଭଲ ପାଇବା ବଢିଥିଲା ଦ୍ରୌପଦୀ ତାଙ୍କ ଆଗରେ ମନ ଖୋଲି କହିବାରୁ ସେ ମଧ୍ୟ ହସରେ ଉଡାଇ ଦେଇଥିଲେ। ଏହାପରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସା କରାଇଥିଲେ। ଡାକ୍ତରମାନେ ଦ୍ରୌପଦୀଙ୍କୁ କାଉନସେଲିଂ କରିବା ପରେ ତାଙ୍କର ହରମୋନଥେରାପି ପାଇଁ ପରାମର୍ଶ ଦେଇଥିଲେ। ହରମୋନଥେରାପି ନିମନ୍ତେ ଦ୍ରୌପଦୀ ଦିଲ୍ଲୀ ଯାଇଥିଲେ। ସେଠାରେ ହରମୋନଥେରାପି କରିବା ସହିତ ନିଜର ଲିଙ୍ଗ ପରିବର୍ତ୍ତନ ପାଇଁ ଆଇନଗତ ଅନୁମତି ଆଣିଥିଲେ। ଏହା ପରେ ଦ୍ରୌପଦୀ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗକୁ ଆସି ସହଯୋଗୀ ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ସହ ପରାମର୍ଶ ଲୋଡ଼ିଥିଲେ। ଡାକ୍ତର ନାୟକଙ୍କ ଉଦ୍ୟମ କ୍ରମେ ଏସ୍‌ସିବିରେ ଗଠନ କରାଯାଇଥିଲା ୬ ଜଣିଆ ଡାକ୍ତରୀ ଟିମ୍। ପ୍ଲାଷ୍ଟିକ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଅନ୍ନଦା ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ଓ ଡାକ୍ତର ନାୟକଙ୍କ ନେତୃତ୍ୱରେ ଡାକ୍ତର ସଂପ୍ରୀତ୍ ସାମଲ, ଶ୍ରୀକାନ୍ତ ବେହେରା, ରାଧାକାନ୍ତ ମହାପାତ୍ର (ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ) ଓ ନିଶ୍ଚେତନା ବିଭାଗର ଡାକ୍ତର ଦେବଦାସ ବିଶ୍ୱାଳ ସାମିଲ ହୋଇଥିଲେ। ପ୍ରଥମେ ଦ୍ରୌପଦୀଙ୍କ ଗର୍ଭାଶୟ ଓ ଡିମ୍ବାଶୟକୁ ଅପରେଶନ ମାଧ୍ୟମରେ କଢାଯାଇଥିଲା। ଏହା ପରେ ଗତ ୧୨ ତାରିଖରେ ତାଙ୍କର ସ୍ତନ ଅପରେଶନ କରାଯିବା ସହିତ ଯୌନାଙ୍ଗରେ ଅସ୍ତ୍ରୋପଚାର କରାଯାଇଥିଲା। ୩ ମାସ ପରେ ଦ୍ରୌପଦୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଅପରେଶନ କରାଯାଇ ପୁରୁଷ ଯୌନାଙ୍ଗ ପ୍ରତିରୋପଣ କରାଯିବ। ଏହା ପରେ ଦ୍ରୌପଦୀ ସମ୍ପୂର୍ଣ୍ଣ ଭାବେ ପୁରୁଷ ପାଲଟିବେ ବୋଲି ଡାକ୍ତର ନାୟକ କହିଛନ୍ତି। ଏପରି କି ଦ୍ରୌପଦୀଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଯୌନ ସମ୍ଭୋଗ କ୍ଷମତା ଅଣାଯିବ ବୋଲି ସେ କହିଛନ୍ତି।

# ବର୍ଷେ ବଢ଼ିଲା ଡିଲରଙ୍କ ଲାଇସେନ୍ସ ଅବଧି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

- ■ ଆକାଉଣ୍ଟସ, ଲ'ରେ ପାସ୍ ନ କଲେ ସପ୍ଲାଏ ଇନ୍ସପେକ୍ଟରଙ୍କ ଇନ୍‌କ୍ରିମେଣ୍ଟ ବନ୍ଦ ହେବ
- ■ ଭୁବନେଶ୍ୱର ଏମ୍ସକୁ ମାଗଣା ଜମି
- ■ ବାଲୁକା କଳା ପାର୍କ ପାଇଁ ସ୍ଥାନ ବଦଳିଲା
- ■ ପଞ୍ଚଦଶ ଅର୍ଥ କମିଶନ ପାଇଁ ଖର୍ଚ୍ଚ ତାଲିକା ପତ୍ର ପ୍ରସ୍ତୁତ

ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଚାଉଳ ଯୋଗାଉଥିବା ୬୩୭୦ ଜଣ ଏବଂ କିରୋସିନ ଯୋଗାଉଥିବା ୧୪୦୫୩କିରୋସିନ ଡିଲରଙ୍କର ବାର୍ଷିକ ଲାଇସେନ୍ସ ଅବଧିକୁ ପୁଣି ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାଜ୍ୟରେ ୨୦୧୫ ନଭେମ୍ବରରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ କାର୍ଯ୍ୟକାରୀ ହେଉଛି। ପିଡିଏସ୍‌ର ସୁପରିଚାଳନା ପାଇଁ ୨୦୧୬ ମାର୍ଚ୍ଚରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ ଅନୁଯାୟୀ ଡିଲରମାନଙ୍କୁ ଲାଇସେନ୍ସ ଏପ୍ରିଲରୁ ପରବର୍ତ୍ତୀ ବର୍ଷ ମାର୍ଚ୍ଚ ୩୧ ତାରିଖ ଯାଏ ଦିଆଯାଇଥାଏ। ଲାଇସେନ୍ସର ଅବଧି ଶେଷ ହେବା ପରେ ଯଦି ସମ୍ପୃକ୍ତ ଡିଲରଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିବ ସେମାନଙ୍କ ଲାଇସେନ୍ସ ଅବଧି ପୁଣି ବୃଦ୍ଧି କରାଯାଇ ଥାଏ। ଏହି ପରିପ୍ରେକ୍ଷୀରେ ଡିଲରମାନଙ୍କର ଲାଇସେନ୍ସ ବର୍ଷକ ପାଇଁ ବୃଦ୍ଧି କରାଯାଇଛି। ସପ୍ଲାଏ ଇନ୍ସପେକ୍ଟରମାନଙ୍କୁ ଏଣିକି ବିଭାଗୀୟ ଆକାଉଣ୍ଟସ ଏବଂ ଲ' ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ଏଥିରେ ପାସ୍ ନ କଲେ ସେମାନଙ୍କର ବାର୍ଷିକ ଇନ୍‌କ୍ରିମେଣ୍ଟ ବନ୍ଦ କରିଦିଆଯିବ। ଏହି ବ୍ୟବସ୍ଥା ଉଭୟ ପୁରୁଣା ଓ ନିଯୁକ୍ତି ପାଇବାକୁ ଥିବା ନୂତନ କର୍ମଚାରୀଙ୍କ ପାଇଁ ଲାଗୁ ହେବ। ଏଥିପାଇଁ ଓଡ଼ିଶା ସିଭିଲ ସର୍ଭିସେସ( ଯୋଗାଣ ନିରୀକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରି ସର୍ତ୍ତାବଳୀ) ସଂଶୋଧିତ ନିୟମ ୨୦୧୮କୁ ସଂଶୋଧନ କରାଯିବ। ଏହାଦ୍ୱାରା ଖାଲିଥିବା ସପ୍ଲାଏ ଇନ୍ସପେକ୍ଟରମାନଙ୍କର କ୍ୟାଡରର ଭୁକ୍ତ ପଦବୀଗୁଡ଼ିକୁ ପୂରଣ କରାଯାଇ ପାରିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ)ର ଛାତ୍ରୀଛାତ୍ରମାନଙ୍କ ତାଲିମ ଓ ଛାତ୍ରାବାସ ଲାଗି ଖୋର୍ଦ୍ଧା ଜିଲାର ଟାଙ୍ଗୀଠାରେ ୨.୦୪୫ ଡିସିମିଲ ସରକାରୀ ଜମି ମାଗଣାରେ ପ୍ରଦାନ କରିବେ। ଏହି ଜମିର ମୂଲ୍ୟ ୧,୧୭,୯୬,୮୬୫ ଟଙ୍କା ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେହି ପରି ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ବାଲୁକା କଳା ପାର୍କ ପାଇଁ ପୁରୀ ଜିଲାର ବାଙ୍କୀ ମୁହାଣରେ ୦.୬୦୦ ଡିସିମିଲ ଜମି ୩୦ ବର୍ଷ ପାଇଁ ରାଜ୍ୟ ସରକାର ମାଗଣାରେ ପ୍ରଦାନ କରିବେ। ପୂର୍ବରୁ ପୁରୀ ଜିଲାର ବାଲୁଖଣ୍ଡ ମୌଜା ନିକଟରେ ପ୍ରଦାନ କରାଯାଇଥିଲା । ତାହା ଅନୁକୂଳ ନ ହେବାରୁ ସ୍ଥାନ ପରିବର୍ତ୍ତନ ଉକ୍ତ ଜମିର ବାର୍ଷିକ ଖଜଣା ଓ ସେସ ଦେୟ ବାବଦକୁ ଯଥାକ୍ରମେ ୪୮୦୦ ଓ ୩୬୦୦ ଟଙ୍କା ରାଜ୍ୟ ସରକାର ରିହାତି ବାବଦରେ ପ୍ରଦାନ କରିବେ। ଓଡ଼ିଶା ଲୋକ ସେବା ଆୟୋଗରେ ସଦ୍ୟ ଭାବେ ନିଯୁକ୍ତି ପାଇଥିବା ଅବସର ପ୍ରାପ୍ତ ମନୋବିଜ୍ଞାନ ପ୍ରଫେସର ନମିତା ମହାନ୍ତି ଓ ଅବସର ପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ପୂର୍ଣ୍ଣଚନ୍ଦ୍ର ପାଠୀଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନ ପାଇଁ ଅନୁଦାନ ସହାୟତା ସକାଶେ ଏକ ସ୍ମାରକପତ୍ର ପ୍ରଦାନ କରିବେ। କେତେ ଅର୍ଥ ବୃଦ୍ଧି କରାଯାଇଛି ତାହା ଗୁପ୍ତ ରଖାଯାଇଛି। ଆସନ୍ତା ୨୦୧୯ ଜାନୁୟାରୀ ୧୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବାକୁ ଥିବା ଅର୍ଥ କମିଶନଙ୍କୁ ସେହି ସ୍ମାରକପତ୍ର ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମେମୋରାଣ୍ଡମକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଗତ ବିଧାନସଭାର ଅଧିବେଶନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ସ୍କୁଟିକୁ ଧକ୍କାମାରି ଝାମ୍ପିନେଲେ ସୁନାଚେନ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ରାଜଧାନୀରେ ମାତିଛନ୍ତି ଲୁଟେରା। ପୋଲିସ ଉପସ୍ଥିତିରେ ସେମାନେ ଲୁଟ୍‌ପାଟ କରୁଛନ୍ତି। ପୋଲିସ କେବଳ ଦେଖଣାହାରି ସାଜୁଛି। ଶନିବାର କ୍ୟାପିଟାଲ ଥାନା ଅନ୍ତର୍ଗତ ଗାନ୍ଧୀମାର୍ଗରେ ଏପରି ଏକ ଘଟଣା ଘଟିଛି। ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କୁ ଧକ୍କାମାରି ଲୁଟେରାମାନେ ସୁନା ଚେନ ଲୁଟି ନେଇଛନ୍ତି। ସେପଟେ ଭାରସାମ୍ୟ ହରାଇ ମହିଳା ଜଣକ ତଳେ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଛି। ଲୁଟ୍‌ର ଶିକାର ମହିଳା ଜଣକ ହେଲେ ପ୍ରେସ୍ କଲୋନୀର ପ୍ରଭାସିନୀ ପୃଷ୍ଟି। ଏ ନେଇ ପ୍ରଭାସିନୀଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରଭାସିନୀ ମାର୍କେଟ ବିଲ୍ଡିଂରୁ ଅପରାହ୍ନ ପ୍ରାୟ ୩ଟା ୩୦ରେ କିଣାକିଣି କରି ସ୍କୁଟିରେ ଘରକୁ ଫେରୁଥିଲେ। ଗାନ୍ଧୀମାର୍ଗ ଦେଇ ଯାଉଥିବାବେଳେ ପଛରୁ ୨ ଯୁବକ ଏକ ବାଇକ୍‌ରେ ଆସି ପ୍ରଭାସିନୀଙ୍କ ସ୍କୁଟିକୁ ଧକ୍କା ମାରି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଫେରାର ହୋଇଯାଇଥିଲେ। ଫଳରେ ପ୍ରଭାସିନୀ ଭାରସାମ୍ୟ ହରାଇ ଗାଡିକୁ ରାସ୍ତା କଡରେ ପିଟି ଦେଇଥିଲେ। ଗାଡିରୁ ପଡି ତାଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଟୋରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଗାନ୍ଧୀମାର୍ଗରେ ସିସିଟିଭି କ୍ୟାମେରା ଲାଗିବା ସହ ପୋଲିସ ମୁତୟନ ହୋଇଥିବାବେଳେ ଏପରି ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ପ୍ରଥମ ପୃଷ୍ଠାରୁ...

## ସୋନିଆ,ରାହୁଲଙ୍କ...

ସେଥିରେ ସୋନିଆ ଗାନ୍ଧୀଙ୍କ ସମ୍ପର୍କିତ ପ୍ରଶ୍ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ମିଶେଲଙ୍କ ଓକିଲଙ୍କୁ ପ୍ରତ୍ୟାହାର କରିନେବା ଲାଗି ଇଡି କୋର୍ଟଙ୍କୁ ଅନୁରୋଧ କରିଥିଲା। ତେବେ ଓକିଲ ମିଶେଲଙ୍କୁ ସକାଳେ ଓ ସନ୍ଧ୍ୟାରେ ମାତ୍ର ୧୫ ମିନିଟ ପାଇଁ ଭେଟିପାରିବେ ଏବଂ ତାଙ୍କଠାରୁ ୩ ଫୁଟ ଦୂରରେ ରହିବାକୁ ଅନୁମତି ଦେଇଥିଲେ। ଇଡି ଆଉ ୮ ଦିନ ମିଶେଲଙ୍କୁ ରିମାଣ୍ଡରେ ନେବା ଲାଗି ଆବେଦନ କରିଥିବାବେଳେ କୋର୍ଟ ଏହି ମିଆଦ ସପ୍ତାହେ ବୃଦ୍ଧି କରିଛନ୍ତି।

୩୬୦୦ କୋଟି ଟଙ୍କା ଭିଭିଆଇପି ହେଲିକପ୍ଟର ଦୁର୍ନୀତି ମାମଲାରେ ତିନି ମଧ୍ୟସ୍ଥଙ୍କ ମଧ୍ୟରୁ ମିଶେଲ ଅନ୍ୟତମ। ଉପା ସରକାର ସମୟରେ ଅଗୁଷ୍ଟା ୱେଷ୍ଟଲାଣ୍ଡ କମ୍ପାନୀରୁ ୧୨ଟି ଲକ୍‌ଜ୍ୟୁରୀ ହେଲିକପ୍ଟର କିଣିବା ଲାଗି ଚୁକ୍ତି ହୋଇଥିଲା। ଏହି ଡିଲ୍ କରାଇବା ଲାଗି ମଧ୍ୟସ୍ଥମାନଙ୍କ ଜରିଆରେ ଭାରତର କେତେଜଣ ରାଜନେତା ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଲାଞ୍ଚ ଦିଆଯାଇଥିଲା। ଅଗୁଷ୍ଟା ୱେଷ୍ଟଲାଣ୍ଡଠାରୁ ମିଶେଲ ୨୨୫ କୋଟି ଟଙ୍କା ଲାଞ୍ଚ ନେଇଥିବା ଇଡି ଅଭିଯୋଗ କରିଛି। ଫୌଜଦାରି ମାମଲାରୁ ଛାଡ ପାଇବାକୁ ଚାହୁଁଥିଲେ ସୋନିଆଙ୍କୁ ଅଭିଯୁକ୍ତ କରିବା ଲାଗି ଭାରତୀୟ ଏଜେନ୍ସି ଚାପ ପକାଉଥିବା ମିଶେଲଙ୍କ ଓକିଲ ଗତ ଜୁଲାଇରେ ଅଭିଯୋଗ କରିଥିଲେ।

ଅନ୍ୟ ପକ୍ଷରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ପ୍ରସଙ୍ଗ ନାହିଁ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସରକାର ମିଶେଲଙ୍କ ଉପରେ ଚାପ ପକାଉଛନ୍ତି। ଏହା ସହ ଏକ ନିର୍ଦ୍ଦିଷ୍ଟ ପରିବାରର ନାମ ମିଶେଲଙ୍କ ତୁଣ୍ଡରେ କୁହାଇବା ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡିକୁ ସରକାର ଅସ୍ତ୍ରଭାବେ ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ସେପଟେ ମିଶେଲଙ୍କ ବୟାନ ଏହି ମାମଲାରେ କଂଗ୍ରେସ ଓ ଗାନ୍ଧୀ ପରିବାରର ସମ୍ପୃକ୍ତିକୁ ଦର୍ଶାଉଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି।

## ଶ୍ରୀମନ୍ଦିରରେ...

ଏହି କୁକର୍ମ। ଏ ନେଇ ସିଂହଦ୍ୱାର ଥାନାରେ ପୀଡ଼ିତା ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଛି। ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଏହାର ତଦନ୍ତ କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୁକ୍ତ ନବମ ଆଇଆରବିଏନ୍‌ର କନଷ୍ଟେବଳ ସୁକେଶ ମେହେରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ଯାଜପୁର ଜିଲାର ଗୋଟିଏ ପରିବାର ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ପୂର୍ବାହ୍ନରେ ସେମାନେ ବାହାର କାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ପରିବାରର ଜଣେ ନାବାଳିକା(୧୪)ଙ୍କୁ ଡ୍ୟୁଟିରେ ଥିବା ଜଣେ ପୋଲିସ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ପାଟି କରିବା ସହ ଅସଦାଚରଣ କରିଥିବା ପୋଲିସ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଏହି ସମୟରେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଯବାନ ଖସି ପଳାଇଥିଲେ।

ଅନ୍ୟପକ୍ଷରେ ଏହି ଘଟଣାକୁ ପୋଲିସ ପ୍ରଶାସନ ଗୁରୁତର ସହ ନେଇଥିଲା। ଜଣେ ଅତିରିକ୍ତ ଏସ୍‌ପି ପୀଡ଼ିତାଙ୍କ ବାପାଙ୍କୁ ସାଥୀରେ ନେଇ ସିସିଟିଭି କଣ୍ଟ୍ରୋଲ ରୁମ୍‌କୁ ଯାଇ ଫୁଟେଜ ଯାଞ୍ଚ କରିଥିଲେ। ଅଭିଯୋଗର ସତ୍ୟତା ଜଣାପଡିବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ଅଭିଯୋଗ ହେବା ପରେ ଧାରା ୩୫୪ (କ), ୧୨ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୧୦୨/୧୮) ରୁଜୁ କରାଯାଇଛି। ନିଲମ୍ବିତ କନଷ୍ଟେବଳ ମେହେର ପୋଲିସ ହେପାଜତରେ ଅଛନ୍ତି। ପୁନଶ୍ଚ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିଥିଲେ ମଧ୍ୟ ଘରର ବାକି ରହିଥିବା କାମ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇପାରନ୍ତି। ପ୍ରଶାସନିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଆଜି ଫେରିବା ବାଟରେ ବନ୍ଧୁଙ୍କୁ ଭେଟି କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ କରିପାରନ୍ତି।

**ବୃଷ** ଅଫିସ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ଖଳଲୋକଙ୍କ କଥାରେ ପ୍ରଭାବିତହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବିବାଦର ସମାଧାନ କିମ୍ବା ଅର୍ଥ ସମ୍ପର୍କିତ କାମ ହାସଲରେ ଲାଭବାନ୍ ହେବେ।

**ମିଥୁନ** କୌଣସି ବିଶେଷ ସୂତ୍ରରୁ ଅର୍ଥ ପାଇବା ସକାଶେ ବନ୍ଧୁଙ୍କ ସହ ଆଲୋଚନା ଅବ୍ୟାହତ ରଖିବା ଜରୁରୀ ହୋଇପଡ଼ିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ମନ ଭଲ ନ ଥିବା କାରଣରୁ କୌଣସି କାମରେ ଆପଣଙ୍କ ମନ ସ୍ଥିର ରହିବ ନାହିଁ । ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ମନକୁ ଖୁସୀ କରିଦେଇପାରନ୍ତି।

**କର୍କଟ** କେତେକ କ୍ଷେତ୍ରରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ସେତେଟା ଉତ୍ସାହଜନକ ହେବନାହିଁ। କାର୍ଯ୍ୟବ୍ୟସ୍ତତା କାରଣରୁ ଅନିୟମିତ ଭୋଜନ ଓ ଅନିଦ୍ରାଜନିତ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି।

**ସିଂହ** ସବୁଦିଗରୁ ହଇରାଣ ହେବା ସକାଶେ ମନ ଦୁର୍ଭାବନାରେ ବୁଡ଼ି ରହିବ। କୌଣସି ପ୍ରତିକାରର ଆଶା ନ ଥିବାରୁ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ କଟାଇବେ।

**କନ୍ୟା** କୌଣସି କାମରେ ଆପଣଙ୍କର ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଅଫିସରେ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ହତଚକିତ ହେବେ। ଭାବପ୍ରବଣତାବଶତଃ ବହୁ ଲୋକଙ୍କ ଗହଣରେ କିଛି ଗୁମର କଥା ପ୍ରକାଶ କରି ଅପଦସ୍ଥ ହୋଇପାରନ୍ତି।

**ତୁଳା** ଆନୁଷ୍ଠାନିକ କାମରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପୂର୍ବରୁ ଲାଗି ରହିଥିବା କ୍ରନିକ୍ ରୋଗରେ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ରହିବାକୁ ବାଧ୍ୟ ହେବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରି ଖୁସୀ ରହିବେ।

**ବିଛା** ମନ କଥା ମନ ଭିତରେ ରଖି ପରିବାରରେ ଆଡଜଷ୍ଟ ହୋଇ ଚଳିବାକୁ ବାଧ୍ୟ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ, ଶିଳ୍ପକ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ଅନ୍ୟମାନଙ୍କ ସାହାଯ୍ୟ ନେଇ କାମଟିକୁ ଶେଷ କରିବା ପାଇଁ ବହୁ ହଇରାଣ ହରକତ ହୋଇପାରନ୍ତି। ଭ୍ରମଣକାଳରେ ନିର୍ଦ୍ଦିଷ୍ଟ କାମରେ ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଅଭାବ ଓ ସଂଘର୍ଷମୟ ସ୍ଥିତି ହେତୁ ଅଧିକାଂଶ ମାନସିକ ସ୍ଥିତି ଭଲ ରହିବ ନାହିଁ । ଅତି ଭଲ ପାଉଥିବା ବ୍ୟକ୍ତ ସହ ସମ୍ପର୍କ ହାନି ଘଟିପାରେ। କଠିନ ଶ୍ରମ ସାଙ୍ଗକୁ କାର୍ଯ୍ୟବ୍ୟସ୍ତତା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ।

**ମକର** ହାତକୁ ନେଇଥିବା କାମ ସହଜରେ ସମ୍ପନ୍ନ ହେବା ଆଶା କ୍ରମଶଃ ମଉଳିଯିବ। ସରକାରୀ କ୍ଷେତ୍ରରୁ ଅର୍ଥ ସାହାଯ୍ୟ ପାଇବାରେ ଆକସ୍ମିକ କୌଣସି ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ । ନିକଟ ସମ୍ପର୍କୀୟ ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଘରୋଇ କ୍ଷେତ୍ରରେ ପରିସ୍ଥିତିବଶତଃ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ।

**କୁମ୍ଭ** କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପିତ ହେବା ଉଜ୍ଜ୍ୱଳ ଆଶା ରହିଛି। ଆଜି ଯେତିକି ପାଇବେ ତା'ଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟହେବେ। ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାରି କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ବନ୍ଧୁଙ୍କ ବିରୋଧାତ୍ମକ କଥା ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳିଯାଇପାରେ। ସ୍ୱତନ୍ତ୍ରଭାବେ ଆମନ୍ତ୍ରିତ ହୋଇ ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗନେଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ।

ଆଜି ପୌଷ କୃଷ୍ଣ ନବମୀ ରବିବାର, ଡିସେମ୍ବର ୩୦ ତାରିଖ, ଦିବା ଘ୯।୨୩ମି. ପର୍ଯ୍ୟନ୍ତ ରାଶି ନକ୍ଷତ୍ର, ହସ୍ତା/କନ୍ୟା, ମେଷ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୪୮ମି. ଗତେ ଘ୯।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୯।୦୯ମି. ଗତେ ଘ୧୦।୩୦ମି. ମଧ୍ୟେ, ଘ୧।୧୨ମି. ଗତେ ଘ୨।୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୫୨ମି. ଗତେ ଘ୫।୧୪ମି. ମଧ୍ୟେ ରାହୁକାଳ।

# ହରିପୁରଗଡ଼ ହେବ ଜାତୀୟସ୍ତରୀୟ ପର୍ଯ୍ୟଟନସ୍ଥଳୀ

- ମୋଦିଙ୍କ ଗସ୍ତ ପୂର୍ବରୁ ଭାଜପା ଶିବିର ଚଳଚଞ୍ଚଳ
- ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ବାରିପଦା ଅଫିସ,୨୯।୧୨

ମୟୂରଭଞ୍ଜ ଗଡଜାତର ପୂର୍ବତନ ରାଜଧାନୀ ହରିପୁରଗଡକୁ ଜାତୀୟସ୍ତରୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବ। ଏଥିନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତ ସମୟରେ ଏ ସମ୍ପର୍କରେ ସୂଚନା ଦେବେ । ବାରିପଦା ଛଉ ପଡିଆଠାରେ ପ୍ରଧାନମନ୍ତ୍ରୀ ସମବେତ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହିତ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବାରିପଦା ଗସ୍ତରେ ଆସି ଏହା କହିଛନ୍ତି। ସେ ଛଉ ପଡିଆ ଆସି ସଭାସ୍ଥଳ ପରିଦର୍ଶନ କରିଥିଲେ। ପରେ ପ୍ରଦକ୍ଷଣ ଗୃହକୁ ଯାଇ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ମନ୍ତ୍ରୀ ପ୍ରଧାନ ଶନିବାର ଅପରାହ୍ଣରେ ହେଲିକପ୍ଟର ଯୋଗେ ଆସି ବାରିପଦା ପୋଲିସ ରିଜର୍ଭ ପଡିଆରେ ଓହ୍ଲାଇଥିଲେ। ସେଠାରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛଉ ପଡିଆ ବୁଲି ଦେଖୁଛନ୍ତି।

ଭାଜପା କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଦକ୍ଷଣ ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ୫ ତାରିଖ ଅପରାହ୍ଣ ଦେଢଟାରୁ ଦୁଇଟା ମଧ୍ୟରେ ବାରିପଦା ଛଉ ପଡିଆରେ ପହଞ୍ଚିବେ। ଉକ୍ତ ଦିନ ଆୟୋଜିତ ସରକାରୀ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି-ଗୋରୁମହିଷାଣି ଏବଂ ବୁଢ଼ାମରା-ଚାକୁଳିଆ ମଧ୍ୟରେ ରେଳ ପ୍ରକଳ୍ପ ତୁରନ୍ତ ମଞ୍ଜୁର କରିବା ଏବଂ ଏଥିପାଇଁ ଆବଶ୍ୟକ ଜମି ବିନା ମୂଲ୍ୟରେ ଯୋଗାଇ ଦେବା ପାଇଁ ରେଳମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି। ଏହାକୁ କେନ୍ଦ୍ର ସରକାର କିପରି ଗ୍ରହଣ କରୁଛନ୍ତି ବୋଲି ପଚରାଯିବାରୁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଛ ତେଲରେ ମାଛ ଭାଜିବା ଭଳି କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ବହୁ ପୂର୍ବରୁ ଖୋର୍ଦ୍ଧା- ବଲାଙ୍ଗୀର ରେଳପଥକୁ ମାଗଣା ଜମି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜମି ପ୍ରଦାନ କରାଯାଇ ପାରି ନାହିଁ ବୋଲି କହିଥିଲେ। ସେହିପରି ମୟୂରଭଞ୍ଜ ଜିଲାରେ ଥିବା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ମଠ, ମନ୍ଦିର ଏବଂ ସେବାୟତ ଅବହେଳାର ଶିକାର ହେଉଥିବା ନେଇ ମନ୍ତ୍ରୀ ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଥିଲେ। ମନ୍ତ୍ରୀ ମଧ୍ୟ ଏ ଦିଗରେ ସମ୍ପୃକ୍ତ ବିଭାଗ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଜିବନ ସାହୁ, ରାଜ କିଶୋର ଦାସ ଓ ଜିଲା ପରିଷଦ ସଭାପତି ସୁଜାତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋତାଶ୍ରୟରୁ ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା



**କୋଲକାତା,୨୯।୧୨ (ପି.ଟି.):** ଏକ ଅପ୍ରତ୍ୟାଶିତ ଘଟଣା କ୍ରମେ କୋଲକାତାର ଏକ ପୋତାଶ୍ରୟରୁ ପଙ୍କ ଓ ମାଟି ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ୧ ହଜାର ପାଉଣ୍ଡର ବୋମା ମିଳିଛି। ଏହା ୪.୫ ମିଟର ଲମ୍ବ ହୋଇଥିବାବେଳେ ସେଥିରେ ଆମେରିକା ଆର୍ମି ଉଲ୍ଲେଖ ରହିଛି। ନେତାଜୀ ସୁଭାଷ ବୋଷ ପୋତାଶ୍ରୟ ବର୍ଥ-୨ରେ ମେଶିନ୍ ଦ୍ୱାରା ନିଷ୍କାସନ କାର୍ଯ୍ୟ କରାଯାଉଥିବା ବେଳେ ବୋମାକୁ ଠାବ କରାଯାଇଥିଲା। ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ଅଧିକ ଛାନ୍‌ଭିନ୍ କରାଯାଉଛି। ଏହା ଆମେରିକା ତିଆରି ବୋମା ବୋଲି ନୌସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୋତାଶ୍ରୟରେ ଉକ୍ତ ବୋମା ପଡ଼ିରହିଛି। ଗୋଳାବାରୁଦ କାରଖାନା ଅଧିକାରୀଙ୍କ ସହାୟତାରେ ଏହାକୁ ନିଷ୍କ୍ରିୟ କରାଯାଇ ସଂରକ୍ଷିତ ରଖାଯିବ ବୋଲି କୋଲକାତା ପୋର୍ଟ ଟ୍ରଷ୍ଟ ସୁରକ୍ଷା ପରାମର୍ଶଦାତା ଗୌତମ ଚକ୍ରବର୍ତ୍ତୀ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ବିମାନରୁ ଏଭଳି ବୋମା ନିର୍ଦ୍ଦିଷ୍ଟ ଏକ ଉଚ୍ଚତାରୁ ଟାର୍ଗେଟ୍ ସ୍ଥଳକୁ ନିକ୍ଷେପ କରାଯାଉଥିଲା। ଏହି ବୋମାକୁ ନେଇ ଆତଙ୍କିତ ନ ହେବାକୁ ପଶ୍ଚିମବଙ୍ଗ ନୌସେନା ଅଧିକାରୀ-ଇନ୍-ଚାର୍ଜ ସୁପ୍ରୋଭୋ କେ. ଦେ ଜଣାଇଛନ୍ତି।

### ଶ୍ରୀମନ୍ଦିର ପରିଚାଳନାକୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ଗତ ଗୁରୁବାର ଶ୍ରୀମନ୍ଦିର ସେବାୟତ ଏବଂ ପୋଲିସ ବିବାଦକୁ ନେଇ ସେବାୟତମାନେ ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କଲେ, ଏହା ସମଗ୍ର ଓଡ଼ିଆ ଜାତିକୁ ଜାତୀୟସ୍ତରରେ ନିନ୍ଦିତ କରିଛି। ଉକ୍ତ ବିବାଦର ସମାଧାନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ୧୨ ଘଣ୍ଟା ଲାଗିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ୧୨ ଘଣ୍ଟା କାଳ ମହାପ୍ରଭୁ ଉପାସ ରହିଲେ। ପୋଲିସ-ସେବାୟତ ବିବାଦ କାରଣରୁ ଦେଶ ବିଦେଶରୁ ଆସିଥିବା ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହେଲେ। ସେବାୟତମାନଙ୍କ ବିରୋଧରେ କହିବାର ଉଦ୍ଦେଶ୍ୟ କଂଗ୍ରେସ ଦଳର ନାହିଁ। ହେଲେ ଶ୍ରୀମନ୍ଦିର ପ୍ରଶାସନ ଯଦି ଠିକ୍ ସମୟରେ ପଦକ୍ଷେପ ଗ୍ରହଣ କରିଥିଲେ ଏଭଳି ଘଟଣା ଘଟି ନ ଥାନ୍ତା। ସରକାର ନିଜର ସଫଳତା ପାଇଁ ବାହାବା ନେଉଥିବାବେଳେ ତ୍ରୁଟି ପରିଚାଳନା ପାଇଁ ଉତ୍ତରଦାୟିତ୍ୱ ବହନ କରୁନାହାନ୍ତି କାହିଁକି। ଏପରି କି ଶ୍ରୀମନ୍ଦିରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କଠାରୁ ଉପଦେଶ ନେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି। ସୁପ୍ରିମ୍‌କୋର୍ଟ ଦେଇଥିବା ସୁପାରିସ୍‌କୁ ମଧ୍ୟ କାର୍ଯ୍ୟକାରୀ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନିଶିକାନ୍ତ କହିଛନ୍ତି। ସେହିପରି ବିଗତ ଦିନରେ ଦାରୁ ଚୟନଠାରୁ ଆରମ୍ଭ କରି ବ୍ରହ୍ମ ବିଭ୍ରାଟ ପର୍ଯ୍ୟନ୍ତ ସମସ୍ତ ଘଟଣାରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଛି। ମହାପ୍ରଭୁଙ୍କୁ ନେଇ ସରକାର ମଧ୍ୟ ବେପାର କରିବାରେ ଅବହେଳା କରିନାହାନ୍ତି। ଏପରି କି ମୁଷ୍ଟିମେୟ ସେବାୟତଙ୍କ ଆଗରେ ସରକାର ଏକପ୍ରକାର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ନିଶିକାନ୍ତ ଅଭିଯୋଗ କରିଛନ୍ତି।

### ୨ ଲକ୍ଷ ଟଙ୍କାର ନକଲି ମଦ ଜବତ

ଢେଙ୍କାନାଳ ଅଫିସ,୨୯।୧୨: ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ଗୁଜୁରିହାଟସ୍ଥିତ ଏକ ନକଲି ମଦ କାରଖାନା ଉପରେ ଶନିବାର ଭୋର୍ ସମୟରେ ଚଢ଼ାଉ କରିଛି ଅବକାରୀ ବିଭାଗ। ଚଢ଼ାଉବେଳେ ପୋଲିସ ସହାୟତାରେ ୨ ଲକ୍ଷ ଟଙ୍କାର ମଦ ଜବତ କରାଯିବା ସହ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ଏଥିସହ ଏହାର ମୁଖ୍ୟ ଅଭିଯୁକ୍ତ ରଞ୍ଜନ ଗୁରୁ(୩୩)ଙ୍କୁ ବିଭାଗ ଗିରଫ କରିଛି। ୨ ବର୍ଷ ଧରି ଏଠାରେ ନକଲି ମଦ କାରଖାନା ଚାଲିଥିବାବେଳେ କିଭଳି ପୋଲିସ ପ୍ରଶାସନ ତଥା ବିଭାଗ ଏ ବିଷୟରେ ଜାଣିପାରିଲାନି ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଗୁଜୁରିହାଟଠାରେ ନକଲି ମଦ କାରଖାନା ଚାଲୁଥିବା ଖବରପାଇ ଅବକାରୀ ଅଧୀକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତି, ଏସ୍‌ଆଇ ସ୍ୱପ୍ନାରାଣୀ ସାହୁ, ବିଜୟ କୁମାର ଭଞ୍ଜ, ଭକ୍ତବତ୍ସଳ ବର୍ମା ପ୍ରମୁଖ ଭୁବନ ତହସିଲଦାର ଶକ୍ତିକାନ୍ତ ରାୟଙ୍କ ଉପସ୍ଥିତିରେ ଏପିଆର ପୋଲିସ ଫୋର୍ସଙ୍କ ସହାୟତାରେ ଭୋର୍ ୫ଟାରେ ଚଢ଼ାଉ କରିଥିଲେ।

## ରେବସା ମଠ: ଖାଲି ଘର ସିଲ୍ କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୨୯।୧୨

ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ରେବସା ମଠର ଖାଲି ଘରକୁ ସିଲ୍ କରିଛି ଶ୍ରୀମନ୍ଦିର ପ୍ରଶାସନ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶ୍ରୀମନ୍ଦିର କର୍ମଚାରୀ, ମାଜିଷ୍ଟ୍ରେଟ, ଚକବନ୍ଦୀ ଅଧିକାରୀ, ମନ୍ଦିର ଅମିନ, ତତ୍ତ୍ୱାବଧାରକ ପ୍ରମୁଖ ମଠକୁ ଯାଇ ଘରଗୁଡ଼ିକ ତାଲା ପକାଇବା ସହ ସିଲ୍ କରିଛନ୍ତି। ଏହା ବ୍ୟତୀତ ମଠକୁ ଜଗିବା ପାଇଁ ୨ ଜଣ ଜେଟିପିଙ୍କୁ ମୁତୟନ କରାଯାଇଥିବା ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ ସୂଚନା ଦେଇଛନ୍ତି। ଶ୍ରୀକ୍ଷେତ୍ରର ଅନ୍ୟତମ ପୁରାତନ ମଠ ରେବସା। ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ କୋଇଲି ବୈକୁଣ୍ଠ ଉପବନ ସମ୍ମୁଖରେ ଅବସ୍ଥିତ ଶ୍ରୀରାମାନୁଜ ସମ୍ପ୍ରଦାୟର ଏହି ମଠ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି। ନା ଅଛନ୍ତି ଠାକୁର ନା ରହିଛି ମଠର ଅସ୍ତିତ୍ୱ। ଦୀର୍ଘଦିନ ହେବ ମଠର ଇଷ୍ଟଙ୍କୁ କେହି ଗାଏବ୍ କରି ନେଇଥିବା ବେଳେ ମହନ୍ତ ଅନ୍ୟ ମଠରେ ଆଶ୍ରୟ ନେଇଛନ୍ତି। ସଞ୍ଜ ନଇଁଲେ ମଠରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ମଠର କୋଠାଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ପରିସରରେ ଗଛଲତା ମାଡ଼ିଗଲାଣି। ସୂଚନାଥାଉ କି, ଗତ ମାସ ୧୫ ତାରିଖରେ ମଠର ଏପରି ଅବସ୍ଥା ନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା।

## ମେଘାଳୟ କୋଇଲା ଖଣିରେ ଫସିଛନ୍ତି ଶ୍ରମିକ
# ଉଦ୍ଧାର କାର୍ଯ୍ୟରେ ନୌସେନା

ଶିଲଂ,୨୯।୧୨(ପି.ଟି.)



ମେଘାଳୟର କୋଇଲା ଖଣିରେ ଦୀର୍ଘ ୧୭ ଦିନ ହେଲା ଫସି ରହିଥିବା ୧୫ ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟରେ ଶନିବାର ନୌସେନା ସାମିଲ ହୋଇଛି। ବିଶାଖାପାଟଣାରୁ ଆସିଥିବା ୧୫ ଜଣିଆ ନୌସେନା ବୁଡାଳି ଟିମ୍ ରିକମ୍ପ୍ରେସନ ଚାମ୍ବର ସମେତ ବିଭିନ୍ନ ସ୍ୱତନ୍ତ୍ର ଡାଇଭିଂ ଉପକରଣ ସହ ପୂର୍ବ ଜୟନ୍ତିଆ ହିଲ୍ସ ଜିଲାର ଲୁମଥାରି ଗ୍ରାମରେ ଥିବା ଉକ୍ତ ଖଣି ମଧ୍ୟରେ ପ୍ରବେଶ କରିଛନ୍ତି। ଭୁବନେଶ୍ୱରରୁ ୧୦ଟି ଉଚ୍ଚ କ୍ଷମତାସମ୍ପନ୍ନ କିର୍ଲୋସ୍କର ପମ୍ପ ସହ ଯାଇଥିବା ଅଗ୍ନିଶମ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। କୋଲ୍ ଇଣ୍ଡିଆ ଆଉ ୮ଟି ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଆଣୁଛି। ତେବେ ଏପର୍ଯ୍ୟନ୍ତ ଶ୍ରମିକମାନଙ୍କ କୌଣସି ଖୋଜଖବର ମିଳିନାହିଁ। ବୁଡାଳିମାନେ ଖଣି ଭିତରୁ କେବଳ ୩ଟି ହେଲମେଟ୍ ପାଇଛନ୍ତି। ୩୭୦ ଫୁଟ ଗଭୀରରେ ଥିବା ଏହି ବେଆଇନ କୋଇଲା ଖଣି ଭିତରକୁ ଗତ ୧୩ ତାରିଖରେ ୨୨ ଜଣ ଶ୍ରମିକ ଯାଇଥିଲେ। ଖଣି ଭିତରକୁ ପାଣି ପଶିବା ଦେଖି ୭ ଜଣ କୌଣସି ପ୍ରକାରେ ବାହାରି ଆସିଥିବାବେଳେ ୧୫ ଜଣ ସେଠାରେ ରହିଯାଇଥିଲେ। ସେମାନେ ଜୀବିତାବସ୍ଥାରେ ଫେରିବା ସମ୍ଭାବନା ନାହିଁ ବୋଲି ଖସିଆସିଥିବା ଶ୍ରମିକ ସାହିବ୍ ଅଲି କହିଛନ୍ତି। ସେ ୫/୬ ଫୁଟ ଗଭୀରରେ ଥିଲେ। ଖଣି ଭିତରୁ ପବନ ଆସିବା ଏବଂ ପାଣି ପଶିବା ଶବ୍ଦ ଶୁଣି ସେ ବାହାରି ଆସିଥିଲେ ବୋଲି କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୨୯।୧୨

ଜଣେ ୧୬ ବର୍ଷୀୟା ଅନୁସୂଚିତ ଜାତି ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲା ବ୍ରହ୍ମପୁର ସଦରଥାନା ପୋଲିସ ଶନିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକ ହେଲେ ପିଣ୍ଟୁ ସାହୁ (୨୧)।

ପ୍ରକାଶଯେ, ଗତ ୧୯ ଅପରାହ୍ଣରେ ନାବାଳିକା ନିଜ ଘରକୁ ଫେରୁଥିବାବେଳେ ରାସ୍ତାରେ ପିଣ୍ଟୁ ତାଙ୍କୁ ଅଟକାଇଥିଲେ। ଏକୁଟିଆ


ପିଣ୍ଟୁ ସାହୁ

ଥିବାରୁ ନିକଟରେ ଥିବା ଆମ୍ବତୋଟାକୁ ନେଇ ସେଠାରେ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ଗାଁ ନିକଟସ୍ଥ ଆମ୍ବତୋଟାରେ ପିଣ୍ଟୁଙ୍କ ବାଇକ୍ ଦେଖି ସନ୍ଦେହରେ ସେଠାକୁ ଯାଇଥିଲେ। ହେଲେ ପିଣ୍ଟୁ ହଠାତ୍ କେଉଁଆଡେ ଫେରାର ହୋଇଯାଇଥିଲେ। ପୀଡିତାଙ୍କ ବାପା ୨୦ ତାରିଖରେ ସଦରଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ନଂ. ୩୦୨/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଶନିବାର ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିଥିଲା।

## ଫସଲ ହାନି, ଋଣବୋଝ ଚିନ୍ତା
# ଆଖି ବୁଜିଲେ ଚୈତନ୍ୟ

ବାଙ୍କୀ,୨୯।୧୨(ସ୍ୱ.ପ୍ର.)

ଫସଲ ହାନି ଓ ଋଣବୋଝ ଚିନ୍ତାରେ ବିଷ ପିଇଥିବା ଜଣେ ଚାଷୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଡମପଡ଼ା ବ୍ଲକ କୁସୁପଙ୍ଗୀ ଗ୍ରାମର ଚୈତନ୍ୟ ପରିଡ଼ା(୫୫)। ଚୈତନ୍ୟ ଋଣ କରି ବିଭିନ୍ନ ଫସଲ କରିଥିଲେ। କିଛି ଦିନ ତଳେ ବାତ୍ୟା ପେଥାଇ ପ୍ରଭାବରେ ତାଙ୍କର ଅନେକ ଫସଲ ନଷ୍ଟ ହୋଇଯାଇଥିଲା। ଯାହା ବଞ୍ଚିଥିଲା କୁହୁଡି ପ୍ରଭାବରେ ପୋକ ଲାଗିବାରୁ ସେ ସବୁ ନଷ୍ଟ ହୋଇଗଲା। ତେଣୁ ଚୈତନ୍ୟ କିପରି ଋଣ ଶୁଝିବେ ସେହି ଚିନ୍ତାରେ ଥିଲେ। କୌଣସି ଉପାୟ ନ ପାଇ ଗତ ୨୦ ତାରିଖରେ ନିଜ ଖେତରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଖେତରେ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଚାଷୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତର ଫେରାଇ ଦେଇଥିଲେ। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଶୁକ୍ରବାର ତାଙ୍କୁ ଘରକୁ ନେଇ ଆସିଥିଲେ। ଶନିବାର ସକାଳୁ ଚୈତନ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡି ଯିବାରୁ ପରିବାର ଲୋକେ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଋଣ ଭାର ଯୋଗୁ ଚୈତନ୍ୟ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହାସହ ପୋଲିସ ମାମଲା ନଂ-୩୩୬/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମାଓବାଦୀ ମୁକାବିଲାରେ ମିଳିଛି ସଫଳତା

- ୯ ମାସରେ ୫୩ ଥର ମାଓବାଦୀ-ପୋଲିସ ମୁହାଁମୁହିଁ
- ୧୯ ମାଓବାଦୀ, ୧୨ ସାଧାରଣ ଲୋକ, ଜଣେ ଯବାନ ମୃତ
- କେନ୍ଦ୍ର ସରକାରଙ୍କୁ ମଗାଯାଇଛି ହେଲିକପ୍ଟର

କଟକ ଅଫିସ, ୨୯।୧୨

ମାଓବାଦୀ ଦମନ କ୍ଷେତ୍ରରେ ଚଳିତବର୍ଷ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡା ଜିଲାକୁ ବାଦ୍ ଦେଲେ ଓଡ଼ିଶାର ଆଉ କେତେକ ଜିଲାରୁ ମାଓବାଦୀ କାର୍ଯ୍ୟକଳାପ କମିଯାଇଛି। ତେଣୁ କେନ୍ଦ୍ର ସରକାର ଓଡ଼ିଶାର ୧୯ଟି ମାଓବାଦୀ ଉପଦ୍ରୁତ ଜିଲା ମଧ୍ୟରୁ ୪ଟିକୁ ବାଦ୍ ଦେଇଛନ୍ତି। ଏବେ ଏହି ସଂଖ୍ୟା ୧୫ରେ ପହଞ୍ଚିଛି ବୋଲି ଶନିବାର ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଆଇପିଏସ୍ ମେସ୍ ହଲରେ ଏକ ଖବରଦାତା ସମ୍ମିଳନୀରେ ଡିଜିପି କହିଛନ୍ତି, ୨୦୧୮-୧୯ର ଗତ ୯ ମାସରେ ୫୩ ଥର ମାଓବାଦୀ-ପୋଲିସ ମୁହାଁମୁହିଁ ହୋଇଥିବା ବେଳେ ମାଲକାନଗିରି ଜିଲାରେ ସର୍ବାଧିକ ୨୩ ଥର ମୁହାଁମୁହିଁ ହୋଇଛନ୍ତି। ମାଓବାଦୀ ହିଂସାରେ ୧୨ ଜଣ ସାଧାରଣ ଲୋକ ପ୍ରାଣହରାଇ ଥିବା ବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। ପୋଲିସ ସହ ଗୁଳି ବିନିମୟରେ ୧୯ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୯ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ୨୭ ମାଓବାଦୀ ଆତ୍ମ ସମର୍ପଣ କରିଥିବା ବେଳେ ଏକେ-୪୭, ଏସ୍‌ଏଲ୍‌ଆର, ଇନ୍‌ସାସ୍, ୩୦୩ ବନ୍ଧୁକକୁ ମିଶାଇ ମୋଟ ୪୦ଟି ବନ୍ଧୁକ ଜବତ କରାଯାଇଛି। ଏବେ ଓଡ଼ିଶାରେ ମାଓବାଦୀ ମୁକାବିଲା ପାଇଁ ୮ ବିଏସ୍‌ଏଫ୍ ଏବଂ ୮ ସିଆରପିଏଫ୍ ବାଟାଲିୟନ ସହିତ ୪୧ ଏସ୍‌ଓଜି ଦଳ, ୫୬ ଆଇଆରବି ପ୍ଲାଟୁନ୍, ୭୪ ଏସ୍‌ଏସ୍‌ବି ପ୍ଲାଟୁନ୍, ୧୮ ପ୍ଲାଟୁନ୍ ଓଏସ୍‌ଏସ୍‌ଏଫ୍, ୮୪୮ ଜଣ ଡିଭିଏଫ୍ ଯବାନ ମୁତୟନ ଅଛନ୍ତି। ଗମନାଗମନର ସୁବିଧା ନ ଥିବା ଯୋଗୁ କୋରାପୁଟ, ମାଲକାନଗିରି, କନ୍ଧମାଳ ଭଳି ଜିଲାରେ ମାଓବାଦୀଙ୍କୁ ମୁକାବିଲା କରିବା ସହଜ ହେଉନାହିଁ। ତେଣୁ ଓଡ଼ିଶା ପୋଲିସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ କୁହାଯାଇଛି। ଯଦି କେନ୍ଦ୍ର ସରକାର ହେଲିକପ୍ଟର ଦିଅନ୍ତି, ତାହା କୋରାପୁଟ ଜିଲାରେ ରହିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

## ଖଣ୍ଡାରେ ହାଣି ଯୁବକଙ୍କୁ ହତ୍ୟା

ବୁଗୁଡା,୨୯।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବୁଗୁଡା ଥାନା ଗୋଳିଆ ବଡସାହିରେ ଶନିବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ସେ ହେଲେ ଗୋଳିଆ ବଡସାହିର ମିନକେତନ ସାମଲ (୪୫)। ସେ ବଡସାହିର କୋଠଘରେ ରାତିରେ ବସି କେତେଜଣ ଲୋକଙ୍କ ସହ କଥା ହେଉଥିଲେ। ହଠାତ୍ ଗାଁର ଜଣେ ଯୁବକ ଆସି କୌଣସି କାରଣରୁ ମିନକେତନଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ସାଙ୍ଗରେ ଆଣିଥିବା ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ମିନକେତନଙ୍କୁ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ବୁଗୁଡା ପୋଲିସ ପହଞ୍ଚି ଅନୁସନ୍ଧାନ ଚଳାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି।

## ବାପାଙ୍କୁ ହତ୍ୟା କଲେ ପୁଅ


ଘଟଣାସ୍ଥଳରେ ପୋଲିସର ତଦନ୍ତ ।

ଭଣ୍ଡାରିପୋଖରୀ, ୨୯।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଓ ଧାମନଗର ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଶନିବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ବାପ ପୁଅଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେବାରୁ କଟୁରୀରେ ହାଣି ବାପାଙ୍କୁ ହତ୍ୟା କରିଛନ୍ତି ପୁଅ। ମୃତକ ହେଲେ ଘନଶ୍ୟାମ ପାତ୍ର(୫୫)। ଘନଶ୍ୟାମଙ୍କୁ ହତ୍ୟା କରିବା ପରେ କମଳାକାନ୍ତ ଫେରାର ହୋଇଯାଇଛନ୍ତି। ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲା।

ଘନଶ୍ୟାମଙ୍କ ସ୍ତ୍ରୀଙ୍କ କହିବା ଅନୁସାରେ, କମଳାକାନ୍ତ ବାଙ୍ଗାଲୋରରେ ରହୁଥିବାବେଳେ ମାସକ ତଳେ ଘରକୁ ଆସିଥିଲେ। ସେ ବାଙ୍ଗାଲୋରକୁ ନ ଫେରିବାକୁ ନେଇ ଗତ କିଛିଦିନ ଧରି ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଆସୁଥିଲା। ଶନିବାର ଏହାକୁ କେନ୍ଦ୍ରକରି କମଳାକାନ୍ତ କଟୁରୀରେ ଘନଶ୍ୟାମଙ୍କୁ ଆକ୍ରମଣ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଥିଲା। ରାତି ହୋଇଯିବାରୁ ବ୍ୟବଚ୍ଛେଦ ହୋଇପାରି ନାହିଁ। ଘନଶ୍ୟାମଙ୍କ ସାନପୁଅ କାହ୍ନୁଚରଣ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୧୯/୧୮) ରୁଜୁ କରି ତଦନ୍ତ ଚଳାଇଛି। ଧାମନଗର ଥାନାଧିକାରୀ ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କମଳାକାନ୍ତଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରି ନ ଥିବା ସୂଚନା ଦିଆଯାଇଛି।

## ଗୋଟିଏ ନେଟ୍‌ୱର୍କରେ ଯୋଡ଼ିହେବ ସମସ୍ତ ଥାନା

- ଜୁନ୍ ଶେଷ ସୁଦ୍ଧା ବିନା କାଗଜପତ୍ରରେ ହେବ କାର୍ଯ୍ୟ
- ୬୬୮୪ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି

କଟକ ଅଫିସ, ୨୯।୧୨

ଓଡ଼ିଶା ପୋଲିସର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୨୦୧୮-୧୯ବର୍ଷ ପାଇଁ ୬୮କୋଟି ୯୧ ଲକ୍ଷ ଟଙ୍କାର ବଜେଟ୍ କରିଥିଲେ। ଫଳରେ ଓଡ଼ିଶାର ସମସ୍ତ ଥାନାକୁ ୪ଚକିଆ ଭ୍ୟାନ୍ ଯୋଗାଇ ଦିଆଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀମାନଙ୍କୁ ବାଇକ୍ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ଶିବିର, ଫରେନ୍‌ସିକ୍ ଲ୍ୟାବ, ମଡର୍ନ କଣ୍ଟ୍ରୋଲ ରୁମ୍, ସିସିଟିଭି, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହିତ ଅନ୍ୟାନ୍ୟ ଉପକରଣ କିଣିବା ଭଳି କ୍ଷେତ୍ରରେ ବିକାଶ ହୋଇଛି। ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଶନିବାର ଓଡ଼ିଶା ପୋଲିସର ବାର୍ଷିକ ଅପରାଧ ବିବରଣୀ ପ୍ରଦାନ କରି ଏହି ତଥ୍ୟ ଦେଇଛନ୍ତି।

ଆଇଟି କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୩୯କୋଟି ଟଙ୍କାର ଏକ ୫ ବର୍ଷିଆ ଯୋଜନା କରାଯାଇଛି। ଚଳିତବର୍ଷ ସରକାର ୨୧କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଭାରତନେଟ୍ ଜରିଆରେ ଓଡ଼ିଶାର ସମସ୍ତ ଥାନା ଏବଂ ପୋଲିସର ଅନ୍ୟାନ୍ୟ ଅଫିସ୍‌ଗୁଡିକୁ ଗୋଟିଏ ନେଟୱର୍କରେ ଯୋଡିବା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ୧୭ ଜିଲାରେ ଏହି କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୦୨୦ ସୁଦ୍ଧା ସମସ୍ତ ଜିଲାର କାର୍ଯ୍ୟ ଶେଷ ହୋଇଯିବ। ସମସ୍ତ ଥାନାରେ ଭିଡିଓ କନ୍‌ଫେରନ୍ସିଂର ସୁବିଧା କରାଯିବ। କମ୍ପ୍ୟୁଟର ମାଧ୍ୟମରେ ସମସ୍ତ କାର୍ଯ୍ୟ କରିବା ପାଇଁ ଓଡ଼ିଶା ପୋଲିସ ଏକ ନୂତନ ସଫ୍ଟୱେର ତିଆରି କରି ସାରିଛି। ୨୦୧୯ ଜୁନ୍ ଶେଷ ସୁଦ୍ଧା ସମସ୍ତ ଥାନାରେ ବିନା କାଗଜପତ୍ରରେ କାର୍ଯ୍ୟ ହେବ। ଏଥିପାଇଁ ସମସ୍ତ ଜିଲା ଏସ୍‌ପି ଓ ଡିସିପିମାନଙ୍କୁ ଅବଗତ କରାଯାଇଥିବା ଡିଜିପି କହିଛନ୍ତି।

ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ମୋଟ ୬୬୮୪ ଏକରର ଗଞ୍ଜେଇ ଚାଷ ଜମିକୁ ପୋଲିସ ନଷ୍ଟ କରିଥିବା ବେଳେ ୭୦୪ କୁଇଣ୍ଟାଲ ଗଞ୍ଜେଇ ସହ ୯୮୯ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଛି ବୋଲି ଡିଜିପି କହିଛନ୍ତି।

ଆସନ୍ତାବର୍ଷର ପୋଲିସ ଆଭିମୁଖ୍ୟ ଉପରେ ଡିଜିପି କହିଲେ, ଫରେନ୍‌ସିକ୍ ତଦନ୍ତକୁ ଗୁରୁତ୍ୱ, ସିସିଟିଏନ୍‌ଏସ୍ ପୋର୍ଟାଲର ଉନ୍ନତି ସହ ଅଧିକ ମାତ୍ରାରେ ସିସିଟିଭି ଲଗାଇବା ବ୍ୟବସ୍ଥା କରାଯିବ ବୋଲି ଡିଜିପି କହିଛନ୍ତି।

# ବିକାଶର ଚାବିକାଠି



ଆକାର ପଟେଲ

ମୁଁ ଏ ନିବନ୍ଧ ଜାପାନ ଓ କୋରିଆରୁ ଲେଖୁଛି ଏବଂ ଉଭୟ ଦେଶ ହେଉଛି ଆମ ପରି ପ୍ରାଚୀନ ଏସୀୟ ସଂସ୍କୃତିର ଦେଶ। ଏହି ଅବସରରେ ଆମକୁ ସେମାନଙ୍କ ସହ ତୁଳନା କରିବାର ଏକ ଅବସର ମିଳିଛି। ବର୍ତ୍ତମାନ କୋରିଆର ମୁଣ୍ଡପିଛା ଆୟ ଭାରତର ଛଅଗୁଣ ଓ ଜାପାନର ମୁଣ୍ଡପିଛା ଆୟ ଭାରତର ସାତଗୁଣ। ଆମର ଓ ସେମାନଙ୍କ ଭିତରେ ପାର୍ଥକ୍ୟ କିଛି ଦଶନ୍ଧି ତଳେ ଏତେ ବେଶି ନ ଥିଲା। ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଏକ କୋଠାଘରେ ପ୍ରଥମ ଲିଫ୍ଟ ଲାଗିଲା ୧୯୬୮ ମସିହାରେ। ତା'ର ବହୁବର୍ଷ ପୂର୍ବରୁ ମୁମ୍ବାଇର ଅନେକ ଘରେ ଲିଫ୍ଟ ଥିଲା। ସିଓଲର ଜଙ୍ଗନୋ ଅଞ୍ଚଳରେ ଛୋଟ ଛୋଟ ମେଶିନକୁ ନେଇ ଶିଳ୍ପ ବିକାଶ ଆରମ୍ଭ ହେଲା, ଯାହା ଏବେ ବି ଅଛି। ୧୯୮୦ ଦଶକରେ ସେମାନେ ଏ ଦିଗରେ ଅଗ୍ରଗତି କରି ଏକ ଉନ୍ନତ ଅର୍ଥନୀତିରେ ପରିଣତ ହେବାକୁ ଆରମ୍ଭ କଲେ। ସେମାନେ ପ୍ରଥମେ ଲଘୁ ନିର୍ମାଣ ଓ ବୟନଶିଳ୍ପ ଆରମ୍ଭ କଲେ, ଯେଉଁଥିରେ ଲାଭ କମ୍ ହେଲେ ବି ନିଯୁକ୍ତି ଅଧିକ ହେଲା। ଯେତେବେଳେ ମୁଁ ସୁରତରେ ଆମ ପାରିବାରିକ ପଲିଷ୍ଟର ତନ୍ତୁବାୟ ବ୍ୟବସାୟ ଚଳାଉଥିଲି, ସେତେବେଳେ କୋରିଆ ଆମଠାରୁ ଆମଦାନି କରୁଥିଲା। ତା'ପରେ ସେମାନେ ଭାରିଶିଳ୍ପ କଲେ ଏବଂ ଶେଷରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣରେ ପ୍ରଭୂତ ଉନ୍ନତି କଲେ। ବର୍ତ୍ତମାନ ସାମସଙ୍ଗ କମ୍ପାନୀ ଏପରି ସ୍କ୍ରିନ୍ ନିର୍ମାଣ କରୁଛି, ଯାହାକୁ ଆପ୍‌ଲ କମ୍ପାନୀ ମଧ୍ୟ ବ୍ୟବହାର କରୁଛି। କୋରିଆର ଛୋଟ କମ୍ପାନୀଗୁଡ଼ିକ ଏହି ସମୟ ମଧ୍ୟରେ ବିଶ୍ୱର ବଡ଼ କମ୍ପାନୀରେ ପରିଣତ ହୋଇପାରିଛନ୍ତି। ଟେଲିଭିଜନ ସେଟ୍ ବିକ୍ରି କରୁଥିବା ଲକି ଗୋଲ୍‌ଡଷ୍ଟାର ତା'ର ନାମ ବଦଳାଇ ଏଲ୍‌ଜି କରିଦେଇଛି ଏବଂ ବର୍ତ୍ତମାନ ଏହା ହ୍ୟୁଣ୍ଡାଇ ଓ କୋରିଆର ଅନ୍ୟ ଫାର୍ମ ସମେତ ସାରା ବିଶ୍ୱରେ ଏକ ପରିଚିତ ବ୍ରାଣ୍ଡ୍।

ଜାପାନ ଆଉ ଟିକେ ଆଗରୁ ସମାନ ରାସ୍ତା ଧରି ଉନ୍ନତ ଦେଶରେ ପରିଣତ ହୋଇପାରିଛି। ୯୦ ବର୍ଷ ତଳୁ ଏହା ବିଶାଳ ଯୁଦ୍ଧଜାହାଜ ଓ ଅତ୍ୟାଧୁନିକ ବିମାନ ନିର୍ମାଣରେ ସିଦ୍ଧହସ୍ତ ହୋଇଥିଲା। ୧୯୪୫ ମସିହାରେ ଆମେରିକାର ପରମାଣୁ ବୋମା ମାଡ଼ ଯୋଗୁ ପରାଜିତ ହେବା ପରେ ଜାପାନୀମାନେ ଯୁଦ୍ଧ ଛାଡ଼ି ନିଜର ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଲେ। ପ୍ରଥମେ ସେମାନେ ଶସ୍ତା କାର୍ ନିର୍ମାଣ କରୁଥିଲେ, ଯାହାକୁ ଦେଖି ପାଶ୍ଚାତ୍ୟବାସୀ ହସୁଥିଲେ। ବର୍ତ୍ତମାନ ଆମେରିକାରେ ସବୁଠାରୁ ବେଶି ବିକ୍ରି ହେଉଥିବା ଏକ ନମ୍ବର ଓ ଦୁଇ ନମ୍ବର ଚାରି ଡୋର୍ ବିଶିଷ୍ଟ କାର ହେଉଛି ଟୋୟୋଟା ଓ ହଣ୍ଡା। ଜାପାନ-ତିଆରି ଗିଟାର ଓ ପିଆନୋ ପ୍ରଥମେ ଶସ୍ତା ଥିଲେ ମଧ୍ୟ ବର୍ତ୍ତମାନ ତାହା ସାରା ବିଶ୍ୱରେ ସର୍ବୋତ୍ତମ।

ଭାରତ ଓ ପାକିସ୍ତାନ ପରି କୋରିଆ ଓ ଜାପାନ ପରସ୍ପରକୁ ଘୃଣା କରୁଥିଲେ। ୧୯୪୫ ପର୍ଯ୍ୟନ୍ତ ଜାପାନ ଅନେକ ବର୍ଷ ଧରି କୋରିଆକୁ ଅଧିକାର କରିଥିଲା। ଏହି ସମୟରେ ଜାପାନୀ ସୈନିକମାନେ କୋରିଆର ହଜାର ହଜାର ମହିଳାଙ୍କ ପ୍ରତି ଅସଦାଚରଣ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକେ ଆଜି ବି ଜୀବିତ ଅଛନ୍ତି। ଭାରତ ପରି କୋରିଆ ବି ଦୁଇ ଭାଗରେ ବିଭକ୍ତ ହୋଇଛି। ଆମ ଭଳି ସେମାନଙ୍କ ସୀମାନ୍ତ ଅତ୍ୟନ୍ତ ଉତ୍ତେଜନାପ୍ରବଣ। କିନ୍ତୁ ଦକ୍ଷିଣ କୋରିଆ ଓ ଚାଇନା (ଯିଏ କି ଏକା ଅବଧି ପର୍ଯ୍ୟନ୍ତ ଜାପାନ ଦ୍ୱାରା ଅଧିକୃତ ହୋଇଥିଲା) ଜାପାନ ସହ ଶାନ୍ତି ସ୍ଥାପନ କରିନେଇଛନ୍ତି। ବର୍ତ୍ତମାନ ଜାପାନର ସଂଖ୍ୟାଧିକ ପର୍ଯ୍ୟଟକ ହେଉଛନ୍ତି ଚାଇନିଜ୍ ଓ କୋରିଆନ୍। ସେମାନଙ୍କ ଭିତରେ ପାର୍ଥକ୍ୟ ତ ଅଛି କିନ୍ତୁ ସେମାନେ ନିଜ ଲୋକମାନଙ୍କ ଆର୍ଥିକ ବିକାଶ ଦିଗରେ ଲାଗିପଡ଼ିଛନ୍ତି।

ଉଭୟ ଜାପାନ ଓ କୋରିଆ ନିଜ ସଂସ୍କୃତିକୁ ଗୁରୁତ୍ୱ ଦେଇଛନ୍ତି। ଜାପାନରେ ପ୍ରାୟ କେହି ଇଂଲିଶରେ କଥା ହୁଅନ୍ତି ନାହିଁ, ତଥାପି ଏହା ସେମାନଙ୍କୁ ଆଧୁନିକ ହେବାରୁ ରୋକିପାରି ନାହିଁ। ନିଜ ସଂସ୍କୃତିରେ ଥିବା ଭଲ କଥାଗୁଡ଼ିକୁ ପାଳନ କରିବା ମାଧ୍ୟମରେ ହିଁ ସେମାନେ ବିକଶିତ ହୋଇପାରିଛନ୍ତି। ସେମାନେ ତାଙ୍କର ଜାତୀୟତାରେ ପରିବର୍ତ୍ତନ କରିଛନ୍ତି ଏବଂ ପଡ଼ୋଶୀ ଦେଶ ଓ ସଂଖ୍ୟାଲଘୁଙ୍କୁ ଘୃଣା କରିବା ଛାଡ଼ିଦେଇଛନ୍ତି। ବର୍ତ୍ତମାନ କୋରିଆର ବହୁ ଲୋକ ଜାପାନର ଟୋକିଓ ଓ ଓସାକାରେ ବାସ କରୁଛନ୍ତି। ଉଭୟ ଦେଶର ପାଶ୍ଚାତ୍ୟ ସହ ସୀମିତ ଯୁଦ୍ଧ ହୋଇଥିଲା ଏବଂ ଉଭୟେ ୧୯୪୫ ପରେ କିଛି ବର୍ଷ ପାଇଁ ଆମେରିକାର ଅଧୀନ ହୋଇଥିଲେ। ଆମେ ବହୁ ଅଧିକ କାଳ ବ୍ରିଟିଶମାନଙ୍କ ଅଧୀନ ହୋଇଥିଲୁ। କୋରିଆ ଓ ଜାପାନବାସୀ ସଂଘର୍ଷରୁ ଶିକ୍ଷା କରି ନିଜ ସଂସ୍କୃତିର ବିକାଶ ମାଧ୍ୟମରେ ନିଜକୁ ଉନ୍ନତ କରିବାକୁ ଲାଗିପଡ଼ିଲେ। ସେମାନଙ୍କର ବୁଦ୍ଧିଜୀବୀମାନେ ମଧ୍ୟ ଇଂଲିଶ କୁହନ୍ତି ନାହିଁ।

ଆମେ ଆମ ଇତିହାସର ପର୍ଯ୍ୟାଲୋଚନା କରି ବୁଝିବା ଦରକାର ଯେ କେଉଁ ଗୁଣରେ ଆମେ ପଡ଼ୋଶୀ ଏସୀୟ ଦେଶଗୁଡ଼ିକଠାରୁ କମ୍। ଗତ ୩୦ ବର୍ଷ ଭିତରେ କୋରିଆ ଏକ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ଏବେ ନେହେରୁଙ୍କୁ ଦାୟୀ କରୁଛନ୍ତି, ଯିଏ କି ୧୯୬୪ ମସିହାରୁ ସ୍ୱର୍ଗାରୋହଣ କଲେଣି। ଆମେ ସ୍ୱାଧୀନତା ପାଇବା ୭୦ ବର୍ଷରୁ ଅଧିକ ହୋଇଗଲାଣି ଏବଂ ସେହି ସମୟ ଭିତରେ କୋରିଆ, ଜାପାନ ଓ ଚାଇନା ନିଜର ଅଭୂତପୂର୍ବ ବିକାଶ ଘଟାଇପାରିଛନ୍ତି।

ଆମ ସଂସ୍କୃତିକୁ ଆହୁରି ସୁସଂସ୍କୃତ କରିବା ପାଇଁ ଆମ ଜାତୀୟତାବାଦ କେତେଦୂର ଚେଷ୍ଟିତ? ଆମ ଜାତୀୟତାବାଦୀ ଦଳଗୁଡ଼ିକ ଆମର ସଂଗୀତ, ସାହିତ୍ୟ, ସ୍ଥାପତ୍ୟ, କଳା ଆଦିର ବିକାଶର କଥା କେତେ କହୁଛନ୍ତି? ଆମ ଜାତୀୟତାବାଦ ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ହିଁ କେବଳ ଗୁରୁତ୍ୱ ଦେଉଛି। ଏଥିରୁ ଆଭ୍ୟନ୍ତରୀଣ କନ୍ଦଳ ସୃଷ୍ଟି ହେଉଛି ଏବଂ ଏହାଦ୍ୱାରା ଆମ ସଂସ୍କୃତି ମାଧ୍ୟମରେ ଆମେ ଆଧୁନିକତାର ବିକାଶ ଧାରାରେ ଆଗେଇ ପାରୁନାହୁଁ। ଆମର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ସତ୍ତ୍ୱେ ଆମେ ଯେଉଁଠି ଥିଲୁ ସେଇଠି ରହିଛୁ ଅଥଚ ଆମର ଏସୀୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଆଗେଇ ଚାଲିଛନ୍ତି।

Email: aakar.patel@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | 3 | | | | | | | | D | | 2 |
| | | | | | | B | 7 | 3 | | 9 | 6 | C | | |
| | 1 | | | | | | | | | 3 | 2 | | | A |
| A | | | | | D | 0 | 6 | | | E | | 4 | | |
| | 8 | E | | 4 | | | C | | | | 7 | | | |
| 7 | | | | C | 9 | 6 | | 2 | | D | | | | |
| | 5 | | | B | 4 | | 8 | | | | 0 | | 1 | |
| | | C | 0 | E | | | | 1 | | 6 | 4 | | | |
| | | | | | | | A | | 8 | | 5 | B | | 3 |
| | A | 3 | | | | 9 | 0 | | | C | | | | |
| | | | | | 8 | 1 | B | 5 | C | | | | | |
| | 9 | | E | | | | | 0 | A | B | 3 | | | 4 |
| | | A | | 2 | C | D | 9 | | | 1 | | 7 | | 0 |
| 2 | 6 | | D | | B | | | | | | | | E | |
| | 7 | 1 | | | | E | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 6 | 0 | 5 | 8 | E | 9 | 1 | D | 4 | 2 | 7 | C | A |
| 5 | 7 | D | 6 | 9 | B | 4 | 0 | C | A | 8 | 1 | 2 | 3 | E |
| 1 | 9 | 0 | 4 | E | 2 | D | A | B | 7 | C | 3 | 6 | 8 | 5 |
| 2 | 4 | A | C | D | 3 | 7 | 5 | 8 | E | B | 6 | 1 | 9 | 0 |
| C | E | 8 | A | 1 | 7 | 6 | 2 | 3 | 9 | 5 | 0 | 4 | B | D |
| D | 2 | 7 | 9 | 8 | 6 | B | 4 | E | 1 | A | C | 0 | 5 | 3 |
| A | C | 4 | 7 | 0 | 1 | 2 | 3 | 6 | 8 | D | 5 | 9 | E | B |
| B | 3 | 5 | D | 2 | A | 9 | 1 | 0 | 4 | 7 | E | 8 | 6 | C |
| 9 | 6 | 1 | 5 | C | E | 8 | 7 | A | 0 | 3 | B | D | 4 | 2 |
| 8 | 0 | E | B | 3 | 4 | C | D | 5 | 6 | 2 | 9 | A | 1 | 7 |
| 4 | 1 | B | 3 | 7 | D | 5 | C | 9 | 2 | 6 | A | E | 0 | 8 |
| E | D | C | 2 | A | 5 | 1 | 6 | 4 | 3 | 0 | 8 | B | 7 | 9 |
| 0 | A | 2 | 8 | B | 9 | 3 | E | 7 | 5 | 1 | 4 | C | D | 6 |
| 7 | 5 | 9 | 1 | 6 | C | 0 | 8 | 2 | B | E | D | 3 | A | 4 |
| 6 | 8 | 3 | E | 4 | 0 | A | B | D | C | 9 | 7 | 5 | 2 | 1 |

ଗତକାଲିର ଉତ୍ତର

# ବେସାହାରା ଶିଶୁ ବିକାଶ ଯୋଜନା



ପ୍ରଦୀପ୍ତ ନାୟକ

ଭାରତବର୍ଷର ଅସହାୟ, ନିଷ୍ପେଷିତ, ଦରିଦ୍ର ଶିଶୁମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ଚାରି ଦଶକରୁ କାର୍ଯ୍ୟକାରୀ ହୋଇଆସୁଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ନିଜ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ଏତେ ବର୍ଷ କାଳ କୋଟି କୋଟି ଟଙ୍କା ବ୍ୟୟରେ ଯୋଜନା ଚାଲୁଥିଲେ ମଧ୍ୟ ଏହା ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲରେ ବିଫଳ ହେବା ନିଶ୍ଚିତ ରୂପେ ଚିନ୍ତାଜନକ କଥା। ଓଡ଼ିଶାରେ ଏହି ଯୋଜନାର ସ୍ଥିତି ମଧ୍ୟ ଅତି ସଙ୍ଗୀନ।

ସମନ୍ୱିତ ଶିଶୁ ବିକାଶ ଯୋଜନା (ICDS) ଦେଶର ଏକ ତାରକା ଚିହ୍ନିତ କାର୍ଯ୍ୟକ୍ରମ। ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଆଇସିଡିଏସ୍ ସମଗ୍ର ପୃଥିବୀର ସର୍ବବୃହତ୍ ଶିଶୁ ବିକାଶ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ହେଲା: (୧) ମାତୃଗର୍ଭରୁ ଛଅବର୍ଷ ବୟସର ପ୍ରତ୍ୟେକ ଶିଶୁର ପୋଷଣ ଓ ସ୍ୱାସ୍ଥ୍ୟ ସୁରକ୍ଷା, (୨) ଶିଶୁମାନଙ୍କର ସାମାଜିକ, ମାନସିକ ଓ ଶାରୀରିକ ବିକାଶ, (୩) ଶିଶୁ ମୃତ୍ୟୁହାର, ରୋଗାକ୍ରାନ୍ତ ଶିଶୁହାର ତଥା ଶିଶୁ ଅପପୁଷ୍ଟି ହ୍ରାସ, (୪) ଶିଶୁର ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ପୂର୍ଣ୍ଣ ବିକାଶ କ୍ଷେତ୍ରରେ ଉଦ୍ଦିଷ୍ଟ ନୀତିଗୁଡ଼ିକ କାର୍ଯ୍ୟକାରୀ କରାଇବା, (୫) ମାଆ ଓ ଶିଶୁଙ୍କ ଲାଳନପାଳନ କରୁଥିବା ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କର ବ୍ୟକ୍ତିଗତ ଗୁଣବତ୍ତା ବୃଦ୍ଧି ଇତ୍ୟାଦି। ଉପରୋକ୍ତ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ଦେଶରେ ଜନ୍ମିତ ଅବା ଜନ୍ମ ହେବାକୁ ଥିବା ପ୍ରତ୍ୟେକ ଶିଶୁର ବିଧିବଦ୍ଧ ବିକାଶ ପାଇଁ ସମନ୍ୱିତ ଛଅ ପ୍ରକାର ସେବା ଯୋଗାଇ ଦିଆଯାଇଥାଏ, ଯଥା- (୧) ଅତିରିକ୍ତ ପୁଷ୍ଟି ସାଧନ, (୨) ସ୍ୱାସ୍ଥ୍ୟ ପରୀକ୍ଷା, (୩) ଉନ୍ନତ ସେବା ଓ ଚିକିତ୍ସା, (୪) ପ୍ରାକ୍-ପ୍ରାଥମିକ ଶିକ୍ଷା, (୫) ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଦାନ ଏବଂ (୬) ଟିକାକରଣ।

ଏହିସବୁ କାର୍ଯ୍ୟ ଠିକ୍‌ଭାବରେ କରାଯାଇଛି କି ନାହିଁ ତାହା ତଦାରଖ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଓ ପରିଚାଳନା ନିମନ୍ତେ ପ୍ରତ୍ୟେକ ଜିଲାରେ ଆଇସିଡିଏସ୍ ସମନ୍ୱୟ କମିଟି ରହିଛି। ଏହି ବିଶାଳ ଯୋଜନାର ପ୍ରତ୍ୟକ୍ଷ ପରିଚାଳନା ନିମନ୍ତେ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଯୋଜନାର ବାସ୍ତବ ରୂପାୟନ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅର୍ଥ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ରହିଛି।

ଇତିମଧ୍ୟରେ ଯୋଜନାକୁ ୪୩ ବର୍ଷ ପୂରିବାକୁ ବସିଲାଣି। ଚାଇନା, ରୁଷିଆ ଇତ୍ୟାଦି ରାଷ୍ଟ୍ର, ୟୁରୋପୀୟ ରାଷ୍ଟ୍ର ଏବଂ କାନାଡ଼ା, ଆମେରିକା ପ୍ରଭୃତି ରାଷ୍ଟ୍ରରେ ମାତ୍ର ଏକ ପଞ୍ଚବାର୍ଷିକ ଯୋଜନା କିମ୍ବା ଗୋଟିଏ ଦଶକ ଯଥେଷ୍ଟ। ଅଥଚ ଭାରତର ନେତୃବୃନ୍ଦ କାହିଁକି ଚାରି ଦଶନ୍ଧି ବିତିଯାଇଥିବା ସତ୍ତ୍ୱେ ଭାରତ ଲକ୍ଷ୍ୟ ହାସଲରେ ବହୁ ପଛରେ ପଡ଼ିଯାଇଛି ତା'ର ଉତ୍ତର ଖୋଜିଛନ୍ତି କି?

ଓଡ଼ିଶା ଏହି ଆଇସିଡିଏସ୍ କାର୍ଯ୍ୟକ୍ରମର ଏକ ଅଂଶୀଦାର ରାଜ୍ୟ। ଶିଶୁମାନଙ୍କର ଯତ୍ନ, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାକ୍ ପ୍ରାଥମିକ ଶିକ୍ଷା, ମା'ମାନଙ୍କର ଯତ୍ନ ନିମନ୍ତେ ସମଗ୍ର ରାଜ୍ୟରେ ୭୧,୩୦୬ଟି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଜଣେ ମହିଳା କର୍ମୀ ଏବଂ ଜଣେ ସହାୟିକାଙ୍କୁ ପିଲାମାନଙ୍କର ଖାଦ୍ୟପେୟ, ନାଚକୁଦ, ସୁରକ୍ଷା ନିମନ୍ତେ ନିଯୁକ୍ତ କରାଯାଇଛି। ଏହା ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଅନୁଦାନରେ ଚାଲିବାକୁ ପୂର୍ବରୁ ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ କେନ୍ଦ୍ର ସରକାର ତାଙ୍କ ଦାୟିତ୍ୱରୁ ଆଂଶିକ ଓହରି ଯାଇଛନ୍ତି।

ଓଡ଼ିଶାରେ ୪୦ ଭାଗରୁ ଅଧିକ ଲୋକ ଅନୁସୂଚିତ ଜାତି ଓ ଜନଜାତିର। ସେମାନଙ୍କ ମଧ୍ୟରୁ ୯୦ ଭାଗ ଲୋକ ଅତ୍ୟନ୍ତ ଦରିଦ୍ର। ତନ୍ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ସରକାର ଏବେ ବି ଖଣ୍ଡେ ଭଲ ଘର ଓ ଚାଷଜମିର ସ୍ଥାୟୀ ପଟ୍ଟା ଯୋଗାଇ ଦେଇପାରି ନାହାନ୍ତି। ସେମାନଙ୍କୁ ବର୍ଷସାରା କାମଧନ୍ଦା ଯୋଗାଇ ଦେଇପାରି ନାହାନ୍ତି। ତେଣୁ ସେମାନଙ୍କର ଜନ୍ମିତ ଶିଶୁ ପ୍ରାୟ ରୋଗାକ୍ରାନ୍ତ ଏବଂ ଅପପୁଷ୍ଟିର ଶିକାର। ଅଦ୍ୟାବଧି ସରକାର ଆଇସିଡିଏସ୍ କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲରେ ୫୦ ଭାଗ ବିସଫଳ ହୋଇପାରିନାହାନ୍ତି। ଏ ତଥ୍ୟ ଦେଇଛନ୍ତି ଦେଶର ମହାହିସାବ ନିରୀକ୍ଷକ (ସିଏଜି)। ୨୦୧୦ରୁ ୨୦୧୬ ପର୍ଯ୍ୟନ୍ତ ହିସାବ ପରୀକ୍ଷାନିରୀକ୍ଷା କରି ସିଏଜି ଓଡ଼ିଶା ସରକାରଙ୍କ ଉପରେ ବିଷୋଦ୍‌ଗାର କରିଛନ୍ତି। ସିଏଜି ବିରକ୍ତି ପ୍ରକାଶକରି କହିଛନ୍ତି ଯେ, ଏହି ସମୟ ମଧ୍ୟରେ ରାଜକୋଷରୁ ଆଇସିଡିଏସ୍ କାର୍ଯ୍ୟକ୍ରମ ପାଇଁ ମାତ୍ର ୧୨୩୯.୨୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ଯାହା ବଜେଟ୍ ଯୋଜନାଠାରୁ ଢେର କମ୍। ଆହୁରି ମଧ୍ୟ କେନ୍ଦ୍ର ସରକାରଙ୍କୁ ଯେଉଁ ହିସାବ ଦିଆଯାଇଛି, ତାହା କେବଳ ଟ୍ରେଜେରିରୁ ଉଠାଯାଇଥିବା ପରିମାଣ, ମାତ୍ର ସ୍ଥଳ ବିଶେଷରେ ସେତିକି ଖର୍ଚ୍ଚ ହୋଇନାହିଁ। ଏହି କୋଟି କୋଟି ଟଙ୍କା ସିଡିପିଓ ତଥା ଜିଲାସ୍ତରରେ ଡିଏସ୍‌ଡବ୍ଲ୍ୟୁଙ୍କ ନିକଟରେ ପଡ଼ିଥାଇପାରେ।

ଏହି ଟଙ୍କା ବ୍ୟାଙ୍କ୍‌ରେ ଜମା ଥିବ କି ଚଳୁ କରିଦିଆଯାଇଥିବ, ତାହା ସ୍ପଷ୍ଟ ହୋଇନାହିଁ। ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଧନକୁ ଉଦରସ୍ଥ କରାଯାଇଥାଇପାରେ ବୋଲି ସନ୍ଦେହ ଉପୁଜୁଛି। ସିଏଜିଙ୍କ ରିପୋର୍ଟ କହୁଛି, ୭ଟି ଜିଲାରେ ୧୦୨.୭୭ କୋଟି ଟଙ୍କା ଜିଲା ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ୭୧,୩୦୬ଟି କେନ୍ଦ୍ର ମଧ୍ୟରୁ ମାତ୍ର ୨୮,୧୮୭ (୪୦ଭାଗ) କେନ୍ଦ୍ରର ନିଜସ୍ୱ ପକ୍କାଘର ଅଛି। ଅବଶିଷ୍ଟ ୬୦ ଭାଗ କେନ୍ଦ୍ର ଭଙ୍ଗା ଚାଳିଆଘର, ଅର୍ଦ୍ଧନିର୍ମିତ ଘର, ବାରଣ୍ଡା, ଗାଁ କୋଠଘର, ଠାକୁରଘର, ଗାଁ ସ୍କୁଲଘର କିମ୍ବା ଅଙ୍ଗନୱାଡି କର୍ମୀଙ୍କ ନିଜ ଘରେ ଚାଲିଛି। ଅଭିଯୋଗ ହୁଏ ଯେ, ବହୁ କେନ୍ଦ୍ର କେବଳ କାଗଜପତ୍ରରେ ଚାଲିଛି। ଶାସକ ଦଳର କର୍ମୀମାନେ ଅଙ୍ଗନୱାଡି ଘର ନିର୍ମାଣ କାମର ଠିକା ନେଇଥିବାରୁ କାମ ମନ୍ଥର, ନିମ୍ନମାନର ଓ ବର୍ଷ ବର୍ଷ ଧରି ଅଧାହୋଇ ପଡ଼ିରହିଛି। ଅଧିକାଂଶ ଘରୁ ପାଣି ଗଳୁଛି, ଝରକାକବାଟ ନାହିଁ ଯାହା ଶିଶୁଙ୍କ ନିମନ୍ତେ ନିରାପଦ ନୁହେଁ। କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇବାର ୧୮ ମାସ ପରେ ମଧ୍ୟ ୧୨୮୧ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ୟୁସି ଦେଇପାରି ନ ଥିବାରୁ ୨୦୧୩/୧୪ ଆର୍ଥିକବର୍ଷରେ ଅଙ୍ଗନୱାଡି ଘର ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ୯୩.୭୬ କୋଟି ଟଙ୍କା ରାଜ୍ୟ ସରକାର ହରାଇଛନ୍ତି। ୭୬ ଭାଗ କେନ୍ଦ୍ରରେ ପାଇଖାନା ନାହିଁ, ସ୍ୱଚ୍ଛ ପାନୀୟ ଜଳ ନାହିଁ। ମାତ୍ର ୩୦ ଭାଗ ଶିଶୁଙ୍କୁ ଚିକିତ୍ସା ସୁବିଧା ଦିଆଯାଇପାରିଛି। ୫୭ ଭାଗ ଗର୍ଭଧାରିଣୀ ଏବଂ ୫୦ ଭାଗ ମା'ଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇପାରିଛି। ସମସ୍ତ କେନ୍ଦ୍ରକୁ ପ୍ରାକ୍-ପ୍ରାଥମିକ ଶିକ୍ଷା କିଟ୍ ଏବଂ ଔଷଧ କିଟ୍ ସରକାର ଯୋଗାଇ ଦେଇପାରିନାହାନ୍ତି। ଫଳରେ ରାଜ୍ୟ ସରକାର କେନ୍ଦ୍ରଠାରୁ ୮୧.୭୫ କୋଟି ଟଙ୍କା ପାଇପାରିନାହାନ୍ତି। ୮୨.୦୩ ଲକ୍ଷ ମଧ୍ୟରୁ ୩.୫୮ ଲକ୍ଷ ଶିଶୁଙ୍କୁ (୯ଭାଗ) ଅତିରିକ୍ତ ପୁଷ୍ଟିସାର ଖାଦ୍ୟ ଦିଆଯାଇ ନାହିଁ। ଠିକ୍ ଭାବରେ ଅଣ୍ଡା, ରାଶିଲଡ୍ଡୁ, ପୁଷ୍ଟିସାରଯୁକ୍ତ ଛତୁଆ, ଚାଉଳ, ଗହମ ଇତ୍ୟାଦି ସମସ୍ତ କେନ୍ଦ୍ରକୁ ଯୋଗାଇ ଦିଆଯାଇ ନାହିଁ। ଗହମ ଓ ଚାଉଳ ସୁରକ୍ଷିତ ଭାବରେ ମହଜୁଦ ରଖାଯାଉନାହିଁ। ଛତୁଆ ତିଆରି ନିମନ୍ତେ ପୋକା ଓ ଖତରା ଗହମ ଯୋଗାଇ ଦିଆଯାଉଛି। ଅନେକ କେନ୍ଦ୍ରରେ କାଗଜପତ୍ରରେ ଉପସ୍ଥାନ ପଡୁଛି। କେତେକ କ୍ଷେତ୍ରରେ ଅଙ୍ଗନୱାଡି କର୍ମୀମାନେ ମିଥ୍ୟାରେ ଉପସ୍ଥାନ ଦର୍ଶାଇ ଅର୍ଥ ହରିଲୁଟ କରୁଥିବାର ଅଭିଯୋଗ ହେଉଛି। ସୁପରଭାଇଜର ଓ ସିଡିପିଓମାନେ ନିୟମିତ ଭାବେ କେନ୍ଦ୍ର ପରିଦର୍ଶନ କରୁନାହାନ୍ତି।

ଶିଶୁ ଓ ମା'ମାନଙ୍କର ପୁଷ୍ଟିସାଧନ ନିମନ୍ତେ ଦିଆଯାଉଥିବା ଛତୁଆ ପୁଷ୍ଟିସାରଯୁକ୍ତ ନୁହେଁ ଏବଂ ଅନେକ କ୍ଷେତ୍ରରେ ଖାଦ୍ୟ ଉପଯୋଗୀ ନୁହେଁ। ୫.୫୬ ଲକ୍ଷ ଶିଶୁ (୭ଭାଗ)ଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ଦିଆଯାଇନାହିଁ। ଏ ସମସ୍ତ ହିସାବ ଓ ତଥ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଦସ୍ତାବିଜ ଏବଂ ପ୍ରତ୍ୟକ୍ଷ ତର୍ଜମାରୁ ସିଏଜି ଜାଣିବାକୁ ପାଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁକୈନ୍ଦ୍ରିକ ବାତାବରଣ ନାହିଁ। ଏହାକୁ ଠିକ୍ ଭାବରେ ପରିଚାଳନା କରାଯାଉନାହିଁ। ତେଣୁ ଏକ ଜନାଭିମୁଖୀ କାର୍ଯ୍ୟକ୍ରମ ଫାର୍ସରେ ପରିଣତ ହୋଇଛି।

ଅନ୍ୟପକ୍ଷରେ ଶିଶୁମାନଙ୍କ ଉପରେ ଯୌନହିଂସା ବଢ଼ି ବଢ଼ି ଚାଲିଛି। ପୋଲିସ ଥାନାରେ ଶିଶୁ ଡେସ୍କ ଚାଲୁନାହିଁ। ଏହା କେବଳ କାଗଜପତ୍ରରେ ଦର୍ଶାଯାଉଛି। ପଛୁଆ ଅଞ୍ଚଳରେ ଶିଶୁମାନଙ୍କୁ ଏବେବି ଚେଙ୍କ ଚିକିତ୍ସା ଚାଲିଛି। ଫଳରେ ପ୍ରତିବର୍ଷ ହଜାର ହଜାର ଶିଶୁ ଏହାଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁ ଜାତୀୟ ହାରଠାରୁ ଊର୍ଦ୍ଧ୍ୱରେ ରହିଛି। ଠିକ୍‌ଭାବରେ ଟିକାକରଣ କରାଯାଉନାହିଁ। ରାଜ୍ୟରେ ଶିଶୁ ବିକ୍ରି ଓ ଚାଲାଣ ଭୟଙ୍କର ଭାବରେ ଚାଲିଛି। ଦରିଦ୍ର ମାତାପିତା କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲିଯାଉଥିବା ଯୋଗୁ ପିଲାମାନଙ୍କୁ ସାଙ୍ଗରେ ନେଇଯାଉଛନ୍ତି। ଫଳରେ ମୂଳରୁ ହିଁ ତାଙ୍କର ଶୈଶବ ଦଳିମକଚି ହୋଇଯାଉଛି। ଆଇନକାନୁନ୍, ଜାତୀୟ ଘୋଷଣାନାମା ଥିଲେ ବି ଶିଶୁମାନେ ବେସାହାରା ପାଲଟି ଯାଉଛନ୍ତି।

ମୋ-୯୪୩୭୦୫୩୩୨୯

# ସିତାର ମୋହିନୀ

ଆଜିର ଆଧୁନିକ ଭାରତରେ ସଙ୍ଗୀତ କ୍ଷେତ୍ରରେ ନୂଆ ପରୀକ୍ଷାନିରୀକ୍ଷା କରାଯାଉଛି। ରିମିକ୍ସ ଅଥବା ଫ୍ୟୁଜନ୍ ଜରିଆରେ ପାଶ୍ଚାତ୍ୟ ସଙ୍ଗୀତ ଭଳି ମନୋରଞ୍ଜନର ନୂଆ ଭେଟି ଦେବା ଲାଗି ଏଠାରେ ଚାଲିଛି ଗଳଦ୍‌ଘର୍ମ ପ୍ରୟାସ। ଏହା ସତ୍ତ୍ୱେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ତା'ର ଶାସ୍ତ୍ରୀୟତା ବଜାୟ ରଖିଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମଗ୍ର ଭାରତବର୍ଷରେ ତା'ର ସ୍ୱାତନ୍ତ୍ର୍ୟ ରଖିପାରିଥିବାରୁ ଶୁଦ୍ଧ ସଙ୍ଗୀତ ଶୁଣିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ସର୍ବଦା ଏହା ପୁଲକିତ କରିଚାଲିଛି। ମଧ୍ୟପ୍ରଦେଶ ସରକାର ଏହି ସଙ୍ଗୀତର ପ୍ରଚାର ପ୍ରସାର କରିବା ଲାଗି ପ୍ରତିବର୍ଷ ଏ କ୍ଷେତ୍ରରେ ଅନନ୍ୟ ସ୍ଥାନ ଲାଭ କରିପାରିଥିବା ବ୍ୟକ୍ତିବିଶେଷଙ୍କୁ ତାନସେନ୍ ସମ୍ମାନ ପ୍ରଦାନ କରିଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ତାନସେନ୍ (୧୫୦୦-୧୫୮୬) ଅଧ୍ୟବସାୟ ବଳରେ ଉତ୍ତର ଭାରତର ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଭାବେ କିମ୍ବଦନ୍ତୀ ପାଲଟି ପାରିଥିଲେ। ମୋଗଲ ସମ୍ରାଟ୍ ଆକବରଙ୍କ ରାଜସଭାରେ ପ୍ରମୁଖ ସଙ୍ଗୀତଜ୍ଞର ମର୍ଯ୍ୟାଦା ପାଇଥିଲେ ତାନସେନ୍। ସେହି ମହାନ୍ ବ୍ୟକ୍ତିଙ୍କୁ ସମ୍ମାନ ଦେବାକୁ ଯାଇ ମଧ୍ୟପ୍ରଦେଶ ସରକାରଙ୍କ ସଂସ୍କୃତି ବିଭାଗ ଗୋଓ୍ୱାଲିଅରସ୍ଥିତ ତାନସେନ୍‌ଙ୍କ ସମାଧିସ୍ଥଳ ନିକଟରେ ପ୍ରତିବର୍ଷ ଏହି ସମୟରେ ତାନସେନ୍ ସମାରୋହ ଆୟୋଜନ କରିଆସୁଛି। ସମଗ୍ର ଦେଶରୁ କଣ୍ଠ ଓ ବାଦ୍ୟଯନ୍ତ୍ର ଶିଳ୍ପୀମାନେ ଏଥିରେ ଏକତ୍ରିତ ହୋଇ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଆନ୍ତି। ଏହି ଅବସରରେ ଜଣେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀଙ୍କୁ ତାନସେନ୍ ସମ୍ମାନ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ସିତାରବାଦକ ମଞ୍ଜୁ ମେହେଟା ଏହି ମର୍ଯ୍ୟାଦାଜନକ ସମ୍ମାନ ହାସଲ କରିଛନ୍ତି। ନିକଟରେ ତାଙ୍କୁ ପୁରସ୍କାର ଆକାରରେ ଦୁଇ ଲକ୍ଷ ଟଙ୍କା ଓ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ଉସ୍ତାଦ ଅବ୍‌ଦୁଲ ହଲିମ୍ ଜାଫର ଖାନ୍ ପ୍ରଥମ ତାନସେନ୍ ସମ୍ମାନ ଗ୍ରହଣ କରିଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ମଞ୍ଜୁଙ୍କ ଅନବଦ୍ୟ ଅବଦାନ ତାଙ୍କୁ ଶୀର୍ଷ ସ୍ତରକୁ ନେଇଯାଇଛି।

ବ୍ୟକ୍ତିତ୍ୱ



ମଞ୍ଜୁ ମେହେଟା

ରାଜସ୍ଥାନ ଜୟପୁରର ଭଟ୍ଟ ପରିବାରରେ ଜନ୍ମିତ ଏହି ୭୪ ବର୍ଷୀୟା ମଞ୍ଜୁଙ୍କ ସଙ୍ଗୀତ ଯାତ୍ରା ଯୁବପିଢ଼ି ବିଶେଷକରି ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି। ଯେତେବେଳେ ବାଦ୍ୟଯନ୍ତ୍ର ବାଦନ ପୁରୁଷପ୍ରଧାନ ଥିଲା, ସେତେବେଳେ ସେ ସାହସ କରି ଏହି କ୍ଷେତ୍ରକୁ ଓହ୍ଲାଇଥିଲେ। ଏକ ସଙ୍ଗୀତ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ଉପରେ ଏହାର ଗଭୀର ଛାପ ପଡ଼ିଥିଲା। ବଡ଼ଭାଇ ଶଶିମୋହନ ଭଟ୍ଟଙ୍କଠାରୁ ସେ ୧୩ ବର୍ଷ ବୟସରେ ସିତାର ବାଦନ ଶିକ୍ଷା ଗ୍ରହଣ କରିଥିଲେ। ସମୟକ୍ରମେ ବିଭିନ୍ନ ମଞ୍ଚରେ ପ୍ରଦର୍ଶନ ତାଙ୍କୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ମେଧାବୃତ୍ତି ପାଇବା ପରେ ସେ ପଛକୁ ଚାହିଁ ନ ଥିଲେ। ଆକାଶବାଣୀର ମର୍ଯ୍ୟାଦାଜନକ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ସେ ବିଜୟଲାଭ କରିଥିଲେ। ପରେ ସଙ୍ଗୀତରେ ସ୍ନାତକୋତ୍ତର କରି ମଞ୍ଜୁ ସ୍ୱର୍ଣ୍ଣପଦକ ଅର୍ଜନ କରିଥିଲେ। ତାଙ୍କ ବୃତ୍ତିଗତ ଯାତ୍ରା ଅତ୍ୟନ୍ତ ଚିତ୍ତାକର୍ଷକ ରହିଆସିଛି। ଦେଶ ଓ ବିଦେଶର ଅନେକ ମଞ୍ଚରେ ତାଙ୍କ ପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି। ଆକାଶବାଣୀ ଓ ଦୂରଦର୍ଶନର 'ଏ' ଗ୍ରେଡ୍ କଳାକାର ହେବାରେ ସେ ଗୌରବ ଅର୍ଜନ କରିଛନ୍ତି। ଦାମୋଦରଲାଲ କାବ୍‌ରା ଓ ପଣ୍ଡିତ ରବିଶଙ୍କରଙ୍କଠାରୁ ଶିକ୍ଷା ଗ୍ରହଣ କରିଥିବା ମଞ୍ଜୁ ଯୋଧପୁର ବିଶ୍ୱବିଦ୍ୟାଳୟ ଏବଂ ଅହମ୍ମଦାବାଦର 'ଦର୍ପଣ'ରେ ୩୦ ବର୍ଷର ଅଧ୍ୟାପନା ଅଭିଜ୍ଞତା ଲାଭ କରି ସଙ୍ଗୀତ ଜଗତରେ ମହୀୟସୀ ହୋଇପାରିଛନ୍ତି। ବର୍ତ୍ତମାନ ଅହମ୍ମଦାବାଦର 'ସପ୍ତକ ସ୍କୁଲ୍ ଅଫ୍ ମ୍ୟୁଜିକ୍'ରେ ସେ ସିତାରବାଦନ ଶିକ୍ଷା ଦେଉଛନ୍ତି। ଏଥିରେ ସେ ଜଣେ ଟ୍ରଷ୍ଟି ଅଛନ୍ତି।

ସିତାର ବାଦନ କ୍ଷେତ୍ରରେ ମଞ୍ଜୁ ଯେଉଁ ଅଭିନବ ସୃଜନ ଆଣିଥାଆନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଦର୍ଶକଙ୍କୁ ସଙ୍ଗୀତର ସୁଖକର ସ୍ତରକୁ ନେଇଯାଇଥାଏ। ପିଲାଦିନକୁ ମନେପକାଇ ସେ କହନ୍ତି, ତାଙ୍କ ସହ ସାନ ଭାଇ ବିଶ୍ୱମୋହନ ଭଟ୍ଟ ଗିଟାର ଓ ପୁତୁରା କୃଷ୍ଣମୋହନ ଭଟ୍ଟଙ୍କ ହାତ ସିତାର ଉପରେ ଥିବା ବେଳେ ଘରେ ଯେଉଁ ସଙ୍ଗୀତର ପରିବେଶ ସୃଷ୍ଟି ହୋଇଥାଏ ତାହା ସର୍ବଦା ସ୍ମୃତିବିଜଡ଼ିତ ହୋଇ ରହିଛି। କେବଳ ନିଜ ଘର ଭିତରେ ନୁହେଁ, ନିଜ ସଂସାରକୁ ସେ ସଙ୍ଗୀତମୟ କରିଦେଇଛନ୍ତି। ସ୍ୱାମୀ ନନ୍ଦନ ମେହେଟା ଜଣେ ଉଚ୍ଚସ୍ତରର ତବଲା ବାଦକ ହୋଇଥିବା ବେଳେ ବଡ଼ ଝିଅ ପୂର୍ବୀ ସିତାର ଓ ସାନ ଝିଅ ହେତାଲ ତବଲା ବାଦନ ଦିଗରେ ଆଗରେ ଅଛନ୍ତି। ସମଗ୍ର ପରିବାର କଳାର ପୂଜାରୀ ହୋଇପାରିଥିବାରୁ ସେ ସେଥିରୁ ଜୀବନର ସଙ୍ଗୀତମୟ ଆନନ୍ଦ ସାଉଁଟିଥାଆନ୍ତି ବୋଲି ତାନସେନ୍ ସମ୍ମାନ ପାଇବା ପରେ କହିଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅବୋଧ ଶିଶୁ ପ୍ରତି ଆଚରଣ ଏଭଳି ନୃଶଂସ ଓ ଜଘନ୍ୟ ହୋଇପାରେ ଯାହା ଜାଣିଲେ କୌଣସି ବ୍ୟକ୍ତି ବି ଶିହରି ଉଠିବ ନିଶ୍ଚୟ। ଆଉ କେହି ନୁହେଁ ମା' ହିଁ ନିଜ ଶିଶୁର ଏପରି କ୍ଷତି ଘଟାଇଲେ, ଯେଉଁଥିପାଇଁ ଶିଶୁଟିର ଜୀବନ ଚାଲିଗଲା। ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶର ଖଣ୍ଡୱା ଜିଲା ଅନ୍ତର୍ଗତ ଆଦିବାସୀ ଗାଁରେ। ଉକ୍ତ ମହିଳା ତାଙ୍କ ନବଜାତ ଶିଶୁର ହାତ ଓ ଗୋଡର ଅତିରିକ୍ତ ଆଙ୍ଗୁଳିକୁ କାଟି ପକାଇଥିଲେ। ଉକ୍ତ ମହିଳାଙ୍କର ଅନ୍ଧବିଶ୍ୱାସ ଥିଲା ତାଙ୍କ ଶିଶୁର ୬ଟି ଲେଖା ଆଙ୍ଗୁଳି ଥିବାରୁ ଭବିଷ୍ୟତରେ ସେ ବାହା ହୋଇପାରିବ ନାହିଁ। ସୁନ୍ଦରଦେବ ଗାଁର ତାରାବାଇ ନାମ୍ନୀ ଏହି ମହିଳା ଡିସେମ୍ବର ୧୨ରେ ଉଭୟ ହାତ ଓ ଗୋଡରେ ୬ଟି ଲେଖା ଆଙ୍ଗୁଳି ଥାଇ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ସେ ଏକ ଧାରୁଆ ଦା'ରେ ଅତିରିକ୍ତ ଆଙ୍ଗୁଳିଗୁଡିକୁ କାଟି କଟାସ୍ଥାନରେ ଗୋବର ଲଦି ଦେଇଥିଲେ। ଅଳ୍ପ କିଛି ଘଣ୍ଟା ମଧ୍ୟରେ ଶିଶୁଟି ମୃତ୍ୟୁବରଣ କରିବା ପରେ ତା'ର ମୃତଦେହକୁ ପୋତି ଦିଆଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ତେବେ ଏହି ଗାଁରେ ଶିଶୁଜନ୍ମକୁ ଅଣଦେଖା ଓ ଅବହେଳା କରାଯାଉଥିବାରୁ ସ୍ଥାନୀୟ ଡାକ୍ତରଖାନା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ୍ ମେଡିକାଲ ଅଫିସର ଡାକ୍ତର ଶୈଳେନ୍ଦ୍ର କଟାରିଆ ସୂଚନା ଦେଇଛନ୍ତି।

### ଚିରନ୍ତନୀ

ଊଷର ମୃତ୍ତିକା କର୍ଷି କଲ ସ୍ୱର୍ଣ୍ଣ- ଉତ୍ପାଦନକ୍ଷମ
ଭବିଷ୍ୟର ଆଗନ୍ତୁକ ପାଇଁ ତାହା କରିଲ ସୁଗମ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୩

- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି ପାଇଁ ଭାରତ ଓ ଭିଏତନାମ ମଧ୍ୟରେ ୪ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ।
- ପ୍ରଥମଥର ପାଇଁ ଇରାନ ନିଓ ଡାଇମିୟମ କଠିନ ଅବସ୍ଥାର ଲେଜର ଉତ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଶୃଙ୍ଖଳା ସକାଶେ ସମ୍ମାନ

ମହାଶୟ,

ଶୃଙ୍ଖଳିତ ମଣିଷ ସବୁଠାରେ ସମ୍ମାନର ଅଧିକାରୀ। ଡିସେମ୍ବର ୬ ଧରିତ୍ରୀରୁ ଡା. ସୁରେନ୍ଦ୍ର ନାଥ ପତିଙ୍କ 'ବିଦେଶରେ ଭାରତୀୟଙ୍କ ସମ୍ମାନ' ଶୀର୍ଷକ ଲେଖାଟି ପାଠକରିବା ପରେ ତାଙ୍କର ବିଦେଶ ଭ୍ରମଣାନୁଭୂତିରୁ ଯଥେଷ୍ଟ ଖୋରାକ ମିଳୁଛି। ୟୁରୋପରେ ଭାରତୀୟମାନଙ୍କ ପାଇଁ କିପରି ଶ୍ରଦ୍ଧା, ସମ୍ମାନ ରହିଛି ତାହା ତାଙ୍କ ଲେଖାରେ ସ୍ପଷ୍ଟ। ସିନେ ତାରକା, କ୍ରିକେଟ ତାରକାଙ୍କ ବେଶପୋଷାକ ଫଟୋ ଷ୍ଟୁଡିଓରେ ରଖାଯାଉଛି ଭଡ଼ାରେ ନେଇ ଫଟୋ ଉଠାଇବା ଉଦ୍ଦେଶ୍ୟରେ। ଆମକୁ ଭଲ ପାଉଥିବା ବିଦେଶୀଙ୍କ ଆଖିରେ ଆମେ ଛୋଟ ହୋଇଯାଉଛେ କେବଳ ଆମର ଶୃଙ୍ଖଳା ଜ୍ଞାନର ଅଭାବ ଯୋଗୁ। ଶୃଙ୍ଖଳା ଏବଂ ସଚ୍ଚୋଟତା ବଜାୟ ନ ରଖିଲେ ବିଦେଶ ତ ବିଦେଶ ନିଜ ଦେଶରେ ମଧ୍ୟ କେହି ସମ୍ମାନ ଦେବେ ନାହିଁ। ବିଦେଶରେ ଭାରତୀୟ ଖାଦ୍ୟର ଆଦର ଅଛି, ଅଥଚ ବିଦେଶୀ ଖାଦ୍ୟ ଓ ଖାଇବାର ଶୈଳୀ ଆମକୁ ପୂରା ବଦଳେଇ ସାରିଲାଣି। ଅନ୍ତତଃ ନିଜସ୍ୱ ଭାବ ବଜାୟ ରହୁ। ନଚେତ୍ ଭାରତୀୟ ବୋଲି ପରିଚୟ ଟିକକ ହଜିଯିବାକୁ ବେଶି ସମୟ ଲାଗିବନି।

କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଳରା, ବିଳାଶୁଣୀ, ନିଆଳି, କଟକ

### ଦେବତା, ପୂଜକ ଓ ଭକ୍ତ

ମନ୍ଦିରଗୁଡ଼ିକରେ ପୂଜକ ଓ ସେବାୟତମାନଙ୍କର ଦୌରାତ୍ମ୍ୟ ଏତେ ବଢ଼ିଗଲାଣି ଯେ, ଭକ୍ତମାନେ ମନ୍ଦିରକୁ ଯିବା ଲାଗି ଡରିଲେଣି। ଶ୍ରଦ୍ଧାରେ ଲୋକେ ମନ୍ଦିରକୁ ଯାଆନ୍ତି। ପୂଜକମାନଙ୍କୁ ଦେବତାଙ୍କର ନିକଟତମ ବ୍ୟକ୍ତି ଭାବରେ ସମ୍ମାନ କରନ୍ତି। କିନ୍ତୁ ଏହାର ସୁଯୋଗ ନେଇ ସେମାନେ ଭକ୍ତମାନଙ୍କୁ ଶୋଷଣ କରନ୍ତି। ଦକ୍ଷିଣା ଦେବାରେ ଖିଲାପ କଲେ ଅମଙ୍ଗଳ କାମନା କରିବାର ଧମକ ଦିଅନ୍ତି। ଠାକୁରାଣୀ ମନ୍ଦିର ହୋଇଥିଲେ, ଶାଢ଼ି ଚଢ଼ାଇଲା ବେଳେ ଶାଢ଼ିର ଦାମ୍‌କୁ ଦେଖି ମାହାସୁଲ ଦେବାକୁ ସେମାନେ ବାଧ୍ୟ କରିଥାନ୍ତି। ଶାଢ଼ିର ଦାମ୍ କମ୍ ହୋଇଥିଲେ 'ଠାକୁରାଣୀଙ୍କୁ ଏତେ ନିକୃଷ୍ଟ ଶାଢ଼ି ଦେବାକୁ କେମିତି ମନ କହୁଛି? ମାଆ କଥା କହୁନାହିଁ ବୋଲି ତାକୁ ଠକିଦେଉଛ' ବୋଲି କହି ତାଚ୍ଛଲ୍ୟ କରିଥାନ୍ତି। ତେଣୁ ପୂଜକମାନେ ନିଜକୁ ବଦଳାନ୍ତୁ। ଭକ୍ତଙ୍କୁ ଶୋଷଣ ନ କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିବାଦ ବିଭ୍ରାଟ

ବିଦାୟ ନେବାକୁ ଯାଉଛି ୨୦୧୮ । ନୂଆବର୍ଷର ଆଗମନକୁ ବିଶ୍ୱବାସୀ ଅପେକ୍ଷାରତ। ଜାତୀୟ ପ୍ରେକ୍ଷାପଟରେ ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରିଥିଲା ଘଟଣାବହୁଳ ବିଦାୟୀ ବର୍ଷ। ଜାନୁୟାରୀରେ ସିଜେଆଇଙ୍କ ବିରୋଧରେ ୪ ବରିଷ୍ଠ ବିଚାରପତିଙ୍କ ବିଦ୍ରୋହଠାରୁ ନେଇ ଏପ୍ରିଲରେ ବିରୋଧୀ ଦଳଗୁଡ଼ିକ ମହାଭିଯୋଗ ପ୍ରସ୍ତାବ ଆଣିବା ଥିଲା ସବୁଠୁ ଚର୍ଚ୍ଚିତ ଘଟଣା। ସେହିପରି ତାମିଲନାଡୁର ଥୁଠିକୁଡ଼ିରେ ପୋଲିସ ଗୁଳିରେ ୧୧ ବିକ୍ଷୋଭକାରୀ ନିହତ ହେବା ଓ ଜାତିଆଣ ହିଂସା କ୍ୟାଲେଣ୍ଡର ପୃଷ୍ଠାକୁ ରକ୍ତରଞ୍ଜିତ କରିଥିଲା। ଗୁଜରାଟରୁ ଶ୍ରମିକଙ୍କ ଗଣପଳାୟନ, ସିବିଆଇରେ ଅହମିକାର ଲଢ଼େଇ, ମି ଟୂ ବିବାଦ ଓ ଏନ୍ଆର୍ସି ବିଭ୍ରାଟ ଭଳି ଘଟଣା ପୁରୁଣା ବର୍ଷକୁ ସ୍ମରଣୀୟ କରି ରଖିବ। ଏହି ପରିପ୍ରେକ୍ଷୀରେ କେତୋଟି ସାଉଁଟା ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା 'ବିବାଦ ବିଭ୍ରାଟ' ।



## ପରମ୍ପରା ଭାଙ୍ଗିଲେ ବିଚାରପତି

ସୁପ୍ରିମକୋର୍ଟର ୪ ଜଣ ବରିଷ୍ଠ ବିଚାରପତି ଚଳିତ ବର୍ଷ ଜାନୁୟାରୀ ୧୨ରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ଖୋଲା ବିଦ୍ରୋହ କରିଥିଲେ। ବିଚାରପତିମାନେ ଖବରଦାତା ସମ୍ମିଳନୀ ଡାକି ସିଜେଆଇଙ୍କ ବିରୋଧରେ ଅଭିଯୋଗ ଆଣିବା ଏହା ପ୍ରଥମ ଘଟଣା ଥିଲା। ସେମାନଙ୍କର ଏଭଳି ଆଚରଣ ନ୍ୟାୟପାଳିକାର ଗରିମାକୁ କ୍ଷୁଣ୍ଣ କରିଥିଲା। ବରିଷ୍ଠ ବିଚାରପତି ଜେ.ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ଏମ୍.ବି. ଲୋକୁର ଏବଂ କୁରିଏନ୍ ଯୋଶେଫ୍ ପ୍ରଧାନ ବିଚାରପତିଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ପ୍ରଧାନ ବିଚାରପତି ଗୁରୁତ୍ୱପୂର୍ଣ୍ଣ ମାମଲା ଆବଣ୍ଟନରେ ପାତରଅନ୍ତର କରୁଥିବା ସେମାନେ କହିଥିଲେ। ଶୋହରାବୁଦ୍ଦିନ୍ ଫେକ୍ ଏନ୍କାଉଣ୍ଟର ମାମଲାର ଶୁଣାଣି କରୁଥିବା ସିବିଆଇ ଜଜ୍ ଜଷ୍ଟିସ୍ ବି.ଏଚ୍. ଲୋୟାଙ୍କ ଅସ୍ୱାଭାବିକ ମୃତ୍ୟୁର ତଦନ୍ତ ନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। ଉକ୍ତ ଆବେଦନ ସମେତ ଅନ୍ୟ କେତେକ ପିଟିଶନର ଶୁଣାଣିକୁ ନେଇ ଜଷ୍ଟିସ ଦୀପକ ମିଶ୍ରଙ୍କ ସହ ଏହି ୪ ବିଚାରପତିଙ୍କ ମତାନ୍ତରରୁ ଅସନ୍ତୋଷ ସୃଷ୍ଟିହୋଇ ଶେଷରେ ବିଦ୍ରୋହର ରୂପ ନେଇଥିଲା। ସୁପ୍ରିମକୋର୍ଟର ଜଣେ ଓ ହାଇକୋର୍ଟର ୩ ପୂର୍ବତନ ବିଚାରପତି ସିଜେଆଇଙ୍କୁ ଖୋଲାଚିଠି ଲେଖି ମାମଲା ବଣ୍ଟନ ସମସ୍ୟା ନ୍ୟାୟପାଳିକା ଭିତରେ ସମାଧାନ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ମାମଲା ସାମ୍ବିଧାନିକ ପୀଠକୁ ପଠାଇବା ଲାଗି ପରାମର୍ଶ ଦେଇଥିଲେ।

## ସିବିଆଇରେ ଅନ୍ତର୍ଦ୍ୱନ୍ଦ୍ୱ





କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଡରରେ ଅହମିକାର ଲଢ଼େଇ ଅକ୍ଟୋବର ୨୧ରେ ସାମ୍ନାକୁ ଆସିଥିଲା। ହାଇଦ୍ରାବାଦର ମାଂସ ବ୍ୟବସାୟୀ ମୋଇନ୍ କୁରେଶୀ ଜଡ଼ିତ ଥିବା ଏକ ମନି ଲଣ୍ଡରିଂ ମାମଲାକୁ ରଫାଦଫା କରିବା ପାଇଁ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ତଦନ୍ତକାରୀ ସଂସ୍ଥାର ୨ ନମ୍ବର କୁହାଯାଉଥିବା ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାଁରେ ସିବିଆଇ ଲାଞ୍ଚ ମାମଲା ଦାଏର କରିଥିଲା। ରାକେଶ ଏଭଳି ଅଭିଯୋଗକୁ ଖଣ୍ଡନ କରି ଏହା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଥିଲେ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ଅସ୍ଥାନାଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ ସମ୍ପୃକ୍ତ ଥିବା ଆର୍ସିଟିସି ଦୁର୍ନୀତି ମାମଲାରେ ଆଲୋକ ହସ୍ତକ୍ଷେପ କରୁଥିବା ନେଇ ପୂର୍ବରୁ ରାକେଶ ଅଭିଯୋଗ କରିଥିଲେ। ଏହାକୁ ସିବିଆଇ ନିର୍ଦ୍ଦେଶକ ଖଣ୍ଡନ କରି ଓଲଟା ରାକେଶଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଏପରିକି ସେ ରାକେଶଙ୍କ ସିବିଆଇ ସ୍ପେଶାଲ ଡାଇରେକ୍ଟର ଭାବେ ପଦୋନ୍ନତିକୁ ମଧ୍ୟ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ବିବାଦ ଚରମସୀମାରେ ପହଞ୍ଚିବା ପରେ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରି ଅକ୍ଟୋବର ୨୩ରେ ଉଭୟଙ୍କୁ ଛୁଟିରେ ପଠାଇ ଯୁଗ୍ମ ନିର୍ଦ୍ଦେଶକ ଥିବା ଏମ୍. ନାଗେଶ୍ୱର ରାଓଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତ କରିଥିଲେ। ପରେ ନାଗେଶ୍ୱରଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇ ଥିଲା।

## ଭାଜପା ରଥଯାତ୍ରା ବିବାଦ

୨୦୧୯ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ଡିସେମ୍ବରରେ ପଶ୍ଚିମବଙ୍ଗରେ ରଥଯାତ୍ରା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ରାଜ୍ୟ ସରକାର ଏବଂ ଅଦାଲତରୁ ଅନୁମତି ନ ମିଳିବାରୁ ଏହା ଅନିଶ୍ଚିତତା ମଧ୍ୟରେ ରହିଛି। ଉକ୍ତ ର୍ୟାଲି ରାଜ୍ୟର ୩ଟି ସ୍ଥାନରୁ ବାହାରି ସମସ୍ତ ୪୨ଟି ନିର୍ବାଚନମଣ୍ଡଳୀ ପରିକ୍ରମା କରିଥାନ୍ତା। ତେବେ ମମତା ବାନାର୍ଜୀଙ୍କ ସରକାର ସାମ୍ପ୍ରଦାୟିକ ହିଂସା ଆଶଙ୍କା ଥିବା ଦର୍ଶାଇ ଅନୁମତି ଦେଲେ ନାହିଁ। ଫଳରେ ଭାଜପା କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରଥଯାତ୍ରାକୁ ଜଣିକିଆ ଖଣ୍ଡପୀଠ ଡିସେମ୍ବର ୨୦ରେ ଅନୁମତି ଦେଇଥିବାବେଳେ ପଶ୍ଚିମବଙ୍ଗ ସରକାର ଏହାକୁ ମୁଖ୍ୟ ବିଚାରପତିଙ୍କ ଡିଭିଜନ ବେଞ୍ଚରେ ଚାଲେଞ୍ଜ କରିଥିଲେ।ପରିଦିନ ଡିଭିଜନ ବେଞ୍ଚ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ଚାଲେଞ୍ଜ କରି ୨୪ ତାରିଖରେ ଭାଜପା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ହେଁ ବଡଦିନ ଛୁଟି ଥିବାରୁ ତ୍ୱରିତ ଶୁଣାଣିକୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ମନା କରିଦେଇଥିଲା।



## ପୋଲିସ ଗୁଳିରେ ୧୧ ନିହତ

ତାମିଲନାଡୁର ଟୁଟିକୋରିନସ୍ଥିତ ବେଦାନ୍ତ ଷ୍ଟରଲାଇଟ୍ ବିରୋଧରେ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ହିଂସାତ୍ମକ ରୂପ ନେଇଥିଲା। ଷ୍ଟରଲାଇଟ୍ କମ୍ପାନୀ ପ୍ଲାଣ୍ଟର ସମ୍ପ୍ରସାରଣ ଯୋଜନା କରୁଥିବାବେଳେ ବାୟୁ ଓ ଜଳ ପ୍ରଦୂଷିତ ହେବା ଅଭିଯୋଗ କରି ସ୍ଥାନୀୟ ଲୋକେ ପ୍ରକଳ୍ପ ବନ୍ଦ ଦାବିରେ ଆନ୍ଦୋଳନ କରିଥିଲେ। ମେ ୨୨ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ଲାଣ୍ଟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ପୋଲିସ ଘଉଡାଇବା ଲାଗି ଗୁଳି ଚଳାଇବାରୁ ୧୧ ବିକ୍ଷୋଭକାରୀ ପ୍ରାଣ ହରାଇଥିଲେ।



## ମି-ଟୂ: ବ୍ୟଭିଚାରର ବ୍ୟବଚ୍ଛେଦ

ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ଆରମ୍ଭ ହୋଇଥିବା ମି-ଟୂ ଅଭିଯାନର ପ୍ରଭାବ ଭାରତୀୟ ସମାଜ ଉପରେ ପଡିଥିଲା। ଏହାଦ୍ୱାରା ସରକାର, ଗଣମାଧ୍ୟମ ଏବଂ ବଲିଉଡ୍ ଇଣ୍ଡଷ୍ଟ୍ରି ପ୍ରଭାବିତ ହୋଇଥିଲା। ପ୍ରଥମେ ତନୁଶ୍ରୀ ଦତ୍ତ ବଲିଉଡର ବର୍ଷୀୟାନ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ପରେ ଅନ୍ୟ ମହିଳାମାନେ ସେମାନଙ୍କ ଅତୀତର ଯୌନ ଶୋଷଣ କାହାଣୀକୁ ଲୋକଲୋଚନକୁ ଆଣିଥିଲେ। ଫଳରେ ପ୍ରଭାବଶାଳୀ ଅଭିନେତା, ସାମ୍ବାଦିକଙ୍କଠାରୁ ଆରମ୍ଭ କରି ରାଜନେତା ଅଡୁଆରେ ପଡିଥିଲେ। ସେମାନଙ୍କ ସାମାଜିକ ପ୍ରତିଷ୍ଠା ଓ ସମ୍ମାନ କ୍ଷୁଣ୍ଣ ହୋଇଥିଲା। ସଂସ୍କାରୀ ଚରିତ୍ରରେ ଅଭିନୟ କରୁଥିବା ବଲିଉଡ ଅଭିନେତା ଆଲୋକ ନାଥଙ୍କ ବିରୋଧରେ ଲେଖିକା ତଥା ପ୍ରଯୋଜିକା ବିନ୍ତା ନନ୍ଦ ଯୌନ ହିଂସା ଅଭିଯୋଗ ଆଣିଥିଲେ। ବଲିଉଡ୍ ଅଭିନେତ୍ରୀ ଫ୍ଲୋରା ସାଇନୀ ପ୍ରଯୋଜକ ଗୌରାଙ୍ଗ ଦୋଶୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ହିନ୍ଦୁସ୍ତାନ ଟାଇମ୍ସର ବ୍ୟୁରୋ ମୁଖ୍ୟ ଏବଂ ରାଜନୈତିକ ସମ୍ପାଦକ ପ୍ରଶାନ୍ତ ଝାଙ୍କୁ ଅସଦାଚରଣ ଅଭିଯୋଗରେ ଇସ୍ତଫା ଦେବାକୁ ପଡିଥିଲା। ଦି ୱେୟାରର ପ୍ରତିଷ୍ଠାତା ସମ୍ପାଦକ ସିଦ୍ଧାର୍ଥ ଭାଟିଆଙ୍କ ବିରୋଧରେ ଦୁଇ ଜଣ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ସେହିପରି ଡିଏନ୍ଏର ପୂର୍ବତନ ମୁଖ୍ୟ ସମ୍ପାଦକ ଗୌତମ ଅଧିକାରୀ, ଟାଇମ୍ସ ଅଫ ଇଣ୍ଡିଆର ହାଇଦ୍ରାବାଦ ଆବାସିକ ସମ୍ପାଦକ କେ.ଆର୍. ଶ୍ରୀନିବାସ, ବିଜନେସ୍ ଷ୍ଟାଣ୍ଡାର୍ଡର ମୟଙ୍କ ଜୈନଙ୍କ ବିରୋଧରେ ମଧ୍ୟ ଅଭିଯୋଗମାନ ଆସିଥିଲା। କେନ୍ଦ୍ରମନ୍ତ୍ରୀ ଏମ.ଜେ. ଆକବରଙ୍କ ବିରୋଧରେ ପାଖାପାଖି ୨୦ ଜଣ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ପଡିଥିଲା।



## ଜେଲରେ ମିଶେଲ

ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତିର ମଧ୍ୟସ୍ଥ ବ୍ରିଟେନ ନାଗରିକ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସଙ୍କୁ ଡିସେମ୍ବର ୫ରେ ୟୁଏଇ ଭାରତକୁ ପ୍ରତ୍ୟର୍ପଣ କରିଥିଲା। ସିବିଆଇ ଟିମ୍ ଦୁବାଇ ଯାଇ ଅଗୁସ୍ତା ଦୁର୍ନୀତିର ସୂତ୍ରଧର କୁହାଯାଉଥିବା ତାଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଆଣିଥିଲା। ୩,୬୦୦ କୋଟି ଟଙ୍କା ଦୁର୍ନୀତିରେ ମିଶେଲଙ୍କ ଭୂମିକା ସମ୍ପର୍କରେ ଜାଣିବା ପାଇଁ ସିବିଆଇ ତାଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ୨୦୧୦ ଫେବୃୟାରୀରେ ଉପା ସରକାର ଅମଳରେ ୧୨ଟି ଭିଭିଆଇପି ହେଲିକପ୍ଟର ଯୋଗାଇବା ପାଇଁ ହୋଇଥିବା ଚୁକ୍ତିରେ ମିଶେଲ ମଧ୍ୟସ୍ଥତା କରିଥିଲେ। ୫୫୫.୨୬୨ ନିୟୁତ ୟୁରୋର ଚୁକ୍ତି ହୋଇଥିବାବେଳେ ଭାରତର ରାଜକୋଷକୁ ୩୯୮.୨୧ ନିୟୁତ ୟୁରୋ (ପ୍ରାୟ ୨,୬୬୬ କୋଟି ଟଙ୍କା)ର କ୍ଷତି ସହିବାକୁ ପଡ଼ିଥିଲା। ଭିଭିଆଇପି ହେଲିକପ୍ଟର କିଣାରେ ମିଶେଲ ହେଉଛନ୍ତି ୩ ମଧ୍ୟସ୍ଥଙ୍କ ମଧ୍ୟରୁ ଅନ୍ୟତମ। ଏହି ମାମଲାରେ ମଧ୍ୟସ୍ଥ ଗାଇଡୋ ହସ୍କେ ଓ କାର୍ଲୋ ଗେରୋସାଙ୍କ ଭୂମିକା ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଖୋଳତାଡ଼ କରୁଛନ୍ତି। ମିଶେଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହେବା ପରେ ଉଭୟ ସଂସ୍ଥା ଇଣ୍ଟରପୋଲକୁ ଅବଗତ କରାଇଥିଲେ। ଇଣ୍ଟରପୋଲ ମିଶେଲଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ୨୦୧୬ ଜୁନ୍ରେ ଇଡି ପକ୍ଷରୁ ମିଶେଲଙ୍କ ବିରୋଧରେ ଚାର୍ଜଶିଟ ଦାଏର କରାଯାଇଥିଲା। ଏହି ଡିଲ୍ ପାଇଁ ମିଶେଲ ୩୦ ନିୟୁତ ୟୁରୋ (୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଥିଲା।



## ଏନ୍ଆର୍ସି ବିଭ୍ରାଟ

ଆସାମରେ ପ୍ରଥମ ପୂର୍ଣ୍ଣାଙ୍ଗ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍ଆର୍ସି) ବା ଜାତୀୟ ନାଗରିକ ପଞ୍ଜୀକରଣ ଚିଠା ୨୦୧୮ ଜୁଲାଇ ୩୦ରେ ପ୍ରକାଶ ପାଇଥିଲା। ଏହି ଚୂଡ଼ାନ୍ତ ତାଲିକାରେ ୨,୮୯,୮୩,୬୭୭ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ ବାଦ୍ ପଡିଥିଲେ। ବାଦ୍ ପଡ଼ିଥିବା ଲୋକେ ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାଗରିକତ୍ୱରୁ ବଞ୍ଚିତ ଲୋକଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ଏହାକୁ ନେଇ ଆସାମ ଓ କେନ୍ଦ୍ର ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଥିଲା। ଯାହାଙ୍କ ନାମ ଏନ୍ଆର୍ସିରେ ପ୍ରକାଶ ପାଇନାହିଁ, ସେମାନଙ୍କୁ ଚୂଡ଼ାନ୍ତ ଏନ୍ଆର୍ସିରେ ନାମ ପଞ୍ଜୀକରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଥିଲେ।



## ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଷଡ଼ଯନ୍ତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ଲାଗି ମାଓବାଦୀମାନେ ଷଡ଼ଯନ୍ତ୍ର ରଚିଥିବା ଏକ ଚିଠିରୁ ଜଣାପଡିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶୈଳୀରେ ସେମାନେ ମୋଦିଙ୍କୁ ହତ୍ୟା କରିବା ପାଇଁ ଚକ୍ରାନ୍ତ କରୁଥିବାବେଳେ ମହାରାଷ୍ଟ୍ରର ପୁଣେ ପୋଲିସ ୨୦୧୮ ଜୁନ୍ରେ ଏହାର ପର୍ଦ୍ଦାଫାଶ କରିଥିଲା। ମହାରାଷ୍ଟ୍ରର ଭୀମା-କୋରେଗାଉଁ ହିଂସାରେ ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଘରୁ ଜବତ ହୋଇଥିବା ଚିଠିରୁ ଏହି ସାଂଘାତିକ ଷଡଯନ୍ତ୍ର ଜଣାପଡିଥିଲା। ଉକ୍ତ ଚିଠିରେ ମୋଦିଙ୍କ ହିନ୍ଦୁ ଫାସିବାଦୀ ଶାସନ ଆଦିବାସୀଙ୍କ ପଥରେ ପ୍ରତିବନ୍ଧକ ସାଜୁଥିବା ଉଲ୍ଲେଖ ଥିଲା। କେତେଜଣ ମାଓବାଦୀ ନେତା 'ମୋଦି ରାଜ୍'ର ଅନ୍ତ ଘଟାଇବା ପାଇଁ ଯୋଜନା କରିଥିଲେ। ଏହାକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା।

## ଗୁଜରାଟରୁ ଶ୍ରମିକଙ୍କ ଗଣପଳାୟନ

ଗୁଜରାଟର ସାବରକାଣ୍ଠା ଜିଲାରେ ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ ପରେ ଗତ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଉତ୍ତର ଭାରତୀୟଙ୍କ ଉପରେ ସ୍ଥାନୀୟ ଲୋକେ ଆକ୍ରମଣ କରିଥିଲେ। ଫଳରେ ଭୟରେ ହିନ୍ଦୀ ଭାଷାଭାଷୀ ଶ୍ରମିକମାନେ ନିଜ ନିଜ ରାଜ୍ୟ ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଗଣପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ପୋଲିସ ୪୨ଟି ମାମଲା ରୁଜୁ କରି ୩୪୨ ଜଣ ହିଂସାକାରୀଙ୍କୁ ଗିରଫ କରିଥିଲା। ସୋସିଆଲ ମିଡିଆରେ ଗୁଜବ ଯୋଗୁ ଉତ୍ତେଜନା ବୃଦ୍ଧି ପାଇଥିଲା। ସେପ୍ଟେମ୍ବର ୨୮ରେ ସାବରକଣ୍ଠା ଜିଲାର ହିମ୍ମତନଗରରେ ଠାକୁର ସମ୍ପ୍ରଦାୟର ୧୪ ମାସର ଝିଅଙ୍କୁ ବଳାତ୍କାର ଅଭିଯୋଗ ପରେ ସେଠାରେ କାମ କରୁଥିବା ବିହାରର ଜଣେ ୧୯ ବର୍ଷୀୟ ଶ୍ରମିକଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣା ପରେ ସାବରକାଣ୍ଠା, ମେହସାନା, ଗାନ୍ଧୀନଗର, ଆରାବଲ୍ଲୀ, ପଟନ ଓ ଅହମ୍ମଦାବାଦ ଜିଲାରେ ଅଣଗୁଜରାଟୀ ଶ୍ରମିକଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିବାରେ ଲାଗିଲେ। କ୍ଷତ୍ରିୟ ଠାକୁର ସେନା (କେଟିଏସ୍)ର ବିକ୍ଷୋଭ ହିଂସାର ରୂପ ନେଇଥିଲା। ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଗୁଜରାଟରେ କାମ କରିବାକୁ ଦିଆଯିବ ନାହିଁ ବୋଲି କେଟିଏସ୍ ଧମକ ଦେଇଥିଲା। ଆନ୍ଦୋଳନ ଯୋଗୁ କାରଖାନା, ବ୍ୟବସାୟିକ ସଂସ୍ଥା ଓ ଜମି ମାଲିକମାନେ ଉତ୍ତର ଭାରତୀୟ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଫେରିଯିବାକୁ ବାଧ୍ୟ କରିଥିଲେ।



## ମହାଭିଯୋଗ ପ୍ରସ୍ତାବ

୭ ବିରୋଧୀ ଦଳ ସିଜେଆଇ ଜଷ୍ଟିସ ଦୀପକ ମିଶ୍ରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଉଦ୍ୟମ କରିଥିଲେ। ଏପ୍ରିଲ ୨୦ରେ ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ଭେଟି ୬୪ ଏମ୍ପିଙ୍କ ସ୍ୱାକ୍ଷର ସମ୍ବଳିତ ନୋଟିସ ଦେଇଥିଲେ। ଜଣେ କାର୍ଯ୍ୟରତ ପ୍ରଧାନ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯିବାରେ ଦେଶର ନ୍ୟାୟପାଳିକା ଇତିହାସରେ ଏହା ଥିଲା ପ୍ରଥମ ଘଟଣା। ସୋହରାବୁଦ୍ଦିନ ଶେଖ୍ ମିଥ୍ୟା ଏନ୍କାଉଣ୍ଟର ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ସିବିଆଇ ଜଜ୍ ବି.ଏଚ୍. ଲୋୟାଙ୍କ ମୃତ୍ୟୁର ଅଧିକ ତଦନ୍ତ ଅନାବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେବାର ଦିନକ ପରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସିଜେଆଇଙ୍କ ବିରୋଧରେ ୫ଟି ଅଭିଯୋଗ ଅଣାଯାଇ ଏହି ନୋଟିସ ଦିଆଯାଇଥିଲା। ଅନୁରୂପ ଭାବେ ସିଜେଆଇ 'ମାଷ୍ଟର ଅଫ୍ ଦି ରୋଷ୍ଟର' ଭାବେ ନିଜ କ୍ଷମତାର ଅପବ୍ୟବହାର କରି କେତେକ ସମ୍ବେଦନଶୀଳ ମାମଲାକୁ ନିଜ ପସନ୍ଦର ନିର୍ଦ୍ଦିଷ୍ଟ ଖଣ୍ଡପୀଠକୁ ଶୁଣାଣି ପାଇଁ ଦେଇଥିଲେ। ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବକୁ ଚୂଡ଼ାନ୍ତ ରୂପରେଖ ଦେବାବେଳକୁ ଟିଏମ୍ସି, ଡିଏମ୍କେ, ଆର୍ଜେଡି ଏବଂ ଅନ୍ୟ କେତେକ ଦଳ ଏହି ପଦକ୍ଷେପକୁ ସମର୍ଥନ କରିବାକୁ ମନା କରିଦେଇଥିଲେ। ଶେଷରେ ମହାଭିଯୋଗ ଉଦ୍ୟମ ଫେଲ୍ ମାରିଥିଲା।



## ଜାତିକୁ ନେଇ ମୁହାଁମୁହିଁ

ଭିମା କୋରେଗାଉଁ ଯୁଦ୍ଧକୁ ନେଇ ମତଭେଦ ଶେଷରେ ମହାରାଷ୍ଟ୍ରରେ ଜାତିଆଣ ହିଂସାର ରୂପ ନେଇଥିଲା। ୨୦୧୮ ଜାନୁୟାରୀ ୨ରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଜଣେ ଦଳିତଙ୍କ ପ୍ରାଣହାନି ଘଟିଥିଲା। ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ଦଳିତ ସମ୍ପ୍ରଦାୟ ପକ୍ଷରୁ ମହାରାଷ୍ଟ୍ର ବନ୍ଦ ପାଇଁ ଆହ୍ୱାନ ଦିଆଯାଇଥିଲା। ପୁଣେରେ ଏହି ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ଅବସରରେ 'ଶୌର୍ଯ୍ୟ ଦିବସ' ପାଳନ କରୁଥିଲା ମାହାର ସମ୍ପ୍ରଦାୟ। ପ୍ରାୟ ୩ ଲକ୍ଷ ଲୋକ ଶୋଭାଯାତ୍ରାରେ ବାହାରି ଯୁଦ୍ଧ ସ୍ମାରକୀ ନିକଟରେ ଏକତ୍ରିତ ହୋଇଥିବାବେଳେ କେତେକ ହିନ୍ଦୁତ୍ୱବାଦୀ ଦକ୍ଷିଣପନ୍ଥୀ ସଙ୍ଗଠନ ବିରୋଧ କରିଥିଲେ। ଦଳିତମାନେ ଶତାଧିକ ଯାନବାହନରେ ନିଆଁ ଲଗାଇବା ସହ ଟେକାମାଡ଼ କରି ବହୁ ସମ୍ପତ୍ତି ନଷ୍ଟ କରିଦେଇଥିଲେ। ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଥିଲା।

## ସଂକ୍ଷେପରେ

### ସିଦ୍ଧ ବିଜ୍ଞାନ ପ୍ରଶିକ୍ଷଣ ଶିବିର

**ଏରସମା,୨୯।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମରେ ସିଦ୍ଧ ବିଜ୍ଞାନ ପ୍ରଶିକ୍ଷଣ ଶିବିର ଓ ଘୃତ ବିହୀନ ସମିଦ୍ଧ ଯଜ୍ଞ ଶନିବାର ଅନୁଷ୍ଠିତ ହୋଇଛି। ସୃଷ୍ଟିଚକ୍ର ସନ୍ତୁଳନ ତଥା ବିଶ୍ୱ କଲ୍ୟାଣ ପାଇଁ ସିଦ୍ଧ ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ଧର୍ମାନନ୍ଦ ସାହୁ, ବିଶ୍ୱ କଲ୍ୟାଣ ସ୍ୱାଇଁ, ଧନେଶ୍ୱର ମାଜ୍ଜା, ରାଜ ରତନ ଦାଶ, ମିନୁ ଦାସ, ଦମୟନ୍ତୀ ସ୍ୱାଇଁ, ପାରୁଲ ନସ୍କର, ସଞ୍ଜୁକ୍ତା ଭୋଳ, ଧିରେନ୍ଦ୍ର ଦାସ, ବନଜା କାପ, ସାବିତ୍ରୀ ଦାଶ, କୁସୁମ ଦାସ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ତିର୍ତ୍ତୋଲ,୨୯।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପୋରଗଦେଇସ୍ଥିତ ରାଧାଗୋବିନ୍ଦ ସଞ୍ଜୟ ମହାନ୍ତି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସଞ୍ଜୟ ମହାନ୍ତି ଅତିଥି ଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନ ସମ୍ପର୍କରେ କହିଥିଲେ। ପୁରାତନ ଛାତ୍ର ଭାରତ ଭୂଷଣ ମହାନ୍ତି, ନିତାଇ ପ୍ରସାଦ ମିଶ୍ର, ସୋନ୍ମୟ ମହାନ୍ତି, ସୁଶାନ୍ତ ବେହେରା, ସୁନୀଲ ମହାନ୍ତି, ବିଭୁପ୍ରସାଦ ଗିରି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଦିନର ସ୍ମୃତି ଚାରଣ କରିଥିଲେ। ୨୦୧୯ରେ ବିଦ୍ୟାଳୟର ଦ୍ୱିଶତବାର୍ଷିକ ପାଳନ ଅବସରରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ସାମିଲ ହେବାକୁ କୁହାଯାଇଥିଲା।

### ଶ୍ରୀମା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ପାରାଦୀପ,୨୯।୧୨(ସ୍ୱ.ପ୍ର.):** ପାରାଦୀପ ଗଡ଼ରେ ଥିବା ଶ୍ରୀମା ଉଚ୍ଚ ବିଦ୍ୟାଳୟର ୨୦୧୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସେମାନେ ପୂର୍ବତନ ଓ ବର୍ତ୍ତମାନର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡାକି ସମ୍ମାନିତ କରିଥିଲେ। ଏଥିସହ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ। ବର୍ଷାରାଣୀ ମହାନ୍ତି, ଦିବ୍ୟଜ୍ୟୋତି ମଲ୍ଲିକ, ମମତା କଣ୍ଡ, ଦୀପକ ବାରିକ, ସୁଧାଂଶୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆବର୍ଷ ପୂର୍ବରୁ ନେତାଙ୍କ ବ୍ୟାନର ପ୍ରତିଯୋଗିତା

■ସହରରେ ଚିରଞ୍ଜୀବ ଓ ବିଷ୍ଣୁଙ୍କ ବ୍ୟାନର
■ଚର୍ଚ୍ଚାରେ ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ

**ଜଗତ୍‌ସିଂହପୁର ଅଫିସ,୨୯।୧୨**

ଆଉ ମାତ୍ର ଦିନକ ପରେ ନୂଆବର୍ଷ। ଏଥିପାଇଁ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ନେତାମାନେ ରାସ୍ତା ପାର୍ଶ୍ୱରେ ବ୍ୟାନର ମାରି ଲୋକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ବ୍ୟାନର ମରାକୁ ନେଇ ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ଜଗତ୍‌ସିଂହପୁର ସହରରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସଙ୍କ ବ୍ୟାନର ଲାଗିଛି। ଉଭୟ ରାଜ୍ୟ ରାଜନୀତିରେ ଟାଣୁଆ ନେତା ଓ ଗତ ନିର୍ବାଚନରେ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସହରର ଅଧିକ ସ୍ଥାନରେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ବ୍ୟାନର ଦେଖିବାକୁ ମିଳୁଛି। ଅମରେନ୍ଦ୍ର ଜଣେ ଭଲ ଯୁବ ସଙ୍ଗଠକ। ସେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ଦାସଙ୍କ ଏକାନ୍ତ ଅନୁଗତ। ସେ ସହରର ପ୍ରମୁଖ ସ୍ଥାନରେ ବ୍ୟାନର ମାରି ଲୋକଙ୍କ ନଜରକୁ ଆସିଛନ୍ତି।

କୁହାଯାଉଛି ଆଗାମୀ ନିର୍ବାଚନରେ ଅମରେନ୍ଦ୍ରଙ୍କୁ ଦାସ ପ୍ରାର୍ଥୀ କରିବାକୁ ଚାହୁଁଛନ୍ତି। ଅମରେନ୍ଦ୍ରଙ୍କ ବ୍ୟାନରରେ ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ରହିଥିବାରୁ ଏହା ବିଶେଷକରି ଦଳୀୟ କର୍ମୀଙ୍କୁ ଆକୃଷ୍ଟ କରିଛି। ଇଂ. ସତ୍ୟବାଦୀ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ବ୍ୟାନର ମଧ୍ୟ ସହରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମରାଯାଇଛି। ଏଥିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଫଟୋ ରହିଛି। କିନ୍ତୁ ଅମରେନ୍ଦ୍ରଙ୍କ ପରି ଦଳୀୟ ଚିହ୍ନ କି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ନାହିଁ। ତେଣୁ ମିଶ୍ରଙ୍କ ଏହି ବ୍ୟାନରକୁ ଲୋକେ ନାନା ଅର୍ଥରେ ନେଉଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଅମରେନ୍ଦ୍ରଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ନିର୍ବାଚନମଣ୍ଡଳୀରେ ମଧ୍ୟ ଏକାଧିକ ନେତାଙ୍କ ବ୍ୟାନର ଦେଖିବାକୁ ମିଳୁଛି।

### ବିଦ୍ୟାଳୟର ଜୟନ୍ତୀ ଉତ୍ସବ ପ୍ରସ୍ତୁତି

**କୁଜଙ୍ଗ,୨୯।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ବିଶ୍ୱାଳିସ୍ଥିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯଥାକ୍ରମେ ହୀରକ ଜୟନ୍ତୀ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ଛାତ୍ର ଅତନୁ ସାମନ୍ତଙ୍କ ପୌରୋହିତ୍ୟ ତଥା ପ୍ରମୋଦ ପରମାଣିକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଦିବାକର ସ୍ୱାଇଁ ଯୋଗଦେଇ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି ପାଇଁ ସମସ୍ତେ ଯତ୍ନବାନ ହେବାକୁ କହିଥିଲେ। ପ୍ରତିଷ୍ଠାତା ସଭ୍ୟ ନିଶାକର ମଲ୍ଲ, ନାରାୟଣ ମହାପାତ୍ର, ଅଭୟ କୁମାର ଦାସଙ୍କ ପ୍ରତିଷ୍ଠା ସମୟର କଷ୍ଟ ତଥା ଗ୍ରାମବାସୀଙ୍କ ଆବେଗକୁ ମନେ ପକାଇଥିଲେ। ବସନ୍ତ ସାମଲ, ସାରଙ୍ଗଧର ବେହେରା, ଧିରେନ୍ଦ୍ର କୁମାର ଦାଶ, ବ୍ରହ୍ମାନନ୍ଦ ବେହେରା, ଦିବାକର ସ୍ୱାଇଁ, ନୀରଞ୍ଜନ ସାହୁ, ଧିରେନ୍ଦ୍ର ଦାସ ପ୍ରମୁଖ ଶିକ୍ଷକ ପୁରାତନ ଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବ୍ରହ୍ମାନନ୍ଦ ବେହେରା, ଚନ୍ଦ୍ରକାନ୍ତ ସାମଲ, ବିପିନ ପରିଡା ପ୍ରମୁଖ ଶତାଧିକ ପ୍ରାକ୍ତନ ଛାତ୍ର ଯୋଗଦେଇ ନିଜର ମତ ରଖିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁରି ନାକରେ ଗୁଣା**
**କେହି କାହାକୁ ନୁହନ୍ତି ଊଣା ।**

ନାରୀମାନେ ଅଧିକ ସୌନ୍ଦର୍ଯ୍ୟ ପ୍ରିୟ। ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। ଅନେକ ସମୟରେ ନାରୀମାନଙ୍କ ମଧ୍ୟରେ ଅଳଙ୍କାର ନେଇ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିଠାରୁ ପଛରେ ପଡ଼ିଯିବାକୁ ଚାହିଁ ନ ଥାନ୍ତି। ଏପରିସ୍ଥଳେ ଅଳଙ୍କାର ପିନ୍ଧି ପରସ୍ପର ମଧ୍ୟରେ ଟକରାଟକରି ଚାଲିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଭିଏ ଦେଖନ୍ତି ଉପର ଛାପ**
**କେହି ନ ଦେଖନ୍ତି ଭିତର ପାପ ।**

ସମସ୍ତେ କେବଳ ବାହ୍ୟ ସ୍ୱରୂପ ହିଁ ଦେଖିଥାନ୍ତି। ଉପରର ଚାକଚକ୍ୟ ରୂପ ଦେଖି ବିମୋହିତ ହୋଇପଡ଼ିଥାନ୍ତି। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତା' କେହି ଜାଣିପାରି ନ ଥାନ୍ତି। ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ଉପରକୁ ସୁନ୍ଦର ତଥା ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିର ଅସଲ ସ୍ୱରୂପ ବା ସ୍ୱଭାବ ବିଷୟରେ ଠିକ୍ ଅନୁମାନ ଲଗାଇବା କଷ୍ଟସାଧ୍ୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମଣ୍ଡି ଖୋଲିବାକୁ ସମବାୟ ସମିତି ସଭାପତିଙ୍କ ବୈଠକ

**ରଘୁନାଥପୁର, ୨୯।୧୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତଥା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥିବା ୧୧ ସମବାୟ ସମିତି ସଭାପତିଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଦ୍ୱିପାଞ୍ଚଳର ଉତ୍ତରକୂଳ ସୋସାଇଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଚାଷୀଙ୍କ ଧାନ ଅମଳ ସରିଥିବାବେଳେ ବାହାର ବେପାରୀମାନଙ୍କ ଆଖି ଉକ୍ତ ଧାନ ଉପରେ ରହିଛି। ଚାଷୀମାନେ କାଳେ ଅଭାବୀ ବିକ୍ରିର ଶିକାର ହେବେ ଏହାକୁ ଲକ୍ଷ୍ୟ ରଖି ଯଥାଶୀଘ୍ର ସରକାରୀସ୍ତରରେ ଧାନମଣ୍ଡି ଖୋଲିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶିର୍ଲୋ ସିମିତିର ସଭାପତି କୈଳାସ ଚନ୍ଦ୍ର ବସ୍ତିଆଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସ୍ଥାନୀୟ ସମିତିର ସଭାପତି ମନୋଜ କୁମାର ମହାନ୍ତି, ପୁରୁଣାବସନ୍ତ ସଭାପତି ସରୋଜ କୁମାର ସାହୁ, ଛପଡା ସଭାପତି ପ୍ରମୋଦ କୁମାର ମହାନ୍ତି, ତାରପୁର ସମିତି ଚିକିଣିଆର ସଭାପତି ଦେବେନ୍ଦ୍ର କୁମାର ସ୍ୱାଇଁ, ଗୁଆଳିପୁର ସଭାପତି ସଂଗ୍ରାମ ପରିଜା ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଶୃଙ୍ଖଳାର ସହ ଚାଷୀମାନେ ଯେପରି ମଣ୍ଡିରେ ଧାନ ଦେଇପାରିବେ ସେଥିପ୍ରତି ଧାନ ଦେବା ସହ ଚାଷୀମାନେ ଏଥିରେ ସହଯୋଗ କରିବେ ବୋଲି ରେଢୁଆ ସଭାପତି ବିଜୟ କୁମାର ସ୍ୱାଇଁ ଆଶା ପ୍ରକଟ କରିଥିଲେ। ପ୍ରହରାଜପୁର ସଭାପତି ଇଲିୟାଶ ସଭା ଶେଷ କରିବା ସହ ଆସନ୍ତା ନୂଆବର୍ଷର ପ୍ରଥମ ସପ୍ତାହରେ ଧାନମଣ୍ଡି ଖୋଲାଯିବା ପାଇଁ ଦାବି ଜଣାଇଥିଲେ।



ବୈଠକରେ ଉପସ୍ଥିତ ସମବାୟ ସମିତି ସଭାପତି ଓ ଅନ୍ୟମାନେ।

# ସର୍ବଭାରତୀୟ କ୍ରିକେଟ୍ ପାଇଁ ପ୍ରସ୍ତୁତି

**କୁଜଙ୍ଗ,୨୯।୧୨(ସ୍ୱ.ପ୍ର.)**

ଆସନ୍ତା ଜାନୁୟାରୀ ୨୬ରୁ ଫତେପୁର ଖେଳପଡ଼ିଆରେ ପ୍ରତିବର୍ଷପରି ଚଳିତବର୍ଷ ଜୀନଜ୍ୟୋତି ପାଠାଗାର ପକ୍ଷରୁ ୪୧ ତମ ଫତେପୁର କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପାଠାଗାରର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ଗୋଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ଦିବାକର ପ୍ରଧାନ, ସମିତି ସଭ୍ୟ ସଂଗ୍ରାମ ରାଉତରାୟ, ନିରଞ୍ଜନ ପ୍ରଧାନ, ଉପଦେଷ୍ଟା ଆଶୁତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସୁଧିର ରାଉତ କ୍ରୀଡ଼ା ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ରଶ୍ମୀରଞ୍ଜନ ସାମଲ, ପୂର୍ବତନ ସରପଞ୍ଚ ତଥା କ୍ରୀଡ଼ା ସମ୍ପାଦକ ସାଗର ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା।

ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା। ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ।

ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP iii) Near Food Fest | 9,00,000/- | 8,53,000/- |
| | PARKING PLACE | | |
| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**

ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା। ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା। ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

MAHENDAR FINANCE
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 18001200002563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟିଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 1୪ ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill-Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra






ସନ୍ତୋଷ
ଦୀପାରାଣୀ

## ଯୁବ ପ୍ରତିଭା

**ନଳିନୀ ନୀହାର ନାୟକ :** ସର୍ବ ପ୍ରଥମ ଓଡ଼ିଆ ନାଟ୍ୟ ନିର୍ଦ୍ଦେଶକ ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମର୍ଯ୍ୟାଦାଜନକ ଉସ୍ତାଦ ବିସ୍ମିଲ୍ଲା ଖାଁ ଯୁବ ପୁରସ୍କାର ସମ୍ମାନରେ ବିଭୂଷିତ ହୋଇଥିବା କଳାକାର ହେଉଛନ୍ତି କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ଗଭାଡିଆରେ ରହୁଥିବା ମା'ଅଞ୍ଜଳି ଏବଂ ବାପା ବିଜୟ ନାୟକଙ୍କ ପୁଅ ନଳିନୀ ନୀହାର ନାୟକ। ଓଡ଼ିଶାର ବିଭିନ୍ନ ପୁରପଲ୍ଲୀଠୁ ଆରମ୍ଭ କରି ତାଙ୍କ ନିଖୁଣ ଅଭିନୟରେ ବିଭୋର ହୋଇଛନ୍ତି ଆମ ଦେଶର ବିଭିନ୍ନ ସହର ସହ ବାଂଲାଦେଶ, ମାଲେସିଆ ଓ ସିଙ୍ଗାପୁର ପ୍ରମୁଖ ସ୍ଥାନର ଦର୍ଶକ। ଧୀରେ ଧୀରେ ସେ ଅଭିନେତାରୁ ପାଲଟିଯାଇଛନ୍ତି ନିର୍ଦ୍ଦେଶକ। ଆଉ ବର୍ତ୍ତମାନ ସୁଦ୍ଧା ସେ ରାଜୀବ ଗାନ୍ଧୀ ପ୍ରଫେଶନାଲ ଆୱାର୍ଡ, ଜାତୀୟ ଯୁବ ପୁରସ୍କାର, କୋଣାର୍କ ସମ୍ମାନ, ମାଷ୍ଟର ଅଫ ଓଡିଶା ଆୱାର୍ଡ, ବାଣୀଚିତ୍ର ସିନେ ସମ୍ମାନ, ବୈଶାଖୀ ଜାତୀୟ ଏକ୍ସଲେନ୍ସି ପୁରସ୍କାର ଓ ଶ୍ରେଷ୍ଠ ନାଟୁଆ ସମ୍ମାନ ଭଳି ପ୍ରମୁଖ ସମ୍ମାନ ସହ ସାଉଁଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂସା। ସେ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚ ନାଟକ କର୍ମଶାଳାରେ ଅଭିନୟ ଏବଂ ନିର୍ଦ୍ଦେଶନା ଦେବା ସହ ଅନେକ ଓଡିଆ ଚଳଚ୍ଚିତ୍ର, ମେଗାଧାରାବାହିକ ଏବଂ ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟର କାରିଗରି ଦେଖାଇ ଦର୍ଶକମହଲରେ ପ୍ରଶଂସିତ ହୋଇପାରିଛନ୍ତି। ୨୦୦୩ ମସିହାରେ ନ୍ୟୁ କ୍ୱେଷ୍ଟ ରିପୋର୍ଟରି ନାମକ ଏକ ନାଟ୍ୟ ସଂସ୍ଥା ପ୍ରତିଷ୍ଠା କରି ନିର୍ଦ୍ଦେଶନା ଦେଉଥିବା ନଳିନୀ ବର୍ତ୍ତମାନ ଏନ୍ଆଇଟି ରାଉରକେଲାରେ ଷ୍ଟୁଡେଣ୍ଟ ଆକ୍ଟିଭିଟି ଅଫିସର ଭାବେ କାର୍ଯ୍ୟରତ ।

**ରଚିତା ପଣ୍ଡା :** ଏକାଧାରରେ ଜଣେ ଓଡିଶୀ ନୃତ୍ୟାଙ୍ଗନା, ବ୍ୟାଡମିଣ୍ଟନ ଖେଳାଳି ଏବଂ ଗିଟାର ବାଦକ ଭାବେ ନିଜ ଦକ୍ଷତା ପ୍ରତିପାଦନ କରିଥିବା ପୁରୀର ରଚିତା ପଣ୍ଡା ନିଜର ଅନ୍ତର୍ନିହିତ ସୃଜନଶୀଳତାକୁ ଗପ ଏବଂ କବିତା ମାଧ୍ୟମରେ ପ୍ରକାଶ କରିବାରେ ମଧ୍ୟ ହୋଇଛନ୍ତି ସଫଳ। ମା' ଚିନ୍ମୟୀ ମହାପାତ୍ର, ବାପା ରଞ୍ଜୀବ କୁମାର ପଣ୍ଡାଙ୍କ ପ୍ରେରଣା ହିଁ ତାଙ୍କ ସଫଳତାର ଚାବିକାଠି ବୋଲି ମତ ଦେଉଥିବା ଏହି ଓଡ଼ିଶୀ ନୃତ୍ୟାଙ୍ଗନା ଅଭିନୟ, ଶିବ ତାଣ୍ଡବ ଏବଂ ପଲ୍ଲବୀ ନୃତ୍ୟରେ ବେଶ୍ ପାରଙ୍ଗମ। ଆଉ ଏଥିପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ଏହା ବ୍ୟତୀତ ସାଇନ୍ସ, ମାଥ୍ମେଟିକ୍ସ ଏବଂ ଇଂଲିଶ ଅଲିମ୍ପିଆଡରେ ଅଂଶଗ୍ରହଣ କରି ମଧ୍ୟ ପୁରସ୍କୃତ ହୋଇଛନ୍ତି ସେ।

**ଦୀପାରାଣୀ ନାୟକ:** କୌଣସି ସରିଯାଇଥିବା ଅବା ବ୍ୟବହାର ଅନୁପଯୋଗୀ ସମାଗ୍ରୀକୁ ବର୍ଜ୍ୟବସ୍ତୁ ଭାବେ ଡଷ୍ଟବିନ୍କୁ ଫିଙ୍ଗି ନ ଦେଇ ସେଥିରୁ ଭଳିକି ଭଳି ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବାରେ ବେଶ୍ ପାରଙ୍ଗମ ମାଲକାନଗିରି ପୌର ପରିଷଦ ରିକ୍ଲାମେଶନ କଲୋନୀରେ ରହୁଥିବା ଦୀପାରାଣୀ ନାୟକ। ବିଭିନ୍ନ କାର୍ଟୁନ ଚ୍ୟାନେଲ୍ରେ ପିଲାଙ୍କ ଶିଖିବା ଲାଗି ଦିଆଯାଉଥିବା କାର୍ଯ୍ୟକ୍ରମ ଦେଖି ଏଥିପ୍ରତି ତାଙ୍କର ଆଗ୍ରହ ବଢିଥିଲା। ହେଲେ ବାପା ରାଜେନ୍ଦ୍ର ନାରାୟଣ ନାୟକଙ୍କ ଅକାଳ ବିୟୋଗ ପରେ ପରିବାର ସମ୍ଭାଳିବା ଲାଗି ସ୍ୱରୋଜଗାରକ୍ଷମ ହେବା ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିଲେ। ରାସ୍ତାଘାଟରେ ପଡ଼ିଥିବା ଏବଂ ନିଜ ଘରର ଅଦରକାରୀ କାଗଜ, ଜରି, ପ୍ଲାଷ୍ଟିକ ବୋତଲ, ବାଉଁଶ କଣି ସଂଗ୍ରହ କରି ସେଥିରୁ ସୁନ୍ଦର ସୁନ୍ଦର ଫୁଲ, ଫୁଲଦାନି, ପେନ୍ଷ୍ଟାଣ୍ଡ, ସୂତାରେ ଆସନ ଇତ୍ୟାଦି ପ୍ରସ୍ତୁତ କଲି। ବିନା ତାଲିମରେ ଦୀପା ଏଭଳି ଆକର୍ଷଣୀୟ କାଳାକୃତି ପ୍ରସ୍ତୁତ କରୁଥିବା ଦେଖି ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ମହୋତ୍ସବରେ ତାଙ୍କୁ ଏକ ଷ୍ଟଲ ଯୋଗାଇ ଦିଆଯାଇଥିଲା। ପରେ ସେ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଶର୍ଗିଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ତାଲିମ ମଧ୍ୟ ଦେବାର ସୁଯୋଗ ପାଇଥିଲେ। ବର୍ତ୍ତମାନ ସେ ମାଲକାନଗିରି ସଦର ମହକୁମାରେ ଥିବା ଛାତ୍ରାବାସଗୁଡିକରେ ରହୁଥିବା ଛାତ୍ରୀଛାତ୍ରମାନଙ୍କୁ ଏହି ତାଲିମ ଦେଉଛନ୍ତି।

**ରୋଜାଲିନ୍ ପଣ୍ଡା:** ପୁରୀ ବାସେଳୀ ସାହିରେ ରହୁଥିବା ଝୁନୁରାଣୀ ଏବଂ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଝିଅ ରୋଜାଲିନ୍। ଅଦମ୍ୟ ଇଚ୍ଛାଶକ୍ତି ବଳରେ ସେ ରାଜ୍ୟ ତଥା ଜଣେ ଜାତୀୟସ୍ତରୀୟ ନୃତ୍ୟାଙ୍ଗନା ଭାବେ ନିଜର ଏକ ପରିଚୟ ସୃଷ୍ଟି କରି ପାରିଛନ୍ତି ଆଉ ସାଉଁଟିଛନ୍ତି ଅନେକ ସମ୍ମାନ ଓ ପ୍ରଶଂସା। ସେ ଓଡ଼ିଶୀ ନୃତ୍ୟରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ନୃତ୍ୟ ଭାସ୍କର ଓ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ନୃତ୍ୟ ବିଶାରଦ ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି କୁମାରୋତ୍ସବ ପ୍ରତିଭା, ଗ୍ଲୋରୀ ଫେଷ୍ଟରେ ପ୍ରଥମ ସ୍ଥାନ, ଶ୍ରୀକ୍ଷେତ୍ର ଶ୍ରୀ ସମ୍ମାନ, ରାଜ୍ୟ ଶିଶୁ ମହୋତ୍ସବରେ ଯୁବ ପ୍ରତିଭା ସମ୍ମାନ। ଏହା ବ୍ୟତୀତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ସମ୍ମାନ ସହିତ କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ କରି ସେ ହାସଲ କରିଛନ୍ତି ଅନେକ ସମ୍ମାନପତ୍ର। ସେ କେବଳ ଓଡ଼ିଶାର ବିଭିନ୍ନ ଉତ୍ସବରେ ନୁହେଁ ବରଂ ଓଡ଼ିଶା ବାହାରେ ବେଙ୍ଗାଲୁରୁ, ମନାଲି, କୋଲକାତା, ଆସାମ, ପଶ୍ଚିମବଙ୍ଗ, ଗୁଜରାଟ ପ୍ରଭୃତି ରାଜ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ଓଡ଼ିଶୀ ବ୍ୟତୀତ କଥକ, ସମ୍ବଲପୁରୀ, କ୍ଲାସିକାଲ, ମାହାରୀ ନୃତ୍ୟ ପ୍ରତି ମଧ୍ୟ ଆଗ୍ରହ ରଖୁଥିବା ରୋଜାଲିନ୍ ବର୍ତ୍ତମାନ ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି।


ରୋଜାଲିନ୍

**ତପସ୍ୱିନୀ ମହାନ୍ତି:** ପୁରୀ ମାର୍କଣ୍ଡେଶ୍ୱର ସାହିରେ ରହୁଥିବା ଶୈଳବାଳା ଏବଂ ଉମେଶ ଚନ୍ଦ୍ର ମହାନ୍ତିଙ୍କ ଝିଅ ତପସ୍ୱିନୀ। ପିଲାବେଳୁ ମା'ଙ୍କ ପ୍ରେରଣାରେ ସେ ଆରମ୍ଭ କରିଥିଲେ ନୃତ୍ୟଶିକ୍ଷା। ହେଲେ ଯୁକ୍ତ ୨ରେ ଅଧ୍ୟୟନ କରିବା ସମୟରେ ସେ ପ୍ରଥମେ ମଞ୍ଚ ନାଟକରେ ପାଦ ଥାପିଲେ। ୨୦୧୪ ମସିହାରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ଅଂଶଗ୍ରହଣ କରି ଶ୍ରେଷ୍ଠ ଯୁବପ୍ରତିଭା ସମ୍ମାନରେ ସମ୍ମାନିତ ହେବା ସହ ୨୦୧୬ରେ ଶ୍ରୀକ୍ଷେତ୍ରର ଯୁବପ୍ରତିଭା ସମ୍ମାନ, ଶୋ' ଟାଇମ୍ ଆୱାର୍ଡ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ସମ୍ମାନ ହାସଲ କଲେ। ସୁଯୋଗ ମିଳିଲେ ଓଡ଼ିଆ ଫିଲ୍ମ ଏବଂ ସିରିଏଲ୍ରେ ମଧ୍ୟ ଅଭିନୟ କରିବାକୁ ଇଚ୍ଛୁକ ଥିବା ତପସ୍ୱିନୀ ଭବିଷ୍ୟତରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହେବା ସହ ନାଟ୍ୟ ନିର୍ଦ୍ଦେଶନା ଦେବାକୁ ଆଶା ରଖିଛନ୍ତି।

**ସନ୍ତୋଷ ଶେଖର ମହାନ୍ତି:** ଦୁର୍ଘଟଣାର ଶିକାର ହୋଇଥିବା ଗୃହପାଳିତ ପ୍ରାଣୀଙ୍କ ସେବା କରିବାରେ ପୁରୀ ସହରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସନ୍ତୋଷ ଶେଖର ମହାନ୍ତି। କେବଳ ଗୋସେବା ନୁହେଁ, ଅସହାୟଙ୍କୁ ସହାୟତାଠାରୁ ଆରମ୍ଭ କରି ଅପରିଚିତଙ୍କ ଶବଦାହ କରିବା ପର୍ଯ୍ୟନ୍ତ କାର୍ଯ୍ୟରେ ବି ସେ ସର୍ବଦା ଆଗଭର ହୋଇ ଉଠନ୍ତି। ସାହିରେ କୌଣସି ସମସ୍ୟା ପଡ଼ିଲେ ଅଥବା ରାସ୍ତାକଡ଼ରେ କୌଣସି ଗୃହପାଳିତ ପ୍ରାଣୀଟିଏ ପଡ଼ି ଛଟପଟ ହେଉଥିବା ଖବରପାଇଲେ, ସେ ସବୁ କାମ ଛାଡ଼ି ସେଠାରେ ପହଞ୍ଚି ତା'ର ସେବା ଶୁଶ୍ରୂଷାରେ ଲାଗିପଡ଼ନ୍ତି। କେବଳ ଏତିକି ନୁହେଁ, ଇତିମଧ୍ୟରେ ସେ ଶତାଧିକ ବ୍ୟକ୍ତିଙ୍କ ଶବଦାହ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ସ୍ଥାନକୁ ଯାଇ ବୃକ୍ଷରୋପଣ ମଧ୍ୟ କରନ୍ତି। ତାଙ୍କର ଏହି ନିଆରା ବ୍ୟକ୍ତିତ୍ୱ ଲାଗି ସେ ଅନେକ ଅନୁଷ୍ଠାନ ପକ୍ଷରୁ ସେବା ସମ୍ମାନ, ଯୁବ ବ୍ୟକ୍ତିତ୍ୱ, ଶ୍ରୀକ୍ଷେତ୍ର ଗୌରବ ସମ୍ମାନରେ ସମ୍ମାନିତ ମଧ୍ୟ ହୋଇଛନ୍ତି।

## ୟୁଥ୍ କ୍ଲବ

**ଦି ୟୁଥ୍ ମାସ୍:** ଯାଜପୁର ବ୍ୟାସନଗର ପୌର ପରିଷଦ ତଥା ଯାଜପୁର ରୋଡରେ ରହିଛି କ୍ଲବ ଦି ୟୁଥ ମାସ୍। ୧୯୮୭ରେ ଗଠିତ ଏହି କ୍ଲବର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୫୩। ଏହି କ୍ଲବର ସଦସ୍ୟମାନେ ନିଜର ବହୁମୂଲ୍ୟ ସମୟ ବାହାର କରି ବାଳଶ୍ରମିକ ଉଦ୍ଧାର, ନିରାଶ୍ରୟମାନଙ୍କୁ ସାହାଯ୍ୟ କରିବାଠାରୁ ଆରମ୍ଭ କରି ପରିବାର ନ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅନ୍ତିମ ସତ୍କାର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ କରିଥାନ୍ତି। ମୁଖ୍ୟତଃ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରକ୍ତଭଣ୍ଡାରକୁ ରକ୍ତଦାନ ସହ କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଆଖପାଖ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ମଧ୍ୟ କରିଥାନ୍ତି। ନିଜ ନିଜ ମଧ୍ୟରେ ଟଙ୍କା ଆଦାୟ କରି ଏମାନେ ରୋଗୀମାନଙ୍କୁ ଫଳ ଓ ଶୀତବସ୍ତ୍ର ପ୍ରଦାନ କରିଥାନ୍ତି। ସେହିପରି ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ କରିଥାନ୍ତି।

**ଆଞ୍ଚଳିକ ବିକାଶ ପରିଷଦ:** ବ୍ରହ୍ମପୁର ସହର ଉପକଣ୍ଠ ଗୁଣ୍ଠବନ୍ଧ ଗ୍ରାମର କେତେଜଣ ଯୁବକ ଜଙ୍ଗଲ ସୁରକ୍ଷା ଏବଂ ବନ୍ୟଜୀବ ସଂରକ୍ଷଣ ପାଇଁ ୨୦୧୧ ମସିହାରେ ଗଠନ କରିଥିଲେ ଆଞ୍ଚଳିକ ବିକାଶ ପରିଷଦ । ସେମାନଙ୍କ ଉଦ୍ୟମ ଯୋଗୁ ମୟୂର ଏବଂ ବଜ୍ରକାପ୍ତା ସୁରକ୍ଷା ହୋଇପାରିବା ସହ ଜଙ୍ଗଲରୁ କାଠ ଚୋରି ମଧ୍ୟ କମିପାରିଛି। ଏହା ବ୍ୟତୀତ ଧୀରେ ଧୀରେ ହ୍ରାସ ହୋଇଯାଉଥିବା ଘରଚଟିଆଙ୍କ ବୃଦ୍ଧି ଲାଗି ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପଲିଥିନ୍ ମୁକ୍ତ ଗାଁ ପାଇଁ ବିଭିନ୍ନ ସ୍ଥାନରେ କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରି ସ୍ଥାନୀୟ ଜନତାଙ୍କ ସମେତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ଅନ୍ୟପଟେ ପ୍ରତିବର୍ଷ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଉଛି।


ନଳିନୀ ନୀହାର

**ବୀଣାପାଣି ଯୁବକ ସଂଘ:** ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଛନ୍ତି କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ୍ ଅନ୍ତର୍ଗତ ମଲିଆକୁଦା ଗ୍ରାମରେ ଥିବା ବୀଣାପାଣି ଯୁବକ ସଂଘର ସଦସ୍ୟମାନେ। ନିଜ ଗ୍ରାମ ସମେତ ଆଖପାଖ ଅଞ୍ଚଳକୁ ନିଶାମୁକ୍ତ ରଖିବା ଲାଗି ସେମାନେ ଅନେକ ସମୟରେ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ, ପରିବେଶ ପ୍ରଦୂଷଣ ରୋକିବାକୁ ବିଭିନ୍ନ ପ୍ରକାର ବୃକ୍ଷରୋପଣ ଠାରୁ ଆରମ୍ଭ କରି ଅସହାୟଙ୍କ ସହାୟତା ଲାଗି ମଧ୍ୟ ସେମାନେ ବେଶ୍ ତତ୍ପର। ନିଜ ତଥା ଆଖ ପାଖ ଗାଁରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଲାଗି ସେମାନେ ପ୍ରତିବର୍ଷ ଜାନୁୟାରୀ ୨୬, ଅଗଷ୍ଟ ୧୫ ଭଳି ଜାତୀୟ ଦିବସଗୁଡକରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥାନ୍ତି। ସଦସ୍ୟମାନେ ପରସ୍ପର ମଧ୍ୟରେ ଚାନ୍ଦା ଆଦାୟ କରି ଏସବୁ କାର୍ଯ୍ୟ ତୁଲାଇଥାନ୍ତି।

**ମା' ଅଁଳେଇ ଜନସେବା ଗ୍ରୁପ୍ :** ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ଉଇଲକିଶନନଗର ଗାଁରେ ଥିବା ମା' ଅଁଳେଇ ଜନସେବା ଗ୍ରୁପ୍ର ସଦସ୍ୟମାନଙ୍କ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ବିଶେଷ କରି ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କାର୍ଯ୍ୟରେ ପ୍ରଭାବିତ ହୋଇ ସରକାର ୨୦୦୯ ମସିହାରେ ପ୍ରଦାନ କରିଛନ୍ତି ପ୍ରକୃତି ମିତ୍ର ପୁରସ୍କାର । କାଠମାଫିଆଙ୍କ ଦ୍ୱାରା ଜଙ୍ଗଲରୁ ଗଛକଟା, ପଥରମାଫିଆଙ୍କ ଦ୍ୱାରା କମ୍ପ୍ରେସର ସାହାଯ୍ୟରେ ଆମୋନିୟମ ସାର, ବାରୁଦ, ଡିନାମାଇଟ ଓ ଜିଲୋଟିନ ବ୍ୟବହାର କରି ବେଆଇନ ବିସ୍ଫୋରଣ, ପୁଣି ଖରାଦିନେ ଅଙ୍ଗାର ପାଇଁ ଜଙ୍ଗଲରେ ନିଆଁ ଲଗାଇବା ଯୋଗୁ ହେଉଥିବା ଔଷଧୀୟ ବୃକ୍ଷ ଓ ଅନ୍ୟାନ୍ୟ ବୃକ୍ଷ ନଷ୍ଟ ରୋକିବା ଏହି ଗ୍ରୁପ୍ର ସଦସ୍ୟମାନଙ୍କ ମୁଖ୍ୟ କାର୍ଯ୍ୟ। ସେମାନେ ନିଜ ନିଜ ମଧ୍ୟରେ ଟଙ୍କା ଆଦାୟ କରି ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ରାଶିରେ ଏସବୁ କାର୍ଯ୍ୟ ତୁଲାଇଥାନ୍ତି। ଶିଶୁମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଆଗେଇବାକୁ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥାନ୍ତି।

**ବକ୍ସିଂ ଓଡ଼ିଶା:** 'ବକ୍ସିଂ ଏକ କ୍ରୀଡ଼ା, ଏଥିରେ ମଣିଷ ସ୍ୱଭାବ ପରିବର୍ତ୍ତନ ହୁଏନି' ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ବ୍ରହ୍ମପୁର ସହରରେ ଥିବା 'ବକ୍ସିଂ ଓଡ଼ିଶା' କ୍ଲବ୍ର ଯୁବ ବକ୍ସରମାନେ। ନିଜ ଶକ୍ତିର ପରିଚୟ ଦେବା ପାଇଁ ସେମାନେ ବକ୍ସିଂ ରିଙ୍ଗରେ ହାତରେ ଗ୍ଲୋଭସ୍ ପିନ୍ଧି ପ୍ରତିପକ୍ଷଙ୍କୁ ଆକ୍ରମଣ କରନ୍ତି ସତ ହେଲେ ରିଙ୍ଗ ବାହାରେ ସେମାନେ ଲଢ଼ନ୍ତି ପରିବେଶ ସୁରକ୍ଷା ପାଇଁ । ସମୟ ବାହାର କରି କେତେବେଳେ ଏକାଠି ସହର ସାରା ବୁଲି ବୁଲି ବୃକ୍ଷରୋପଣ କରନ୍ତି ତ ଆଉ କେବେ ହାତରେ ପ୍ଲାକାର୍ଡ ଧରି ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟନ୍ତି। ଚଳିତବର୍ଷ ଅଲିଭ୍ ରିଡଲେ କଇଁଛ ସୁରକ୍ଷା ଲାଗି ସୁନାପୁର ଉପକୂଳ ସଫା କରିବା ସହ ପ୍ରାୟ ୨ କୁଇଣ୍ଟାଲ୍ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ । କଇଁଛଙ୍କ ସୁରକ୍ଷା ଲାଗି ସାଇକେଲ ଶୋଭାଯାତ୍ରା ଆୟୋଜନ କରିଥିଲେ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସମୟରେ ଆୟୋଜିତ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ଏବଂ ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମଗୁଡ଼ିକରେ ବକ୍ସିଂ ଓଡ଼ିଶାର ବକ୍ସରମାନେ ସର୍ବଦା ଆଗ୍ରହର ସହ ସାମିଲ ହୋଇଥାନ୍ତି।

**ସବୁଜ ବାହିନୀ:** ବ୍ରହ୍ମପୁର ସହରର କେତେଜଣ ଯୁବକଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିଲା 'ସବୁଜ ବାହିନୀ' । ଯାହାକି ବର୍ତ୍ତମାନ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ଗୃହପାଳିତ ପଶୁଙ୍କ ଚିକିତ୍ସା ଭଳି ମହତ କାର୍ଯ୍ୟ ପାଇଁ ସୁଦୂର ପ୍ରସାରି ପରିଚୟ ହାସଲ କରିପାରିଛି । ଏହି ବାହିନୀରେ ଥିବା ୨୮ ଜଣ ସକ୍ରିୟ ସଦସ୍ୟଙ୍କ ମଧ୍ୟରେ କଲେଜ ପଢୁଆ ଛାତ୍ରଙ୍କ ସମେତ ବ୍ୟବସାୟୀ ଏବଂ ଅନ୍ୟାନ୍ୟ କାର୍ଯ୍ୟରତ ବ୍ୟକ୍ତିମାନେ ମଧ୍ୟ ରହିଛନ୍ତି । ତେବେ ନାଁ ସବୁଜ ବାହିନୀ ହୋଇଥିଲେ ବି କେବଳ ବୃକ୍ଷ ରୋପଣରେ ସୀମିତ ନ ରହି କ୍ଲବ୍ ପକ୍ଷରୁ ପରିବେଶ ସୁରକ୍ଷା, ପଲିଥିନ୍ ବ୍ୟବହାର ନ କରିବା ଏବଂ ଅନ୍ୟାନ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି। ଗ୍ରୀଷ୍ମ ଆରମ୍ଭରୁ ଯେପରି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ନ ଦେଖାଦେଇଥାଏ ସେଥିପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଶେଷକୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ଏହାସହ ରକ୍ତଦାନ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇ ଯୁବପିଢିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରାଯାଉଛି। ଅନ୍ୟପଟେ ଗୃହପାଳିତ ପଶୁଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି।


ତପସ୍ୱିନୀ

## ସଂକ୍ଷେପରେ

### କବାଟ ତାଡି ଦୋକାନରୁ ଲୁଟ୍



**ପଟ୍ଟାମୁଣ୍ଡାଇ, ୨୯।୧୨ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚନ୍ଦନନଗରସ୍ଥିତ ଚନ୍ଦ୍ରମଉଳିଙ୍କ ମନ୍ଦିର ସମ୍ମୁଖସ୍ଥ ଟୁକୁଲା ରଣାଙ୍କ ଷ୍ଟେସନାରୀ ଦୋକାନ କବାଟ ତାଡି ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି । ଟୁକୁନା ଏଥିନେଇ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଏଏସଆଇ ପବିତ୍ର କୁମାର ବେହେରା ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଥିଲେ ହେଁ କୌଣସି ସୂଚନା ପାଇ ପାରିନାହାନ୍ତି । ପ୍ରକାଶ ଯେ,ଟୁକୁନା ସବୁ ଦିନ ଦୋକାନରେ ଶୋଉଥିବା ବେଳେ ଶୁକ୍ରବାର ରାତିରେ ସେଠାରେ ଶୋଇ ନ ଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ତାଡି ଏକ ସ୍କୁଟି, ନଗଦ ୧୮ହଜାର ଟଙ୍କା, ହର୍ଲିକ୍ସ, ବିସ୍କୁଟ ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି । ପୋଲିସ ୪୪୮/୨୦୧୮ନଂରେ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛି । ଏହି ଲୁଟ ଘଟଣାରେ ସ୍ଥାନୀୟ କେତେଜଣ ଯୁବକଙ୍କ ହାତ ଥିବା ପୋଲିସ ଅନୁମାନ କରୁଛି ।

### କୃତୀ ଶିକ୍ଷକଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା



**ରାଜନଗର, ୨୯।୧୨ (ଡି.ଏନ୍.ଏ.):** ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ କଟକରେ ଅନୁଷ୍ଠିତ ୩୭ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କୃତୀ ଶିକ୍ଷକ ମହେଶ୍ୱର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାଦାନ ସହ ସାମାଜିକ କ୍ଷେତ୍ରରେ ମାନବୀୟ ମୂଲ୍ୟବୋଧ, ଉତ୍ସର୍ଗୀକୃତ ସେବା ଓ ସାଙ୍ଗଠନିକ ସମ୍ପାଦନରେ ସ୍ୱତନ୍ତ୍ର ଅବଦାନ ପାଇଁ ରାଉତଙ୍କୁ 'ଶିକ୍ଷକ ଗୌରବ ବ୍ରହ୍ମଚାରୀ ସ୍ମୃତି ଶିକ୍ଷା ସାଧକ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଓଷ୍ଟାର ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସମ୍ପାଦକ ପ୍ରକାଶ ମହାନ୍ତି, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଯୋଗଦେଇଥିଲେ। ରାଉତ ଏବେ ରାଜନଗର ବ୍ଲକ ଓଷ୍ଟାର ସମ୍ପାଦକ ତଥା କଣ୍ଡିରାସ୍ଥିତ ବାସୁଦେବ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

### ସଙ୍ଗୀତଜ୍ଞ ପୀତାମ୍ବର ରାଉତ ସ୍ମୃତି ସମାରୋହ



**ରାଜନଗର,୨୯।୧୨(ଡିଏନଏ):** ରାଜନଗର ବ୍ଲକର ବାର୍ହାପୁରଠାରେ ସଙ୍ଗୀତଜ୍ଞ ପୀତାମ୍ବର ରାଉତ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଓ ପ୍ରତିଭା ଗୌରବ ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ମନ୍ମଥ ନାଥ ରାଉତ, କବି ପ୍ରମୋଦ କୁମାର ସେଠୀ, ମହନ୍ତ କୁମାର ମଲ୍ଲିକ, ଶିକ୍ଷକ ନେତା ସୀତାକାନ୍ତ ରାଉଳ, ଅଶୋକ କୁମାର ସ୍ୱାଇଁ, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବି ହେମନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି, ସୁଶାନ୍ତ କୁମାର ଦାସ, ଅଧାପକ ଶଶଧର ରାଉତ, ବିଷ୍ଣୁଚରଣ ଦାସ, କଣ୍ଠଶିଳ୍ପୀ ବିଜୟ କୁମାର ଦାସ, ନୃତ୍ୟଶିଳ୍ପୀ ଶିଖାରାଣୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଦେବେନ୍ଦ୍ର ରାଉଳ, ଶାନ୍ତନୁ କୁମାର ସ୍ୱାଇଁ, ଶିକ୍ଷକ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଳାସପୂର୍ଣ୍ଣ କାଟାମାରାନ ବୋଟ୍‌ରୁ ଗାଏବ ସାମଗ୍ରୀ ଠାବ

■ବ୍ୟବସାୟୀଙ୍କ ବିରୋଧ ଯୋଗୁ ସାମଗ୍ରୀ ତାଲା ପଡି ରହିଲା

■୨୫ କିଲୋମିଟର ଦୂରକୁ ସାମଗ୍ରୀ ଚାଲାଣ ନେଇ ପ୍ରଶ୍ନବାଚୀ



ବିଳାସପୂର୍ଣ୍ଣ ବୋଟ୍ ।



ଠାବ ହୋଇଥିବା ସାମଗ୍ରୀ।

**ରାଜନଗର,୨୯।୧୨(ଡିଏନଏ)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନକୁ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଜଳପଥରେ ଭିତରକନିକା ଯିବା ପାଇଁ ରାଜନଗର ବନବିଭାଗ ପକ୍ଷରୁ ୪ଟି ବିଳାସପୂର୍ଣ୍ଣ କାଟାମାରାନ ବୋଟ କିଣାଯାଇଥିଲା। ତେବେ ନିକଟରେ ଏହି ବୋଟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଗାଏବ ହୋଇଯାଇଥିଲା। ଶନିବାର ଏହି ସାମଗ୍ରୀ ବୋଟ ରହୁଥିବା ସ୍ଥାନ ଗୁପ୍ତିଘାଟ ଠାରୁ ୨୫ କିଲୋମିଟର ଦୂର ସାନବଡଗୋପାଳପୁରସ୍ଥିତ ଜଣେ ବ୍ୟକ୍ତିଙ୍କ କୋଠାଘରେ ବନବିଭାଗ ଠାବ କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅପରପକ୍ଷରେ ଗାଏବ ସାମଗ୍ରୀ ଉଦ୍ଧାର ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ଏହାକୁ ଅଟକାଇଥିଲେ । ଫଳରେ ବନ ବିଭାଗ କର୍ମଚାରୀମାନେ ତାହାକୁ ପୁନର୍ବାର ଘରେ ରଖି ତାଲା ପକାଇ ଦେଇଛନ୍ତି ।

ପ୍ରକାଶ ଯେ, ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଆଇସିଜେଡଏମପି)ର ଆର୍ଥିକ ଅନୁଦାନରେ ୨୦୧୪ ରେ ୪ଟି ବିଳାସପୂର୍ଣ୍ଣ ବୋଟ ଭିତରକନିକାକୁ ଅଣାଯାଇଥିଲା। ୫ କୋଟି ୯୮ ଲକ୍ଷ ୭୫ହଜାର ୨୬୫ ଟଙ୍କାରେ ଏହି ୪ଟି ବୋଟ କିଣାଯାଇଥିଲା। ବୋଟରେ ୨୦ଜଣ ଯାତ୍ରୀ ଯାତ୍ରା କରିବାର ସୁବିଧା ଥିଲା। ଏହାଛଡା ପର୍ଯ୍ୟଟକଙ୍କ ସୁବିଧା ପାଇଁ ଫ୍ରିଜ, ଫ୍ରିଜର, ଗିଜର, ବେଡ, ଗଦି, ଚେୟାର, ଓଭାନ ସହିତ ସମସ୍ତ ଅତ୍ୟାଧୁନିକ ବିଳାସ ସାମଗ୍ରୀ ଥିଲା। ବୋଟରେ ପର୍ଯ୍ୟଟକମାନେ ଯାତ୍ରା କରିବା ସହିତ ରାତ୍ରୀଯାପନର ସୁବିଧା ଥିଲା। ତେବେ ଏହି ବୋଟଗୁଡିକ ଚଳାଇବାରେ ବନବିଭାଗ ବିଫଳ ହେବା ପରେ ୧ ଜାନୁୟାରୀ ୨୦୧୬ରେ ଏହାର ପରିଚାଳନା ପାଇଁ କେରଳର ସମୁଦ୍ର ସିପୟାର୍ଡ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ଠିକା ଦିଆଯାଇଥିଲା। ଚଳିତମାସ ୩୧ତାରିଖ ସୁଦ୍ଧା ବୋଟଗୁଡିକୁ ବନବିଭାଗକୁ ହସ୍ତାନ୍ତର କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ବୋଟ ହସ୍ତାନ୍ତର ପୂର୍ବରୁ ବୋଟଗୁଡିକ ତନଖି ବେଳେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନ ଥିବା ଦେଖିବାକୁ ମିଳିଥିଲା। ଏହାର ଖୋଳତାଡ କରାଯିବା ବେଳେ ଠିକା ନେଇଥିବା ଘରୋଇ କମ୍ପାନୀର ମ୍ୟାନେଜର ଓ ଉଚ୍ଚ ଅଧିକାରୀମାନେ ରହୁଥିବା ଘରେ ଏହି ସାମଗ୍ରୀଗୁଡିକ ଥିବା ଜଣାପଡିଥିଲା। ବୋଟ ରହୁଥିବା ସ୍ଥାନ ଠାରୁ ୨୫ କିମି ଦୂରରେ ସାନବଡଗୋପାଳପୁର ଠାରେ ଏକ ଘରେ ଏହି ସାମଗ୍ରୀ ଥିବା ନେଇ ଗତ ୨୫ ତାରିଖ ଦିନ ରାଜନଗର ଏସିଏଫ ଅମରେଶ ନାଥ ପ୍ରଧାନ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ ପୋଲିସ ଶନିବାର କମ୍ପାନୀ ଅଧିକାରୀ ଓ ବନବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ଘର ମଧ୍ୟରୁ ଗାଏବ ହୋଇଥିବା ସାମଗ୍ରୀ ବାହାରକୁ ବାହାର କରିବା ପାଇଁ ଉଦ୍ୟମ କରିଥିଲା । ଏହି ସମୟରେ ସ୍ଥାନୀୟ ବ୍ୟବସାୟୀ ଦେବବ୍ରତ ରାଉତ, ଜନ୍ମେଜୟ ମହାନ୍ତି, ଗଣେଶ୍ୱର ବେହେରା ପ୍ରମୁଖ ସେଠାରେ ପହଞ୍ଚି ସମୁଦ୍ର ସିପୟାର୍ଡ କମ୍ପାନୀର କର୍ମଚାରୀମାନେ ଆମଠାରୁ ବୋଟ ଚଳାଇବା ପାଇଁ ତେଲ ଓ ରାଶନ ସାମଗ୍ରୀ ବାକିରେ ନେଇଛନ୍ତି। ସେ ବାବଦକୁ ବକେୟା ଥିବା ଲକ୍ଷାଧିକ ଟଙ୍କା ଆମକୁ ଦେବାର ଅଛି। ଟଙ୍କା ନ ଦେବା ଯାଏଁ ସାମଗ୍ରୀ ଏଠାରୁ ଯାଇ ପାରିବ ନାହିଁ ବୋଲି ଜିଦ୍ ଧରିଥିଲେ। ତେବେ ସାମଗ୍ରୀ ବାକିରେ ନିଆଯାଇ ବୋଟ ପରିଚାଳନା କାମରେ ଲାଗିଥିବାରୁ କମ୍ପାନୀର ମ୍ୟାନେଜର ଆସିଲେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାବି ସାମଗ୍ରୀକୁ ପୁଣି ଉକ୍ତ ଘର ମଧ୍ୟରେ ପୁରାଯାଇ ତାଲା ପକାଯାଇଛି। ପୋଲିସ ପାଖରେ ତାଲାର ଚାବି ରହିଥିବା ଜଣାପଡିଛି। ସବୁଠୁ ବଡକଥା ହେଲା ଏହି ବିଳାସପୂର୍ଣ୍ଣ ବ୍ୟୟବହୁଳ ବୋଟ ମଧ୍ୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ କିପରି ଏବଂ କାହା ସହଯୋଗରେ ଏତେ ଦୂରକୁ ଆସିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁ ସ୍ଥାନରୁ ଏହି ସାମଗ୍ରୀ ଜବତ କରାଯାଇଛି, ସେଠାରୁ ମାତ୍ର ୧୦୦ଫୁଟ ଦୂରରେ ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟ ଅବସ୍ଥିତ। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ମାର୍ଶାଘାଇ ବଣିକ ସଂଘର ବାର୍ଷିକ ଅଧିବେଶନ

**ମାର୍ଶାଘାଇ,୨୯।୧୨(ଡି.ଏନ୍.ଏ.)**



ଅଧିବେଶନରେ ଉପସ୍ଥିତ ସଂଘର କର୍ମକର୍ତ୍ତା ଓ ବ୍ୟବସାୟୀମାନେ।

ମାର୍ଶାଘାଇ ବଣିକ ସଂଘର ବାର୍ଷିକ ଅଧିବେଶନ ଶୁକ୍ରବାର ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ସଂଘ ସଭାପତି ରନେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ୱାଇଁ କହିଥିଲେ ଯେ, ନମ୍ର ଓ ଉତ୍ତମ ବ୍ୟବହାର ଗ୍ରାହକମାନଙ୍କୁ ଆକର୍ଷିତ କରିଥାଏ । ଏହାଛଡା ଉତ୍ତମ ଗୁଣବତ୍ତା ସଂପନ୍ନ ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଅବସରରେ ମାର୍ଶାଘାଇ ବଜାରରେ ଘରୋଇ ଏବଂ ସରକାରୀ ପ୍ରୋତ୍ସାହନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଥିବା ନେଇ ସେ ସୂଚନା ପ୍ରଦାନ କରିଥିଲେ । ସଂପାଦକ ଉପେନ୍ଦ୍ର କୁମାର ବେହେରା ସଂପାଦକୀୟ ବିବରଣୀ ପାଠ କରି ବ୍ୟବସାୟୀମାନଙ୍କ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହ ସଂପାଦକ ଶୁକଦେବ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଧ୍ରୁବକିଶୋର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସଂପାଦକ ସଚ୍ଚିଦାନନ୍ଦ ସ୍ୱାଇଁ,କୋଷାଧ୍ୟକ୍ଷ ଧ୍ରୁବକିଶୋର ନାୟକ ,କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପ୍ରଶାନ୍ତ ବେହେରା,କୈଳାଶ ବେହେରା,ସଞ୍ଜୟ ଦାସ,ମଥୁରାନନ୍ଦ ଯେନା,ରାଜକିଶୋର ମାହେଶ୍ୱରୀ,ବିନୋଦମାହେଶ୍ୱରୀ,ଗୋବିନ୍ଦ ମାହେଶ୍ୱରୀ, ଭାଗବତ ସାହୁ,ସୁଜଳ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ସଭାପତି ସୁନାକର ଗାହାଣ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ରଥ,ବିଜୟ ବେହେରା,କୈଳାଶ ସାହୁ,ଯୋଗେନ୍ଦ୍ର ଦାସ,ଅନିଲ ଚୂଳୀ, ଦେବୀପ୍ରସାଦ ରଥ.ଟିକି ବେହେରା,ବୁଲୁ ସାହୁଙ୍କ ସମେତ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ।

## ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ମାର୍ଶାଘାଇ,୨୯।୧୨(ଡିଏନଏ)**

ମାର୍ଶାଘାଇ ତହସିଲ ତରଫରୁ ଏହି ବ୍ଲକର ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତ ସମିତି ସଭାଗୃହରେ ଆରମ୍ଭ ହୋଇଥିବା ଦୁଇଦିନିଆ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରଶିକ୍ଷଣ ଶିବିର ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ତହସିଲଦାର ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ,ବିଡିଓ ସୁବାଦାର ପ୍ରଧାନ,ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ, ଉପ ନିବନ୍ଧକ ଅମୀୟ କେତନ ସ୍ୱାଇଁ, ସେସୁ କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦାସ ଯୋଗ ଦେଇଥିଲେ। ଏବେ ଅନ୍‌ଲାଇନ ମାଧମରେ ସମସ୍ତ କାର୍ଯ୍ୟ କରାଯାଇ କବଲା ହେବାର ଏକ ମାସ ମଧ୍ୟରେ ପଟ୍ଟା ସ୍ପିଡ୍ ପୋଷ୍ଟ ମାଧମରେ ଘରେ ପହଞ୍ଚାଇ ଦିଆଯାଉଛି ବୋଲି ତହସିଲଦାର ସାହୁ କହିଥିଲେ। ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରଥିଲେ।

## ବେଆଇନ ବାଲି ଚାଲାଣ ବେଳେ ହାଇୱା ଜବତ

■୧୫,୬୬୦ ଟଙ୍କା ଜରିମାନା ଆଦାୟ

**ମାର୍ଶାଘାଇ,୨୯।୧୨(ଡିଏନ୍ଏ)**

ଗତ କିଛି ଦିନ ତଳେ ମାର୍ଶାଘାଇ ଅଞ୍ଚଳରେ ବେଆଇନ ବାଲି ଖାଦାନଗୁଡିକୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବନ୍ଦ କରାଯାଇଥିବା ବେଳେ ଏବେ ପୁଣି ବାଲି ଚୋରା ଚାଲାଣ ବଢିବାରେ ଲାଗିଛି । ବାଲି ବ୍ୟବସାୟୀମାନେ ଗାଡି ଚଳାଚଳରେ ସୁବିଧା ପାଇଁ ମାର୍ଶାଘାଇ ଲକ୍ ନିକଟସ୍ଥ ଜମ୍ବୁ – ମାର୍ଶାଘାଇ କେନାଲ ଶଯ୍ୟାରେ ମୋରମ ରାସ୍ତା ନିର୍ମାଣ କରି ଚୋରା ବାଲି ଚାଲାଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନ ୨ଟା ସମୟରେ ପାଟ୍ରୋଲିଂ କରୁଥିବା ମାର୍ଶାଘାଇ ପୋଲିସ ବାଲି ବୋଝେଇ ଏକ ହାଇୱା ଗାଡ଼ି (ଓଡ଼ି-୦୫-ଏନ୍ -୦୩୧୩ ) ଜବତ କରିଛି । ସ୍ଥାନୀୟ ମଣିକୁଣ୍ଡା ପଞ୍ଚାୟତ ବାଲିକଷୋଟି ଗ୍ରାମର ବାଲିଚରରୁ ବେଆଇନ୍ ଭାବେ ବାଲି ଉଠାଇ ଏହି ଗାଡିରେ ଚାଲାଣ ହେଉଥିଲା । ପୋଲିସ ଜବତ ଗାଡିକୁ ତହସିଲଦାରଙ୍କ ଜିମା ଦେଇଥିଲା । ତହସିଲଦାର ନିରଞ୍ଜନ ସାହୁ ଉକ୍ତ ଗାଡି ଚାଳକଙ୍କ ଠାରୁ ୧୫,୬୬୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ ଉସ୍‌ମାନ୍ ଅଲ୍ଲୀ ଗିରଫ ହେବା ପରେ ଏସ୍‌ଟିଏଫ୍ ଟିମ୍ ଜିଲାର ବିଭିନ୍ନ ତହସିଲରେ ରେକର୍ଡପତ୍ର ଯାଞ୍ଚ କରିଥିବା ବେଳେ ମାର୍ଶାଘାଇ ତହସିଲ ଏଥିରୁ ବାଦ୍ ପଡିଥିଲା । ଏସ୍‌ଟିଏଫ୍ ଟିମ୍ ମାର୍ଶାଘାଇ ତହସିଲକୁ ଯାଇ ଯାଞ୍ଚ ପାଇଁ ଯୋଜନା କରିଥିବା ବେଳେ ଏଠାକୁ କଣ ପାଇଁ ଆସିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ କଷୋଟିବାଲି ନୁହେଁ ବଡପାଳ ବାଲିପଠାରୁ ଚୋରା ବାଲି ଉଠୁଥିବା ସମୟରେ ତତ୍‌କାଳୀନ ଜିଲାପାଳ ରେଘୁ ଜୀ.ଙ୍କ ନଜରକୁ ଆସିଥିଲା । ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ସେଠାରୁ ବେଆଇନ ଚୋରା ବାଲି ଚାଲାଣ ବନ୍ଦ ହୋଇଯାଇଥିଲା । ତେବେ ଏହି ଅଞ୍ଚଳରେ ବେଆଇନ ବାଲି ଖାଦାନ କାହା ନିର୍ଦ୍ଦେଶରେ ଚାଲିଛି ଓ ବାଲିକଷୋଟି ଗ୍ରାମର ବାଲି ଚରରୁ ଚୋରା ବାଲି ଚାଲାଣ କିପରି ଏବଂ କାହା ନିର୍ଦ୍ଦେଶରେ ହେଉଛି ଏଥିପାଇଁ ଜିଲା ପ୍ରଶାସନ ତରଫରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାଣରେ ଦାବି ହେଉଛି । ସେହିପରି କେନାଲ ଶଯ୍ୟାରେ ବେଆଇନ ଭାବେ ମୋରମ ରାସ୍ତା ନିର୍ମାଣ ନେଇ ଜଳସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀ ସୁବୋଧ ରାଉତଙ୍କୁ ପଚାରିବାରେ ସେ ଏ ବିଷୟରେ ଜାଣି ନ ଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

**ମାର୍ଶାଘାଇ ୨୯।୧୨(ଡିଏନଏ)**

ମାର୍ଶାଘାଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଗୁରୁବାର ମାର୍ଶାଘାଇ ଗୋପବନ୍ଧୁ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଚନ୍ଦ୍ରମଣି ସାହୁ ,ଉପସଭାପତି ଅକ୍ଷୟ ଜେନା ,ରମେଶ ଚନ୍ଦ୍ର ମହାନ୍ତି , ଦେବେନ୍ଦ୍ର ମହାନ୍ତି ,ଅନ୍ତର୍ଯ୍ୟାମୀ ପ୍ରଧାନ, ହୃଷୀକେଶ ଲେଙ୍କା ଓ ସୁକାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କର୍ମଚାରୀ ସଂଘର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା ।

■ ଡେରାବିଶ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## କେନ୍ଦ୍ରାପଡାର ନୌବାଣିଜ୍ୟ ପରମ୍ପରା ଏବେ ଗବେଷଣାର ବିଷୟବସ୍ତୁ

**ଡେରାବିଶ, ୨୯।୧୨(ସ୍ୱ.ପ୍ର.)**



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଐତିହ୍ୟ ଓ ସଂସ୍କୃତି ଭରା ଡେରାବିଶ ଅଞ୍ଚଳର ପ୍ରତି ଗ୍ରାମରେ ମଠ ମନ୍ଦିରଠାରୁ ଆରମ୍ଭ କରି ବହୁ ଧର୍ମାଲମ୍ବୀଙ୍କ ପୀଠସ୍ଥଳୀ ରହିଛି। ସାମ୍ପ୍ରତିକ ସମୟରେ ଏହି ମହୋତ୍ସବ ସ୍ଥାନୀୟ ଅଞ୍ଚଳର ସଦ୍‌ଭାବନାର ପୀଠସ୍ଥଳୀ ହୋଇଛି । ଏହା ସ୍ଥାନୀୟ ଅଞ୍ଚଳ ସଂସ୍କୃତିର ପରିଚୟକୁ ଅଧିକ ସୁଦୃଢ଼ କରିଛି ବୋଲି ଡେରାବିଶ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଅତିଥିମାନେ ଶନିବାର ମତବ୍ୟକ୍ତ କରିଛନ୍ତି। ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ରଥ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ବୟନିକା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଇଡକୋ ନିର୍ଦ୍ଦେଶକ ଡ. ଭକ୍ତକବି ଦାଶ, ରାଜସ୍ୱ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ଶାସନ ସଚିବ ଅଭୟ କୁମାର ନାୟକ ଓ ସାହିତ୍ୟିକା ଶୁଭଶ୍ରୀ ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସେମାନେ ଦର୍ଶାଇଥିଲେଯେ, କେନ୍ଦ୍ରାପଡାର ନୌବାଣିଜ୍ୟ ପରମ୍ପରା ଏବେ ଗବେଷଣାର ବିଷୟବସ୍ତୁ ହୋଇଛି । ଏକଦା ଏହି ପରମ୍ପରା ରାଜ୍ୟର ଅର୍ଥନୈତିକ ସମୃଦ୍ଧିକୁ ପରିପୁଷ୍ଟ କରୁଥିବା ବେଳେ ଏହାର ସଂସ୍କୃତି ଦେଶ ବିଦେଶରେ ପ୍ରଚାରିତ ହେଉଥିଲା । ଡେରାବିଶ ଅଞ୍ଚଳର ସାଂସ୍କୃତିକ ଏକତା ଏପର୍ଯ୍ୟନ୍ତ ସମସ୍ତଙ୍କୁ ବାନ୍ଧି ରଖିଛି ବୋଲି ଅତିଥିମାନେ କହିଥିଲେ । ସଭା ଶେଷ ସୋପାନରେ ଭୁବନେଶ୍ୱରସ୍ଥିତ ଶିଳ୍ପିକା ଡ୍ୟାନ୍ସ ଗ୍ରୁପ, ବାସୁଦେବନାଥ ଗ୍ରୁପ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବକୁ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ପ୍ରାଧାପକ ଅଜୟ କୁମାର ରାଉତ, ପ୍ରଭାକର ସାମଲ, ପ୍ରମୋଦ କୁମାର ବେହେରା, ଗୌରାଙ୍ଗ ସାହୁ, ଅତୁଲ୍ୟ କୁମାର ରଥ, ନରହରି ନାଥ ଶର୍ମା ଓ ତ୍ରିଲୋଚନ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ଏ ସପ୍ତାହର କାର୍ଯ୍ୟକ୍ରମ

### ୩୦।୧୨।୨୦୧୮ (ରବିବାର)

■ ସପ୍ତମ ଡେରାବିଶ ମହୋତ୍ସବ।
**ସ୍ଥାନ**–ହାଇସ୍କୁଲ ପଡିଆ, ଡେରାବିଶ, **ସମୟ**– ଅପରାହ୍ନ ୫ଟା।

■ ବିଜେଡି ୧୨ ନମ୍ବର ଜୋନସ୍ତରୀୟ ପ୍ରତିଷ୍ଠା ଦିବସ।
**ସ୍ଥାନ**–ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟ, **ସମୟ**– ପୂର୍ବାହ୍ନ ୧୦ଟା ।

■ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମ। **ସ୍ଥାନ**–ଠାକୁର ହାଟ, **ସମୟ**– ପୂର୍ବାହ୍ନ ୧୦ଟା।

■ କଳିଙ୍ଗ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ।
**ସ୍ଥାନ**–ଓସ୍ତର ପଡିଆ, ମାର୍ଶାଘାଇ, **ସମୟ**–ପୂର୍ବାହ୍ନ ୧୧ଟା।

### ୩୧।୧୨।୨୦୧୮ (ସୋମବାର)

■ ମିଳିତ ଜନଶୁଣାଣି ଶିବିର।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ଡେରାବିଶ, **ସମୟ**–ପୂର୍ବାହ୍ନ ୧୦ଟା୩୦ ମିନିଟ।

■ ସପ୍ତମ ଡେରାବିଶ ମହୋତ୍ସବର ଉଦ୍‌ଯାପନୀ ସଭା।
**ସ୍ଥାନ**–ହାଇସ୍କୁଲ ପଡିଆ, ଡେରାବିଶ, **ସମୟ**–ଅପରାହ୍ନ ୫ଟା।

■ ନାଟ୍ୟକାର ଅନନ୍ତ ଓଝାଙ୍କ ସ୍ମୃତିଚାରଣ ସଭା।
**ସ୍ଥାନ**–ବୀରନୀଳକଣ୍ଠପୁର, ଡେରାବିଶ, **ସମୟ**–ପୂର୍ବାହ୍ନ ୧୦ଟା।

### ୨।୧।୨୦୧୯ (ବୁଧବାର)

■ ବାବା ବଳିଆଙ୍କ ଗୀତା କଥାମୃତ। **ସ୍ଥାନ**–ଶ୍ରୀ ଗୋବିନ୍ଦଜୀଉ ମନ୍ଦିର, ଚାଟରାପାଟଣା, କେନ୍ଦ୍ରାପଡା ସହର, **ସମୟ**–ସନ୍ଧ୍ୟା ୬ଟା।

■ ୪୦ତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ସଭା।
**ସ୍ଥାନ**–ସରସ୍ୱତୀ ଖେଳପଡିଆ,ଡାଳିକାଏନ୍ଦା,ରାଜକନିକା,**ସମୟ**–ଅପରାହ୍ନ ୨ଟା।

### ୩।୧।୨୦୧୯ (ଗୁରୁବାର)

■ ବାବା ବଳିଆଙ୍କ ଗୀତା କଥାମୃତ। **ସ୍ଥାନ**–ଶ୍ରୀ ଗୋବିନ୍ଦଜୀଉ ମନ୍ଦିର, ଚାଟରାପାଟଣା, କେନ୍ଦ୍ରାପଡା ସହର, **ସମୟ**–ସନ୍ଧ୍ୟା ୬ଟା।

■ ବ୍ଲକ ଅଞ୍ଚଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ମହାକାଳପଡା, **ସମୟ**–ପୂର୍ବାହ୍ନ ୧୦ଟା।

■ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ।
**ସ୍ଥାନ**–ଡିଆରଡିଏ ହଲ, କେନ୍ଦ୍ରାପଡା, **ସମୟ**– ଅପରାହ୍ନ ୩ଟା।

### ୪।୧।୨୦୧୯ (ଶୁକ୍ରବାର)

■ ବାବା ବଳିଆଙ୍କ ଗୀତା କଥାମୃତ। **ସ୍ଥାନ**–ଶ୍ରୀ ଗୋବିନ୍ଦଜୀଉ ମନ୍ଦିର, ଚାଟରାପାଟଣା, କେନ୍ଦ୍ରାପଡା ସହର, **ସମୟ**– ସନ୍ଧ୍ୟା ୬ଟା।

■ ଜାତୀୟ ଯୁବ ପ୍ରକଳ୍ପର ଶାନ୍ତି ଓ ସହାବସ୍ଥାନ କାର୍ଯ୍ୟକ୍ରମ।
**ସ୍ଥାନ**–ଟାଉନହଲ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୯ଟା।

■ ସ୍ୱାଭିମାନ ସମାବେଶ ପାଇଁ ଭାଜପାର ପ୍ରସ୍ତୁତି ବୈଠକ।
**ସ୍ଥାନ**– ଶାରଳା ମଣ୍ଡପ, କାନପୁର, ମାର୍ଶାଘାଇ, **ସମୟ**–ପୂର୍ବାହ୍ନ ୧୧ଟା।

■ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ।
**ସ୍ଥାନ**–ପଞ୍ଚାୟତ ହାଇସ୍କୁଲ ପଡିଆ,ଅଙ୍ଗୁଳାଇ,ମାର୍ଶାଘାଇ,**ସମୟ**–ପୂର୍ବାହ୍ନ ୧୧ଟା।

■ ବ୍ଲକ ଅଞ୍ଚଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ରାଜନଗର, **ସମୟ**–ପୂର୍ବାହ୍ନ ୧୦ଟା ।

### ୫।୧।୨୦୧୯ (ଶନିବାର)

■ ବାବା ବଳିଆଙ୍କ ଗୀତା କଥାମୃତ। **ସ୍ଥାନ**–ଶ୍ରୀ ଗୋବିନ୍ଦଜୀଉ ମନ୍ଦିର, ଚାଟରାପାଟଣା, କେନ୍ଦ୍ରାପଡା ସହର, **ସମୟ**– ସନ୍ଧ୍ୟା ୬ଟା।

■ ଜେନିଥ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ। **ସ୍ଥାନ**–ଜେନିଥ ଇଣ୍ଟର ନ୍ୟାଶନାଲ ସ୍କୁଲ, ଶାମଗୁଡିଆ, କେନ୍ଦ୍ରାପଡା, **ସମୟ**–ମଧ୍ୟାହ୍ନ ୧୨ଟା।

■ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ।
**ସ୍ଥାନ**–ପଞ୍ଚାୟତ ହାଇସ୍କୁଲ ପଡିଆ,ଅଙ୍ଗୁଳାଇ,ମାର୍ଶାଘାଇ,**ସମୟ**–ପୂର୍ବାହ୍ନ ୧୧ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
| --- | --- | --- |
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୭୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ସଂକ୍ଷେପରେ

### ଉଜ୍ଜ୍ୱଳା ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି
## ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ: ବିଜେଡି

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ଉଜ୍ଜ୍ୱଳା ଯୋଜନାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ଏହି ଚିଠି ଉପରେ ବିଜେଡି ପକ୍ଷରୁ ଶନିବାର ପ୍ରତିକ୍ରିୟା ରଖାଯାଇଛି। ଦଳର ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ। ଗତ ଜୁଲାଇ,୨୦୧୮ରେ ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ଉଜ୍ଜ୍ୱଳା ଯୋଜନାକୁ ନେଇ ଏକ ପ୍ରଶ୍ନ ପଚାରିଥିଲେ। ଉକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ ଯେ, ରାଜ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୩୦ଲକ୍ଷ ହିତାଧିକାରୀ ଓଡ଼ିଶାରୁ ପଞ୍ଜିକୃତ ହୋଇଛନ୍ତି। କିନ୍ତୁ ୨୦୧୬-୧୭ ଆର୍ଥିକବର୍ଷରେ କେବଳ ୮ଲକ୍ଷ ହିତାଧିକାରୀ ଦ୍ୱିତୀୟ ରିଫିଲିଂ କରିଛନ୍ତି। ସେହିପରି ୨୦୧୭-୧୮ରେ ତାହା ହ୍ରାସ ପାଇ ୬ ଲକ୍ଷରେ ପହଞ୍ଚିଥିଲା। ୨୪ ଲକ୍ଷ ହିତାଧିକାରୀ କାହିଁକି ଉଜ୍ଜ୍ୱଳା ଯୋଜନାରେ ଦ୍ୱିତୀୟ ରିଫିଲିଂ କରୁନାହାନ୍ତି, ଏହା କ'ଣ ଯୋଜନାର ବିଫଳତା ନୁହେଁ କି? କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗରେ ଉତ୍ତର ଦେଇପାରୁନାହାନ୍ତି। ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ପାର୍ଲାମେଣ୍ଟରେ ଉପସ୍ଥାପନା କରାଯାଇଥିବା ତଥ୍ୟ ଯଦି ସତ୍ୟ ଉପରେ ଆଧାରିତ, ତେବେ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠିର କୌଣସି ଯଥାର୍ଥତା ନ ଥିବା ସସ୍ମିତ୍ କହିଛନ୍ତି।

### ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା
## ଜମାକାରୀଙ୍କୁ ପୁରସ୍କୃତ କଲେ ଅର୍ଥମନ୍ତ୍ରୀ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ କରିବା ପାଇଁ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା କରାଯାଉଛି । ଏହି ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଆମ ରାଜ୍ୟର ଜମାକାରୀମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି । ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହିବା, ମିତବ୍ୟୟିତା ଅବଲମ୍ବନ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ପାଇଁ ଏହି ଯୋଜନାଟି ଏକ ଫଳପ୍ରଦ ମାଧ୍ୟମ ଭାବେ ପ୍ରମାଣିତ ହୋଇଛି ବୋଲି ଅର୍ଥମନ୍ତ୍ରୀ ଶଶୀ ଭୂଷଣ ବେହେରା କହିଛନ୍ତି ।

### ଖୋର୍ଦ୍ଧାରେ ଇଣ୍ଡିଆନ୍ ଅଏଲ୍‌ର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ଜମି ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କ ଚିଠି
# ସହଯୋଗର ହାତ ବଢ଼ାନ୍ତୁ ମୁଖ୍ୟମନ୍ତ୍ରୀ

**୧୫୦ କୋଟିର ପ୍ରସ୍ତାବିତ ପୁଞ୍ଜିନିବେଶ**

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଖୋର୍ଦ୍ଧାଠାରେ ୧୫୦ କୋଟି ଟଙ୍କାର ପୁଞ୍ଜି ନିବେଶରେ ଇଣ୍ଡିଆନ୍ ଅଏଲ୍‌ର ବଟ୍‌ଲିଂ ପ୍ଲାଣ୍ଟ କରାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ ଆବଶ୍ୟକ ଜମି ଯୋଗାଇଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗର ହାତ ବଢ଼ାନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ମର୍ମରେ ଧର୍ମେନ୍ଦ୍ର ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ମଧ୍ୟ ଲେଖିଛନ୍ତି।



ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଖୋର୍ଦ୍ଧା ସାମନ୍ତପୁର ଗ୍ରାମ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ୩୨ ଏକର ଜମି ଯୋଗାଇଦେବା ପାଇଁ ସମ୍ମତି ପ୍ରକାଶ କରିଛି। ଏ ବାବଦରେ ପ୍ରଶାସନ ନିକଟରେ ୨୮.୮ କୋଟି ଟଙ୍କା ୨୦୧୭ ମାର୍ଚ୍ଚ ୩୦ରୁ ଜମା କରାଯାଇଛି। ରାଜ୍ୟ ସରକାରଙ୍କ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ଗତ ନଭେମ୍ବର ୫ରେ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଭାରତୀୟ ତୈଳ ନିଗମ ମଧ୍ୟ ଏଥିପାଇଁ ଆବଶ୍ୟକ ପରିବେଶ ଅନୁମତି ପାଇସାରିଛି। ଏ ସବୁ ସତ୍ତ୍ୱେ ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାର ଅହେତୁକ ବିଳମ୍ବ କରୁଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ମଧ୍ୟ ଏହି ପ୍ଲାଣ୍ଟ ନିର୍ମାଣ ପାଇଁ ବ୍ୟବସ୍ଥିତ ଭାବେ କାର୍ଯ୍ୟ କରୁନାହିଁ। ୧୯ ମାସ ହେବ ଜମି ବାବଦ ଅର୍ଥ ପୈଠ ପରେ ମଧ୍ୟ ୧୫୦ କୋଟି ଟଙ୍କାର ପୁଞ୍ଜି ନିବେଶ କାର୍ଯ୍ୟ ଆଗେଇ ପାରୁନାହିଁ। ଏମିତି କି ଏହି କାର୍ଯ୍ୟ ପାଇଁ ସମସ୍ତ ଟେଣ୍ଡର ପ୍ରକ୍ରିୟା ସରିଛି। ଜମି ହସ୍ତାନ୍ତର ମାତ୍ରେ ଏହି ପ୍ରକ୍ରିୟା ସମାପ୍ତ ହୋଇପାରନ୍ତା ବୋଲି ଧର୍ମେନ୍ଦ୍ର କହିଛନ୍ତି। ଜମି ହସ୍ତାନ୍ତର ବିଳମ୍ବ ପ୍ରକ୍ରିୟା ପ୍ରସଙ୍ଗରେ ଭାରତୀୟ ତୈଳ ନିଗମର ଓଡ଼ିଶା ମୁଖ୍ୟ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଆଇନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠ ଲେଖିଛନ୍ତି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ସହ ସେଲ୍‌ଡିଡ୍‌କୁ ଅନୁମୋଦନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାପରେ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବା ପାଇଁ କୁହାଯାଇଛି। ଏହାସତ୍ତ୍ୱେ କାର୍ଯ୍ୟ ଆଗେଇପାରୁ ନ ଥିବା କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି। ତେଣୁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି କାମକୁ ଆଗେଇ ନେଲେ ସ୍ଥାନୀୟ ଲୋକେ ଉପକୃତ ହୋଇପାରନ୍ତେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସେହିପରି ୨୦୧୪ରେ ରାଜ୍ୟର ୧୯ ଲକ୍ଷ ଉପଭୋକ୍ତା ଅର୍ଥାତ୍ ୨୨ % ପରିବାର ପାଖରେ ଏଲ୍‌ପିଜି ପହଞ୍ଚିଛି। ବର୍ତ୍ତମାନ ଏହା ୬୯ ପ୍ରତିଶତ ଅର୍ଥାତ୍ ୭୨.୫ ଲକ୍ଷ ପରିବାର ପାଖରେ ପହଞ୍ଚିଛି। ତୈଳ କମ୍ପାନୀଗୁଡ଼ିକର ରାଜ୍ୟରେ ୪ଟି ବଟ୍‌ଲିଂ ପ୍ଲାଣ୍ଟ ରହିଛି। ଏହି ପ୍ଲାଣ୍ଟଗୁଡ଼ିକ ଅଧିକ ସିଲିଣ୍ଡର ବାହାର କରିବା ପାଇଁ ୧୦୦ କୋଟିର ପୁଞ୍ଜି ନିବେଶ କରିଛନ୍ତି। ପୂର୍ବରୁ ରାଜ୍ୟରେ ବାର୍ଷିକ ଦେଢ଼ କୋଟି ଟଙ୍କାର ସିଲିଣ୍ଡର ବ୍ୟବହୃତ ହେଉଥିଲା। ୨୦୧୮ରେ ଏହା ୩ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ ତୈଳ ବିପଣନ କମ୍ପାନୀ ରାଜ୍ୟର ବଲାଙ୍ଗୀର, ରାୟଗଡ଼ା ଓ ଖୋର୍ଦ୍ଧାଠାରେ ୪୦୩ କୋଟି ଟଙ୍କାର ପୁଞ୍ଜି ନିବେଶ କରି ୩ଟି ବଟ୍‌ଲିଂ ପ୍ଲାଣ୍ଟ କରିବେ ବୋଲି ଧର୍ମେନ୍ଦ୍ରଙ୍କ ଚିଠିରୁ ଜଣାପଡ଼ିଛି। ପାରାଦୀପଠାରେ ୬୯୦ କୋଟି ଟଙ୍କା ବ୍ୟୟରେ ଏଲ୍‌ପିଜି ଇମ୍ପୋର୍ଟ ଟର୍ମିନାଲ ପ୍ରତିଷ୍ଠା କରାଯାଇଛି। ଏହାସହ ଭାରତୀୟ ତୈଳ ନିଗମ ପକ୍ଷରୁ ୩୬୫ କୋଟି ବ୍ୟୟରେ ପୂର୍ବ ଭାରତରେ ସର୍ବପ୍ରଥମେ ବାଲେଶ୍ୱର ବଟ୍‌ଲିଂ ପ୍ଲାଣ୍ଟକୁ ପାଇପ୍ ଯୋଗେ ଏଲ୍‌ପିଜି ଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇସାରିଛି। ତେଣୁ ସ୍ଥାନୀୟ ଅର୍ଥନୀତିର ଉନ୍ନତି ଲାଗି ରାଜ୍ୟ ସରକାର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ପ୍ରସ୍ତାବିତ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟ ଘେରିବ ଭାଜପା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ପିପିଲି ଗଣବଳାତ୍କାର ମାମଲାର ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେବା ପଛରେ କ୍ରାଇମ୍‌ବ୍ରାଞ୍ଚର ହାତ ରହିଛି । କ୍ରାଇମ୍‌ବ୍ରାଞ୍ଚ ଯେପରି ଦୋଷୀଙ୍କୁ ଧରିବା ଅପେକ୍ଷା ଖସାଇବା ପାଇଁ ତତ୍ପରତା ପ୍ରକାଶ କରିଥିଲା, ତାହା ସନ୍ଦେହଜନକ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏହି କାରଣରୁ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୩୧ରେ କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଭାଜପା ମହିଳା ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ କହିଛନ୍ତି ଯେ, ବରିଷ୍ଠ ବିଜେଡି ନେତା ତଥା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳା ଜାତି ପ୍ରତି ସମ୍ବେଦନହୀନ ବୟାନ ଦେଇଛନ୍ତି। ଏହାପରେ ମା'କୁ ସମ୍ମାନର କଥା କହୁଥିବା ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରେ ସୁରକ୍ଷା ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ରହିଥିବାରୁ ତଦନ୍ତ ପ୍ରଭାବିତ ହୋଇଛି। ତେଣୁ କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ଖସାଇବାକୁ ଚେଷ୍ଟା କରୁଛି। ଏହି ମହିଳା ବିରୋଧୀ ଆଭିମୁଖ୍ୟ ପ୍ରତିବାଦରେ ସୋମବାର କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପରିଡ଼ା କହିଛନ୍ତି।



ପ୍ରଭାତୀ ପରିଡ଼ା

# ଧର୍ମେନ୍ଦ୍ରଙ୍କ ଚିଠି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟ ଜମିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଏହି ପତ୍ର ଉପରେ ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସସ୍ମିତ୍ କହିଛନ୍ତି ଯେ, ରାଜ୍ୟ ସରକାର କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକ ଲାଗି ଯେଉଁ ଜମି ଯୋଗାଇ ସାରିଛନ୍ତି, ତାହା ଉପରେ ଏଯାବତ୍ କାହିଁକି କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଥମେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଥିଲା। ଧର୍ମେନ୍ଦ୍ର ଅଭ୍ୟାସଗତ ଭାବେ କେନ୍ଦ୍ରୀୟ ପ୍ରକଳ୍ପ ପାଇଁ ଜମି ମାଗି ଆସୁଛନ୍ତି। ହେଲେ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଇଏସ୍‌ଆଇର ସୁପର ସ୍ପେସାଲିଟି ହସ୍ପିଟାଲ ପାଇଁ ଯୋଗାଇ ଦିଆଯାଇଥିବା ଜମିକୁ କେନ୍ଦ୍ର ସରକାର କାର୍ଯ୍ୟରେ ଲଗାଇ ନାହାନ୍ତି। ଏହା ଧର୍ମେନ୍ଦ୍ରବାବୁଙ୍କ ସ୍ଥାଣୁ ଓ ଅପାରଗତାକୁ ଦର୍ଶାଉଥିବା ସସ୍ମିତ କହିଛନ୍ତି। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଏବଂ ଅନ୍ୟ ଯୋଜନା ପାଇଁ ରାଜ୍ୟ ସରକାର ଜମି ଯୋଗାଇଛନ୍ତି। ହେଲେ ଏଯାବତ୍ କେନ୍ଦ୍ର ସରକାର ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଇପାରୁ ନାହାନ୍ତି। ଜମି ଥିବା ସତ୍ତ୍ୱେ ବ୍ରାହ୍ମଣୀ ଦ୍ୱିତୀୟ ସେତୁକୁ କାହିଁକି କେନ୍ଦ୍ର ସରକାର ନିର୍ମାଣ କରିପାରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।



ସସ୍ମିତ୍ ପାତ୍ର


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-MBJ-0063-2018/ 38515 R&DM, Dated 11 Oct. 2018**

No.XXI-117: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ପୂର୍ଣ୍ଣଚନ୍ଦ୍ରପୁର**-୨, ଥାନା- ମୋରଡା ନଂ.୯୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୫.୭୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଜାରି ଅଧିସୂଚନା କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷୀ, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡା | **ପୂର୍ଣ୍ଣଚନ୍ଦ୍ରପୁର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୯.୪୧ | ଏ. ୫.୭୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଲକ୍ଷ୍ମୀପୋଷୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ,ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

24001/14/0503/1819

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା ୨୧/୨୦୧୮
ଏ. ୫.୭୨ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା: ପୂର୍ଣ୍ଣଚନ୍ଦ୍ରପୁର ନଂ.୨, ଥାନା: ମୋରଡା, ନଂ.୯୫, ତହସିଲ: ମୋରଡା, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା ଓ ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୨ | ୩୧୭/୬୬୮ | ୦.୪୨ | ୦.୨୮ | ଶାରଦ ଦୁଇ | ଗଣେଶ ମହାନ୍ତ, ବିଦେଶ ମହାନ୍ତ, ପି: ଗୋଲା ମହାନ୍ତ, ଚାକ୍ଷିଡି ମହାନ୍ତ, ସ୍ୱା: ଗୋଲା ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୭/୬୭୨ | ୦.୦୮ | ୦.୦୮ | ଶାରଦ ଦୁଇ | |
| | ୩୨୪/୬୭୫ | ୦.୧୨ | ୦.୦୧ | ଶାରଦ ଦୁଇ | |
| ୩୦ | ୩୨୯/୬୯୭ | ୦.୧୩ | ୦.୦୬ | ଶାରଦ ଦୁଇ | ଗୌର ମହାନ୍ତ, ଅର୍ନ୍ନପୂର୍ଣ୍ଣା ମହାନ୍ତ, ସଚି ମହାନ୍ତ, ପି: ବୈଦ୍ୟନାଥ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| ୩୩ | ୩୧୫ | ୦.୦୫ | ୦.୦୧ | ଶାରଦ ଦୁଇ | ଗୌର ମୋହନ ମହାନ୍ତ, ପି: ବୈଷ୍ଣବ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| ୩୬ | ୩୨୯ | ୦.୧୫ | ୦.୧୧ | ଶାରଦ ଦୁଇ | ଘନଶ୍ୟାମ ମହାନ୍ତ, ଅର୍ଣ୍ଣପୂର୍ଣ୍ଣା ମହାନ୍ତ, ସଚି ମହାନ୍ତ, ପି: ବୈଦ୍ୟନାଥ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୯/୬୮୭ | ୦.୧୨ | ୦.୦୯ | ଶାରଦ ଦୁଇ | |
| | ୩୨୯/୬୮୯ | ୦.୧୨ | ୦.୦୧ | ଶାରଦ ଦୁଇ | |
| ୩୮ | ୩୧୯/୬୮୮ | ୦.୧୧ | ୦.୦୪ | ଶାରଦ ଦୁଇ | ଚନ୍ଦ୍ର ମୋହନ ମହାନ୍ତ, ଚଣା ମହାନ୍ତ, ପି: ମଡିଆ ମହାନ୍ତ, ଗେଡି ମହାନ୍ତ, ସ୍ୱା: ମଡିଆ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୯/୬୯୦ | ୦.୧୨ | ୦.୦୨ | ଶାରଦ ଦୁଇ | |
| | ୩୨୯/୬୯୬ | ୦.୧୫ | ୦.୧୧ | ଶାରଦ ଦୁଇ | |
| | ୩୩୮/୭୧୦ | ୦.୪୦ | ୦.୨୫ | ଶାରଦ ଦୁଇ | |
| ୩୯ | ୩୨୫ | ୦.୩୩ | ୦.୦୭ | ଶାରଦ ଦୁଇ | ଚନ୍ଦ୍ର ମୋହନ ମହାନ୍ତ, ଚଣା ମହନ୍ତ, ପି: ମଡିଆ ମହାନ୍ତ, ଗେଡି ମହାନ୍ତ, ସ୍ୱା: ମଡିଆ ମହାନ୍ତ, ଗୌର ମୋହନ ମହାନ୍ତ, ରମେଶ ମହାନ୍ତ, ଘନଶ୍ୟାମ ମହାନ୍ତ, ଅନ୍ନପୂର୍ଣ୍ଣା ମହାନ୍ତ, ଲକ୍ଷ୍ମୀ ମହାନ୍ତ, ପି: ସଚି ମହାନ୍ତ, ବୈଦ୍ୟନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରତାପ ମହାନ୍ତ, ମଧୁ ମହାନ୍ତ, ସାରଥି ମହାନ୍ତ, ବିନତି ମହାନ୍ତ, ପି: ଦୁଲ୍ଲାଇ ମହାନ୍ତ, ନୀଳ ମହାନ୍ତ, ସ୍ୱା: ଦୁଲ୍ଲାଇ ମହାନ୍ତ, ଗୋକୁଳ ମହାନ୍ତ, ପି; କୃଷ୍ଣ ମହାନ୍ତ, ଗଣେଶ ମହାନ୍ତ, ବିଦେଶ ମହାନ୍ତ, ପି: ଗୋଲା ମହାନ୍ତ, ଚାଖିଡି ମହାନ୍ତ, ସ୍ୱା: ଗୋଲା ମହାନ୍ତ, ଚନ୍ଦ୍ର ମହାନ୍ତ, ହରମୋହନ ମହାନ୍ତ, ଦଶରଥ ମହାନ୍ତ, ଶୁକୁର ମହାନ୍ତ, ପି: ମୋତିଲାଲ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୨୭ | ୦.୫୪ | ୦.୧୦ | ଶାରଦ ଦୁଇ | |
| | ୩୨୩ | ୦.୨୨ | ୦.୦୪ | ଶାରଦ ଦୁଇ | |
| ୪୦ | ୩୧୭/୬୭୦ | ୦.୪୬ | ୦.୩୫ | ଶାରଦ ଦୁଇ | ଚନ୍ଦ୍ର ମୋହନ ମହାନ୍ତ, ହରମୋହନ ମହାନ୍ତ, ଦଶରଥ ମହାନ୍ତ, ପି: ମୋତି ମହାନ୍ତ, ଶୁକୁରି ମହାନ୍ତ, ସ୍ୱା: ମୋତି ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| ୪୮ | ୩୦୬ | ୧.୭୯ | ୦.୦୨ | ଶାରଦ ଦୁଇ | ଜଗନ୍ନାଥ ମହାନ୍ତ, ମହେନ୍ଦ୍ର ମହାନ୍ତ, ମଡି ମହାନ୍ତ, କୁହି ମହାନ୍ତ, ଚମ୍ପା ମହାନ୍ତ, ଗୌରୀ ମହାନ୍ତ, ପି: ପରିକ୍ଷିତ ମହାନ୍ତ, ଝୁନୁପୁକି ମହାନ୍ତ, ସ୍ୱା: ପରିକ୍ଷିତ ମହାନ୍ତ, ଜା: କୁଡୁମି, ବା: ପୁରୀଖୁଣ୍ଟା |
| | ୩୧୦ | ୦.୯୯ | ୦.୫୪ | ଶାରଦ ଦୁଇ | |
| ୪୯ | ୩୩୪ | ୦.୨୮ | ୦.୦୫ | ଶାରଦ ଦୁଇ | ଝୁନପୁକି ମହାନ୍ତ, ପି: ଶମ୍ଭୁ ମହାନ୍ତ, ଗୌରୀ ମହାନ୍ତ,, ସ୍ୱା: ଶମ୍ଭୁ ମହାନ୍ତ, ସାଗର ମହାନ୍ତ, ପଦୁ ମହାନ୍ତ, ପି: ଚୁନା ମହାନ୍ତ, ନାଲି ମହାନ୍ତ, ସ୍ୱା: ଚୁନା ମହାନ୍ତ, ରଥୁ ମହାନ୍ତ, ଶଙ୍କର ମହାନ୍ତ, ପି: ରାହାରାମ ମହାନ୍ତ, ରାସ ମହାନ୍ତ, ପି: ସନାତନ ମହାନ୍ତ, ପୁନ ମହାନ୍ତ, ସ୍ୱା: ସନାତନ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| ୫୬ | ୩୩୭ | ୦.୩୮ | ୦.୨୨ | ଶାରଦ ଦୁଇ | ତାରାଚାନ୍ଦ ରାଏ, ପି: କାର୍ତ୍ତିକ ରାଏ, ଜା: ଭୂୟାଁ, ବା: ଭୁରୁକୁଣ୍ଡି |
| ୭୧ | ୩୧୭ | ୦.୪୨ | ୦.୨୬ | ଶାରଦ ଦୁଇ | ନୀଳ ମହାନ୍ତ, ଗୋକୁଳ ମହାନ୍ତ, ପି: କୃଷ୍ଣ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୭/୬୭୧ | ୦.୦୮ | ୦.୦୮ | ଶାରଦ ଦୁଇ | |
| | ୩୬୫/୬୮୫ | ୦.୪୫ | ୦.୦୩ | ଶାରଦ ଦୁଇ | |
| ୭୮ | ୩୩୦ | ୦.୫୧ | ୦.୨୭ | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରତାପ ମହାନ୍ତ, ସାର ମହାନ୍ତ, ବିନତି ମହାନ୍ତ, ମଧୁ ମହାନ୍ତ, ପି: ଦୁଲାଲ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୭/୬୬୯ | ୦.୪୦ | ୦.୨୩ | ଶାରଦ ଦୁଇ | |
| | ୩୧୭/୬୭୩ | ୦.୦୩ | ୦.୦୩ | ଶାରଦ ଦୁଇ | |
| | ୩୨୪/୬୭୬ | ୦.୧୩ | ୦.୦୯ | ଶାରଦ ଦୁଇ | |
| ୧୦୬ | ୩୦୭ | ୧.୦୦ | ୦.୨୪ | ଶାରଦ ଦୁଇ | ମାହାଲ ମହାନ୍ତ, ମହେନ୍ଦ୍ର ମହାନ୍ତ, ପି: ପୁରୁଷୋତ୍ତମ ମହାନ୍ତ, ଜା: କୁଡୁମି, ବା: ମାଇଗାଁ |
| ୧୧୨ | ୩୩୫ | ୨.୩୮ | ୦.୫୮ | ଶାରଦ ଦୁଇ | ରବି ମହାନ୍ତ, ମଙ୍ଗଳା ମହାନ୍ତ, ଗୋପାଳ ମହାନ୍ତ, ପି: ବୁକା ମହାନ୍ତ, ଧୁନ୍ଦା ମହାନ୍ତ, ସ୍ୱା: ବୁକା ମହାନ୍ତ, ସନା ମହାନ୍ତ, ପି: ଗୁରୁ ଚରଣ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୩୬ | ୧.୩୯ | ୦.୯୪ | ଶାରଦ ଦୁଇ | |
| | ୩୩୯ | ୩.୩୭ | ୦.୦୩ | ଶାରଦ ଦୁଇ | |
| ୧୧୩ | ୩୧୯/୬୮୬ | ୦.୧୦ | ୦.୧୦ | ଶାରଦ ଦୁଇ | ରମେଶ ମହାନ୍ତ, ଅନ୍ନପୂର୍ଣ୍ଣା ମହାନ୍ତ, ସଚି ମହାନ୍ତ, ପି: ବୈଦ୍ୟନାଥ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| | ୩୧୯/୬୯୧ | ୦.୧୧ | ୦.୦୩ | ଶାରଦ ଦୁଇ | |
| ୧୧୪ | ୩୧୬ | ୧.୭୬ | ୦.୨୮ | ଶାରଦ ଦୁଇ | ରାଖାଲ ମହାନ୍ତ, ଡୁମାନ ମହାନ୍ତ, ଛୁଟୁ ମହାନ୍ତ, ପି: ଧୁନ୍ଦା ମହାନ୍ତ, ଶୁକୁରା ମହାନ୍ତ, ପି: ଫଟୁ ମହାନ୍ତ, ଜା: କୁଡୁମି, ବା: ଭୁରୁକୁଣ୍ଡି |
| ୧୪୨/୪୮ | ୩୧୯ | ୦.୧୧ | ୦.୦୪ | ଶାରଦ ଦୁଇ | ଦିନବନ୍ଧୁ ମହାନ୍ତ, ପି: ଶ୍ରୀକାନ୍ତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୨୬ | ୦.୨୧ | ୦.୦୩ | ଶାରଦ ଦୁଇ | |
| ମୋଟ | ୩୬ ପ୍ଲଟକୁ | ଏ.୧୯.୪୧ ଡେ.ମି. | ଏ. ୫.୭୨ ଡେ.ମି. | | |

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**ସଂଖ୍ୟା** RDM-LAC-KNJ-0021-2017 33860 — **ତା** 7 Sep. 2018

No.V-55: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ଡୁମୁରିବନ୍ଧ (ଅତିରିକ୍ତ)**, ଥାନା- ଆନନ୍ଦପୁର, ନଂ.-୧୩୩, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **୦.୭୩ ଏକର** ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫୪୬୯ ତା୨।୦୮।୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଡୁମୁରିବନ୍ଧ (ଅତିରିକ୍ତ)**, ଥାନା- ଆନନ୍ଦପୁର, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝରରେ କୌଣସି ପରିବାର ବିସ୍ଥାପିତ ହେଉ ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.keonjhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଜମି ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଶାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- କେନ୍ଦୁଝର** — **ତହସିଲ: ଆନନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁମୁରିବନ୍ଧ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୭୩ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା- କେନ୍ଦୁଝର** — **ତହସିଲ- ଆନନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୦।୦୮।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

**LAND SCHEDULE**
**Land Acqusition for excavation of Left Main Canal of Anandapur Barrage Project of Vill- Dumuribandha, Tahasil- Anandapur, P.S.- Anandapur No.- 133, Dist: Keonjhar, L.A. Case No.02/17**

| Sl. No. | Khata No. | Name of the land owner | Plot No. | Kisam | Total Area | Accquired Area |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 63/4 | Ananda Chandra Jena, Sanatana Jena, S/o- Natha Jena, Caste- Laxminarayan Gola, Vill- Mathianandi | 86/335 | Sarada-II | 0.54 | 0.54 |
| | | | 161/336 | Sarada-I | 0.19 | 0.19 |
| | | | | | **Total** | **0.73** |

24001/14/0496/1819
**Sd./- Special Land Acquisition Officer, ABP, Salapada, Keonjhar**

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : www.dharitri.com

## MOCK TEST PAPER # 4

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

1. What is a Utopian ?

**Or**

What was the primary object of Vietamese students who went to Japan to acquire modern education under 'go east movement' ?

2. What is federalism ?
3. State any form which can be taken by caste in politics.
4. State an example of the economic inequalities in democratic countries like South Africa and Brazil.
5. What is a foundational challenge ? State one example.
6. What is tertiary sector ? Give example.
7. Which bank was founded by Prof. Muhammad Yunus and why ?
8. Narrate the events leading to the Jalliwanwal Bagh massacre on 13 April 1919. What were its effects ?
9. Describe the effects of coming of Rinderpest in Africa.

**Or**

In the seventeenth century, why the merchants from towns in Europe began employing peasants and artisans within the villages ?

**Or**

What is the importance of a large urban population for a Police Superintendent incharge of law and order ?

10. What did the spread of print culture in the nineteenth century India mean to women ?

**Or**

Nevels of Charles Dickens deal with which changes of the 19th century Britain ? Mention any three such changes.

11. "The new technology did not entirely displace the existing art of producing books by hand". Eplain.

**Or**

"Colonial administrators found vernacular novels a valuable source of information on native life and customs". Support the statement with suitable examples.

12. How are the resources divided on the basis of the status of development ? Give example of each type.
13. What are advantages of multi-purpose projects ?
14. Why do we need to conserve mineral resources ? Explain.
15. "Both Belgium and Sri Lanka are democracies but they follow different systems of power-sharing". Support the statement by giving three points of difference.
16. Name the electronic capital of India. Write characteristics of IT and electronic industry of India.
17. "Social divisions exist in the most countries of the world". Explain.
18. Why do we use averages ? Are there any limitations to their use ? Illustrate with your own examples related to development.
19. What do you understand by conservatism ? Describe the object and decisions of the Congress of Vienna and examine them too.

**Or**

"The measures taken by the French to control the spread of Bubonic plague in Hanoi created a serious problem". Explain the statement.

20. Describe the major sea ports of India.
21. Describe relationship between religion and politics. Mention three instances. Also mention its effects.
22. Give merits and demerits of different types of party systems i.e., one-party system, bi-party system and multi-party system. Also state in your opinion which party system should be adopted in a country ?
23. What does the history of developed countries indicate about the shifts that have taken place between the sectors ?
24. What was the reason for putting barriers to foreign trade and foreign investment by the Indian government ? Why did it wish to remove these barriers ?
25. Critically examine the progress of consumer movement of India.
26. Two features A and B are marked on the given political outline map of India. Identify these places with the help of the following information and write correct names on the lines marked in the map.

A. Place of Movement of Indigo Planters.

B. Civil Disobedience Movement.




27. On the outline political map of India locate and label the following.

i. Naraura Nuclear Power Plant.

ii. Bangalore Software Technology Park.

iii. Cotton Textile Industry Kanpur.




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ସଂକ୍ଷେପରେ

> ଅନ୍‌ଲାଇନ ଟ୍ରାଭେଲ ଆଗ୍ରିଗ୍ରେଟର ଏବଂ ହୋଟେଲ ଶିଳ୍ପ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ସରକାରଙ୍କ ମଧ୍ୟସ୍ଥତା ଲୋଡାଯାଇଛି।
> – ଗୁରୁବକ୍ସିସ ସିଂ କୋହଲି, ଉପସଭାପତି, ଏଫ୍‌ଏଚ୍‌ଆର୍‌ଏଆଇ



> ଆରବିଆଇର ବିଭିନ୍ନ ନିୟମ ବିଗତ ବର୍ଷଗୁଡ଼ିକରେ ଦୃଢ ହୋଇଥିବା ବେଳେ ଏହାର କାର୍ଯ୍ୟଶୈଳୀକୁ ନେଇ ଅସନ୍ତୁଷ୍ଟ ନାହୁଁ।
> – ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



### ତୈଳଦର ଚଳିତ ବର୍ଷର ସର୍ବନିମ୍ନ ସ୍ତରରେ



**ନୂଆଦିଲ୍ଲୀ,୨୯-୧୨:** ଶନିବାର ପେଟ୍ରୋଲ ଦର ଲିଟର ପିଛା ପ୍ରାୟ ୩୦ ପଇସା ହ୍ରାସ ପାଇଛି। ଚଳିତ ବର୍ଷ ଏହା ସବୁଠୁ ଶସ୍ତା ହୋଇଛି। ଏହି କ୍ରମ ଆଗକୁ ଜାରି ରହିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଶୁକ୍ରବାର ବଢ଼ିଥିଲେ ହେଁ ଶନିବାର ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ଶସ୍ତା ହୋଇଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୨୯ ପଇସା ହ୍ରାସ ପାଇ ୬୯.୨୬ଟଙ୍କା ରହିଛି ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ ୱେବସାଇଟରୁ ଜଣାପଡିଛି। ଡିସେମ୍ବର ୨୪ରେ ଦେଶର ରାଜଧାନୀରେ ପେଟ୍ରୋଲ ପ୍ରଥମଥର ୭୦ ଟଙ୍କା ତଳକୁ ଆସିଛି। ସେହିପରି କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା କ୍ରମଶଃ ୭୧.୩୭ଟଙ୍କା, ୭୪.୮୯ଟଙ୍କା ଏବଂ ୭୧.୮୫ ଟଙ୍କା ରହିଛି। ସେହିପରି ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ଡିଜେଲ ଲିଟର ପିଛା ଯଥାକ୍ରମେ ୬୩.୩୨ ଟଙ୍କା, ୬୫.୦୭ଟଙ୍କା, ୬୬.୨୫ ଟଙ୍କା ଓ ୬୬.୮୪ ଟଙ୍କା ରହିଛି।

### ୨୦୨୦ ସୁଦ୍ଧା କୋଟିଏ ଘର ନିର୍ମାଣ ଲାଗି କେନ୍ଦ୍ରର ଯୋଜନା

**ନୂଆଦିଲ୍ଲୀ,୨୯-୧୨:** କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇଦେବା ଲକ୍ଷ୍ୟରେ ଚଳିତ ବର୍ଷ ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ସେହିଭଳି ୨୦୨୦ ସୁଦ୍ଧା ଆହୁରି ୧ କୋଟି ଘର ନିର୍ମାଣ କରିବାକୁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତବର୍ଷ ଏପ୍ରିଲରୁ ଅଦ୍ୟାବଧି ୧୬୧୨ ସହରକୁ ଖୋଲା ମଳମୁକ୍ତ ଭାବେ ଘୋଷଣା କରାଯାଇଛି। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୪୧୨୪ ସହରକୁ ଖୋଲା ମଳମୁକ୍ତ ଘୋଷଣା କରାଯାଇସାରିଛି। ସେ କହିଛନ୍ତି ଯେ,୬୨ ଲକ୍ଷ ବ୍ୟକ୍ତିଙ୍କ ଘରେ ଓ ୫ ଲକ୍ଷ ଗୋଷ୍ଠୀ ପାଇଖାନା ନିର୍ମାଣ ସରିଛି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଦ୍ୟାବଧି ୬୫ ଲକ୍ଷ ନିର୍ମାଣ ଲାଗି ଅନୁମୋଦନ ଦିଆଯାଇଛି। ଏଗୁଡିକ ମଧ୍ୟରୁ ୩୫.୬୭ ଲକ୍ଷ ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ରହିଥିବା ବେଳେ ୧୨.୪୫ ଲକ୍ଷ ଘର ନିର୍ମାଣ ଶେଷ ହୋଇଛି।

# ବଳକା ପୁଞ୍ଜି ହ୍ରାସ, ପିସିଏକୁ ନେଇ ସତର୍କ କଲା ଆରବିଆଇ

ମୁମ୍ବାଇ,୨୯-୧୨

**ଉର୍ଜିତଙ୍କ ରାସ୍ତାରେ ଶକ୍ତିକାନ୍ତ**

- କେନ୍ଦ୍ରୀୟ ବ୍ୟାଙ୍କର ରିପୋର୍ଟରେ ବ୍ୟାଙ୍କର ଏନ୍‌ପିଏ, ପିସିଏକୁ ନେଇ ଚେତାବନୀ
- ଦେବାଳିଆ ଆଇନରେ ଏନ୍‌ପିଏରେ ସୁଧାରକୁ ସ୍ୱୀକାର
- ବିବାଦ କାରଣରୁ ପଦ ଛାଡ଼ିଥିଲେ ଉର୍ଜିତ



ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଡ.ଉର୍ଜିତ ପଟେଲ ଇସ୍ତଫା ଦେବା ପରେ ଆର୍ଥିକ ବିଶେଷଜ୍ଞ ଶକ୍ତିକାନ୍ତ ଦାସ ଏହି ପଦ ସମ୍ଭାଳିଛନ୍ତି। କିନ୍ତୁ ଅନାଦାୟ ଋଣ, ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ତଥା ବଳକା ପୁଞ୍ଜିକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ସତର୍କ କରାଇ ଦେଇଛି। ଉର୍ଜିତଙ୍କ ସମୟର ନୀତିରେ କୌଣସି ପରିବର୍ତ୍ତନ ହୋଇଥିବା ପରିଲକ୍ଷିତ ହୋଇନାହିଁ। ପୂର୍ବତନ ଗଭର୍ନର ଉକ୍ତ ପ୍ରସଙ୍ଗରେ ଯେଉଁ ନୀତି ଆପଣାଇଥିଲେ ଶକ୍ତିକାନ୍ତ ତାହାକୁ ଦୋହରାଇଛନ୍ତି ଯାହା ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ସ୍ପଷ୍ଟ ବାରି ହେଉଛି।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ସଦ୍ୟତମ ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ଫଶିଯାଇଥିବା ବଡ଼ ଧରଣର ପୁଞ୍ଜି(ଏନ୍‌ପିଏ) ଓ ଏହାର ନକାରାତ୍ମକ ପ୍ରଭାବର ମୁକାବିଲା ଲାଗି ବ୍ୟାଙ୍କଗୁଡିକ ପର୍ଯ୍ୟାପ୍ତ ବ୍ୟବସ୍ଥା କରିନାହାନ୍ତି। ଏହି ଦୃଷ୍ଟିରୁ ଦେଖିଲେ ପୁଞ୍ଜି ସମ୍ବନ୍ଧୀୟ କଟକଣା ଲାଗି ନିୟାମକୀୟ ବ୍ୟବସ୍ଥାକୁ ଜୋରଦାର କରିବାକୁ ହେବ। ସମ୍ଭାବ୍ୟ ବିପଦର ମୁକାବିଲା ସ୍ଥିତିରେ ପୁଞ୍ଜି ପର୍ଯ୍ୟାପ୍ତତା ଲାଗି ନିୟମ କୋହଳ କରାଗଲେ ଏହା ବ୍ୟାଙ୍କଗୁଡ଼ିକ ସହିତ ସମ୍ପୂର୍ଣ୍ଣ ଅର୍ଥନୀତି ଲାଗି ଘାତକ ହୋଇପାରେ ବୋଲି ରିପୋର୍ଟରେ ଚେତାଇ ଦିଆଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଦେଖାଯାଇଥିବା ମୋଟ ଅନାଦାୟ ଋଣ ହାର(ସିଡିଆର୍)କୁ ଲକ୍ଷ୍ୟ କରି ବାସେଲ-୩ ନିୟମ ସୁପାରିସ କରାଯାଇଛି। ବାସେଲ-୩ ଆଧାରରେ ରିଜର୍ଭ ବ୍ୟାଙ୍କ ନିଜ ପାଖରେ ବଳକା ଅର୍ଥ ଗଚ୍ଛିତ ରଖୁ ବୋଲି କେନ୍ଦ୍ର ସରକାର କହି ଆସୁଛନ୍ତି। ଅନ୍ତରାଷ୍ଟ୍ରୀୟ ହାରାହାରି ଏନ୍‌ପିଏ ହାର ଅପେକ୍ଷା ଭାରତରେ ସିଡିଆର ଓ ଲସ୍ ଗିଭେନ ଡିଫଲ୍ଟସ(ଏଲ୍‌ଜିଡି) ହାର ବହୁ ଅଧିକ ବୋଲି 'ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଫଳାଫଳ ଓ ପ୍ରଗତି' ଶୀର୍ଷକ ରିପୋର୍ଟରେ ଆର୍‌ବିଆଇ କହିବାକୁ ପ୍ରୟାସ କରିଛି। ବାସେଲ ନିୟମ ଆଧାରରେ ଦେଶର ବ୍ୟାଙ୍କଗୁଡିକର ବିପଦ ମୁଣ୍ଡାଇବା କ୍ଷମତା ଜାଣିବା ଲାଗି ନିୟମ ପ୍ରଣୟନ ହେବା ଆବଶ୍ୟକ ବୋଲି ଏଥିରେ କୁହାଯାଇଛି।

କେତେକ ବ୍ୟାଙ୍କ ପକ୍ଷରୁ ପିସିଏ ନିୟମ କୋହଳ କରିବାକୁ ଜୋର୍ ଦିଆଯାଉଛି। ଅର୍ଥ ମନ୍ତ୍ରଣାଳୟର ଏକ ଗୋଷ୍ଠୀ ମଧ୍ୟ ଏହାକୁ ସମର୍ଥନ କରୁଛି। କିନ୍ତୁ ଫଶିଯାଇଥିବା ଋଣ ଲାଗି ବ୍ୟାଙ୍କଗୁଡିକ ପର୍ଯ୍ୟାପ୍ତ ପୁଞ୍ଜି ବ୍ୟବସ୍ଥା କରିନାହାନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି କାରଣରୁ ଏହାକୁ କୋହଳ କରାଯିବା ଉଚିତ ହେବ ନାହିଁ। ତେବେ ଦେବାଳିଆ ଆଇନ ଅଧୀନରେ ଅନାଦାୟ ଋଣ ଅସୁଲରେ ସୁଧାର ଆସିଛି ବୋଲି ରିପୋର୍ଟରେ ସ୍ୱୀକାର କରାଯାଇଛି। ପିସିଏ କାରଣରୁ ହିଁ ଦୁର୍ବଳ ବ୍ୟାଙ୍କଗୁଡିକର ଆର୍ଥିକ ସୁଧାର ହେବାରେ ଲାଗିଛି ଦର୍ଶାଇ କେନ୍ଦ୍ରୀୟ ବ୍ୟାଙ୍କ ଏହା ଜାରି ରଖାଯିବା ଉଚିତ ବୋଲି ରିପୋର୍ଟରେ ଦର୍ଶାଇଛି। ସୂଚନାଥାଉ କି, ପିସିଏ ଓ ବଳକା ଅର୍ଥକୁ ନେଇ ବିବାଦ ଉପୁଜିବାରୁ ଉର୍ଜିତ ନିଜ ପଦରୁ ଇସ୍ତଫା ଦେଇଥିଲେ।

ରିଟର୍ନ ଦାଖଲ ଲାଗି ଆଉ ମାତ୍ର ଦିନେ ସମୟ

# ଜାନୁୟାରୀ ପହିଲାରୁ ଦୁଇଗୁଣା ହୋଇଯିବ ଜରିମାନା

ନୂଆଦିଲ୍ଲୀ,୨୯-୧୨




ଆଉ ଦିନକ ପରେ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲ ସମୟସୀମା ଶେଷ ହୋଇଯିବ। ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏଥିପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ୩୧ ତାରିଖ ସୁଦ୍ଧା ରିଟର୍ନ ଦାଖଲ ହୋଇ ନ ଥିଲେ ଆସନ୍ତାବର୍ଷ ଜାନୁୟାରୀ ପହିଲାରୁ ବିଳମ୍ବରେ ଦାଖଲ ପାଇଁ ଜରିମାନା ଦୁଇଗୁଣା ହୋଇଯିବ। ଫଳରେ ଜରିମାନା ବାବଦରେ ୧୦ ହଜାର ଟଙ୍କା ଦାଖଲ କରିବାକୁ ପଡ଼ିବ, ଯାହା ବର୍ତ୍ତମାନ ୫ ହଜାର ଟଙ୍କା ରହିଛି। ଏ ସମ୍ପର୍କରେ ଆୟକର ବିଭାଗ ପକ୍ଷରୁ ବିଜ୍ଞାପନ ମାଧ୍ୟମରେ ପୂର୍ବରୁ ଆୟକରଦାତାଙ୍କୁ ସୂଚାଇ ଦେଇଥିଲେ। ତେବେ ଅବହେଳା କରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆଉ ଗୋଟିଏ ଦିନ ସମୟ ରହିଛି। ସୂଚନାଥାଉ କି, ନିର୍ଦ୍ଧାରିତ ବର୍ଷ ୨୦୧୮-୧୯ରୁ ପ୍ରଣୀତ ନୂଆ ନିୟମ ଅନୁଯାୟୀ ଧାର୍ଯ୍ୟ ଦିବସ ବିତିବା ପରେ ଆୟକର ରିଟର୍ନ ଦାଖଲ ବେଳେ ଜରିମାନା ଦେବାକୁ ହେବ। ଆର୍ଥିକ ବର୍ଷ ପରେ ହିଁ ନିର୍ଦ୍ଧାରିତ ବର୍ଷ ହିସାବ କରାଯାଏ, ଯାହାର ରିଟର୍ନ ଦାଖଲ କରିବାକୁ ପଡ଼ିଥାଏ। ଏହି କାରଣରୁ ନିର୍ଦ୍ଧାରିତ ବର୍ଷ ୨୦୧୮-୧୯ ଲାଗି ଟିକସଦାତାଙ୍କୁ ୨୦୧୭-୧୮ ବର୍ଷ ଲାଗି ଆୟକର ରିଟର୍ନ ଦାଖଲ କରିବାକୁ ପଡ଼ିବ। ସୂଚନାଥାଉ କି, ବିଳମ୍ବରେ ଆଇଟି ରିଟର୍ନ ଦାଖଲ କ୍ଷେତ୍ରରେ ଜରିମାନା କେତେ ହେବ ତାହା ନିର୍ଦ୍ଧାରଣ କରୁଥିବା ଟିକସ ଅଧିକାରୀ ସ୍ଥିର କରୁଥିଲେ। ତେବେ ୨୦୧୭ ବଜେଟରେ ଆୟକର ଆଇନରେ ଏକ ନୂଆ ସଂଶୋଧନ କରାଯାଇ ଉପରୋକ୍ତ ବ୍ୟବସ୍ଥା କରାଯାଇଛି।

## ରେନୋ ଇଣ୍ଡିଆର ଡ୍ରାଇଭ ଉତ୍ସବ

ନୂଆଦିଲ୍ଲୀ,୨୯-୧୨




ପ୍ରମୁଖ କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ଡ୍ରାଇଭ ଉତ୍ସବ ପାଳନ କରାଯାଉଛି। ୫ ଲକ୍ଷ ବିକ୍ରି ମାଇଲଷ୍ଟୋନ ହାସଲ କରିବାରେ କମ୍ପାନୀ ଅନ୍ୟତମ। ରେନୋ ପାଇଁ ଭାରତ ବଜାର ଏକ ପ୍ରମୁଖ ସ୍ଥଳ ହୋଇଥିବା ବେଳେ ଏଠାରେ କମ୍ପାନୀ ଦୀର୍ଘ ସ୍ଥାୟୀ କୌଶଳ ଆପଣାଇଛି। ଷ୍ଟେଟ ଅଫ୍ ଆର୍ଟ ସୁବିଧା, ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଏବଂ ଦୁଇ ଡିଜାଇନ କେନ୍ଦ୍ର ରେନୋ ଭାରତରେ ନିଜ ସ୍ଥିତି ଦୃଢୀକରଣ ଲାଗି ଉଦ୍ୟମ ଜାରି ରଖିଥିବା ସୂଚନା ଦେଇଛି। ଡିସେମ୍ବରରେ କମ୍ପାନୀ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ଘୋଷଣା କରିଛି। କମ୍ପାନୀ କ୍ୱିଡ ଉପରେ ୦% ସୁଧହାର ସହ ସ୍ୱତନ୍ତ୍ର ଆର୍ଥିକ ଅଫର ଘୋଷଣା କରିଛି। ଏହା ସହ ନୂଆ କ୍ୱିଡରେ ଫିଚର ଲୋଡେଡ ରେଞ୍ଜ ବଜାରକୁ ଆସିଥିବା ସୂଚନା ଦେଇଛି।

# ଆମାଜନ, ଫ୍ଲିପ୍‌କାର୍ଟକୁ ୫ ହଜାର କୋଟିର ଝଟକା

ବେଙ୍ଗାଲୁରୁ,୨୯-୧୨

**ନୂଆ ଇ-କମର୍ସ ନୀତି**

ଇ-କମର୍ସରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ନୀତିରେ ସଂଶୋଧନ କରାଯିବା ପରେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଶୀର୍ଷ ଦୁଇଟି କମ୍ପାନୀକୁ ପ୍ରାୟ ୫ହଜାର କୋଟି ଟଙ୍କା ଝଟକା ଲାଗିବାକୁ ଯାଉଛି। କାରଣ ପ୍ରତ୍ୟେକଙ୍କ ନିକଟରେ ପ୍ରାୟ ଅଢ଼େଇ ହଜାର କୋଟି ଟଙ୍କା ଲେଖାଏ ସାମଗ୍ରୀ ମହଜୁଦ ରହିଛି। ଏହାକୁ ନେଇ ଦୁଇ କମ୍ପାନୀ ଚିନ୍ତାରେ ପଡିଯାଇଛନ୍ତି। ଫେବୃୟାରୀ ପହିଲା ପୂର୍ବରୁ ଏହି ବିଶାଳ ସାମଗ୍ରୀ ଭଣ୍ଡାରକୁ ଶେଷ କରିବା ଏବେ ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। କାରଣ ନୂଆ ନୀତି ଅନୁଯାୟୀ, କୌଣସି ଇ-କମର୍ସ କମ୍ପାନୀ ନିଜର ଅଂଶଧନ ଥିବା ସହଯୋଗୀ କମ୍ପାନୀର ସାମଗ୍ରୀକୁ ନିଜ ପ୍ଲାଟଫର୍ମରେ ବିକ୍ରି କରିପାରିବେ ନାହିଁ। ସାଧାରଣତଃ ଇ-କମର୍ସ କମ୍ପାନୀଗୁଡିକ ଫ୍ୟାଶନ, ଆସେସୋରିଜ ଓ ଟାଇ-ଅପ୍ ଥିବା ବ୍ରାଣ୍ଡର ସଫ୍ଟଲାଇନ କ୍ୟାଟେଗରିର ସାମଗ୍ରୀକୁ ୩ ମାସ ପୂର୍ବରୁ ଗଚ୍ଛିତ କରି ରଖନ୍ତି। ଆମାଜନ ଲାଗି କ୍ଲାଉଡଟେଲ ଓ ଫ୍ଲିପ୍‌କାର୍ଟ ଲାଗି ରିଟେଲନେଟ ଏହି କାମ କରିଥାଏ। ଏହି ଦୁଇଟି କମ୍ପାନୀ ଛୋଟ-ବଡ଼ କମ୍ପାନୀଙ୍କ ଠାରୁ ସାମଗ୍ରୀ କିଣିଥାନ୍ତି, ଯାହାକୁ ଇ-କମର୍ସ କମ୍ପାନୀ ନିଜ ପ୍ଲାଟଫର୍ମରେ ବିକ୍ରି କରନ୍ତି। ଉଦ୍ୟୋଗ ଜଗତରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଫ୍ୟାଶନ, ସଫ୍ଟଲାଇନ କ୍ୟାଟେଗୋରି ସାମଗ୍ରୀରେ ଫ୍ଲିପ୍‌କାର୍ଟ, ମିଣ୍ଟ୍ରା ଓ ଆମାଜନ କ୍ରମଶଃ ପ୍ରଥମ, ଦ୍ୱିତୀୟ ଓ ତୃତୀୟରେ ରହିଛି। ଏବେ ଏକ ମାସ ମଧ୍ୟରେ ଏତେବଡ଼ ବିଶାଳ ଭଣ୍ଡାରକୁ ଖାଲି କରିବାକୁ ହେବ।

# ଜୈବ ବିବିଧତା ସୁରକ୍ଷା କ୍ଷେତ୍ରରେ ଟାଟା ଷ୍ଟିଲ ସମ୍ମାନିତ

ନୂଆଦିଲ୍ଲୀ,୨୯-୧୨

ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟାଟା ଷ୍ଟିଲ ସିଆଇଆଇ-ଆଇଟିସି ସଷ୍ଟେନିବିଲିଟି ୨୦୧୮ ପୁରସ୍କାର ହାସଲ କରିଛି। ନୂଆଦିଲ୍ଲୀରେ ନିକଟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫେରୋଆଲଏଜ୍ ମିନେରାଲ ଡିଭିଜନର କାର୍ଯ୍ୟନିର୍ବାହୀ ଏମ୍.ସି ଥୋମାସ ନୀତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଥୋମାସଙ୍କ ସହ କମ୍ପାନୀର କଞ୍ଚାମାଲ ବିଭାଗ ମୁଖ୍ୟ ସୋମେଶ ବିଶ୍ୱାସ, ପରିବେଶ ଓ ଜଙ୍ଗଲ ପରିଚାଳନା ମୁଖ୍ୟ ହସମୀ ଜମିଲ ହୁସେନ, ପରିବେଶ ବିଭାଗ ବରିଷ୍ଠ ପରିଚାଳକ ବିନାୟକ ଦେଶପାଣ୍ଡେ, ଜୁସକୋର ଉଦ୍ୟାନ ମୁଖ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏକ ପ୍ରମୁଖ କମ୍ପାନୀ ଭାବେ ଟାଟା ଷ୍ଟିଲ ସର୍ବଦା ଜୈବ ବିବିଧତା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି ବୋଲି କମ୍ପାନୀର ଉପସଭାପତି ଅରୁଣ ମିଶ୍ର ସୂଚନା ଦେଇଛନ୍ତି।

### ଲାଭ ବାଣ୍ଟିବ ପତଞ୍ଜଳି

**ନୈନିତାଲ,୨୯-୧୨:** ଉତ୍ତରାଖଣ୍ଡ ହାଇକୋର୍ଟ ଯୋଗ ଗୁରୁ ରାମଦେବଙ୍କ କମ୍ପାନୀ ପତଞ୍ଜଳିକୁ ଲାଭର ଏକ ଅଂଶ ସ୍ଥାନୀୟ ଚାଷୀ ଓ ଅଞ୍ଚଳବାସୀଙ୍କ କଲ୍ୟାଣ ପାଇଁ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରାଖଣ୍ଡ ବାୟୋଡାଇଭର୍ସିଟି ବୋର୍ଡ ବିରୋଧରେ ଦିବ୍ୟ ଫାର୍ମାସୀ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରି ଉକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହିତ ବାୟୋଲଜିକାଲ ଡାଇଭର୍ସିଟି ଆଇନ, ୨୦୦୨କୁ ଯଥାର୍ଥ ଦର୍ଶାଇ ଏଥିରେ ଥିବା ଲାଭ ପ୍ରଦାନ ବ୍ୟବସ୍ଥାକୁ ହାଇକୋର୍ଟ କାଏମ ରଖିଛନ୍ତି। ବିଚାରପତି ସୁଧାଂଶୁ ଧୁଲିଆଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ୪୨୧ କୋଟି ଟଙ୍କାର ଲାଭ ହେବା କ୍ଷେତ୍ରରେ କଞ୍ଚାମାଲ ଯୋଗାଣକାରୀ ଚାଷୀଙ୍କୁ ୨ କୋଟି ଟଙ୍କା ଦେବାକୁ ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ଉତ୍ତରାଖଣ୍ଡ ବାୟୋଡାଇଭର୍ସିଟି ବୋର୍ଡ ପତଞ୍ଜଳି କମ୍ପାନୀକୁ ଉକ୍ତ ଟଙ୍କା ସ୍ଥାନୀୟ ଅଞ୍ଚଳରେ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।


## ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଯୋଗାଣ ପାଇଁ, ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥା ମାଧ୍ୟମରେ କୋଟେସନ ଆହ୍ୱାନ କରାଯାଉଛି। ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥା ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରୁ ଆବଶ୍ୟକୀୟ ସାମଗ୍ରୀର ତଥ୍ୟ ଓ ପରିମାଣ ସଂଗ୍ରହ କରି, ସାମଗ୍ରୀର ମୂଲ୍ୟତାଲିକା ସହ ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବେ। ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥା GST ପରିସରଭୁକ୍ତ ହୋଇଥିବେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନେ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥାକୁ କୋଟେସନ ପ୍ରକ୍ରିୟା ପାଇଁ ନିୟମାବଳୀ ସହ ଆବଶ୍ୟକୀୟ ସାମଗ୍ରୀର ସୂଚୀ ପ୍ରଦାନ କରିବେ।

| | | |
|---|---|---|
| କୋଟେସନ ଦରଖାସ୍ତ ଆହ୍ୱାନ ପାଇଁ ଧାର୍ଯ୍ୟ ତାରିଖ | : | ୦୮।୦୧।୨୦୧୯ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ। |
| କୋଟେସନ ଦରଖାସ୍ତ ଖୋଲାଯିବା ପାଇଁ ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟ | : | ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତାରିଖ ୦୯।୦୧।୨୦୧୯, ସମୟ ଅପରାହ୍ନ ୪.୩୦ ମିନିଟ୍ |

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,**
**କେନ୍ଦ୍ରାପଡ଼ା, ଡେରାବିଶ, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଆଳି, ରାଜକନିକା, ରାଜନଗର**

## DISTRICT PROJECT OFFICE, SAMAGRA SIKSHYA, SUBARNAPUR

No. 2731 — Date : 29.12.2018

1. Name of the post : Part Time instructor (Physical Education)
   No. of Post - 51
   Age : 18-42 years, 5 years of age relaxation for SC, ST, Ex Serviceman, Women, SEBC candidates
   Reservation : No reservation for PH candidates

**Qualification**
- +2 with CPED / Degree or Post Graduate Degree in Physical Education.
- The Certificate issued by Director of Sports, Odisha shall be considered.
- Incase of non availability of candidate of the above qualification sports persons with above age group having national level participation may be considered for engagement as Part Time Instructor (Physical).
- Local Persons from the district shall be given priority due to the part time nature of the job and easy mobility.
- Remuneration is Rs. 5555/- (including EPF Share) only and maximum upto 24 classes per month.

2. Name of the post - Part Time Instructor (Art Education)
   No. of Post - Visual Art - 40, Performing Art - 40
   **Age :** 18-42 years, 5 years of age relaxation for SC, ST, Ex Serviceman, Women, SEBC candidates,
   **Reservation :** 3% for Ortho / Deaf.

**Qualification**
Degree / Post Graduate Degree in Visual Art/ Performing Art
- In case of Non availability of candidates of the above qualification eminent artists who have State level recognition may be considered for engagement. The list of such candidates shall be provided by Director, Culture.
- Local Persons from the district shall be given priority due to the part time nature of the job and easy for mobility.
- **Remuneration** is Rs. 5555/- (including EPF Share) only and maximum upto 24 classes for month.
- Application forms and details can be downloaded from the district website www.subarnapur.nic.in and OPEPA website www.opepa.odisha.gov.in. Interested candidates fulfilling the eligibility criteria mentioned above are requested to apply to District Project Coordinator, RTE-SSA/ Samagra Sikshya Subarnapur, At/Po- Sonepur, District Subarnapur, Pin : 767017, Odisha by 22nd Jan 2019 through Registered / Speed Post only. Applications received after 22nd Jan 2019 shall not be taken into consideration. The undersigned reserves the right to cancel any or all the proposals without assigning any reason thereof.

**By the order of Collector, Subarnapur**
**Sd./- District Project Coordinator**
**Samagra Sikshya, Subarnapur**

See Career Appointment on every Wednesday & Saturday

## TENDER NOTICE

**No.1031-A:-** Sealed tenders in the prescribed form are invited from intending persons for collection of cashew nuts and Thalamus from the Shelter Belt cashew plantations located at Kirtipur/ Markandi-I Sections of Soil Conservation Range Golabandha under the Project Director, Watersheds, Ganjam, Berhampur. Preference will be given to the owners / lease holders of Cashew processing plants in Odisha. Tender forms along with the Terms and conditions can be obtained from office of the Project Director, Watersheds, Ganjam, Berhampur on payment of Rs. 200/- only by hand or on payment of Rs. 250/- only by post. Details list of plantations along with area and period of lease is as fallows.

| Sl. No. | Location of cashew plantations | Total area in hectares | Period of tender |
|---|---|---|---|
| 1 | 2 | 3 | 4 |
| 1 | Kirtipur | 119.35 | 01.03.19 to 31.05.19 |
| 2 | Markandi-I | 112.00 | 01.03.19 to 31.05.19 |
| | TOTAL | 231.35 | |

Sealed tenders are to be received in the office of the Project Director, Watersheds, Ganjam, Berhampur up to **12.00 Noon of 22.01.2019** and will be **opened on 22.01.2019 at 3.00 P.M. onwards** in presence of the tenderers or their authorized representatives in the office of the Project Director, Watersheds-cum- Dy. Director, Soil Conservation, Ganjam, Berhampur. If necessary, the tender committee may enter into negotiation with the tenderers on the same day or next day. The price should be quoted separately for each individual plantation exclusive of GST and other charges as applicable. The tender applications should accompany earnest money @ 10% of the quoted price in shape of Bank Draft / Bankers Cheque **in favour of Project Director, Watersheds, Ganjam, Berhampur** be drawn at **S.B.I, Main Branch, Berhampur** along with the tender forms, failing which it will not be considered as valid tender. Earnest money in shape of hard cash or personal cheque is not allowed. Incomplete tender, papers or any conditional tender papers will not be accepted. The authority reserves the right to reject any or all the tenders or to accept a portion thereof. Interested parties may inspect the plantation with due permission of competent authority in the office hours during any working days before taking part in the tender. The tender papers should be sent through "REGISTERED POST" or "SPEED POST" / COURIER SERVICE in a SEALED COVER duly captioned TENDER PAPERS FOR AUCTION SALE OF CASHEW PLANTATION...... VILLAGE LOCATED IN SOIL CONSERVATION RANGE GOLABANDHA". No hand delivery will be accepted.

**Sd./-**
**Project Director, Watersheds**
**Ganjam, Berhampur**

01432/11/0003/1819

## GOVT. OF ODISHA
PANCHAYATI RAJ DEPARTMENT, PANCHAYAT SAMITI, KEONJHAR
**At/PO: Keonjhar, Dist: Keonjhar, PIN: 758001 (Odisha), E-mail: ori-keonjhar@nic.in**

No. 3698 — Date: 27.12.2018

**TENDER CALL NOTICE NO.- 01/2018-19**

The Block Development Officer (BDO), Keonjhar invites sealed percentage rate bid tenders on behalf of Governor of Odisha from registered and eligible Civil Contractors of the State P.W.D (R&B) / Water Resources / Rural Works / M.I. / C.P.W.D for the following works eventually to be drawn up in the P.W.D. F-2 forms in conformity with the detailed tender call notice.

| Sl. No. | Name of the G.P. | Name of the work | Amount put to tender in rupees | Cost of tender paper non-refundable (in rupees) | E.M.D. in Rupees (1%) | Time for completion of the work in days | Class of contr-actor |
|---|---|---|---|---|---|---|---|
| 1 | Gobardhan | Cost of Block Level Mini Stadium at Sendka, Po- Sadar, Block- Keonjhar | 19,39,140.00 | 6000.00 | 19,391.00 | Four Calendar Months | 'C' & 'D' Class |

**SALE OF TENDER PAPER**
1. The tender papers will be available in the official website http//:www.kendujhar.nic.in from Dt. 29.12.2018 to 07.01.2019 upto 5.00 PM and can be downloaded from the website. In case any tenderer fails to download the tender paper he/she may contact the office of BDO, Keonjar for a soft copy during office hours from 29.12.2018 to 07.01.2019 on payment of Rs. 200/- per CD.
2. The tenderer must pay non-refundable service charges as mentioned against work in shape of demand draft from any nationalized Bank paya ble at Keonjhar drawn in favour of BDO, Keonjhar or else tender paper will be rejected.
3. Bidders submitting downloaded bid documents from official website of NIC, Keonjhar (http//:www.kendujhar.nic.in) are requested to deposit the requisite non-refundable fees of Rs. 6000/- in shape of demand draft and prepared on or before last date of sale of tender paper and submit the same along with the bid keeping in a separate envelope marks cost of tender documents downloaded from internet.
4. The tender paper will be received by registered post / speed post only upto 5.00 PM till 05.01.2019 sealed tender paper must be accompained with self attested copies of valid Contractor License, GST Clearance Certificate, Pan Card, No Relation Certificate, Non-refundable service charges. EMD @1% of the amount put to tender in shape of NSC/KVP/POSBA/POTD/Deposit receipt of scheduled bank duly pledged in favour of the BDO, Keonjhar and an affidavit regarding authenticity of the documents produced without which the tender paper is liable for rejection. The tenderer must write in "TENDER PAPER" on the top of the envelope containing the tender documents.
5. The tender paper shall be opened by the BDO, Keonjhar his authorised officer in presence of the tenderer or their authorised agents on the schedule date and time as mentioned below.
   A. Date of sale of Tender Paper : Dt. 29.12.2018 to 07.01.2019 during office hour.
   B. Last date of receipt of Tender Paper : Dt. 07.01.2019 till 5.00 PM
   C. Date and time of opening of Tender Paper : Dt. 08.01.2019 at 11.00 A.M.
6. Transfer or adjustment EMD of ISD amount with other works will not be entertained.
7. Extension of time beyond the completion of time period of the project on the ground of unavoidable hindrance permitted under OPWD code is only allowed by competent authority.
8. SC/ST individual bidder willing to avail to benefit within 10% of rate quoted by the lowest tenderer for any work, the work to be considered for award to him/her of lowest tendered rate in relaxation in OGFR. (OPWD code) on that effect tenderer must submit affidavit & must furnished the self attested XEROX COPY OF CASTE CERTIFICATE otherwise concession / facilities will not be considered.
9. The engineer bidders (Degree & Diploma) seeking exemption of EMD must submit their original licence at the time of opening of tender papers failing which the tender is liable for rejection.
10. The Authority will not be responsible for any postal delay even if dispatched before due date.
11. The Authority reserves the right to reject any / all tenders without assigning any reason thereof.

**Sd./- Block Development Officer, Keonjhar**



“ହକି ବିଶ୍ୱକପ୍‌ରେ ନୈରାଶ୍ୟ ପ୍ରଦର୍ଶନକୁ ଭୁଲି ଆମକୁ ଆସନ୍ତା ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଦିଗରେ ଧ୍ୟାନ ଦେବାକୁ ପଡ଼ିବ ।

– ମନପ୍ରୀତ ସିଂ, ଭାରତୀୟ ହକି ଅଧିନାୟକ



“ଷ୍ଟିଫେନ୍ କନଷ୍ଟାଣ୍ଟିନ୍‌ଙ୍କ ଅଧୀନରେ ଭାରତୀୟ ଫୁଟ୍‌ବଲ ଦଳ ଭଲ କରୁଥିବାରୁ ତାଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଏଡାଇ ଦିଆଯାଇ ନ ପାରେ ।

– କୁଶାଳ ଦାସ, ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ପାରାମାଉଣ୍ଟ ଫାଇନାଲରେ



କାକଟପୁର,୨୯।୧୨(ଡି.ଏନ୍.ଏ)- ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଜାଗୃତି ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଫାଇନାଲ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାରାମାଉଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ୍ ହରାଇ ୧୯୬ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୫୦, ସୌରଭ ଗୌଡ ୩୭, ଅଧିନାୟକ ଅଭୟ ମଲ୍ଲିକ ୨୯ ରନ୍ ସଂଗ୍ରହ କରିଥିଲେ। ଜାଗୃତି ପକ୍ଷରୁ କିଶନ ମହାନ୍ତି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜାଗୃତି ସ୍ପୋର୍ଟିଂ ମାତ୍ର ୪୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ପାରାମାଉଣ୍ଟ ପକ୍ଷରୁ ଆୟୁଷରାଜ ଚୌଧୁରୀ ୪ ଓ ଅନିକେତ୍ ତ୍ରିପାଠୀ ୩ଟି ଉଇକେଟ୍ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଆୟୁଷରାଜ ମ୍ୟାନ ଅଫ୍ ଦି ମ୍ୟାଚ, ରୋହିତ ସାଗରଙ୍କ ବେଷ୍ଟ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଯୁବ ନେତା ଅବଧୂତ ସ୍ୱାଇଁ ଏବଂ ଅଭୟ କୁମାର ସେଠୀ ଅତିଥିଭାବେ ଯୋଗ ଦେଇଥିଲେ। ନିର୍ମଳ କୁମାର ମିଶ୍ର ଏବଂ ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ ପରିଚାଳନା କରିଥିଲେ। ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା ଓ ଅଞ୍ଜନ କୁମାର ଦୀକ୍ଷିତ୍ ଧାରା ବିବରଣୀ ଏବଂ ଜ୍ୟୋତି ପ୍ରକାଶ, ସଚିନ୍ ଓ ତ୍ରିଲୋଚନ ସ୍କୋରିଂରେ ସହାୟତା କରିଥିଲେ। ରବିବାର କ୍ରାଉନ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତ ପ୍ରକାଶ କରିଛନ୍ତି।

### ଦଳଗତ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର,୨୯।୧୨(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ଦଳଗତ ଇଭେଣ୍ଟରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ପ୍ରଥମ ରାଉଣ୍ଡରେ ପଞ୍ଜାବକୁ ୨-୦, କ୍ୱାର୍ଟର ଫାଇନାଲରେ ଛତିଶଗଡ଼କୁ ୨-୧ ଓ ସେମିଫାଇନାଲରେ ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରିଥିବା ଓଡ଼ିଶା ଫାଇନାଲରେ ବିହାରଠାରୁ ୦-୨ରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ମ୍ୟାଚ ପୂର୍ବରୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ପଞ୍ଜାବ ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ନରେନ୍ଦ୍ରପାଲ ସିଂ, ବିହାର ଆସୋସିଏଶନ ସମ୍ପାଦକ ଧରମବୀର କୁମାର, ଅମ୍ପାୟର ଅନିକେତ ଖୋଦାଦରା, ବିକାଶ ଡୋରିଆ, ଓଡ଼ିଶା ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟ ଦ୍ୱାରରେ ଭାରତ

ମେଲବୋର୍ନ,୨୯।୧୨(ପି.ଟି.)

**ବକ୍ସିଂ ଡେ ଟେଷ୍ଟ**

ବକ୍ସିଂ ଡେ ଟେଷ୍ଟରେ ଭାରତ ବିଜୟ ପଥରେ ଅଗ୍ରସର ହୋଇଛି। ଅଷ୍ଟ୍ରେଲୀୟ ଟେଲଏଣ୍ଡର ପ୍ୟାଟ କମିନ୍ସଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଭାରତର ବିଜୟ ବିଳମ୍ବିତ ହୋଇଛି। ୩୯୯ ରନ ଟାର୍ଗେଟର ପିଛା କରି ଦ୍ୱିତୀୟ ଇନିଂସ ଖେଳୁଥିବା ଅଷ୍ଟ୍ରେଲିଆ ୪ର୍ଥ ଦିବସ ଖେଳ ଶେଷସୁଦ୍ଧା ୮ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ତେଣୁ ଆଉ ୨ ଉଇକେଟ ହାସଲ କଲେ ଭାରତ ଚଳିତ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିବ ଓ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିବ। ଭାରତ ପଞ୍ଚମ ତଥା ଅନ୍ତିମ ଦିବସର ପ୍ରଥମ ସେସନରେ ଅଷ୍ଟ୍ରେଲିଆର ଶେଷ ଦୁଇ ଉଇକେଟ ହାସଲ କରି ବାଜି ମାରିବ ବୋଲି ଆଶା କରାଯାଉଛି।

ପେସାଦାର ଖେଳର ନମୁନା ଦେଖାଇ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଲଢୁଆ ପ୍ରଦର୍ଶନ କରିଛି। ଫଳରେ ମ୍ୟାଚ ୫ମ ଦିବସକୁ ଯାଇଛି। ଅନ୍ତିମ ଦିବସରେ ବିଜୟ ପାଇଁ ଭାରତ ୨ ଉଇକେଟ ଏବଂ ଅଷ୍ଟ୍ରେଲିଆ ୧୪୧ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ସାହସିକ ବ୍ୟାଟିଂ କରି କମିନ୍ସ ୬୧ (୧୦୩ ବଲ, ୫ ଚୌକା, ୧ ଛକା) ଓ ନାଥନ ଲିୟନ ୬ ରନ କରି ଅପରାଜିତ ରହିଛନ୍ତି। ଦଳର ଆରମ୍ଭ ସେତେଟା ଭଲ ନ ଥିଲା। ଓପନର ଆରୋନ ଫିଞ୍ଚ୍ ୩ ରନ କରିଥିବା ବେଳେ ଯଶପ୍ରୀତ ବୁମରାଙ୍କ ବଲ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅନ୍ୟତମ ଓପନର ମାର୍କସ ହାରିସ ୧୩ ରନ କରିଥିବା ବେଳେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ୍ ଦେଇ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଉସ୍‌ମାନ ଖ୍ୱାଜା ୩୩ କରି ମହମ୍ମଦ ସାମିଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ସେହିପରି ଶନ ମାର୍ଶ ୪୪ ରନ କରି ଏଲବିଡବ୍ଲ୍ୟୁ ହେବା ସହ ବୁମରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୩୪ ରନ କରିଥିବା ବେଳେ ଟ୍ରାଭିସ ହେଡ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ପ୍ଲେଡ ଅନ୍ ହେବା ସହ କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ମିଚେଲ ମାର୍ଶ ଓ ଅଧିନାୟକ ଟିମ୍ ପେନ୍ ଯଥାକ୍ରମେ ୧୦ ଓ ୨୬ ରନ କରି ଜାଡେଜାଙ୍କ ଶିକାର ହୋଇଥିଲେ। ମାର୍ଶ କୋହଲିଙ୍କୁ ଓ ପେନ୍ ଉଇକେଟ କିପର ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଚତୁର୍ଥ ଦିବସର ଅନ୍ତିମ ଉଇକେଟ ଭାବେ ମିଚେଲ ଷ୍ଟାର୍କ ୧୮ ରନ କରିଥିବା ବେଳେ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଶନ୍ ମାର୍ଶ ଓ ହେଡ ୫୧, ଅଷ୍ଟମ ଉଇକେଟ ଯୋଡିରେ ଷ୍ଟାର୍କ ଓ କମିନ୍ସ ୩୯ ରନ ସଂଗ୍ରହ କରିଥିଲେ। ତେବେ ନବମ ଉଇକେଟ ଯୋଡିରେ ଲିୟନ ଓ କମିନ୍ସ ଅପରାଜିତ ୪୩ ରନ କରି ଭାରତୀୟ ବୋଲରଙ୍କୁ ନିରାଶ କରିଛନ୍ତି। ଭାରତ ତରଫରୁ ଜାଡେଜା ସର୍ବାଧିକ ୩, ବୁମରା ଓ ସାମି ୨ଟି ଲେଖାଏ ଉଇକେଟ ହାସଲ କରିଛନ୍ତି। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୧୦୬/୮ରେ ଘୋଷଣା କରିଥିଲା।

**ସଂକ୍ଷିପ୍ତ ସ୍କୋର**

- ଭାରତ ପ୍ରଥମ ଇନିଂସ: ୪୪୩/୭(ଘୋଷଣା)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:୧୫୧/ଅଲଆଉଟ।
- ଭାରତ ଦ୍ୱିତୀୟ ଇନିଂସ: ୧୦୬/୮/ଘୋଷଣା (ମୟଙ୍କ- ୪୨, ପନ୍ତ-୩୩, କମିନ୍ସ-୬/୨୭, ହାଜେଲଉଡ- ୨/୨୨)।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୮୫ ଓଭରରେ ୨୫୮/୮ (କମିନ୍ସ- ୬୧*, ଶନ୍ ମାର୍ଶ- ୪୪, ହେଡ- ୩୪, ଖ୍ୱାଜା- ୩୩, ପେନ୍- ୨୬, ଜାଡେଜା- ୩/୮୨, ବୁମରା- ୨/୫୩, ସାମି- ୨/୭୧)।

## ୫ ନୂଆ ମିଟ୍ ରେକର୍ଡ



କଟକ ଅଫିସ,୨୯।୧୨

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍‌ର ଦ୍ୱିତୀୟ ଦିବସରେ ୫ଟି ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି । ୨୦ ବର୍ଷରୁ କମ ବାଳିକା ୧୦ କିମି ଚାଲିରେ କଟକର ପ୍ରିୟଙ୍କା ମହାଲିକ ନୂତନ ମିଟ୍ ରେକର୍ଡ କରିଛନ୍ତି। ଏହି ଇଭେଣ୍ଟର ପୂର୍ବ ରେକର୍ଡ ୫୭ ମିନିଟ ୫୦ ସେକେଣ୍ଡ ଥିଲା। ପ୍ରିୟଙ୍କା ୫୬ ମିନିଟ ୧୬ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି ନୂତନ ରେକର୍ଡ ନିଜ ନାମରେ କରିଛନ୍ତି। ସେହିଭଳି ପୁରୁଷ ୨୦ କିମି ଚାଲିରେ ଅନୁଗୋଳର ରାଜେଶ କୁମାର ଦାସ ନୂତନ ମିଟ୍ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ଏକ ଘଣ୍ଟା ୪୭ ମିନିଟ ୪୦ ସେକେଣ୍ଡ ତୁଳନାରେ ରାଜେଶ ଏକ ଘଣ୍ଟା ୩୫ ମିନିଟ ୫୧ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିଛନ୍ତି। ଶଟ୍‌ପୁଟ ବିଭାଗରେ ୩ଟି ନୂତନ ମିଟ୍ ରେକର୍ଡ ହୋଇଛି। ୨୦ ବର୍ଷରୁ କମ୍ ବାଳକ ବର୍ଗରେ ପାରାଦ୍ୱୀପର ଦିଲ୍ଲୀପ କୁମାର ସେନାପତି ପୂର୍ବ ରେକର୍ଡ ୧୪.୧୭ ମିଟରକୁ ଭାଙ୍ଗିଛନ୍ତି। ଫାଇନାଲ ରାଉଣ୍ଡରେ ଦିଲ୍ଲୀପ ୧୪.୭୦ ମିଟର ଫିଙ୍ଗିଥିଲେ। ସେହିପରି ୧୮ ବର୍ଷରୁ କମ୍ ବାଳକ ବର୍ଗରେ ସମ୍ବଲପୁରର ଲକଟୁମାନ ଶର୍ମା ୧୪.୫୨ ମିଟର ଫିଙ୍ଗି ନୂତନ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ୧୩.୯୯ ମିଟର ଥିଲା। ପୁରୁଷ ଶଟ୍‌ପୁଟରେ ନୂତନ ମିଟ ରେକର୍ଡ କରିଛନ୍ତି କଟକର ହରି ବେହେରା। ହରି ୧୫.୦୭ ମିଟର ଫିଙ୍ଗି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ୧୪.୩୩ ମିଟର ପୂର୍ବ ରେକର୍ଡ ଥିଲା।



ଆଇ-ଲିଗ୍ ଫୁଟ୍‌ବଲ ପାଇଁ କଳିଙ୍ଗ ଷ୍ଟାଡିୟମରେ ଶନିବାର ଅଭ୍ୟାସରତ ଇଣ୍ଡିଆନ ଆରୋଜ୍ ଓ ଚର୍ଚ୍ଚିଲ ବ୍ରଦର୍ସ ଦଳର ଖେଳାଳିମାନେ।

## କଳିଙ୍ଗରେ ଆରୋଜ- ଚର୍ଚ୍ଚିଲ ମ୍ୟାଚ୍ ଆଜି

ଭୁବନେଶ୍ୱର, ୨୯।୧୨(ସ୍ପୋର୍ଟ୍ସ ବ୍ୟୁରୋ)

**ଆଇ-ଲିଗ୍**

ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଦ୍ୱାଦଶ ଆଇ-ଲିଗ୍‌ର ଏକ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଅପରାହ୍ନ ୨ଟାରେ ଇଣ୍ଡିଆନ ଆରୋଜ ଓ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ। ଚଳିତ ବର୍ଷ ପାଇଁ ଆଇ- ଲିଗ୍‌ର ଏହା ଶେଷ ମ୍ୟାଚ୍ ରୂପେ ପରିଗଣିତ ହେବ। କୋଚ୍ ଫ୍ଲଏଡ ପିଣ୍ଟୋଙ୍କ ତତ୍ତ୍ୱାବଧାନରେ ଯୁବ ଖେଳାଳିଙ୍କୁ ନେଇ ଆରୋଜ ଦଳ ଓଡ଼ିଶାକୁ ତା'ର ଘରୋଇ ରାଜ୍ୟ ରୂପେ ଗ୍ରହଣ କରିଛି। ଆରୋଜ ତା'ର ଘରୋଇ ମ୍ୟାଚଗୁଡିକ ଏହା ପୂର୍ବରୁ କଟକର ବାରବାଟୀ ଷ୍ଟାଡିୟମରେ ଖେଳିଆସିଛି।

ଗତ କେତୋଟି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ନ ଥିବା କାରଣରୁ ଏହି ମ୍ୟାଚ୍ ଚର୍ଚ୍ଚିଲ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଚର୍ଚ୍ଚିଲ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ଅନ୍ୟପଟେ ଗତ ଦୁଇଟି ମ୍ୟାଚ୍‌ରେ ଆରୋଜ ୪ ପଏଣ୍ଟ ପାଇଛି ଓ ତା'ର ସଫଳତା ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି।

କ୍ରମାଗତ ଦୁଇଟି ପରାଜୟ ପରେ ଦଳ ମନୋବଳରେ ସାମାନ୍ୟ ଅବନତି ହୋଇଛି ବୋଲି ଚର୍ଚ୍ଚିଲର ରୋମାନିଆ କୋଚ୍ ପେଟ୍ରା ଗିଗି ସ୍ୱୀକାର କରିଛନ୍ତି। ଦଳରେ କେତେଜଣ ଖେଳାଳି ଆହତ ହୋଇଛନ୍ତି ଓ ବାସନ୍ଦାଦେଶର ସମ୍ମୁଖୀନ ହୋଇଛନ୍ତି। ତେଣୁ ଏହି ମ୍ୟାଚ୍ ଆମ ପାଇଁ ସହଜ ହେବ ନାହିଁ। ଦଳର ପ୍ରଦର୍ଶନରେ ଆମ ସନ୍ତୁଷ୍ଟ ନୁହଁ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗିଗି କହିଛନ୍ତି। ଆରୋଜ ଏକ ଯୁବ ଦଳ ହୋଇଥିବାରୁ ବିଜୟୀ ହେବାକୁ ଆମେ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

## ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୨୯।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଖୋର୍ଦ୍ଧାରେ ଅନୁଷ୍ଠିତ ମିନିକପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିଶୋର କ୍ଲବକୁ ୬ ଉଇକେଟ୍‌ରେ ପରାସ୍ତ କରି ଗ୍ରୀନ୍ସ କ୍ରିକେଟ ଏକାଡେମୀ (ସିନିୟର) ଚାମ୍ପିୟନ ହୋଇଛି। ୪୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କିଶୋର କ୍ଲବ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୪ ଉଇକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ସାଇ ବାର୍ଷିକ (୩୦ ରନ ଓ ୫ ଉଇକେଟ୍) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ସେମିଫାଇନାଲରେ ଶତକ ଓ ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଥିବା ଚାମ୍ପିୟନ ଗ୍ରୀନ୍ସର ଆଶୁତୋଷ ବେହେରା ପ୍ରତିଯୋଗିତାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ।

## ନ୍ୟୁଜିଲାଣ୍ଡ ବୃହତ୍ ବିଜୟର ନିକଟତର

ଖ୍ରୀଷ୍ଟଚର୍ଚ୍ଚ,୨୯।୧୨(ପି.ଟି.)

ସ୍ଥାନୀୟ ହଗଲୀ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ବୃହତ୍ ବିଜୟ ହାସଲର ଦ୍ୱାରଦେଶରେ ପହଞ୍ଚିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୭୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୦୪ ରନ କରି ଅଲଆଉଟ ହୋଇ ୭୪ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୧୫୩ ଓଭରରେ ୪ ଉଇକେଟ ହରାଇ ୫୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ବିଶାଳ ୬୬୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ୧୦୪ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରିଛି। ମ୍ୟାଚ ଆଉ ଗୋଟିଏ ଦିନ ବାକିଥିବା ବେଳେ ଶ୍ରୀଲଙ୍କା ୪ ଉଇକେଟ ହାତରେ ରଖି ଆଉ ୪୨୯ ରନ ଆବଶ୍ୟକ କରୁଛି।

### ଗଡ଼େଶ୍ୱର ଜୁନିୟର କ୍ରିକେଟ

## ପାରାମାଉଣ୍ଟ, ପ୍ରଗତି ବିଜୟୀ

ଭୁବନେଶ୍ୱର, ୨୯।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଗାଡ଼କଣସ୍ଥିତ ଗଡ଼େଶ୍ୱର ସ୍ପୋର୍ଟ୍ସ ସଂଘ ଓ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ଚାଲିଥିବା ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍ (୧୫ ବର୍ଷରୁ କମ୍)ର ୩ୟ ଦିନ ଶନିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ପାରାମାଉଣ୍ଟର ମୁକାବିଲା ସହିଦ୍ ସ୍ପୋର୍ଟିଂ ସହିତ ହୋଇଥିଲା। ଏଥିରେ ଟସ୍ ଜିତି ପାରାମାଉଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ୍ ହରାଇ ୧୬୦ ରନ କରିଥିଲା। ଦଳ ପକ୍ଷରୁ ଏମ୍. ଜ୍ଞାନେନ୍ଦ୍ର ୫୧, ଅଂଶୁମାନ ସାହୁ ୨୯ ଓ ବିଜୟକେତନ କର ୨୭ ରନ କରିଥିଲେ। ପ୍ରତିପକ୍ଷ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ଶ୍ରେଷ୍ଠ ସିଂ ୪ ଓ ସୌମିତ୍ର ବିଶ୍ୱାଳ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ସହିଦ୍ ସ୍ପୋର୍ଟିଂ ୯ ଉଇକେଟ୍‌ରେ ୧୩୪ ରନ କରିବାକୁ ସମର୍ଥ ହୋଇଥିଲା। ପାରାମାଉଣ୍ଟ ପକ୍ଷରୁ ବିଭୁଦତ୍ତ ଦାସ ୨ଟି ଉଇକେଟ୍ ନେଇଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଏମ୍. ଜ୍ଞାନେନ୍ଦ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିଭଳି ଦିବସର ୨ୟ ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ୧୦୨ ରନର ବୃହତ ବ୍ୟବଧାନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପ୍ରଗତି ଆଶୁତୋଷ ସୂତାରଙ୍କ ୬୦, ସୌଭାଗ୍ୟ ବେହେରାଙ୍କ ୪୩ ଓ ଅଧିନାୟକ ଶୁଭମ ନାୟକଙ୍କ ଅପରାଜିତ ୬୮ ରନ ବଳରେ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ୍ ହରାଇ ୨୦୫ ରନ ସ୍କୋର କରିଥିଲା। ଜବାବରେ ଓସ୍କାର ଦଳ ୨୦୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ୯ ଉଇକେଟ୍‌ରେ ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସଚିନ ଶତପଥୀ ୨ଟି ଉଇକେଟ୍ ନେଇଥିଲେ। ଅପରାଜିତ ଅର୍ଦ୍ଧଶତକ ଲାଗି ଶୁଭମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

## ସେମିରେ ବମିଖାଲ, ଭି ଲାୟନ୍ସ

ଭୁବନେଶ୍ୱର, ୨୯।୧୨(ସ୍ପୋର୍ଟ୍ସ ବ୍ୟୁରୋ)




କାଳିଆ ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

ରସୁଲଗଡ଼ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ବମିଖାଲ ଓ କଟକର ଭି ଲାୟନ୍ସ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବମିଖାଲ ୮ ଉଇକେଟ୍‌ରେ ଫରେଷ୍ଟ ଇଲେଭେନ (ଭୁବନେଶ୍ୱର)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଫରେଷ୍ଟ ଇଲେଭେନ ୧୨ ଓଭରରେ ୭ ଉଇକେଟ୍ ହରାଇ ୧୦୫ ରନ କରିଥିଲା। ଅଜିତେଶ ମିଶ୍ର ୨୪ ରନ କରିଥିବାବେଳେ ପ୍ରତିପକ୍ଷ ବୋଲର ସର୍ବେଶ୍ୱର ମଲିକ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ବମିଖାଲ କାଳିଆ ସ୍ୱାଇଁଙ୍କ ୬୮ ରନ ବଳରେ ୮.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ୨ୟ କ୍ୱାର୍ଟର ଫାଇନାଲରେ ଭି ଲାୟନ୍ସ ୩ ରନରେ ଅନ୍ୟତମ କଟକ ଟିମ୍ ଆୟୁଷ ଇଲେଭେନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭି ଲାୟନ୍ସ ଅଞ୍ଜନ ନାୟକଙ୍କ ୩୯ ରନ ବଳରେ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍ ହରାଇ ୧୫୦ ରନ କରିଥିଲା। ଆୟୁଷ ଦଳର ଅକ୍ଷୟ ସ୍ୱାଇଁ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ଆୟୁଷ ଇଲେଭେନ ସଞ୍ଜିତ ବାରିକଙ୍କ ୩୬ ରନ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍‌ରେ ୧୪୭ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ସୁଦର୍ଶନ ରେଡ୍ଡୀ ୩ଟି ଉଇକେଟ୍ ସଫଳତା ପାଇଥିଲେ। କାଳିଆ ସ୍ୱାଇଁ ଓ ସୁଦର୍ଶନ ରେଡ୍ଡୀ ଯଥାକ୍ରମେ ପ୍ରଥମ ଓ ୨ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବୁଦ୍ଧପ୍ରକାଶ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀଧର ବଳିୟାରସିଂ ଓ କୈଳାଶ ରାଉଳ ମ୍ୟାଚ୍ ପରିଚାଳନା କରିଥିବାବେଳେ ସରୋଜ ପ୍ରଧାନ ରେଫରି ଦାୟିତ୍ୱ ତୁଲାଇଥିଲେ।

# ୧୮ ବର୍ଷ ପରେ ଓଡ଼ିଶାରେ ଜାତୀୟ ସିନିୟର ଟିଟି

କଟକ ଅଫିସ,୨୯।୧୨

୧୮ବର୍ଷର ବ୍ୟବଧାନ ପରେ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି ଜାତୀୟ ସିନିୟର ଏବଂ ଆନ୍ତଃ ରାଜ୍ୟ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ। ୨୦୧୯ ଜାନୁୟାରୀ ୪ରୁ ୯ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟର ୮୦ତମ ସଂସ୍କରଣ ହେବ। ପୂର୍ବରୁ ୨୦୦୧ରେ ଏହି ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ କଟକରେ ହୋଇଥିଲା । ୨୦୦୬ରେ ଜୁନିୟର ବର୍ଗର ଜାତୀୟ ଚାମ୍ପିୟନଶିପ୍ କଟକରେ ଅନୁଷ୍ଠିତ ହୋଇଥିଲା।

ଶନିବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଛି । ଭାରତର ଅନେକ ପ୍ରତିଷ୍ଠିତ ଟେବୁଲ ଟେନିସ ଖେଳାଳି ଟୁର୍ନାମେଣ୍ଟରେ ଭାଗ ନେବେ ବୋଲି ବୈଠକରେ ପ୍ରକାଶ କରାଯାଇଛି। ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନ ସଭାପତି ତଥା ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ.ଏନ. ଗୁପ୍ତା ଉପସ୍ଥିତ ରହି ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ । ଉଭୟ ଦଳଗତ ଓ ସିଙ୍ଗଲ୍ସ ବିଭାଗରେ ଏହି ଟୁର୍ନାମେଣ୍ଟ ହେବ । ଦଳଗତ ଇଭେଣ୍ଟ ଜାନୁୟାରୀ ୪ ତାରିଖରୁ ୬ ଏବଂ ସିଙ୍ଗଲ୍ସ ଇଭେଣ୍ଟ ୬ରୁ ୯ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ। ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ଅନୁଷ୍ଠାନରୁ ପ୍ରାୟ ୫୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶ ଗ୍ରହଣ କରିବା ଆଶା କରାଯାଉଛି। ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ (ଟିଟିଏଫ୍ଆଇ) ଅନୁମୋଦନକ୍ରମେ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୧୦୦ ଅଫିସିଆଲ ନିଯୁକ୍ତ ହେବେ । ଜାନୁୟାରୀ ୨ରେ ଖେଳାଳି ଓ ଅଫିସିଆଲମାନେ କଟକରେ ପହଞ୍ଚିବେ ବୋଲି ଗୁପ୍ତା କହିଥିଲେ । ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୦୦ ସ୍ଥାନ ମଧ୍ୟରେ ଥିବା ଅନେକ ଭାରତୀୟ ଟେବୁଲ ଟେନିସ ଖେଳାଳି ଏହି ଟୁର୍ନାମେଣ୍ଟରେ ଯୋଗଦେବେ। ୪ ତାରିଖ ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବ କରାଯିବ। ଖେଳାଳି ଓ ଅଫିସିଆଲ ମାନଙ୍କ ରହଣି ବ୍ୟବସ୍ଥା କଟକର ବିଭିନ୍ନ ହୋଟେଲମାନଙ୍କରେ କରାଯାଇଛି ବୋଲି ଆସୋସିଏଶନ ସଭାପତି ଗୁପ୍ତା କହିଛନ୍ତି ।




କର୍ମକର୍ତ୍ତାମାନେ ଜାତୀୟ ସିନିୟର ଟେବୁଲ ଟେନିସ ଚାମ୍ପିୟନଶିପ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

- ଜାନୁୟାରୀ ୪ରୁ କଟକରେ ହେବ ଏହି ପ୍ରତିଯୋଗିତା
- ଯୋଗଦେବେ ଦେଶର ନାମୀଦାମୀ ଖେଳାଳି

ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ନିର୍ଦ୍ଦେଶକ ଆର୍ ଭିନୀଲ କ୍ରିଷ୍ଣା ଉପସ୍ଥିତ ରହି ରାଜ୍ୟ ଆସୋସିଏଶନକୁ ଶୁଭେଚ୍ଛା ଜଣାଇବା ସହ ଟୁର୍ନାମେଣ୍ଟକୁ ସଫଳ କରାଯିବ ବୋଲି କହିଛନ୍ତି। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ଦିଗରେ ଅନେକ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ପୁଣି ଏକ ଜାତୀୟ ଟୁର୍ନାମେଣ୍ଟ ଓଡ଼ିଶା ତଥା କଟକରେ ହେବ । ଏହା ରାଜ୍ୟରେ କ୍ରୀଡ଼ାପ୍ରେମୀଙ୍କ ଉତ୍ସାହକୁ ଆଗକୁ ବଢ଼ାଇବ ବୋଲି ସେ କହିଥିଲେ । ରାଜ୍ୟ ଆସୋସିଏଶନ ଉପସଭାପତି ତଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ, ଉପସଭାପତି ଚିତ୍ତ ମହାନ୍ତି, କୋଷାଧ୍ୟକ୍ଷ ନିହାରରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ସମ୍ପର୍କରେ ମତ ଦେଇଥିଲେ। ଏହି ଜାତୀୟ ଟୁର୍ନାମେଣ୍ଟ ନିମନ୍ତେ ୧.୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଅନ୍ୟପକ୍ଷରେ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ରାଜ୍ୟ ଦଳର ପ୍ରସ୍ତୁତି ଜୋରଦାର ଭାବେ ଆରମ୍ଭ ହୋଇଛି ବୋଲି ସମ୍ପାଦକ ପରିଡ଼ା କହିଛନ୍ତି । ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ରାଜ୍ୟ ଦଳର ପ୍ରସ୍ତୁତି ଚାଲିଛି । ପ୍ରତିଯୋଗିତାର ପୁରୁଷ ବର୍ଗରେ ୫ଜଣ ଖେଳାଳି ଦଳଗତ ଓ ୪ଜଣ ଖେଳାଳି ସିଙ୍ଗିଲ୍ସ ପର୍ଯ୍ୟାୟରେ ଭାଗ ନେବେ । ସେହିପରି ମହିଳା ବର୍ଗରେ ୪ଜଣ ଖେଳାଳି କେବଳ ଦଳଗତ ପର୍ଯ୍ୟାୟରେ ମୁକାବିଲା କରିବେ ବୋଲି ସମ୍ପାଦକ ପରିଡ଼ା କହିଥିଲେ । ପ୍ରତିଯୋଗିତାର ମାସ୍କଟ ଓଲି। ତେଣୁ ଓଲି ହାତରେ ଏବେ ଟେବୁଲ ଟେନିସ ର୍‍ୟାକେଟ ଥିବା ଦେଖିବାକୁ ମିଳିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଡିସେମ୍ବର ୩୦/୨୦୧୮ Bhubaneswar, Sunday, December 30/ 2018




## ସଂକ୍ଷେପରେ

### ଜାନୁୟାରୀ ୩ରେ ହାଫ୍ ମାରାଥନ

ପାରାଦୀପ,୨୯।୧୨(ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ଆସନ୍ତା ଜାନୁୟାରୀ ୩ରେ ପୂର୍ବବର୍ଷ ଭଳି ହାଫ୍ ମାରାଥନ କରାଯିବ। ଏ ସମ୍ପର୍କରେ ବନ୍ଦର କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ୧୮ରୁ ୪୦ ବର୍ଷ ବୟସର ଇଚ୍ଛୁକ ପ୍ରାର୍ଥୀ ଅଂଶଗ୍ରହଣ କରିପାରିବେ। ଏଥିପାଇଁ କେତେକ ପ୍ରମାଣପତ୍ର ସହ ୫୦ ଟଙ୍କା ଜମା କରିବାକୁ ପଡିବ। ହନୁମାନ ମନ୍ଦିରଠାରୁ ୧୪ କିମି ଦୂର ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ଏହି ମାରାଥନ କରାଯିବ ବୋଲି କୁହାଯାଇଛି।

### ଶ୍ରୀଅରବିନ୍ଦ ଶିକ୍ଷାସଦନର କ୍ରୀଡ଼ା ଉଦ୍‌ଯାପିତ

କୁଜଙ୍ଗ,୨୯।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ତାଳଦଣ୍ଡାସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାସଦନର ୨୮ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୨ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ପ୍ରଧାନ ଶିକ୍ଷକ ରମେଶ ପ୍ରଧାନ ପୌରୋହିତ୍ୟ କରିଥିଲେ। ଡ. ମୋହନ ଚରଣ ସେଠୀ ମୁଖ୍ୟଅତିଥି, ଶିକ୍ଷକ କୁଳମଣି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହି କୁନି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଗୋଲେଖ ସ୍ୱାଇଁ, ଶିକ୍ଷକ ଅକ୍ଷୟ ବିଶ୍ୱାଳ, ଅଭୟ ଦାସ, ପରିଚାଳନା ସମିତି ସଭ୍ୟ ରମେଶ ଚନ୍ଦ୍ର ଦାସ, ହରେକୃଷ୍ଣ ସାହୁ, ପ୍ରଶାନ୍ତ ଶେଖର ପଟ୍ଟନାୟକ, ଫଗୁ ଚରଣ ମୁଦୁଲି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବିଜ୍ଞାନ ଶିକ୍ଷକ ଅମରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୁବାସ ସାମନ୍ତରାୟ, କିରାଣୀ ଅଦ୍ୱୈତ ପାଢ଼ୀ, ବିଭୂତି ଦାସ, କର୍ମଚାରୀ ଶୁକଦେବ ସ୍ୱାଇଁ, ପ୍ରମୋଦ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ବିଭୂ ପ୍ରସାଦ ମହାପାତ୍ର ଓ ଜେମାରାଣୀ ବେହେରା ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ।

### ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

ବିରିଡ଼ି,୨୯।୧୨(ଡି.ଏନ.ଏ.): ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ଆଶାକର୍ମୀଙ୍କ ପାଇଁ ଏକ ଦିନିକିଆ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଆଇସିଡିଏସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ମାନସିକ ରୋଗ ଚିହ୍ନଟ, ତାହାର ପ୍ରାଥମିକ ଉପଚାର, ଚିକିତ୍ସା ଉଦ୍ଦେଶ୍ୟରେ ନିର୍ଦ୍ଧାରିତ କେନ୍ଦ୍ରକୁ ପ୍ରେରଣ ନିମନ୍ତେ ପରାମର୍ଶ ଦେବାକୁ ଆଶା କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଜିଲା ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶ୍ୟାମାକାନ୍ତ ନାୟକ ଓ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

# ୧ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଦିଆଯିବ ପୋଲିଓ

ଜଗତ୍‌ସିଂହପୁର ଅଫିସ, ୨୯।୧୨

**ଫେବୃୟାରୀ ୩ରୁ ୫ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ**



ପୋଲିସ ଟିକାକରଣ ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

- ସମଗ୍ର ଜିଲାରେ ହେବ ୫୩୫ ବୁଥ୍
- ଘର ଘର ବୁଲି ପୋଲିଓ ଦେବେ ୧,୦୭୦ କର୍ମଚାରୀ
- ୨୪ ଟ୍ରାନ୍‌ଜିଟ୍ ଟିମ୍ ଓ ୧୧ ମୋବାଇଲ ଟିମ୍ ଗଠିତ

୨୦୧୯ ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷ ବୟସର ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ୩ ତାରିଖରେ ବୁଥ୍‌ସ୍ତରରେ ଏହି କାର୍ଯ୍ୟକ୍ରମ ହେବ। ଯେଉଁ ଶିଶୁ ଏଥିରୁ ବାଦ୍‌ପଡିଥିବେ ସେମାନଙ୍କୁ ୪ ଓ ୫ ତାରିଖରେ ଘର ଘର ବୁଲି ପୋଲିଓ ଦିଆଯିବ। ଶନିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓପିଡି ସମ୍ମିଳନୀ କକ୍ଷରେ ପଲ୍‌ସ ପୋଲିଓ ଟୀକାକରଣ ନିମନ୍ତେ ଅନୁଷ୍ଠିତ ପ୍ରଥମ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ୟାମିନୀ ଷଡ଼ଙ୍ଗୀ ଏହି ସୂଚନା ଦେଇଛନ୍ତି। ସେ କହିଲେ ଯେ ଏହି କାର୍ଯ୍ୟରେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ ଜନ୍ମରୁ ୫ ବର୍ଷ ବୟସ ମଧ୍ୟରେ ଜିଲାର ୧,୦୭,୨୨୧ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ। ଏଥିପାଇଁ ଜିଲାରେ ୫୩୫ ବୁଥ୍ ହୋଇଥିବାବେଳେ ୧,୦୭୦ କର୍ମଚାରୀ ଘରକୁ ଘର ବୁଲି ପୋଲିଓ ପ୍ରଦାନ କରିବେ। ୨୪ଟି ଟ୍ରାନ୍‌ଜିଟ୍ ଟିମ୍ ଓ ୧୧ ମୋବାଇଲ ଟିମ୍ ଗଠନ କରାଯାଇଛି। ୨,୩୨୦ ତାଲିମପ୍ରାପ୍ତ ବ୍ୟକ୍ତି ଓ ୧୧୦ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ବୈଠକରେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଏସ୍‌ଏମ୍‌ଓ ଡଃ ଦୀପକ କର ଯୋଗଦେଇ ୨୦୧୧ ପରଠାରୁ ଭାରତରେ ପୋଲିଓ ନ ଥିବା ସୂଚନା ଦେଇଥିଲେ। ଯେହେତୁ ପଡ଼ୋଶୀ ପାକିସ୍ତାନ ଓ ଆଫଗାନିସ୍ଥାନ ଆଦି ଦେଶରେ ପୋଲିଓ ଲୋପ ଲୋପ ପାଇନାହିଁ, ତେଣୁ ଆମ ଦେଶରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା କହିଥିଲେ। ଫେବୃୟାରୀ ୩ କୁ ଜାତୀୟ ଇମ୍ୟୁନାଇଜେଶନ୍ ଡେ ଭାବେ ପାଳନ କରାଯିବ। ଜଗତ୍‌ସିଂହପୁର ଜିଲାରେ ଏହି କାର୍ଯ୍ୟକ୍ରମ ସଫଳ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଦାୟିତ୍ୱବାନ ହେବା ଉଚିତ ବୋଲି କର ଆହ୍ୱାନ ଦେଇଥିଲେ। ବୈଠକରେ ଜିଲାପାଳ ଶିଶୁ ମୃତ୍ୟୁହାର ସମ୍ପର୍କରେ ସମୀକ୍ଷା କରିଥିଲେ। ପୃଷ୍ଟି ପୁନର୍ବାସ କେନ୍ଦ୍ରର କାର୍ଯ୍ୟକାରିତା, ବନ୍ଧ୍ୟାକରଣ, ପରିବାର ନିୟୋଜନ ପଦ୍ଧତି, ଖୁସି ଯୋଜନା, ରୁଟିନ୍ ଟୀକାକରଣ, ୧୦୨ ଓ ୧୦୮ ଆମ୍ବୁଲାନ୍ସ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାଇନ ଫ୍ଲୁ, ବାର୍ଡ ଫ୍ଲୁ, ଜାପାନୀ ଏନ୍‌ସେଫାଲାଇଟିସ୍, ଜୁନୋଟିକ୍, କୁକୁର କାମୁଡ଼ା, ନିପା ଭାଇରସ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଚିକିତ୍ସା ଅଧିକାରୀ ଡା.ମହେଶ୍ୱର ପ୍ରଧାନ, ଡା.ବସନ୍ତ କୁମାର ବାରିକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ରମେଶ କୁମାର ବେହେରା, ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମକର୍ତ୍ତା, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ସିଡିପିଓମାନେ ଉପସ୍ଥିତଥିଲେ। ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ଉପପରିଚାଳକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର।

## ସେଣ୍ଟ ଜାଭିୟର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବିରିଡ଼ି/ବାଲିଆ,୨୯।୧୨(ଡି.ଏନ.ଏ.)

ବିରିଡ଼ି ବ୍ଲକ କମଳପୁର-ମଇଁନ୍ଦିପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୬ଷ୍ଠ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ସୋମନାଥ ଶିକ୍ଷା ଟ୍ରଷ୍ଟ ସଭାପତି କବିରାଜ ବିଭୂତି ଭୂଷଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସଚ୍ଚିନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି, ଭୁବନେଶ୍ୱର ପଳାସପଲ୍ଲୀ ସେଣ୍ଟ ଜାଭିୟର ହାଇସ୍କୁଲର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା, ଅଧ୍ୟାପକ ମନୋଜ କୁମାର ସାମଲ ଓ ହାଇସ୍କୁଲର ପୂର୍ବତନ ଅଧକ୍ଷ ଅମରେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା ସମିତି ସମ୍ପାଦିକା କବିତା ଦାଶ ଆଗାମୀ ବର୍ଷ ଖେଳ ଅଧିକ ଚିତାକର୍ଷକ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, କୁହୁକ ଦୌଡ଼, ଦଉଡ଼ି ଡିଆଁ, ବେଲୁନ ଫଟା ଦୌଡ଼, ଗଣିତ ଦୌଡ଼, ବଲ ଫିଙ୍ଗା, ନୃତ୍ୟ ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ହାଇସ୍କୁଲର ଅଧକ୍ଷା କିରଣବାଳା ରାୟ ସ୍ୱାଗତ ଭାଷଣ ଓ ଅଧ୍ୟାପକ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁନିଲ ପଟ୍ଟନାୟକ ଓ ସେଖ ସୋନୁ ଖେଳ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ଜେନା, ସୌଭାଗ୍ୟରଞ୍ଜନ ସାହୁ, ସୁଜିତ ପୃଷ୍ଟି, ଅଜିଜା ପରୱିନ, ସୁଲଗ୍ନା ରାଉତ, ଅସ୍ତମିତା ନାୟକ, ଶକୁନ୍ତଳା ମହନ୍ତ ପରିଚାଳନାରେ ସହଯୋଗ କରିଥିଲେ।

## ପଠାଣି ସାମନ୍ତଙ୍କ ଜୟନ୍ତୀ

ତିର୍ତ୍ତୋଲ,୨୯।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ଗ୍ରାମରେ ଥିବା ହନୁମାନଙ୍କ ପୀଠରେ ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜିତ ପରିଜା ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ପଞ୍ଚାନନ ମହାନ୍ତି, ଝଙ୍କଡ଼ ସାହିତ୍ୟ ସଂସଦ ସଭାପତି ଗୋଲୋକ ବିହାରୀ ପଲାଇ, ଚିତ୍ତରଞ୍ଜନ ପରିଜା, ଅନୀଲ କୁମାର ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ସୁରେନ୍ଦ୍ର କୁମାର ସାହୁ ଓ ଗୁରୁଚରଣ ବ୍ରହ୍ମ ପ୍ରମୁଖ ଯୋଗଦେଇ ପଠାଣୀ ସାମନ୍ତଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ତାଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ଉପରେ ବକ୍ତାମାନେ ବିସ୍ତୃତ ଆଲୋଚନା କରିଥିଲେ। ତାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସମସ୍ତେ ଭୁଲି ଯାଉଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଦିଗରେ ସରକାରୀ ଓ ବେସରକାରୀସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରୀତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ ବର୍ଷ ହେଲା ରାସ୍ତା ନାହିଁ



ବଡ଼କଣ ଗାଁ ରାସ୍ତା।

ଏରସମା,୨୯।୧୨(ସ୍ୱ.ପ୍ର.)

- ବର୍ଷା ହେଲେ ବଢୁଛି ଦୁର୍ଦ୍ଦଶା
- କାନ୍ଧରେ ସାଇକେଲ ବୋହୁଛନ୍ତି ଲୋକେ

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ ବଡ଼କଣ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଋତୁରେ ଗ୍ରାମ ରାସ୍ତା ଆଣ୍ଠୁଏ କଦୁଅ ହୋଇଯାଉଛି। ପ୍ରତିବର୍ଷ ସେମାନେ ରାଜନେତାଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ପ୍ରକାଶ ଯେ, ବଡ଼କଣ ହେଉଛି ନଗରୀ ଗ୍ରାମର ଏକ ପଡ଼ାଗ୍ରାମ। ସେଠାରେ ୧୫ ବଙ୍ଗୀୟ ପରିବାର ବସବାସ କରନ୍ତି। ଏରସମା ଆମ୍ବିକି ମୁଖ୍ୟ ରାସ୍ତାରୁ ସେହି ଗ୍ରାମକୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ କଚାରାସ୍ତା କରାଯାଇଥିଲା। ମାତ୍ର ଗତ ମହାବାତ୍ୟାରେ ଉକ୍ତ ଗ୍ରାମ ସହିତ ରାସ୍ତା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। ଏହା ମଧ୍ୟରେ ୧୮ ବର୍ଷ ବିତିଗଲାଣି। ସେଠାରେ ପୂର୍ବଭଳି ଜନବସତି ସୃଷ୍ଟି ହୋଇଛି। ମାତ୍ର ପକ୍କାରାସ୍ତା ତ ଦୂରର କଥା କଚା ରାସ୍ତାଟିଏ ମଧ୍ୟ ହୋଇପାରିଲା ନାହିଁ। ବର୍ଷାଦିନେ ରାସ୍ତା କାଦୁଅ ହୋଇଯାଉଥିବାରୁ ଲୋକେ ସାଇକେଲ କାନ୍ଧରେ ବୋହି ଯାତାୟାତ କରୁଛନ୍ତି। ଉକ୍ତ ଗ୍ରାମଟି ଖାଲୁଆ ଅଞ୍ଚଳରେ ରହିଥିବାରୁ ବର୍ଷାଜଳ ମାସ ମାସ ଧରି ଜମି ରହିଥାଏ। ଫଳରେ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏପରିକି ଗ୍ରାମବସୀ ଭେଳା ଓ ହୁଲି ଡଙ୍ଗାରେ ଯାତାୟାତ କରନ୍ତି। ବ୍ଲକ ପରିସରରେ ହେଉଥିବା ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଗ୍ରାମବାସୀ ଏନେଇ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସୁବ୍ରତ ସାମନ୍ତ, ବିକାଶ ସାମନ୍ତ, କାହ୍ନୁ ସାମନ୍ତ, ହରେକୃଷ୍ଣ ଦାସ, କୁସୁମ ଦାସ, ସୁବଳ ଦଳାଇ ପ୍ରମୁଖ ଗ୍ରାମବାସୀ କହିଛନ୍ତି ଯେ ଆମେ ଗରିବ ଲୋକ ବୋଲି ଆମ କଥାକୁ କେହି ଶୁଣୁ ନାହାନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।

## ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବାଲିକୁଦା,୨୯।୧୨(ସ୍ୱ.ପ୍ର.)

କେବଳ ଯେ ଆତ୍ମରକ୍ଷା କୌଶଳ ତାଲିମ ବାଳିକାଙ୍କ ପାଇଁ ଯଥେଷ୍ଟ ତାହା ନୁହେଁ, ନିଜ ସୁରକ୍ଷା ପାଇଁ ସେମାନେ ଯୋଗ ଓ ପ୍ରାଣାୟମ କରିବା ମଧ୍ୟ ଅପରିହାର୍ଯ୍ୟ। ବାଲିକୁଦା ମହାବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଏଲ୍‌ସି ପୁଷ୍ପମିତ୍ରା ମହାନ୍ତି ଏହା ପ୍ରକାଶ କରିଛନ୍ତି। କଲେଜ ଅଧକ୍ଷ ଅକ୍ଷୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ବିନୋଦ ବିହାରୀ ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ବିଭୁପ୍ରସାଦ ଦାଶ ଓ ସ୍ୱର୍ଣ୍ଣମୁଦ୍ରା ରାଉତଙ୍କ ତତ୍ତ୍ୱାବଧାନରେ ୧୨ ଦିନ ଧରି ଏହି ଶିବିର ହୋଇଥିଲା। ଅଧ୍ୟାପକ ଦେବବ୍ରତ ବାରିକ, ଜ୍ୟୋତିର୍ମୟ ମଲ୍ଲିକ, ଆର୍ତ୍ତବନ୍ଧୁ ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ଦାସ, ନଳିନୀ କାନ୍ତ ମହାପାତ୍ର, ନିହାର ରଞ୍ଜନ ରାଉତରାୟ, ଶେଖ୍ ମସିଉଲ୍ଲା, ଅକ୍ଷୟ ମହାନ୍ତି, ସୂର୍ଯ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୩୬୦ ଛାତ୍ରୀ ଶିବିରରେ ତାଲିମ ଗ୍ରହଣ କରିଥିଲେ। ମୁଖ୍ୟ କିରାଣି କୈଳାସ ପରିଡ଼ା, ବରିଷ୍ଠ କିରାଣି ଅନିରୁଦ୍ଧ ସାହୁ, ଦିଲୀପ କୁମାର ସାହୁ, ଉଲ୍ଲାସ ସାମନ୍ତରାୟ, ଅପରାଜିତା ବିଶ୍ୱାଳ, ପ୍ରମୋଦ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବିଜେଡିରେ ମିଶିଲେ ୩୦ ପରିବାର

ବାଲିକୁଦା,୨୯।୧୨(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ବାଲିକୁଦା ବ୍ଲକ ବରମୁଣ୍ଡଳି ପଞ୍ଚାୟତରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ତାଳଗାଁ ୫ ନଂ ୱାର୍ଡର ୩୦ କଂଗ୍ରେସ ପରିବାର ବିଜେଡିରେ ସାମିଲ ହୋଇଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି। ତାଳଗାଁ ଭାଗବତ ଗୋସେଇଁଙ୍କ ପୀଠରେ ଅନୁଷ୍ଠିତ ଏହି ସଭାରେ ସରପଞ୍ଚ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲାପରିଷଦ ସଭ୍ୟା ବବିତା ସ୍ୱାଇଁ, ବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ବିଜେଡିର ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଗାଁର ମୁଖ୍ୟ ପୋଖରୀ ଓ ରାସ୍ତା ସମସ୍ୟା ଦୂର କରିବାକୁ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ସଭାରେ ବିଧାୟକ ମୁଦୁଲି ଘୋଷଣା କରିଥିଲେ। ସୁବାସ ନାୟକ ଅତିଥି ପରିଚୟ ପ୍ରଦାନ ଓ ବିଜୁ ଯୁବ ବାହିନୀ ସମ୍ପାଦକ ଅଜିତ୍ ସେଠୀ ଧନ୍ୟବାଦ ଦେଇଥିଲେ। ଯୁବ ସଂଗଠକ ପ୍ରଣବ ପ୍ରଧାନ, ଆଲୋକ ସ୍ୱାଇଁ, ପପୁ ସ୍ୱାଇଁ, ଅନ୍ତର୍ଯ୍ୟାମୀ ଦଳାଇ, ପିଙ୍କୁ ଦଳାଇ, ଟୁଲୁ ଦଳାଇ, ଧ୍ରୁବ ଦଳାଇ, ପପୁଆ ଦଳାଇ, ସିଦ୍ଧାର୍ଥ ଦଳାଇ, ଟୁଇଁ ଦଳାଇ, ଅନୁ ଦଳାଇ, ଆର୍ତ୍ତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ଆକ୍ରମଣରେ ସମିତିସଭ୍ୟା ଗୁରୁତର

ରଘୁନାଥପୁର, ୨୯ ।୧୨( ଡି.ଏନ.ଏ.)



ସମିତିସଭ୍ୟା ପ୍ରମିଳା ଦେଇ।

- ଖଳା କାର୍ଯ୍ୟକୁ ନେଇ ଗଣ୍ଡଗୋଳ

ରଘୁନାଥପୁର ଥାନା ଟିକିଣିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଖଳା କାର୍ଯ୍ୟକୁ ନେଇ ଶନିବାର ଗଣ୍ଡଗୋଳ ଘଟିଛି। ସରପଞ୍ଚଙ୍କ ଆକ୍ରମଣରେ ସଭିତିସଭ୍ୟା ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ଏଏସଆଇ ଜଗବନ୍ଧୁ ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣାର ସତ୍ୟତା ନ ଥିବା ଦର୍ଶାଇ ଅଦ୍ୟାବଧି କୌଣସି ମାମଲା ହୋଇ ନ ଥିବା ଏଏସ୍‌ଆଇ ସେଠୀ କହିଛନ୍ତି। ସୂଚନା ନ ପାଇ ଉକ୍ତ ଖଳା କାର୍ଯ୍ୟକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏ ସମ୍ବନ୍ଧରେ କୋର୍ଟରେ କେସ୍ ମଧ୍ୟ ହୋଇଛି। ଶନିବାର କାର୍ଯ୍ୟ ହେବାର ଖବର ପାଇ ସମିତିସଭ୍ୟା ପ୍ରମିଳା ଦେଇ ଘଟଣାସ୍ଥଳକୁ ଆସି ଏଥିରେ କେସ୍ ଚାଲିଥିବା ଏବଂ କାର୍ଯ୍ୟ ନ କରିବାକୁ କହିଥିଲେ। ତେବେ ସରପଞ୍ଚଙ୍କ ଗୋଷ୍ଠୀଙ୍କ ପକ୍ଷରୁ କାମ ଜାରି ରହିବା ଫଳରେ ସଭ୍ୟା ପ୍ରମିଳା ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଆସି କୌଣସି ଗଣ୍ଡଗୋଳ ହୋଇଥିବାର ସତ୍ୟାତା ନ ପାଇ ଫେରି ଯାଇଥିଲା। ପୁନର୍ବାର ସଭ୍ୟା ପ୍ରମିଳା ଅପରାହ୍ନ ୧ଟାରେ କାର୍ଯ୍ୟସ୍ଥଳକୁ ଯାଇ କାମ ବନ୍ଦ କରିବାକୁ କହିବା ସମୟରେ ସେଠାରେ ଉପସ୍ଥିତ ଥିବା ସରପଞ୍ଚ ଶମିଷ୍ଠା ସ୍ୱାଇଁ ବିରୋଧ କରିବା ସହ ତାଙ୍କୁ ଠେଲି ଦେଇଥିଲେ। ଫଳରେ ନିକଟରେ ଥିବା ମେଟାଲ ଉପରେ ସଭ୍ୟା ପ୍ରମିଳା ପଡି ଯାଇ ପଛ ପଟ ମୁଣ୍ଡ ମାଡ ହୋଇଯାଇଥିଲା। ଏ ସମ୍ପର୍କରେ ପୁନର୍ବାର ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ତେବେ ଦିନ ୩ଟାରେ ସଭ୍ୟା ପ୍ରମିଳା ଘରକୁ ଯାଇ ବାନ୍ତି କରିବାରୁ ତାଙ୍କୁ ତୁରନ୍ତ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସରପଞ୍ଚ ସ୍ୱାଇଁଙ୍କୁ ପଚାରିବାରେ ଯେଉଁ ଭଳି ମୋ ନାଁରେ ଅଭିଯୋଗ କରାଯାଇଛି ସେଭଳି କିଛି ଘଟିନାହିଁ। ସମିତି ସଭ୍ୟା ପ୍ରମିଳାଙ୍କୁ କେହି ଠେଲି ନାହାନ୍ତି ବୋଲି ସେ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

## ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

କୋରେଇ,୨୯।୧୨(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଅମୃତିଆ ଗ୍ରାମରେ କୌଣସି କାରଣରୁ ଶନିବାର ଅଗ୍ନିକାଣ୍ଡ ଘଟି ୩ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ବିପନ୍ନମାନେ ହେଲେ ସୁରେନ୍ଦ୍ର ବାରିକ, ଶରତ ବାରିକ ଓ ବଳରାମ ବାରିକ। ସେମାନଙ୍କ ଘର ସହ ସମସ୍ତ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବୈତରଣୀରୋଡ ଦମକଳ ବାହିନୀ ପହଞ୍ଚିବାରେ ବିଳମ୍ବ ହେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ରାଜସ୍ୱ ନିରୀକ୍ଷକ ବିପନ୍ନଙ୍କ ନିକଟରେ ପହଞ୍ଚି ତଦନ୍ତ କରିଛନ୍ତି । ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଯୁବ ନେତା ମନୋଜ କୁମାର ଲେଙ୍କାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

କୋରେଇ,୨୯।୧୨(ସ୍ୱ.ପ୍ର.)- ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ରାକେଶ ମଲ୍ଲିକ(୧୯) ପ୍ରେମଜନିତ କାରଣରୁ ଶୁକ୍ରବାର ବିଳମ୍ବିତ ରାତିରେ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳିଛି। ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିବା ଏଏସ୍ଆଇ ଅଭୟ କୁମାର ନାୟକ କହିଛନ୍ତି।

## କୋଇଲା ବୋଝେଇ ଟ୍ରେଲର ଓଲଟି ୨ ଗୁରୁତର

ଯାଜପୁରରୋଡ, ୨୯।୧୨ (ନି.ପ୍ର.) ଯାଜପୁରରୋଡ ଥାନା ଅନ୍ତର୍ଗତ କୁସୁନପୁର ଗଣ୍ଡାନାଳ ବ୍ରିଜ୍ ନିକଟରେ ଶନିବାର ଏକ କୋଇଲା ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ପୋଲ ତଳକୁ ଓଲଟି ପଡ଼ିଥିଲା। ଫଳରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାମାକ୍ଷାନଗର ଅଞ୍ଚଳର ଦୀନବନ୍ଧୁ ମହାନ୍ତି ଓ ସୁଶାନ୍ତ ପ୍ରଧାନ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ସୂଚନାଯୋଗ୍ୟ ସେମାନେ ତାଳଚେରରୁ କୋଇଲା ବୋଝେଇ କରି ବାଲେଶ୍ୱର ଅଭିମୁଖେ ଯାଉଥିଲେ।

## ତୁଷାରକାନ୍ତ ମେମୋରିଆଲ କ୍ରିକେଟ୍ କପ୍ ଉଦ୍ଯାପିତ: ରମ୍ଭା ଚାମ୍ପିୟନ୍

ବରୀ,୨୯।୧୨(ସ୍ୱ.ପ୍ର.)- ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର କାଇପଡ଼ା ହାଇସ୍କୁଲ ପଡ଼ିଆଠାରେ ସ୍ଥାନୀୟ ଅଞ୍ଚଳର ରାଜ୍ ରାଇଜିଙ୍ଗ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ତୁଷାରକାନ୍ତ ମେମୋରିଆଲ କ୍ରିକେଟ୍ କପ୍ ଉଦ୍ଯାପିତ ହୋଇଯାଇଛି। ରତ୍ନଗିରି ଓ ରମ୍ଭା କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରମ୍ଭା ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ଜବାବରେ ରତ୍ନଗିରି ୭୪ ରନ୍ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୫୦୦୦ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩,୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାଶୀନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି, ବୃନ୍ଦାବନ ସାମଲ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

ଚଣ୍ଡିଖୋଲ,୨୯।୧୨(ଡି.ଏନ.ଏ.)- ଯାଜପୁର ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ବଡ଼ଚଣା ଥାନା ପରିସରରେ ଶନିବାର ସନ୍ଧ୍ୟାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ଥାନାଧିକାରୀ ଶରତଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଯାଜପୁର ଏସ୍‌ପି ଚରଣ ସିଂହ ମୀନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୩୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଛନ୍ତି। ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ବଟକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରହିଯାଇଥିବା ବରିଷ୍ଠ ନାଗରିକଙ୍କୁ ପରେ ପରିଚୟ ପତ୍ର ବଣ୍ଟନ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଥିଲେ।

# ଆଜିଠାରୁ ଉଜ୍ଜ୍ୱଳା, ସାନିଟାରୀ ନାପକିନ୍ କାର୍ଯ୍ୟକ୍ରମ ଆରମ୍ଭ

ଯାଜପୁରରୋଡ,୨୯।୧୨(ନି.ପ୍ର.)

ରାଜ୍ୟର ୩୦ ଜିଲା ୯୩ ବ୍ଲକ୍‌ର ଜନ ସେବା କେନ୍ଦ୍ର ଗୁଡ଼ିକରେ ଉଜ୍ଜ୍ୱଳା, ସାନିଟାରୀ ନାପ୍‌କିନ୍ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ସୁକିନ୍ଦା, ମଙ୍ଗଳପୁର, ବରୀ ଓ ବଡ଼ଚଣା ଆଦି ୪ ବ୍ଲକ ସାମିଲ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ଓ ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ। ଏହି ଅବସରରେ ଯାଜପୁରରୋଡସ୍ଥିତ ସ୍ଥାନୀୟ ହୋଟେଲରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରେ ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଜିଲା ସଂଯୋଜକ ଆଶିଷ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୩ ତୈଳ ବିପଣନ କମ୍ପାନୀ ଓଡ଼ିଶାର ମହିଳା ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ସାନିଟାରୀ ନାପ୍‌କିନ୍‌ର ମୋଟ ବ୍ୟବହାର ଶତକଡ଼ା ୩୩.୫ ଭାଗ। ୬୦୦ଜଣ ଉଜ୍ଜ୍ୱଳା ମହିଳା ହିତାଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ପ୍ରତି ସଂସ୍ଥାରେ ନିଯୁକ୍ତି ପାଇ ସେମାନେ ମହିଳାଙ୍କୁ ନାପ୍‌କିନ୍ ଓ ଗ୍ୟାସ୍ ବ୍ୟବହାର ସମ୍ପର୍କରେ ସଚେତନତା କରିବେ। କେନ୍ଦ୍ର ସରକାର ରାଜ୍ୟରେ ୩୨୬ଟଙ୍କା ୮୨ପଇସା ସବ୍‌ସିଡ଼ି ରଖିଛନ୍ତି। ପ୍ରତି ପ୍ୟାକେଟ୍‌ର ମୂଲ୍ୟ ୪୨ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଜିଲା ସଂଯୋଜକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉଜ୍ଜ୍ୱଳା ଗ୍ୟାସର ପଦସ୍ଥ ଅଫିସରମାନେ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ।

# 'ଜବାବ ମାଗୁଛି ଓଡ଼ିଶା' ରଥ ପରିକ୍ରମା ଶୁଭାରମ୍ଭ



ଜବାବ ମାଗୁଛି ଓଡିଶା ରଥକୁ ଶୁଭାରମ୍ଭ କରାଯାଉଛି ।

ଯାଜପୁରରୋଡ,୨୯।୧୨(ନି.ପ୍ର.)

ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଯାଜପୁରରୋଡ କାଳୀ ମେଳଣ ପଡ଼ିଆରେ ଶନିବାର ଜବାବ ମାଗୁଛି ଓଡ଼ିଶା ରଥ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚା ଜିଲା ସଭାପତି ଆଲେକଜାଣ୍ଡର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲାର ୭ ନିର୍ବାଚନମଣ୍ଡଳୀ ଯଥା କୋରେଇ, ସୁକିନ୍ଦା, ଯାଜପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା ଓ ରସୁଲପୁର ଆଦିର ନେତାମାନେ ଉପସ୍ଥିତ ଥିଲେ। ଜବାବ ମାଗୁଛି ଓଡ଼ିଶା ରଥ ୧୦୦ ଦିନ ଧରି ଗାଁଠାରୁ ସହର ପର୍ଯ୍ୟନ୍ତ ପରିକ୍ରମା କରି ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରିବ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜିଲାର ଯୁବତୀ ଯୁବକମାନେ ନିଯୁକ୍ତି ପାଇନାହାନ୍ତି। ରାସ୍ତା ଘାଟ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ହରିଲୁଟ ହେଉଛି। ପ୍ରକୃତ ହିତାଧିକାରୀଙ୍କୁ ବାଦ୍ କରାଯାଇ ଦଳୀୟ ଭିତ୍ତିରେ କାର୍ଯ୍ୟ ପ୍ରଦାନ କରାଯାଉଛି। ଯୁବମୋର୍ଚ୍ଚାର କର୍ମକର୍ତ୍ତା ଲୋକଙ୍କ ପାଖକୁ ଯାଇ ରାଜ୍ୟ ସରକାରଙ୍କ ସମସ୍ତ ଦୁର୍ନୀତି ବିଷୟରେ ବୁଝାଇବେ ଓ ସରକାରଙ୍କ ପତନ ଘଟାଇବାକୁ ସଂକଳ୍ପବଦ୍ଧ ହେବେ ବୋଲି ସଭାପତି ଆଲେକଜାଣ୍ଡର ଦାସ ସୂଚନା ଦେଇଛନ୍ତି। ଯୁବମୋର୍ଚ୍ଚାର ଜେନେରାଲ ସେକ୍ରେଟାରୀ ସୌମ୍ୟରଞ୍ଜନ ଧଳ, ପ୍ରିୟବ୍ରତ ଜେନା, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଓ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।

## ଅଶୋକ ଦାସଙ୍କ ୧୦ମ ଶ୍ରାଦ୍ଧୋତ୍ସବ

# ବାପାଙ୍କ ଶ୍ରାଦ୍ଧରେ ପୁଅ ଅନୁପସ୍ଥିତ

କୋରେଇ,୨୯।୧୨(ସ୍ୱ.ପ୍ର.)- ପୂର୍ବତନ କୋରେଇ ବିଧାୟକ ସ୍ୱର୍ଗତ ଅଶୋକ ଦାସଙ୍କ ୧୦ମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପାଣିକୋଇଲିସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ଅଶୋକ ଦାସ ସ୍ମୃତି କମିଟି ପକ୍ଷରୁ ଶନିବାର ମଧ୍ୟାହ୍ନରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଏଥିରେ କମିଟି ଆବାହକ ସୁବାସ ଧଳ ସଭାପତିତ୍ୱ କରିଥିଲେ। ସେହିପରି ଷଠିପୁରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଧାୟକ ଆକାଶ ଦାସ ନାୟକ ସଭାପତିତ୍ୱ କରିଥିଲେ। ବାପାଙ୍କ ଶ୍ରାଦ୍ଧରେ ପୁଅ ପ୍ରଣବ ପ୍ରକାଶ ଦାସ ତଥା ଯାଜପୁର ବିଧାୟକ ଅନୁପସ୍ଥିତ ଥିଲେ। ମା' ତାରିଣୀ ମନ୍ଦିର ପୂଜକ ତଥା ଅଶୋକ ପ୍ରେମୀ ସୂର୍ଯ୍ୟମଣି ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ, ଅଦ୍ୱୈତ୍ୟ ଚରଣ ଦାଶ, ବଳରାମ ସାହୁ, କଂଗ୍ରେସ କେନ୍ଦୁଝର ପ୍ରଭାରୀ ରସାନନ୍ଦ ମହାନ୍ତି, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ, ଭକ୍ତବତ୍ସଳ ସ୍ୱାଇଁ, ବଟକୃଷ୍ଣ ସାହୁ, ପଦ୍ମନାଭ ସ୍ୱାଇଁ, ଅଜୟ ସାହୁ ପ୍ରମୁଖ ଅଶୋକଙ୍କ ସ୍ମୃତିଚାରଣ କରିଥିଲେ। ପଥରପଦା ସରପଞ୍ଚ ପ୍ରକାଶ ମଲିକ, ଗୋକୁଳାନନ୍ଦ ସାହୁ, ବାବାଜୀ କବି, ପିତାମ୍ବର ବଳ, ମାୟାଧର ସାହୁ, ଅମର ଆଏଚ, ତାରିଣୀ ପଟ୍ଟନାୟକଙ୍କ ସମେତ ଶତାଧିକ ଅଶୋକ ପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ଗଣେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମ୍ପର୍କରେ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳ ହୋଇଥିଲେ।

## ରାଧାନାଥ ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ : ସୋର ଚାମ୍ପିୟନ

କଳିଙ୍ଗନଗର, ୨୯।୧୨ (ଡି.ଏନ୍.ଏ.)- ଦାନଗଦୀ ବ୍ଲକ ଅନ୍ତର୍ଗତ ରାଛିପୁର ପଞ୍ଚାୟତର ଦାନିଆବରଠାରେ ରାଧାନାଥ ସ୍ପୋର୍ଟିଂ କ୍ରିକେଟ କ୍ଲବ ପକ୍ଷରୁ ୨୧ତମ ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଆୟୋଜିତ ମ୍ୟାଚ୍‌ରେ ଅଁଳାଝରି ସତ୍ୟସାଇ କ୍ରିକେଟ କ୍ଲବକୁ ହରାଇ ରାଧାନାଥ ସ୍ପୋର୍ଟିଂ ସୋର ଚାମ୍ପିୟନ ହୋଇଛି। ସୋର ଦଳ ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରିଥିଲା । ଜବାବରେ ସତ୍ୟସାଇ କ୍ରିକେଟ କ୍ଲବ ମାତ୍ର ୭୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାନ ଅଫ ଦି ସିରିଜ୍ ଭାବେ ଆଶିଷ ଜେନା ଓ ମ୍ୟାନ ଅଫଦି ମ୍ୟାଚ୍ ଭାବେ ଚାମ୍ପିୟନ ଦଳର ମାନସ ମହାଳିକଙ୍କୁ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ରାୟ, ସମ୍ମାନିତ ଅତିଥି ଭାବେ କମୁରୁଦ୍ଦିନ ଖାଁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଛନ୍ତି ।

## ଟ୍ରକ୍‌କୁ ପିଟିଲା ଟ୍ରେଲର

# ୭ଘଣ୍ଟା ରାସ୍ତା ବନ୍ଦ

ଜେନାପୁର/ଚଢେଇଧରା, ୨୯।୧୨ (ଡି.ଏନ୍.ଏ.)-

ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ବ୍ରାହ୍ମଣୀ ସେତୁ ଉପରେ ଶନିବାର ଭୋର ସମୟରେ ଏକ ଦଶଚକିଆ ଟ୍ରକ୍‌କୁ ପଛପଟୁ ଟ୍ରଲ୍‌ର ଧକ୍କା ଦେବା ଫଳରେ ଗାଡି ୨ଟି ରାଜପଥରେ ଅଟକି ରହିଥିଲା। ଫଳରେ ସେଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ରମେଶ କୁମାର ସାହାଣି ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ୨ଟିକୁ ହଟାଇଥିଲେ। ଦୀର୍ଘ ୭ଘଣ୍ଟା ପରେ ଦିନ ୧୨ଟା ପାଖାପାଖି ସମୟପରେ ରାସ୍ତା ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, କଳିଙ୍ଗନଗରରୁ ଆସୁଥିବା (ଓଆର-୦୪-ଏଚ୍-୪୯୭୧) ଏକ ଲୁହା ପଥର ବୋଝେଇ ଟ୍ରକକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଗାଡି ଦୁର୍ଘଟଣା ଗ୍ରସ୍ତ ହୋଇ ବ୍ରିଜ୍ ଉପରେ ରହିଥିଲା। ତେବେ ଶନିବାର ଭୋର ସମୟରେ ଉକ୍ତ ଟ୍ରକ୍‌କୁ ଦୁବୁରୀ ପଟୁ ଆସୁଥିବା (ଓଡି-୦୪ଏଲ- ୯୧୭୩) ଟ୍ରଲର ପଛପଟୁ ଧକ୍କା ଦେଇଥିଲା। ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହି ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।


No.XXIX-42

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No. RDM-LAC-ANG-0036-2017-45234/ R&DM — Dated : 29.12.2017

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକସନ) ରେଳପଥ ଦୋହରୀକରଣ ନିମନ୍ତେ ମୌଜା- କରବେରିଣୀ, ଥାନା- ଅନୁଗୁଳ, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୦.୭୩୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ, (ନିର୍ମାଣ) ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା - ୨୯୭୩୧, ତା. ୦୬.୦୯.୨୦୧୭ ଦ୍ରଷ୍ଟବ୍ୟ।।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | କରବେରିଣୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୭୩୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

ମୌଜା : କରବେରିଣୀ, ତହସିଲ- ବଅଁରପାଳ, ଥାନା- ଅନୁଗୁଳ ନଂ.୭୧, ଜିଲ୍ଲା : ଅନୁଗୁଳରେ ସମ୍ବଲପୁର- ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ।

| କ୍ର. ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ଅକ୍ଷୟ କୁମାର ପାତ୍ର, ବିମ୍ବାଧର ପାତ୍ର, ପୀତବାସ ପାତ୍ର, ଅଭିମନ୍ୟୁ ପାତ୍ର, ପି: ବିଛନ୍ଦ ପାତ୍ର, ଜା: କ୍ଷତ୍ରିୟ , ବା- ନିଜଗାଁ | ୨୮୪ | ଓସ୍ତଡିପା | ୧.୦୩୦ | ୦.୨୧୦ |
| ୨ | ୩୩ | ଦାମ ନାୟକ, ପି: ନହିନ ନାୟକ, ବା: ନିଜଗାଁ | ୨୩ | ବଅଁରବଣି | ୦.୩୩୦ | ୦.୦୪୦ |
| ୩ | ୫୧ | ପରମାନନ୍ଦ ପ୍ରଧାନ, ପି: ଶତ୍ରୁଘ୍ନ ପ୍ରଧାନ, ବା: ନିଜଗାଁ | ୨୮୮ | ଓସ୍ତଡିପା | ୧.୪୮୦ | ୦.୦୨୦ |
| ୪ | ୭୮ | ବୈଷ୍ଣବ ସାହୁ, ପି: ଶ୍ରୀମୁଖ ସାହୁ, ଜା: ଚଷା, ବା: ନିଜଗାଁ | ୨୮୩ | ଗମ୍ଭାରିଡିପା | ୧.୦୮୦ | ୦.୦୧୦ |
| ୫ | ୮୭ | ମଦନ ସାହୁ, ପି: ରାମ ସାହୁ, ବା : ନିଜଗାଁ | ୨୯୨ | ଓସ୍ତଡିପା | ୦.୭୨୦ | ୦.୧୦୦ |
| ୬ | ୧୨୭ | ହଟିଆ ପ୍ରଧାନ, ପି: ଭଜନା ପ୍ରଧାନ, ବା: ନିଜଗାଁ | ୨୧୦ | ଓସ୍ତଡିପା | ୦.୧୨୦ | ୦.୦୯୦ |
| ୭ | ୧୩୦/ ୪ | ସର୍ବେଶ୍ୱର ବେହେରା, ପି. ନବୀନ ବେହେରା, ବା: ନିଜଗାଁ | ୨୧ | ତଳପସା | ୦.୪୧୦ | ୦.୦୭୦ |
| ୮ | ୧୩୦/ ୪ | ସର୍ବେଶ୍ୱର ବେହେରା, ପି. ନବୀନ ବେହେରା, ବା: ନିଜଗାଁ | ୨୨ | ବଅଁରବଣି | ୦.୧୭୦ | ୦.୧୪୦ |
| | | | | ମୋଟ | | ୦.୭୩୦ |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

24001/14/0481/1819



**BERHAMPUR MUNICIPAL CORPORATION**

No. 21097/X1-H2-3/2018 — Date: 27.12.18

**TENDER CALL NOTICE**

No. 391-C: Sealed tenders are invited to reach by Speed Post / Registered Post / By hand only from Advertising Firms / Company for **"Auction of Advertisement space and cleaning of solar powered Bus stop"**. The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 15.01.2019, 5.00 PM and will be opened on 16.01.2019 at 11.00 AM in the office of undersigned.

The authority reserves the right to accept or reject any tender without assigning any reason thereof.

Sd./- Commissioner
Berhampur Municipal Corporation

13035/11/0176/1819



**Government of Odisha** — No.1078-B

**"e"Procurement Notice**

**OFFICE OF THE EXECUTIVE ENGINEER RAYAGADA(R&B) DIVISION NO -I**

**Bid Identification No: RC (R AND B) RGD 24 /2018-19 (Online tender)**
**File No E-II-C3-28/2018 No. 5527 Dated: 27.12.2018**

1. No. of the works :- 1 (One) No. of Building work (Single Cover System)
2. Estimated Cost :- Rs.8,68,350/-
3. Cost of document :- Rs.4000/-
4. Bid Security :- Rs.8700/-
5. Class of Contractor :- 'HT'
6. Date &Time of availability of bid document in the website :- **11.00 Hrs. of Dated 07.01.2019 to 17.00 Hrs. of dated 17.01.2019 for online bidding.**
7. Last date/Time for receipt of bids in the portal :- Upto 17.00 Hrs.of dated 17.01.2019
8. Bids received **"on-line"** shall be opened :- **at 11.00 Hours on dated 18.01.2019 in the office of the Executive Engineer, Rayagada (R&B) Division No-I.**
9. Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/ Cancellation of tender can also be seen in the said website only.

Sd./- Executive Engineer
Rayagada(R&B) Division No-I

34040/11/0050/1819



No.1288-O:-

स्वच्छ भारत — एक कदम स्वच्छता की ओर

**OFFICE OF THE EXECUTIVE ENGINEER RWS&S DIVISION**

**Vill: Ambaguda, PO: J.S.CO. Rayagada-765002**
**e-mail id: eerwss_rgd@nic.in, eerwssrgd@gmail.com, Phone No: 8280408061**
**Quotation Call Notice No. 4585 — Date: 26.12.2018**

1. The Executive Engineer, RWSS, Division, Rayagada on behalf of Governor of Odisha invites sealed quotation in prescribed schedule from the intending registered firms/manufacturers having valid GSTIN and PAN in the name of the firms for MS (ERW) Pipes which are detailed in Schedule-A & Schedule-B & B(i).
2. The detailed quotation call notice can be obtained from the office of the Executive Engineer, RWSS Division, Rayagada from 11.00 hours of 31.12.2018 to 16.30 hours of 09.01.2019 and also be downloaded from NIC portal.
3. The quotation shall be received during the office hours upto 1.00 hrs on dt 10.01.2019 in the office of the Executive Engineer, RWSS Division, Rayagada.
4. The Quotationer should quote the pirce for each of the items separately in the enclosed format indicating the price inclusive of all taxes & delivery charges.
5. EMD @1% of total quoted value should be deposited in form of TDR or NSC duly pledged in favour of Executive Engineer, RWSS, Division, Rayagada at the time of submission of quotation. The materials shall be delivered to RWS&S Section (Store), Rayagada. The rates are inclusive of GST, transportation and Inspection charges etc.
6. The quotations received in incomplete shape without enclosing in the details mentioned supra or after the scheduled date and time are liable to be rejeted. The authority reserves the right to accept or cancel the above quotation without assigning any reason thereof.
7. Subsequent corrigendum/addendum/cancellation if required shall only be available in website indicated above.
8. The other details can be seen in the Detailed Quotation Call Notice.

Sd./- Executive Engineer
RWSS Division, Rayagada

25007/11/0022/1819



**OFFICE OF THE SUPERINTENDING ENGINEER RAYAGADA (R&B) CIRCLE, RAYAGADA**

e-mail ID - sepwd_rgda@yahoo.com, Phone/Fax No -06856 - 223049 — No.1076-B

**E-Procurement Notice**

**Bid Identification No. SE (R AND B) RGDA- 08/ 2018-19 (Online)**

**INVITATION FOR BIDS**

| | | |
|---|---|---|
| 1. | The **Superintending Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | |
| 2. | Nature of work | Building & Bridge work |
| 3. | No. of work | 02 (Two) nos. of work |
| 4. | Estimated Cost (Approximately) | Rs. 128.18 lakh & Rs. 329.15 lakh |
| 5. | Bid Cost | Rs. 10,000/- (each) |
| 6. | Class of Contractor | "B" Class / "A" Class / "Special" Class as per Financial Eligibility. |
| 7. | Availability of Bid Documents in the website | 11.00 Hrs of Dt.03.01.2019 to 16.00 Hrs of Dt. 18.01.2019 |
| 8. | Date of opening of Bid | 11.00 Hrs of Dt 19.01.2019 |
| 9. | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Rayagada (R&B) Circle, Rayagada

34128/11/0011/1819



**Government of Odisha**
**Social Security & Empowerment of PwDs Department**
**SIDR Building, Capital Hospital Campus, Unit-6, Bhubaneswar-751001**

**Expression of Interest for operating Kshyamata Express**

**No. 9735 — Date: 28.12.18**

**No.16-gg:-** The EOI aims to approve successful agencies that will be responsible for operating the Kshyamata Express in different districts of the State for the Early Detection & Care of Children with Special Needs including Persons with Disabilities, Geriatrics, Transgender & Substance abuse activities in different district under BBSA. The details of scope of work, eligibiity criteria and submission of details can be downloaded from website http://www.ssepdodisha.gov.in. Last date and time for submission of the EOI documents by Speed Post/Registered Post/ Courier/ Hand in all working days upto 4.00 PM of 11.01.2019.

This EOI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD Deptt, Govt. of Odisha reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated base on the information provided.

Sd./- Deputy Secretary to Govt.,
SSEPD Deptt., Govt . of Odisha

46001/11/0032/1819



**NOTICE INVITING TENDER**

NIT No.9036 — Dt.28.12.18

**FOR PROCUREMENT OF ONE No. 3D TERRESTRIAL LASER SCANNER SYSTEM BY DIRECTORATE OF MINES, ODISHA, BHUBANESHWAR**

No.12-G: Sealed tenders are invited from reputed OEMs or their authorized dealers/ distributors for supply of one 3D Terrestrial Laser Scanner System along with comprehensive AMC of three years (post expiry of three years standard warranty period) to The Directorate of Mines, Bhubaneshwar. The detail tender schedule, terms & conditions, cost of tender document, EMD etc. shall be available at our website **www.orissaminerals.gov.in** & **www.odisha.gov.in**. There will be no manual sale of tender document. Interested bidders are requested to download the tender schedule from the website. The last date for receipt of the bid is **19.01.2019** upto **12:30 PM**, which shall be opened on **21.01.2019 at 03:00 PM**.

A pre bid conference shall be held on **07.01.2019, 11:00 AM** in the conference room of the Directorate of Mines. All prospective bidders/tenderers are requested to kindly attend the pre-bid conference. All prospective bidders/tenderers are requested to kindly submit their queries (With envelope bearing Tender No. and date on top and marked "Queries for Pre-Bid Conference" or by email with subject "Queries for Pre-Bid Conference") so as to reach The Directorate of Mines by **05.01.2019, 04:00 PM**. Email Address for raising the queries is **itpmu@orissaminerals.gov.in**. The Directorate shall answer the queries during the pre-bid conference,

Director of Mines, Odisha reserves the right to accept/ reject all or a part of the tenders without assigning any reason thereof.

30004/11/0006/1819 — **Sd./- Director of Mines, Odisha**



**GOVERNMENT OF ODISHA**

**OFFICE OF THE EXECUTIVE ENGINEER, BIDYADHARPUR CANAL DIVISION, BIDYADHARPUR**

**(E-mail Id:- eebcdivision@gmail.com)**

**No.1028-A:-** — **"e" Procurement Notice No. BCD-13 OF 2018-19**

| E- Procurement Officer | Name of Work | Bid Id No. | Tender Cost in Lakhs (Appx.) | Bid Security in Rs. (On-line) | Cost of Bid Document (Online) | Class of Contractor | Period of Completion | Availability of Tender On-line for bidding: From | Availability of Tender On-line for bidding: To | Date of Opening Technical Bid |
|---|---|---|---|---|---|---|---|---|---|---|
| Executive Engineer, Bidyadharpur Canal Division, Bidyadharpur | Construction of R.C.C parapet wall including provision of SS pipes for lighting arrangement of Earth Dam at Hadagarh. | BCD-13/ 01 of 2018-19 | 56.55 Lakhs | 56,600/- | 10,000/- | B & A | 4 (Four) Calendar months | 01.01.19 11.30 hrs | 14.01.19 17.00 hrs | 17.01.19 11.30 hrs |

Further details can be seen from the Govt. website www.tendersorissa.gov.in./ www.dowrodisha.gov.in. Addendum/ Corrigendum/ Cancellatin if any required will be published in Govt. website only.

32240/11/0007/1819 — Executive Engineer, Bidyadharpur Canal Division, Bidyadharpur



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ଯୁବକଙ୍କ କଙ୍କାଳ ଉଦ୍ଧାର

**ରସୁଲପୁର,୨୯।୧୨(ଡିଏନଏ):** ରସୁଲପୁର ବ୍ଲକର ବ୍ରହ୍ମବରଦା ଫାଣ୍ଡି ବ୍ରହ୍ମବରଦା ଇସ୍ତେମା ପଡିଆର ଏକ ଖାଲୁଆ ସ୍ଥାନରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ସେକ୍ ସକିଲ ଅହମ୍ମଦ। ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପଚି ନଷ୍ଟ ହୋଇଯାଇଥିବାରୁ ପୋଲିସ ତାଙ୍କୁ ଚିହ୍ନଟ କରିପାରି ନ ଥିଲା। ମାତ୍ର ମୃତଦେହ ନିକଟରେ ପଡିଥିବା ଏକ ନାଲି ରଙ୍ଗର ଟର୍ଚ୍ଚକୁ ଦେଖି ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ୨ମାସ ତଳେ ସନ୍ଧ୍ୟାରେ ସକିଲ ଘରୁ କେଉଁଆଡେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ତେବେ ଶନିବାର ଗାଈଆଳ ପିଲା ଏକ କଙ୍କାଳ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ, ସକିଲଙ୍କର ମୁଣ୍ଡ ଦୋଷ ଓ ବାତ ରୋଗ ଥିଲା। ବାତ ମାରୁଥିବାରୁ ଖାଲୁଆ ସ୍ଥାନରେ କାଦୁଅରେ ପଡି ମୃତ୍ୟୁବରଣ କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏ ନେଇ ପରିବାର ଲୋକେ କୌଣସି ଅଭିଯୋଗ କରି ନାହାନ୍ତି। ରବିବାର ଧର୍ମଶାଳା ଥାନାଧିକାରୀ ଉମାକାନ୍ତ ନାୟକ ଓ ଏସଡିପିଓ କେଦାରନାଥ ସାହୁ ଘଟଣାସ୍ଥଳ ପରିଦର୍ଶନ ପରେ ଯାହାକିଛି ନିଷ୍ପତି ନିଆଯିବ ବୋଲି ପୋଲିସ କହିଛି।

### ପତାକା ଚିରାକୁ ନେଇ ଅଭିଯୋଗ

**ବିରଜାକ୍ଷେତ୍ର,୨୯।୧୨ (ଡି.ଏନ୍.ଏ):** ଯାଜପୁର ଟାଉନ-ବରୁଆଁ ରାସ୍ତାରେ ଲାଗିଥିବା ଭାଜପାର ପତାକା ଓ ବ୍ୟାନରକୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଚିରି ଫୋପାଡ଼ି ଦେବା ସହ ନିଆଁ ଲଗାଇ ଦେଇଥିବା ନେଇ ୩୦ନଂ. ଜୋନ ଯାଜପୁର ଭାଜପା ମଣ୍ଡଳ ପକ୍ଷରୁ ଯାଜପୁର ଥାନାରେ ଅଭିଯୋଗ କରାଯାଇଛି । ଏପରିକି ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ସୌଭାଗ୍ୟ ଯୋଜନାର ବିରାଟ ବ୍ୟାନର ଉପରେ ଏବେ ବିଜେଡ଼ି ନେତୃବୃନ୍ଦଙ୍କ ବ୍ୟାନର ଲାଗିଥିବାରୁ ଏହାକୁ ନେଇ ଭାଜପା ପକ୍ଷରୁ ଯାଜପୁର ଥାନାରେ ଅଭିଯୋଗ କରାଯାଇଛି। ଭାଜପା ପ୍ରତି ବଢୁଥିବା ଜନସମର୍ଥନରେ ଅସହିଷ୍ଣୁ ମନୋଭାବ ପ୍ରଦର୍ଶନ କରି ଶାସକ ଦଳ ନେତାଙ୍କ ଇଙ୍ଗିତରେ ଏଭଳି କାର୍ଯ୍ୟ କରିଥିବା ୩୦ନଂ. ଜୋନ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ବେହେରା ଯାଜପୁର ଥାନାରେ ଅଭିଯୋଗ କରିଛନ୍ତି ।

### ବନ ବିଭାଗ ଚଢ଼ାଉ, ୨ ଟ୍ରାକ୍ଟର ଜବତ

**ଜେନାପୁର, ୨୯।୧୨(ଡି.ଏନ୍.ଏ):** ଜେନାପୁର ଥାନା ନିକଟସ୍ଥ କୁସୁନପୁର ଓ ବଳରାମପୁର ଗ୍ରାମ ନିକଟ ଡାଲିଯୋଡା ବନାଞ୍ଚଳ ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ଶନିବାର ବନବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ବନପାଳ ରଞ୍ଜନ କୁମାର ମିଶ୍ର, ଭିଜିଲାନ୍ସ ଏସ୍ଏଫ୍ ରଜନିକାନ୍ତ ମାହାନ୍ତି, ରେଞ୍ଜର ମନୋରଞ୍ଜନ ସ୍ୱାଇଁ ଏବଂ ବନ କର୍ମଚାରୀ ଚଢ଼ାଉ କରି କଳାପଥର ବୋଝେଇ ୨ଟି ଟ୍ରାକ୍ଟର ଜବତ କରିଥିଲେ। ବନ ବିଭାଗ ପକ୍ଷରୁ ବେଆଇନ ଭାବେ କଳାପଥର ପରିବହନ କରୁଥିବା (ଓଆର୍-୦୪କେ-୯୪୫୯, ଓଆର-୦୪ଏଲ୍-୦୨୧୩) ଟ୍ରାକ୍ଟରକୁ ଜବତ କରାଯାଇ ବୈରି କାର୍ଯ୍ୟାଳୟକୁ ଅଣାଯାଇଛି। ତେବେ ଘଟଣାକୁ ନେଇ ମାଫିଆମାନେ ବନଅଧିକାରୀଙ୍କୁ ବାଟରେ ଅଟକାଇ ଧମକ ଦେଇଥିବା ବନପାଳ ରଞ୍ଜନ କହିଛନ୍ତି ।

■ ଅଞ୍ଜିରା ପଥର ଖାଦାନ ପାଇଁ ଜନଶୁଣାଣି

# ଚଞ୍ଚକତା କରି ସଫଳତା ହାସଲ

**ଯାଜପୁର ଅଫିସ/ ଧର୍ମଶାଳା (ଡି.ଏନ୍.ଏ),୨୯।୧୨**

■ପ୍ରଭାବିତ ଅଞ୍ଚଳରୁ ୨୦ କି.ମି. ଦୂରରେ ହେଲା ଶୁଣାଣି

■ଅନୁପସ୍ଥିତ ଥିଲେ ପ୍ରଭାବିତ ଅଞ୍ଚଳବାସୀ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ପଥର ଖାଦାନ (ବି.ଏସ.କ୍ୟୁ ନଂ-୧)ର ପରିବେଶ ମଞ୍ଜୁରୀ ସକାଶେ ଶନିବାର ଧର୍ମଶାଳା ଭବନଠାରେ ଆୟୋଜିତ ଶୁଣାଣି ସଫଳ ହୋଇଛି। ଉପସ୍ଥିତ ୧୩ଜଣଙ୍କ ମତକୁ ଗ୍ରହଣ କରି ଏହା ସଫଳ ହେଲା ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷେ ପଥର ଖାଦାନ ଇତିହାସରେ ପ୍ରଥମ କରି ଆୟୋଜିତ ଏହି ସର୍ବସାଧାରଣ ଶୁଣାଣିକୁ ଚଞ୍ଚକତା କରି ଲୋକଙ୍କ ମତ ନିଆଯାଇଥିବା ଅଭିଯୋଗ ଉଠିଛି। ଅଞ୍ଜିରା ପାହାଡ ଓ ଏହାର ଆଖପାଖ ଅଞ୍ଚଳରୁ ପ୍ରାୟ ୨୦କି.ମି. ଦୂରରେ ଶୁଣାଣି ବୈଠକର ଅୟୋଜନକୁ ମଧ୍ୟ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ପ୍ରଭାବଶାଳୀ ରାଜନେତାଙ୍କ ଚାପରେ ପ୍ରଯୋଜିତ କରାଯାଇ ପୁଣି ଏହା ଏକ ବେଆଇନ ସଫଳତା ବୋଲି ସାଧାରଣରେ ଅଭିହିତ କରାଯାଇଛି।

ଅଞ୍ଜିରା ପାହାଡର ପରିବେଶ ଅନୁମତି ପାଇଁ ଅନୁଷ୍ଠିତ ଶୁଣାଣିରେ କେତେକ ଲୋକ ପ୍ରତିନିଧି ଓ ଆଖପାଖ ଅଞ୍ଚଳର ହାତଗଣତି ଲୋକ ଉପସ୍ଥିତ ଥିଲେ । ତେବେ ଅଞ୍ଜିରା ପାହାଡ ଖନନ କରାଗଲେ ଅଞ୍ଜିରା ଗ୍ରାମ ସମେତ ବାଉଁଶଡୋଳ, ମୁକୁନ୍ଦପୁର ଓ ଶ୍ୟାମସୁନ୍ଦରପୁର ଗ୍ରାମ ମଧ୍ୟ ପ୍ରଭାବିତ ହେବ। ହେଲେ ଏହି ଅଞ୍ଚଳରୁ ଜଣେ ଦୁଇଜଣ ଲୋକ ଶୁଣାଣିରେ ଉପସ୍ଥିତ ଥିଲେ । ଅଞ୍ଜିରା ପାହାଡ଼ ଅଞ୍ଚଳରୁ ୨୦ କିମି ଦୂର ଧର୍ମଶାଳାକୁ ଆସିବାକୁ ଲୋକେ ଆଗ୍ରହ ପ୍ରକାଶ କରି ନ ଥିଲେ । ଏହାସହ କେତେକାଂଶରେ ଏହି ଶୁଣାଣିକୁ ଗୁପ୍ତ ରଖାଯାଇଥିଲା । ଯେଉଁମାନେ ପୂର୍ବରୁ ବିରୋଧ କରି ଆସୁଛନ୍ତି ସେମାନଙ୍କୁ ଶୁଣାଣି ସମ୍ପର୍କରେ ଖବର ଦିଆଯାଇ ନ ଥିଲା। ବଛାବଛା କେତେକ ଗ୍ରାମବାସୀଙ୍କୁ ଡାକି ମତ ନିଆଯାଇଥିଲା ବୋଲି ଆଲୋଚନା ହେଉଛି। ଯେଉଁ ଅଞ୍ଚଳରେ ପ୍ରାୟ ୪ ହଜାର ଲୋକ ବସବାସ କରୁଛନ୍ତି, ସେମାନଙ୍କ ପାଇଁ ଅନୁଷ୍ଠିତ ଶୁଣାଣିରେ ପ୍ରାୟ ୫୦ଜଣ ଉପସ୍ଥିତ ଥିଲେ । ଯେଉଁ ୧୩ ଜଣ ଅଞ୍ଜିରା ପାହାଡ ଖନନ ସପକ୍ଷରେ ମତ ଉପସ୍ଥାପନ କରିଥିଲେ ସେମାନଙ୍କୁ ପୂର୍ବରୁ ଶିଖା ଯାଇଥିବା ମନେ ହୋଇଥିଲା। ଏହା ଉପସ୍ଥିତ ଅଧିକାରୀମାନେ ହୃଦୟଙ୍ଗମ କରିଥିଲେ ହେଁ ଶୁଣାଣିକୁ ସଫଳ ହେଲା ବୋଲି ଘୋଷଣା କରିଛନ୍ତି। ଏହା ପାହାଡରେ ବର୍ତ୍ତମାନ ପରିବେଶ ମଞ୍ଜୁରି ବିନା ଜୋରସୋର ପଥର ଉତ୍ତୋଳନ ଚାଲିଛି । ବିଭିନ୍ନ ବ୍ଲାଷ୍ଟିଂ ଯୋଗୁ ନିକଟସ୍ଥ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ ଶବ୍ଦ ପ୍ରଦୂଷଣ ଯୋଗୁ ଗର୍ଭବତୀ ମହିଳା, ଶିଶୁମାନେ ବହୁ ପ୍ରଭାବିତ ହେଉଛନ୍ତି। ଧୂଳିଧୁଆଁ ପ୍ରଦୂଷଣରେ ଆଖପାଖ ଲୋକ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ଏହାବାଦ ବିଭିନ୍ନ ଚାଷକୁ ପଥର ଖାଦାନ ପ୍ରଭାବିତ କରୁଛି । ଯାହାକି ଶୁଣାଣି ସାରାଂଶରେ କୌଣସି ଚାଷ କିମ୍ବା ଜନବସତି ପ୍ରଭାବିତ ହେବେ ନାହିଁ ବୋଲି ଦର୍ଶାଯାଇଛି। ଶୁଣାଣି ସାରାଂଶରେ ଉଦ୍ଭିଦ ବିଷୟରେ ହୋଇଥିବା ଅନୁଧ୍ୟାନ ମଧ୍ୟ ବିଭ୍ରାନ୍ତିକର ହୋଇଛି। ଲିଜ ଖଣିର ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ବନ୍ୟାପ୍ରାଣୀ ସ୍ଥଳ ନାହିଁ ବୋଲି ଦର୍ଶାଯାଇଛି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା । ଏହି ଅଞ୍ଚଳରେ ଅନେକ ବନ୍ୟାପ୍ରାଣୀ ନିର୍ଭର କରୁଛନ୍ତି। ପରିବେଶ ବିଭାଗକୁ ଭୁଆଁବୁଲାଇ ପରିବେଶଗତ ଅନୁମତି ହାସଲ କରିବାକୁ ଏହା ଏକ ଷଡଯନ୍ତ୍ର ବୋଲି କୁହାଯାଇଛି। ସର୍ବସାଧାରଣ ଶୁଣାଣୀରେ ଉପସ୍ଥିତ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏ ସଂକ୍ରାନ୍ତରେ କହିଛନ୍ତି, ଶୁଣାଣି ସଫଳ ହୋଇଛି। ବୈଠକରେ ୧୩ଜଣ ଖାଦାନ ସପକ୍ଷରେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଧର୍ମଶାଳା ତହସିଲଦାର ସରୋଜ ପଣ୍ଡା ଉପସ୍ଥିତ ଥିଲେ।

■ ପ୍ରସନ୍ନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ଇଲେଭେନଷ୍ଟାର ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ବିଞ୍ଝାରପୁର,୨୯।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଇଁଦାସ୍ଥିତ ମଇଁଦା ଖେଳ ପଡିଆରେ ଉଦୟଭାନୁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୦ତମ ବାର୍ଷିକ ପ୍ରସନ୍ନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲାରେ ଖରାଖାଇ କ୍ରିକେଟ କ୍ଲବକୁ ହରାଇ ଇଲେଭେନଷ୍ଟାର ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମୁକାବିଲା ଆଳିର ଖରାଖାଇ କ୍ରିକେଟ କ୍ଲବ ସହିତ ଯାଜପୁରର ଇଲେଭେନଷ୍ଟାର କ୍ରିକେଟ କ୍ଲବ ୧୬ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଏହି ଅବସରରେ ସାମାଜିକ କର୍ମୀ ରବିନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସଂଜୀବ ଜେନା, ରଞ୍ଜନ କୁମାର ଧଳ, ଚନ୍ଦ୍ରଶେଖର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖରାଖାଇ କ୍ରିକେଟ୍ ଟିମ୍‌ର ପ୍ରତାପ ରାୟଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଥିବା ବେଳେ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଂଶୁମାନ ଦାସଙ୍କୁ ବିବେଚିତ କରାଯାଇଥିଲା।

# ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ

**ବିରଜାକ୍ଷେତ୍ର,୨୯।୧୨(ଡି.ଏନ୍.ଏ)**

ଯାଜପୁରର ଦିବଂଗତ ନେତା ଅଶୋକ ଦାସଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଅଶୋକ ଦାସ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟକୁ ଓଲିଉଡ୍ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଓ ଯାଜପୁର ପୌରପାଳିକାର ପୂର୍ବତନ ଚେୟାରମ୍ୟାନ ଭବ ପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଯାଜପୁରର ଇଲେଭେନ୍ ଷ୍ଟାର ସହ ଭଦ୍ରକର ଚରମ୍ପା କ୍ରିକେଟ୍ ଏକାଡ଼େମୀ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଚରମ୍ପା କ୍ରିକେଟ୍ ଏକାଡ଼େମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୯ ଉଇକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରିଥିଲା। ୧୩୮ ରନର ପିଛାକରି ଇଲେଭେନ ଷ୍ଟାର ୨୫ ଓଭରରେ ୧୧୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଚରମ୍ପା କ୍ରିକେଟ୍ ଏକାଡ଼େମୀର ବୋଲର ସଞ୍ଜିତ ଚୌଧୁରୀ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ବରିଷ୍ଠ ଖେଳାଳୀ ଲୋକନାଥ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ସଞ୍ଜିତ ଚୌଧୁରୀଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟାରଭାବେ ଆଶୁତୋଷ ପାଣି ଓ ପରାଶର ବିଶ୍ୱାଳ ପରିଚାଳନା କରିଥିବାବେଳେ ସ୍କୋରରଭାବେ ଜଗନ୍ନାଥ ସାମଲ, ଶୁଭ୍ରାଂଶୁ ଶେଖର ବେହୁରିଆ, ସ୍ୱସ୍ତିକ କୁମାର ପହୀ କାର୍ଯ୍ୟନିର୍ବାହ କରିଥିଲେ। ପ୍ରଥମ ଉଦ୍‌ଘାଟନ ସମୟରେ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ବିଜେଡ଼ି ନେତା ସନ୍ତୋଷ ମଲ୍ଲିକ, ଅୟସକାନ୍ତ ଧଳ, ମନୋଜ ସାହୁ, ଆଶିଷ ମହାନ୍ତି, ଅଭୟ ପଣ୍ଡା, ପାର୍ଥସାରଥୀ ରାୟ, ସଚ୍ଚିଦାନନ୍ଦ ଜେନା ପ୍ରମୁଖଙ୍କ ସହ ଅଶୋକ ଦାସ ଫାଉଣ୍ଡେଶନ୍ ସଭ୍ୟମାନେ ଯୋଗ ଦେଇଥିଲେ।





ମ୍ୟାନ୍ ଅଫ ଦି ମ୍ୟାଚ୍‌ଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

■ ଅଶୋକ ଦାସ ମିନି ମାରାଥନ୍

# ଦୌଡ଼ିଲେ ୩ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

**ବିରଜାକ୍ଷେତ୍ର,୨୯।୧୨(ଡି.ଏନ୍.ଏ)**



ସଭାରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଯାଜପୁର ସହରର ଦିବଂଗତ ନେତା ଅଶୋକ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ତୃତୀୟ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଶୋକ ଦାସ ସ୍ମୃତି କମିଟି ଓ ଯାଜପୁର ଟ୍ୟାକ୍ସି ମିନି ବସ୍ ଆସୋସିଏଶନ୍‌ରେ ଏହି ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସଦରଥାନା ବରୁଆଁ ଦଶହରା ପଡ଼ିଆଠାରୁ ଏହି ମିନି ମାରାଥନ ଦୌଡ଼କୁ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲାପାଳ ରଞ୍ଜନ କୁମାର ଦାସ, ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଉଦ୍‌ଘାଟନ କରିଥିଲେ। ୩ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବରୁଆଁ ଦଶହରା ପଡ଼ିଆରୁ ବାହାରି ବାଳାଶ୍ରମ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ବିଜେଡ଼ି ନେତା ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଯୋଗ ଦେଇଥିବାବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ଭୁବନେଶ୍ୱର କର୍ପୋରେଟର ଅମରେଶ ଜେନା ଓ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗ ଦେଇଥିଲେ। ଅଶୋକ ଦାସ ମିନି ମାରାଥନରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରୁଷ ବିଭାଗରେ ବରଗଡ଼ର କୈଳାସ କୁମାର ୧ମ, ଝାଡ଼ଖଣ୍ଡର ଯୋଗେନ୍ଦ୍ର ତିରିଆ ୨ୟ, ଯାଜପୁର ଟାଉନର ସୁଧାଂଶୁ ନାୟକ ୩ୟ ହୋଇଥିବାବେଳେ ମହିଳା ବିଭାଗରେ କଟକର ସମସଦାର ବେଗମ ପ୍ରଥମ, ବାରିପଦାର ସ୍ୱର୍ଣ୍ଣପ୍ରିୟା ମହନ୍ତ ୨ୟ, ଭଦ୍ରକର ଅର୍ଚ୍ଚନା ଜେନା ୩ୟଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ୧ମ, ୨ୟ ଓ ୩ୟଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଓ ୧୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ବିଶେଷ ୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଉତ୍ସବକୁ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ଦାସବର୍ମା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମିନି ମାରାଥନ ଓ ସଭାରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ମାନସ ରଞ୍ଜନ ଚକ୍ର, ସନ୍ତୋଷ କୁମାର ସେଠୀ, ସରୋଜ ମହାପାତ୍ର, କର୍ଣ୍ଣାଟକେଶରୀ ଦାସ, ସନ୍ତୋଷ ମଲ୍ଲିକ, ପ୍ରଦୀପ ନାୟକ, ସୁଜାତା ସାହୁ ପ୍ରମୁଖ ଅଧିକାରୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

**ବିରଜାକ୍ଷେତ୍ର,୨୯।୧୨ (ଡି.ଏନ୍.ଏ)**

ଯାଜପୁର ବ୍ଲକ ଏରବାଙ୍କ ଗ୍ରାମପଞ୍ଚାୟତ ଇନ୍ଦାରୋଇ ଗ୍ରାମର ନରେନ୍ଦ୍ର ନାୟକ, ସୁରେନ୍ଦ୍ର ନାୟକ, କୁଳମଣି ନାୟକଙ୍କ ଚାଳଘର ଶନିବାର ନିଆଁଲାଗି ସମ୍ପୂର୍ଣ୍ଣ ପୋଡ଼ି ଧ୍ୱଂସ ହୋଇଯାଇଛି। ରୋଷେଇ କରୁଥିବା ବେଳେ ୩ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିବା ଜାଣିବାକୁ ମିଳିଛି। ସମସ୍ତ ଆସବାବପତ୍ର ଓ ନଗଦ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ଷେପ କରାଯିବାକୁ ନିନ୍ଦା କଲା ଭାଜପା

**ବିଞ୍ଝାରପୁର,୨୯।୧୨(ଡି.ଏନ.ଏ)**

ବିଜେଡି ପକ୍ଷରୁ ଗତ ୨୬ତାରିଖ ପ୍ରତିଷ୍ଠା ଦିବସ ଅବସରରେ ସିଂହପୁରସ୍ଥିତ କାଳି ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ବିଞ୍ଝାରପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରାଙ୍କୁ ଅପାଠୁଆ, ହଳୁଆ ବୋଲି ବିଧାୟିକା ପ୍ରମିଳା ମଲ୍ଲିକ ସମ୍ବୋଧିତ କରିଥିବା ଅଭିଯୋଗ କରି ଭାଜପା ପ୍ରତିକ୍ରିୟା ପ୍ରକାଶ କରିଛି। ବିଧାୟିକା ମଲ୍ଲିକ ଏଥିପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ୨୫ନଂ ଜୋନ ଭାଜପା ସଭାପତି ଶ୍ରୀକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନାରୀନେତ୍ରୀ ବବିତା ମଲ୍ଲିକ, କୃଷକ ମୋର୍ଚ୍ଚା ସଭାପତି ବଳରାମ ବଳ, ବରିଷ୍ଠ ଭାଜପା ନେତା ଦିଗାମ୍ବର ପାତ୍ର, ନିରଞ୍ଜନ ବେଉରିଆ, ପ୍ରଫୁଲ୍ଲ କୁମାର ରାଉତ, ମିଡିଆ ସେଲ୍ ସଭାପତି ରାଣାପ୍ରତାପ ମାହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଘଟଣାକୁ ନେଇ ଏବେ ବିଞ୍ଝାରପୁର ରାଜନୀତି ସରଗରମ ହୋଇଥିଲା ବେଳେ ବିଜେଡି ସଭାପତି ମୁରଲି ବେହେରା ଭାଜପାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମୁରଲୀ କହିଛନ୍ତି ଯେ, ଭାଜପା ଏଭଳି ଭିତ୍ତିହୀନ ଅଭିଯୋଗ ଉଠାଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛି। ବିଞ୍ଝାରପୁରବାସୀ ଏହାର ଉଚିତ୍ ଜବାବ ଦେବେ ବୋଲି ବେହେରା କହିଛନ୍ତି।

# କିଷାନ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ

**ରସୁଲପୁର,୨୯।୧୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର ଭାରତୀୟ କିଷାନ ମୋର୍ଚ୍ଚା ପକ୍ଷରୁ ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ ମୋର୍ଚ୍ଚା ସଭାପତି ସାରଦା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମହେଶ୍ୱର ସାହୁ, ରାଜ୍ୟ ସମ୍ପାଦକ ଅଶୋକ ସେଠୀ, ରାଜ୍ୟ ସଂଯୋଜକ ଅଶୋକ ସାମଲ, ଜିଲା ମହିଳା କୃଷକ ସଂଯୋଜିକା ସାବିତ୍ରୀ ସାହୁ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ବେଉରିଆ, କାଳନ୍ଦୀ କଣ୍ଠ, ରାଜେନ୍ଦ୍ର ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟରେ କୃଷି ଜିଲା ଭାବେ ପରିଚିତ ଯାଜପୁର ଅବହେଳିତ ହୋଇରହିଛି। ଏହି ଜିଲାରେ ବାରମ୍ବାର ଚାଷୀ ଆତ୍ମହତ୍ୟା ଭଳି ଘଟଣା ଏହାକୁ ପ୍ରମାଣିତ କରୁଛି। ଚାଷୀଙ୍କୁ ସାର, ବିହନ, କୃଷି ଯନ୍ତ୍ରପାତି ପ୍ରଦାନରେ ଅନିୟମିତତା, ଚାଷୀ ଜମିକୁ ଜଳସେଚନ ବ୍ୟବସ୍ଥାରେ ଚରମ ଅବହେଳା, ରସୁଲପୁର ବ୍ଲକ ଅଞ୍ଚଳକୁ ସ୍ୱତନ୍ତ୍ର କୃଷି ବ୍ଲକ ମାନ୍ୟତା ପ୍ରଦାନ, ପନିପରିବା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଚାଷୀକୂଳକୁ ଋଣମୁକ୍ତ କରିବା ଆଦି ୧୦ଟି ଦାବି କରିଥିଲେ। ଆଗାମୀ ଦିନରେ କୃଷକ ମୋର୍ଚ୍ଚା ସରକାରଙ୍କୁ ଘେରିବା ସହ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଏହାଛଡା ଚାଷୀଙ୍କୁ ସମସ୍ୟା ସମ୍ପର୍କରେ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଚୈତନ୍ୟ ନାୟକ ଧନ୍ୟବାଦ ଦେଇଥିଲେ।



 କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।

# ମହଙ୍ଗା ପଡ଼ିପାରେ ବ୍ୟକ୍ତିକୈନ୍ଦ୍ରିକ, ପରିବାରବାଦ ରାଜନୀତି

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୯।୧୨**

**ଯାଜପୁର ଜିଲା**

■ ୩ ରାଜ୍ୟର ଫଳାଫଳ ପରେ ଚିନ୍ତାରେ ନେତୃବୃନ୍ଦ

■ ଭୋଟରଙ୍କ ମଧ୍ୟରେ ପରିବର୍ତ୍ତନର ଆଭାସ ମିଳୁଥିବା ଚର୍ଚ୍ଚା

ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଧାନସଭା ନିର୍ବାଚନ ଫଳାଫଳ ପରେ ଯାଜପୁର ନେତୃବର୍ଗଙ୍କ ଚିନ୍ତା ବଢ଼ିଛି। ଦୀର୍ଘଦିନର ଭାଜପା ଶାସନକୁ ସେଠାକାର ଲୋକେ ଅସ୍ୱୀକାର କରିଥିବା ଆଲୋଚନା ହେବା ପରେ ଯାଜପୁର ଜିଲାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି । ଯାଜପୁର ଜିଲାର ଯାଜପୁର ନିର୍ବାଚନ ମଣ୍ଡଳୀରେ ୧୦ ବର୍ଷ, ଧର୍ମଶାଳାରେ ୨୦ ବର୍ଷ, ବଡଚଣାରେ ୧୦ ବର୍ଷ, ବିଞ୍ଝାରପୁରରେ ୨୦ବର୍ଷ, ବରୀରେ ୨୦ ବର୍ଷ ଓ ସୁକିନ୍ଦାରେ ୨୦ବର୍ଷ ଧରି ଲଗାତାର ବ୍ୟକ୍ତିକୈନ୍ଦ୍ରିକ ଓ ପରିବାରବାଦ ରାଜନୀତି ଚାଲିଆସିଛି। ଫଳରେ ଦୁର୍ନୀତିକୁ ପ୍ରୋତ୍ସାହନ, ଠିକାଦାରୀ ରାଜନୀତି, ଏକଛତ୍ରବାଦ ଶାସନ, ଅଯଥା ହସ୍ତକ୍ଷେପ ବୃଦ୍ଧି ପାଇଥିବାରୁ ତାହା ନିର୍ବାଚିତ ନେତୃବର୍ଗଙ୍କ ପାଇଁ ମହଙ୍ଗା ପଡ଼ିପାରେ ବୋଲି ଆଲୋଚନା ହେଉଛି। ସମ୍ପୃକ୍ତ ଦଳୀୟ କର୍ମୀଙ୍କ ମଧ୍ୟରେ ଅତ୍ୟଧିକ ଆତ୍ମବିଶ୍ୱାସ ରହିଥିଲେ ହେଁ ବାସ୍ତବ କ୍ଷେତ୍ରରେ ଭୋଟରଙ୍କ ମଧ୍ୟରେ ପରିବର୍ତ୍ତନର ଆଭାସ ମିଳୁଥିବା ଆଲୋଚନା ହେଉଛି।

ଯାଜପୁର ଜିଲାରେ କ୍ଷମତାର ଅପବ୍ୟବହାର କରି ଠିକାଦାରୀରେ ମାତି ଲୋକଙ୍କ ସମସ୍ୟାଠାରୁ ନେତା ଦୂରେଇ ଯାଇଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଲଘୁ ଖଣିଜ ଦ୍ରବ୍ୟକୁ ନେଇ ଅନିୟମିତତା ଓ ଦୁର୍ନୀତି ସୀମା ଲଂଘିଛି। ଏଠାରେ ପଥର ବ୍ୟବସାୟୀ ଯାହା ଚାହୁଁଛନ୍ତି ତାହା କଳେବଳେ କୌଶଳେ ହାସଲ ହେଉଛି। ରାମକୋ ସିମେଣ୍ଟ ଜନଶୁଣାଣି ନ କରି ଏକ ବୃହତ ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା କରୁଛି। ଯାହା ଲୋକଙ୍କ ମଧ୍ୟରେ ନକରାତ୍ମକ ଭାବନା ସୃଷ୍ଟି କରିଛି। ଡଙ୍କାରୀରେ ପ୍ରସ୍ତାବିତ ତୈଳ ବିଶୋଧନ କେନ୍ଦ୍ରକୁ ଜାଣିଶୁଣି ବିରୋଧ କରିବା ଧର୍ମଶାଳାବାସୀଙ୍କୁ ବ୍ୟଥିତ କରିଛି । ଏଭଳି ଅନେକ ଘଟଣା ଧର୍ମଶାଳା ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ଆବାସ ଯୋଜନା, ଡ୍ରେନେଜ, ଜଳସେଚନ ଆଦି ଲୋକହିତକର ଯୋଜନାରେ ଲୁଟ ଓ ଅନିୟମିତାରେ କେତେଜଣ ରାଜନେତାଙ୍କ ସିଧାସଳଖ ହାତ ଥିବା ଭୋଟର ଜାଣିପାରିଥିବା କୁହାଯାଉଛି। ଯେଉଁ ଅଧିକାରୀମାନେ କାଗଜପତ୍ରକୁ ଓଲଟପାଲଟ କରି ଲକ୍ଷାଧିକ ଟଙ୍କା ଚଳୁ କରିବାରେ ସିଦ୍ଧହସ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନା ଅଧିକାଂଶ ଆର୍ଥିକ ସ୍ୱଚ୍ଛଳ ଥିବା ଲୋକଙ୍କୁ ମିଳୁଛି। ଅଭିଯୋଗ ପରେ ବି ବିଞ୍ଝାରପୁର ଆବାସ ଯୋଜନାର ତଦନ୍ତ ଖାଲି କାଗଜକଲମରେ ସୀମିତ ରହିଛି। ଯାଜପୁର ନିର୍ବାଚନ ମଣ୍ଡଳୀରେ ଗରିବ ଲୋକଙ୍କ ଅଧିକାରକୁ ଛଡାଇ ନିଆଯାଇଛି। ଝୁମ୍ପୁଡିବାସୀଙ୍କ ନାମରେ ଆସିଥିବା ୪.୧୪କୋଟି ଟଙ୍କାରେ ନିର୍ମିତ ଟ୍ରାନଜିଟ ହାଉସକୁ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି। ଏହି ଟଙ୍କାକୁ ରାଜୀବ ଆବାସ ଯୋଜନା ଆକାଉଣ୍ଟକୁ ଫେରାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବଙ୍କ ପ୍ରତିଶ୍ରୁତି ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଆରମ୍ଭରୁ ମାର୍କେଟ କମ୍ପ୍ଲେସ ଢାଞ୍ଚାରେ ନିର୍ମିତ ବିଭିନ୍ନ ଗୃହରେ ଦୁଇଚକିଆ ଶୋ'ରୁମ, ଔଷଧ ଦୋକାନ, ସପିଂମଲ, ନର୍ସିଂହୋମଆଦି ବଡବଡ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠିଛି। ଏହାସହ ରାଜୀବ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଧରାପଡିଛି। ୭୩ଟି ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତା ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କର ଏଥିରେ ସହଯୋଗ ଥିବାରୁ ଦୁର୍ନୀତି ବି ଉନ୍ନତି ବୋଲି ଅଭିହିତ ହୋଇଛି। ବଡଚଣା ବିଧାୟକଙ୍କ ଟିଟୋ ଲିଙ୍କ, ଲଘୁ ଖଣିଜ ଦ୍ରବ୍ୟ ଲୁଟ, ଏମଏଲଏ ଲ୍ୟାଡ ଆଦିରେ ଦୁର୍ନୀତି ଓ ଅନିୟମିତତା ତାଙ୍କୁ ଅଧିକ ବିବାଦୀୟ କରିଥିବା ଚର୍ଚ୍ଚା ହେଉଛି। ବରୀ ନିର୍ବାଚନ ମଣ୍ଡଳୀରେ ମଧ୍ୟ ବନ୍ୟାପ୍ଲାବିତ ଲୋକଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ, ଆବାସ ଦୁର୍ନୀତି ଆଦି ଭୋଟରଙ୍କ ମଧ୍ୟରେ ବିରୋଧାଭାସ ଦେଖାଦେଇଛି । ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ନଗଡା ଶିଶୁ ମୃତ୍ୟୁ ନେତାଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହାବାଦ ଶିଳ୍ପ ଓ ଖଣିରେ ସ୍ଥାନୀୟ ନିଯୁକ୍ତି ସମସ୍ୟା ସମେତ ଦଳ ମଧ୍ୟରେ କିଛିଟା ଫାଟ ବିରୋଧୀ ଦଳକୁ ସୁହାଇବ ବୋଲି କୁହାଯାଉଛି। ବେଳହୁଁ ଏଥିପ୍ରତି ଦଳର ସୁପ୍ରିମୋ ସଜାଗ ନ ରହିଲେ ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବେ ନକରାତ୍ମକ ପ୍ରଭାବ ପଡିବ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଲୋକେ ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ; କିନ୍ତୁ ଦୀର୍ଘଦିନର ଶାସନକୁ ନୁହେଁ। ବିଜେଡି କ୍ଷେତ୍ରରେ ସେଭଳି ପରିସ୍ଥିତି ହେବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକଙ୍କର ଭରସା ରହିଛି। ଯାଜପୁର ଜିଲାରେ ପୁଣି ବିଜେଡି ହିଁ ବିଜୟୀ ହେବ ବୋଲି ମହାପାତ୍ର କହିଛନ୍ତି।



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ। - ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ନୀଳମାଧବ ଜୀଉ ମନ୍ଦିର ପରାମର୍ଶଦାତା କମିଟି ବୈଠକ

**ଖଣ୍ଡପଡ଼ା,୨୯।୧୨(ସ୍ୱ.ପ୍ର):** କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ପରାମର୍ଶଦାତା କମିଟିର ଏକ ବୈଠକ ଶୁକ୍ରବାର ସ୍ଥାନୀୟ ବ୍ୟାଖାନକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ତଥା ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ମନ୍ଦିରକୁ ରଙ୍ଗ କରିବା, ଚନ୍ଦନ ପୋଖରୀର ପୁନଃରୁଦ୍ଧାର, ଜବରଦଖଲ ଉଚ୍ଛେଦ, ଠାକୁରଙ୍କ ରୁପା ପଲଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ମନ୍ଦିରରେ ସେବାରତ କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଭୋଗ ମଣ୍ଡପ ସମ୍ପର୍କରେ ଆଗାମୀ ବୈଠକରେ ଆଲୋଚନା କରାଯିବାକୁ ସ୍ଥିର କରାଯାଇଥିଲା। ମନ୍ଦିର କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଶୁଭଶ୍ରୀ ରଥଙ୍କୁ ଦାୟିତ୍ୱ ଦିଆଗଲା। ମନ୍ଦିର ମ୍ୟାନେଜର ହରିହର ଦାଶ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ମଳିପଡ଼ା

**ନିରାକାରପୁର,୨୯।୧୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ରମାବିଲି ଗ୍ରାମର ଧ୍ରୁବ ଚରଣ ଖେଳପଡ଼ିଆ ପରିସରରେ ବାବା ନିଳକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୫ମ ପରମେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଳିପଡ଼ା କ୍ରିକେଟ୍ କ୍ଲବ୍ ଗଡଡିଆପଡ଼ାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଗଡଡିଆପଡ଼ା ୧୦୯ ରନ୍ କରିଥିବା ବେଳେ ମଳିପଡ଼ା କ୍ଲବ୍ ୧୧୦ ରନ୍ କରିଥିଲା।

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

**ନୟାଗଡ଼ ଅଫିସ,୨୯।୧୨:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବିନାୟକପୁର ଭୀମସେନ ବିଦ୍ୟାପୀଠର ୨୦୧୪ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସାର୍, ବିଜ୍ଞାନ ଶିକ୍ଷକ ଅଲେଖ ସାର୍ ଓ ସଂସ୍କୃତ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ପୁରୁଣା ଦିନର ସ୍ମୃତି ମନେପକାଇବା ପରେ ଗୁରୁପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରଶ୍ମିରଞ୍ଜନ, ଆଦିତ୍ୟ, ଗଙ୍ଗା, ବିଭୂତି, ଲକ୍ଷ୍ମୀଧର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିବର୍ଷ ଏହିଭଳି ଆୟୋଜନ ପାଇଁ ସହପାଠୀମାନେ ନିଷ୍ପତ୍ତି ନେଇଥିଲେ।



# ଜନସେବା କେନ୍ଦ୍ରରେ ମିଳିବ ସାନିଟାରି ନାପ୍‌କିନ୍

**ନୟାଗଡ଼ ଅଫିସ,୨୯।୧୨**

ପ୍ରତି ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ରେ ମିଳିବ ସାନିଟାରି ନାପ୍‌କିନ୍ ପ୍ୟାଡ଼। ମହିଳାମାନେ ଦୋକାନକୁ ଯାଇ ପ୍ୟାଡ଼ ମାଗିବା ବେଳେ ସଙ୍କୋଚ ବୋଧ କରୁଥିବାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଫଳରେ ଜଣେ ମହିଳା ନିଃସଙ୍କୋଚରେ ଏହି କେନ୍ଦ୍ରରୁ ପ୍ୟାଡ଼ କିଣିପାରିବ। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ପରେ ମହିଳାମାନଙ୍କ ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବା ଲକ୍ଷ୍ୟରେ ଆରମ୍ଭ ହେଉଛି ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍ ଯୋଜନା। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱରଠାରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ପାଇଲଟ ପ୍ରକଳ୍ପ ଭାବେ ରାଜ୍ୟର ୩୦ ଜିଲାର ୯୩ ବ୍ଲକରେ ୯୩ଟି ଜନସେବା କେନ୍ଦ୍ର ମାଧ୍ୟମରେ ଏହା ଆରମ୍ଭ କରାଯିବ। ଏହି କ୍ରମରେ ନୟାଗଡ଼ ଜିଲାର ୩ ବ୍ଲକର ୩ କେନ୍ଦ୍ରରେ ସାନିଟାରି ନାପ୍‌କିନ୍ ଉତ୍ପାଦନ କେନ୍ଦ୍ର ଖୋଲାଯିବ। ସେଗୁଡ଼ିକ ହେଲା ନୟାଗଡ଼ ବ୍ଲକ କ୍ରୀଦାଶପୁର ପଞ୍ଚାୟତର ଡିମିରିପାଟଣା



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀମାନେ।

■ଆରମ୍ଭ ହେବ ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍ ଯୋଜନା

■ଜିଲାରେ ୩ କେନ୍ଦ୍ରର ଉଦ୍‌ଘାଟନ ଆଜି

ଗ୍ରାମ, ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମ ଓ ରଣପୁର ବ୍ଲକର ନରେନ୍ଦ୍ରପୁର ଗ୍ରାମ। ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ତୈଳ ବିତରଣ କମ୍ପାନୀର ଜିଲା ନୋଡ଼ାଲ ଅଧିକାରୀ ତୃପ୍ତିରଞ୍ଜନ ସାହୁ। ବିପିସିଏଲ, ଆଇଓସିଏଲ୍, ଏଚପିସିଏଲ ୩ଟି ତୈଳ କମ୍ପାନୀର କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି (ସିଏସ୍‌ଆର) ଫଣ୍ଡ ମାଧ୍ୟମରେ ଜିଲାରେ ୩ଟି ଉତ୍ପାଦନକାରୀ କେନ୍ଦ୍ର ଖୋଲାଯାଇଛି। ପ୍ରତି କେନ୍ଦ୍ର ପାଇଁ ୨ ଲକ୍ଷ ୯୪ ହଜାର ଖର୍ଚ୍ଚ ହୋଇଛି। ପ୍ରତିଟି କେନ୍ଦ୍ରରେ ୫ରୁ ୬ଜଣ ତାଲିମପ୍ରାପ୍ତ ମହିଳା ସାନିଟାରି ନାପକିନ୍ ତିଆରି କରିବେ। ଏହା ପରେ ଜିଲାରେ ଥିବା ପାଖାପାଖି ୨୦୦ଟି ଜନସେବା କେନ୍ଦ୍ରରେ ଏହି ପ୍ୟାଡ଼ ବିକ୍ରି କରାଯିବ। ୮ଟି ପ୍ୟାଡ଼ ଥିବା ପ୍ୟାକେଟକୁ ୪୨ ଟଙ୍କା ମୂଲ୍ୟରେ ବିକ୍ରି କରାଯିବ। ଏହା ଦ୍ୱାରା ନିଯୁକ୍ତି ପାଇଥିବା ମହିଳାମାନେ ସଶକ୍ତୀକରଣ ହେବା ସହିତ ଅନ୍ୟ ମହିଳାମାନେ ମାସିକ ଋତୁସ୍ରାବ ସମୟରେ ସ୍ୱଚ୍ଛ ରହି ବିଭିନ୍ନ ରୋଗବୈରାଗରୁ ମୁକ୍ତି ପାଇବେ। ଉତ୍ପାଦନ କେନ୍ଦ୍ରରେ ପ୍ରତିଦିନ ୧୨୦୦ରୁ ୨୦୦୦ ପ୍ୟାଡ଼ ତିଆରି କରାଯିବ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଉଜ୍ଜ୍ୱଳା ଦିଦିଙ୍କୁ ନିଯୁକ୍ତି ଦିଆଯାଇ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ନୋଡାଲ ଅଧିକାରୀ ରାଜେଶ ମହାନ୍ତି, ଜନସେବା କେନ୍ଦ୍ରର ଜିଲା ପରିଚାଳକ ଆଶୁତୋଷ ଶତପଥୀ, ନୟାଗଡ଼ ଏସ୍‌ଡ଼ିପି ବାସନ୍ତୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୩୦।୧୨।୨୦୧୮ (ରବିବାର)**

■ ବାହ୍ୟ ଶୌଚମୁକ୍ତ ଏନ୍‌ଏସି ଘୋଷଣା ନିମନ୍ତେ ସାଧାରଣ ବୈଠକ
**ସ୍ଥାନ–** ଓଡ଼ଗାଁ କଲ୍ୟାଣ ମଣ୍ଡପ, **ସମୟ–** ଅପରାହ୍ନ ୩ଟା

■ ବରିଷ୍ଠ ନାଗରିକ ସମ୍ମିଳନୀ
**ସ୍ଥାନ:** ଲକ୍ଷ୍ମୀନାରାୟଣପୁର ହାଇସ୍କୁଲ,ଶରଧାପୁର,ଦଶପଲ୍ଲା, **ସମୟ:** ସକାଳ ୯ଟା

**୩୧।୧୨।୨୦୧୮ (ସୋମବାର)**

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
**ସ୍ଥାନ–** ବ୍ଲକ ସମ୍ମିଳନୀ କକ୍ଷ, ଖଣ୍ଡପଡ଼ା, **ସମୟ–** ପୂର୍ବାହ୍ନ ୧୧ଟା

■ ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ
**ସ୍ଥାନ :** ପଠାଣି ସାମନ୍ତ ଅଡ଼ିଟୋରିୟମ, ନୟାଗଡ଼, **ସମୟ–**ସନ୍ଧ୍ୟା ୫ଟା ୩୦

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୬୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

ମିଲର ଓ ଚାଷୀ ମଧ୍ୟରେ କଟ୍‌ନୀଛଟ୍‌ନୀ ତୁଟିଲାନି

# ମଣ୍ଡିରେ ଧାନ କିଣାବିକା ନୋହିଲା



ମଣ୍ଡିକୁ ଧାନ ଆଣିଥିବା ଚାଷୀମାନେ।

**ଓଡ଼ଗାଁ, ୨୯।୧୨(ସ୍ୱ.ପ୍ର.)**

ସମ୍ପ୍ରତି ଧାନ ଅମଳ ବେଳ। ଧାନ ଅମଳ ସରୁସରୁ ଏହାକୁ ବିକିବା ନେଇ ଚାଷୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଏକ ଘଟଣା ଶନିବାର ଓଡ଼ଗାଁ ବ୍ଲକ ସୁନାମୁହିଁ ପଞ୍ଚାୟତ ଅନ୍ତର୍ଗତ ବାଲିସିଂସା ମଣ୍ଡିରେ ଦେଖିବାକୁ ମିଳିଛି। ଏଠାରେ ଧାନ ମାନକୁ ନେଇ ମିଲର ଓ ଚାଷୀ ମଧ୍ୟରେ କଟ୍‌ନୀଛଟ୍‌ନୀ ତୁଟି ନ ଥିଲା। ଫଳରେ ୪୦ରୁ ୫୦ ଚାଷୀ ଧାନ ବିକ୍ରିକରି ନ ପାରି ନିରାଶ ହୋଇଥିଲେ।

ସୂଚନା ଅନୁସାରେ ବାଲିସିଂସା ସେବା ସମବାୟ ସମିତି ଅଧୀନରେ ସମସ୍ତ ଚାଷୀ ନିର୍ଦ୍ଧାରିତ ସମୟାନୁସାରେ ଶନିବାର ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସିଥିଲେ। ସେଠାରେ ଉପସ୍ଥିତ ଥିବା ମିଲର ସେମାନଙ୍କୁ କୁଇଣ୍ଟାଲ ପିଛା ୫ରୁ ସାଢେ ୩ କେଜି ପର୍ଯ୍ୟନ୍ତ କଟ୍‌ନୀ କରିବାକୁ କହିଥିଲେ। ହେଲେ ଚାଷୀମାନେ ସେମାନଙ୍କ ଧାନର ମାନ ଅନୁସାରେ ୩ରୁ ଅଢେଇ କେଜି ଧାନ କଟ୍‌ନୀ କରିବାକୁ ଅନୁରୋଧ କରିଥିଲେ। ଓଡଗାଁ ନିକଟସ୍ଥ ରଙ୍ଗଣିପାଟଣାରୁ ଆସିଥିବା ମିଲର ଚାଷୀମାନଙ୍କ ଅନୁରୋଧକୁ ଉପେକ୍ଷା କରିବା ସହିତ ଧାନ ନେବାକୁ ଆଣିଥିବା ଟ୍ରକ ଧରି ଚାଲିଯାଇଥିଲେ। ଫଳରେ ଚାଷୀମାନେ ବିକ୍ରି କରିବାକୁ ଆଣିଥିବା ପ୍ରାୟ ୬୦୦ବସ୍ତା ଧାନ ମଣ୍ଡିରେ ହିଁ ଖୋଲା ଆକାଶ ତଳେ ଗଦା ମାରି ରଖାଯାଇଛି। କୁନା ନାୟକ, ତ୍ରିଲୋଚନ ବାରିକ, ଅଜିତ ପ୍ରଧାନ, ସଂସାରୀ ସାହୁ, ମାଳତୀ ସାହୁ, ଗାୟତ୍ରୀ ସାହୁ, ମନମୋହନ ବାରିକ, ବାଳକୃଷ୍ଣ ସାହୁଙ୍କ ସମେତ ସମସ୍ତ ଚାଷୀ ଏ ନେଇ କ୍ଷୋଭ ପ୍ରକାଶ କରିବା ସହିତ ସରକାରଙ୍କ ଉଦାସୀନତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବାଲିସିଂସା ସେବା ସମବାୟ ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ମିଲର ଓ ଚାଷୀଙ୍କ ମଧ୍ୟରେ କୁଇଣ୍ଟାଲ ପିଛା ଧାନ କାଟିବାକୁ ନେଇ ବିବାଦ ହେବାରୁ ମିଲର ଧାନ ନେବାକୁ ଅମଙ୍ଗ ହୋଇଥିଲେ। ଚାଷୀମାନେ ମଧ୍ୟ ଅନୁରୂପ ଢଙ୍ଗରେ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଧାନ ମଣ୍ଡିରେ ପଡିରହିଥିବା କଥା ସେ ସ୍ୱୀକାର କରି ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

### ନାଳ ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ

**ଭାପୁର,୨୯।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ରାକମା ପଞ୍ଚାୟତ ଦେଇ ବୋହିଯାଉଥିବା ରାକମା–ମାନପୁର ନାଳଟି ସଙ୍କୁଚିତ ହୋଇଯାଇଥିବାରୁ ଏଥିରେ ଜଳ ପ୍ରବାହ ବାଧାପ୍ରାପ୍ତ ହେଉଥିଲା। ଏହାର ପୁନଃରୁଦ୍ଧାର ପାଇଁ ପୂର୍ବରୁ ଦାବି ହୋଇଆସୁଥିଲା। ରାଜ୍ୟ ଡ୍ରେନେଜ ବିଭାଗ ତରଫରୁ ଏହାର ପୁନଃରୁଦ୍ଧାର ପାଇଁ ୫ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଶନିବାର ଅପରାହ୍ନରେ ବିଧାୟକ ଅନୁଭବ ପଟ୍ଟନାୟକ ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ୫ଶହ ମିଟର ଲମ୍ବର ଏହି ନାଳ କାର୍ଯ୍ୟ ଏବେ ଆରମ୍ଭ ହୋଇ ମାର୍ଚ୍ଚ ମାସ ସୁଦ୍ଧା ସରିବ ବୋଲି ଜଣାପଡିଛି। ଶିଳାନ୍ୟାସ ଉତ୍ସବରେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ, ବିଭାଗୀୟ ସହକାରୀ ଯନ୍ତ୍ରୀ ଡି.ଏନ୍. ଷଡ଼ଙ୍ଗୀ, ଏସଡିଓ ଏସ୍.କେ. ସାହୁ ପ୍ରମୁଖ ଯୋଗଦେଇଥିଲେ।



ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ବିଡିଓ-ଭାଜପା ନେତା ବିବାଦ ଘଟଣା

## ବ୍ଲକ ସମେତ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

**ଆନ୍ଦୋଳନ ପାଇଁ ଜନସାଧାରଣଙ୍କ ଚେତାବନୀ**

**ଦଶପଲ୍ଲା, ୨୯।୧୨ (ଡି.ଏନ.ଏ.)**

ଗତ ୧୨ ତାରିଖରେ ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି ଓ ଭାଜପା ନେତା ରାଘବ ମଲ୍ଲିକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଭାଜପା ନେତା ମଲ୍ଲିକଙ୍କୁ ଗିରଫ ଦାବିରେ ୨୧ ତାରିଖଠାରୁ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ଧାରଣାରେ ବସି ରହିଛନ୍ତି। ଏଥିଯୋଗୁ ବ୍ଲକ ସମେତ ୨୦ ଗୋଟି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ରହିଛି। ଏପରି କି ଦୂରଦୂରାନ୍ତରୁ ଆସୁଥିବା ଅଭିଯୋଗକାରୀ ନିଜ ଅଭିଯୋଗ ଜଣାଇ ନ ପାରି ନିରାଶ ହୋଇ ଫେରୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କି ଅନ୍ୟ କୌଣସି ଯୋଜନାରେ କାର୍ଯ୍ୟ କରିଥିବା ଠିକାଦାର ବିଲ୍ ପାଇ ନ ପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁ ସତ୍ତ୍ୱେ ଜିଲା ପ୍ରଶାସନର ନୀରବତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଜନସାଧାରଣ। ତେଣୁ ସେମାନେ ଆସନ୍ତା ୩୧ ତାରିଖରେ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବା ସହ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ସମେତ ଏସ୍‌ପି, ଦଶପଲ୍ଲା ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଲିଖିତ ଅବଗତ କରିଥିବା କହିଛନ୍ତି।

### ଭାପୁର ଟି୨୦: ସୁନାଖଳା ଫାଇନାଲରେ

**ଭାପୁର,୨୯।୧୨(ଡି.ଏନ୍.ଏ.):** ଭାପୁର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୮ମ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ଶନିବାର ପ୍ରଥମ ସେମିଫାଇନାଲରେ ସୁନାଖଳା କ୍ରିକେଟ୍ କ୍ଲବ ୪୭ ରନରେ ବାଘମାରୀ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ସୁନାଖଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ ବାଘମାରୀ ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନରେ ସୀମିତ ରହିଥିଲା। ବିଜୟୀ ଦଳର ଶୁଭମ ବ୍ୟାଟିଂରେ ୬୨ରନ ଓ ବୋଲିଂରେ ୩ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ପ୍ରତାପ ବେହେରା ଓ ଜନାର୍ଦ୍ଦନ ବେହେରା। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳ ଆୟୋଜକ ଭାପୁର ଓ ମାଣିବନ୍ଧ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ପଠାଣି ସାମନ୍ତ ଜୟନ୍ତୀ, ଶିଶୁମେଳା

**ଖଣ୍ଡପଡ଼ା,୨୯।୧୨(ସ୍ୱ.ପ୍ର.)**

ଓଡିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ଖଣ୍ଡପଡ଼ା ସାଇ ବୃନ୍ଦାବନ ସେବାଧାମ ପରିସରରେ ସୁବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ୧୮୪ତମ ଜୟନ୍ତୀ ଓ ୨୯ତମ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ତଥା ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ଅଧ୍ୟକ୍ଷତାରେ ପ୍ରଫେସର ନିଶାମଣୀ ସ୍ୱାଇଁ ମୁଖ୍ୟଅତିଥି ଓ ଭାରତୀ ଭୂଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପଠାଣିଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟ ଏକାଡେମୀର ସଦସ୍ୟ ନିର୍ମଳଚନ୍ଦ୍ର ଶୂରଦେଓ, ସଞ୍ଜୟ କୁମାର ଛୁଆଲସିଂ, ବ୍ୟଙ୍ଗକବି ଆର୍ତ୍ତତ୍ରାଣ ମିଶ୍ର ଓ କୁନି ପ୍ରତିଭା ରୁପାଲୀ ସାହୁ ପ୍ରମୁଖ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପଠାଣିଙ୍କ ଦୁଇଖଣ୍ଡ ବାଉଁଶ ନଳି ଦ୍ୱାରା ଗ୍ରହନକ୍ଷତ୍ରଙ୍କ ମାପ ନିରୂପଣ, ସିଦ୍ଧାନ୍ତ ଦର୍ପଣ ରଚନା ଆଦି ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଶୁବକ୍ତା କ୍ରିଷ୍ଣା ପଣ୍ଡା, ପଦାରବିନ୍ଦ ଦାଶ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଣ୍ଡପଡ଼ା ସରସ୍ୱତୀ ଶିଶୁ ମନ୍ଦିର ଓ ଖଳିସାହିର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସନ୍ଥ ଚରଣ ଦାସ ମହାରାଜା ଓ ଶିକ୍ଷାବିତ୍ ନାରାୟଣ ରଥଙ୍କୁ ଗୁରୁ ଭାବେ ପୂଜନ କରାଯାଇଥିଲା। ଶିଶୁ ପଣ୍ଡିତ ପୂର୍ଣ୍ଣନବା ମହାପାତ୍ର ଗୀତି ଶ୍ଳୋକ ଗାନ କରିଥିବା ବେଳେ ମୋନାଲୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏ ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

■ ଜାକେଡ଼ା ପଞ୍ଚାୟତରେ ମହାସମାଧାନ ଶିବିର

# ଅଧିକାରୀମାନଙ୍କୁ ବର୍ଷିଲେ ଜିଲାପାଳ

**ନୂଆଗାଁ,୨୯।୧୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡା ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପଞ୍ଚାୟତବାସୀ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ସେମାନେ ବିଡିଓଙ୍କୁ ଭେଟି ଦାବିପତ୍ର ଦେବା ସହ ତୁରନ୍ତ ସମାଧାନ ନ ହେଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବା ନିଷ୍ପତ୍ତି ବିଷୟରେ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଜାକେଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଡ. ଏନ୍. ଥିରୁମାଲା ନାୟକଙ୍କ ସମେତ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷୀ ସାହୁ, ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁ ସମସ୍ୟା ବିଷୟରେ ଜଣାଇବା ପରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଡାକି ସମାଧାନର ବାଟ ବାହାର କରିଥିଲେ। ପଞ୍ଚାୟତର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ୨୪ ଗ୍ରାମ ମଧ୍ୟରୁ ୨୦ଟିକୁ ସବୁଦିନିଆ ରାସ୍ତା ନାହିଁ। ବର୍ତ୍ତମାନ ଏତେଗୁଡିଏ କରିବା ସମ୍ଭବ ନୁହେଁ, କିଛି ରାସ୍ତା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କରାଇବା ପାଇଁ ଜିଲାପାଳ କହିଥିଲେ। ଶିକ୍ଷା ସମସ୍ୟା ବିଷୟରେ ଶୁଣି ଜିଲାପାଳ କ୍ଷୁବ୍ଧ ହେବା ସହ ଶିବିରରେ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍କୁଲ ଗୃହ ନିର୍ମାଣ ପାଇଁ ଆସିଥିବା ଟଙ୍କାକୁ ଜଣେ ଶିକ୍ଷକ ହଡ଼ପ କରିଥିବା ନେଇ ସରପଞ୍ଚ ଅଭିଯୋଗ କରିଥିଲେ। ଏହାର ତଦନ୍ତ ସହ ଶିକ୍ଷା ବିଭାଗର ଅଧିକାରୀମାନଙ୍କ ଅବହେଳା ନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ଶିକ୍ଷାଧିକାରୀ ଡ. ଅଭୟ କୁମାର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡଜିରି ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବାର ମାସେ ବିତି ଯାଇଥିଲେ ମଧ୍ୟ ତାହା କରାଯାଇ ନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ଓ ପାନୀୟଜଳ ବିଷୟରେ ଅଭିଯୋଗ ପରେ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ତାହା କରାଯାଉ ନାହିଁ। ଏହାକୁ ନେଇ ଜିଲାପାଳ ବିଡିଓଙ୍କ ସମେତ ଅନ୍ୟମାନଙ୍କ ଉପରେ କ୍ଷୁବ୍ଧ ହେବା ସହ ୮ଦିନ ମଧ୍ୟରେ କାର୍ଯ୍ୟ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବଲୋଚନ ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବାସ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ନାମ ତାଲିକା ପଞ୍ଚାୟତ କାନ୍ଥରେ ଲେଖାଯାଇ ନ ଥିବାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମଚରଣ ବିଶ୍ୱାଳଙ୍କ ଉପରେ ଜିଲାପାଳ ବର୍ଷିଥିଲେ। ଗୁମୀ ପଞ୍ଚାୟତର ଶାରୀରିକ ଅକ୍ଷମ ସୁରେଶ ଚନ୍ଦ୍ର ସାହୁ ୨୦୧୨ ମସିହାରୁ ଭତ୍ତା ପାଇଁ ଆବେଦନ କରିଆସୁଥିଲେ ସୁଦ୍ଧା ସୁଫଳ ପାଇନାହାନ୍ତି। ଦୁଇଦିନ ମଧ୍ୟରେ ତାଙ୍କୁ ଭତ୍ତା ଦେବା ବ୍ୟବସ୍ଥା କରିବାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଦ୍ୟାନ ବିଭାଗ ଲୋକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାଜୁ ଗଛ ଲଗାଇବା ପାଇଁ କହି ଟଙ୍କା ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ସନ୍ତୋଷଜନକ ଉତ୍ତର ନ ପାଇ ଜିଲାପାଳ କ୍ଷୁବ୍ଧ ହୋଇଥିଲେ। ପ୍ରତି ଜନଶୁଣାଣିରେ ଚାଷୀମାନେ ଏପରି ଅଭିଯୋଗ କରୁଥିବା ନେଇ ଜିଲାପାଳ ଉଦ୍ୟାନ ବିଭାଗ ଜିଲା ଡେପୁଟି ଡାଇରେକ୍ଟର ଡ. ଭାଗୀରଥି ପ୍ରଧାନଙ୍କୁ ବର୍ଷିଥିଲେ। ସହଯୋଗ ଭିତ୍ତିରେ ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ।




ମହାସମାଧାନ ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।